6378
22/1/93

# ଉତ୍କଳ ପ୍ରସଙ୍ଗ





ଓଡ଼ିଶା ବିଧାନ ସଭାର ବଜେଟ ଅଧିବେଶନ ଉଦ୍‌ଘାଟନ କରିବା ନିମନ୍ତେ ରାଜ୍ୟପାଳ ଶ୍ରୀ ବି. ଡ଼ି. ଶର୍ମା ବାଚସ୍ପତି ଶ୍ରୀ ସତ୍ୟପ୍ରିୟ ମହାନ୍ତିଙ୍କ ସହଗରେ ବିଧାନ ସଭାକୁ ଯାଉଛନ୍ତି



ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୯ ଜାନୁଆରୀ ୪ ତାରିଖ ଦିନ ଭୁବନେଶ୍ୱରଠାରେ ଉତ୍କଳ ଦୃଷ୍ଟିହୀନ ସଂଘ କାର୍ଯ୍ୟାଳୟର ଶିଳାନ୍ୟାସ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୧୯୭୯ ମାର୍ଚ୍ଚ
ଫାଲ୍‌ଗୁନ/ଚୈତ୍ର
୧୯୦୦ ଶକାବ୍ଦ
୩୫ ଭାଗ : ଅଷ୍ଟମ ସଂଖ୍ୟା


## ସୂଚୀପତ୍ର


ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ମହାରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସଂପାଦକ

ଶ୍ରୀ ଶିବ ପାଣିଗ୍ରାହୀ
ପ୍ରଚ୍ଛଦ ଶିଳ୍ପୀ



ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦'୦୦

ପ୍ରତିଖଣ୍ଡ—ଟ ୧'୦୦



ଜାତୀୟ ଚରିତ୍ର ଓ ଶିକ୍ଷା ବ୍ୟବସ୍ଥା .. ୧

ଆମ ଖାଦ୍ୟରେ ଭିଟାମିନ୍ .. ୫

ଯୁବଶକ୍ତି ଓ ପ୍ରଗତି .. ୯

ଆଲୋକ ପଥର ଯାତ୍ରୀ .. ୧୧

ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ .. ୧୪

ଆମ ସାହିତ୍ୟରେ ଶ୍ରୀମୂର୍ତ୍ତି ବିଗ୍ରହ .. ୧୭

ଆମର ଆଲେଖନ କଳା : ଗୋଟିଏ ସ୍କେଚ୍ .. ୧୯

ପ୍ରାଚୀନ ମତରେ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ .. ୨୬

'ଆପଣଙ୍କ ଯାତ୍ରା ଶୁଭ ହେଉ' .. ୩୧

ସମୃଦ୍ଧ ଭାରତ ଗଢ଼ିବା ପାଇଁ ନିଶା ନିବାରଣ ଅତ୍ୟନ୍ତ ଜରୁରୀ ୩୫

ଦାନବୀର-ନା-ଜିଦ୍‌ଖୋର .. ୩୭

ଗାନ୍ଧିଜୀ ଓ ଶିଶୁ .. ୪୧

ନିରନ୍ତର ଅଭ୍ୟୁଦୟ .. ୪୩

ଜିଲ୍ଲା ପରିକ୍ରମା .. ୪୫

ବେଲଘର ଚିଠି .. ୪୯

ଓଡ଼ିଶା ବିଧାନ ସଭାରେ ଅର୍ଥମନ୍ତ୍ରୀଙ୍କ ବଜେଟ ଅଭିଭାଷଣ .. ୫୨


* * *


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସମୟରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

# ଜାତୀୟ ଚରିତ୍ର ଓ ଶିକ୍ଷା ବ୍ୟବସ୍ଥା

ଶ୍ରୀ ଭୁବନାନନ୍ଦ ରାୟ

ସ୍ୱାର୍ଥକୁ ସାରଥୀ କଲେ ଜାତି-ନନ୍ଦିଘୋଷର ପ୍ରଗତି ଅବଶ୍ୟ ବ୍ୟାହତ ହେବ—ସତ୍ୟ, ଧର୍ମ, ଶାନ୍ତି, ସଦ୍ଭାବ ଓ ସହଯୋଗିତାର ଅଭାବରେ ଜାତୀୟ ଚରିତ୍ର ହେବ କିଂଶୁକ ପରି ବାସ୍ନାହୀନ, ଉଦ୍ଦେଶ୍ୟହୀନ—ତେଣୁ ଆମର ପ୍ରଗତିକୁ ଅର୍ଥପୂର୍ଣ୍ଣ କରିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ଆଶୁ ପରିବର୍ତ୍ତନ ଆବଶ୍ୟକ—ଭାରତୀୟ ସଂସ୍କୃତି ଭିତ୍ତିକ ଶିକ୍ଷା ଦ୍ୱାରା ଆମ ରାଷ୍ଟ୍ରର ଭବିଷ୍ୟତ ବୈଷୟିକ ତଥା ଆଧ୍ୟାତ୍ମିକ ଦୃଷ୍ଟିରୁ ଦୃଢ଼ିମନ୍ତ ହେବ..ଏଥିପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଶିକ୍ଷାର୍ଥୀ ମାନଙ୍କୁ ଦେଶପ୍ରେମ ଓ ଜାତୀୟ ଚିନ୍ତାରେ ଉଦ୍‌ବୁଦ୍ଧ କରିବାକୁ ହେବ—ଆଜିର ଶିକ୍ଷା ଓ ସମାଜ ସଂପର୍କରେ ଗଭୀରତର ଚିନ୍ତା କରିବା ପାଇଁ ଏଇ ନିବନ୍ଧଟିର ଅବତାରଣା ।

ତିରିଶ ବର୍ଷ ସ୍ୱାଧୀନତା ପରେ ଆମେ ଆମର ଜାତୀୟ ଚରିତ୍ରର କୌଣସି ବୈଶିଷ୍ଟ୍ୟ ପାଇଁ ଗର୍ବ ବୋଧ କରିବା ଭଳି କିଛି ନାହିଁ । ଆମର ସୁଦୂର ଅତୀତ ନିଶ୍ଚୟ ଗୌରବମୟ ଥିଲା । କଳା, ସ୍ଥାପତ୍ୟ, ସାହିତ୍ୟ, ଦର୍ଶନ, ଆଧ୍ୟାତ୍ମିକତା ଆଦି ବହୁ କ୍ଷେତ୍ରରେ ଆମ ଦେଶ ଅତ୍ୟୁଚ୍ଚ ସୋପାନରେ ଆରୋହଣ କରିଥିଲା । କିନ୍ତୁ ଯେଉଁ ଗୁଣମାନଙ୍କ ଫଳରେ ତାହା ସମ୍ଭବ ହୋଇଥିଲା ତାହାକୁ ସ୍ମରଣ ନ କରି ଆମେ କେବଳ ସେହି ଗୌରବମୟ ଅତୀତକୁ ସ୍ମରଣ କରି ବେଳେ ବେଳେ ଆତ୍ମ ସନ୍ତୋଷ ଲାଭ କରିଥାଉ । ସ୍ୱାଭିମାନ, ସାଧୁତା, ଶୃଂଖଳା, ସମୟାନୁବର୍ତ୍ତିତା, କର୍ମନିଷ୍ଠା, ପରିଶ୍ରମପରାୟଣତା ଓ ଦେଶ-ପ୍ରୀତି ଆଦି ଯେଉଁ ଗୁଣମାନ ଗୋଟିଏ ଜାତିକୁ ବଡ଼ କରେ ସେସବୁ ଆମ ଜାତୀୟ ଚରିତ୍ରରେ ପ୍ରତିଫଳିତ ହୋଇଛି କି ନା , ପୁଣି ଆମେ ଯେଉଁଭଳି ଅଗ୍ରଗତି କରୁଛୁ ତାହା ଦ୍ୱାରା ଆମ ଦୁରବସ୍ଥାର ଅବସାନ ଘଟିବକି ନା ତାହା ସମସ୍ତଙ୍କର ଚିନ୍ତାର ବିଷୟ ହେବା କଥା ।

ଅନେକେ ମନେକରନ୍ତି ଯେ ଜାତୀୟ ଚରିତ୍ରର ହୀନତା ପାଇଁ ଆମର ଅର୍ଥନୈତିକ ଦୁରବସ୍ଥା ହିଁ ଦାୟୀ । ସମସ୍ତଙ୍କୁ ନିମ୍ନତମ ସୁଖସୁବିଧା ଯୋଗାଇ ପାରିଲେ ଆମ ଚାରିତ୍ରିକ ପରିବର୍ତ୍ତନ ଆସିବ । କିନ୍ତୁ ଅର୍ଥନୈତିକ ଦୁରବସ୍ଥା ଘୁଞ୍ଚାଇବା ଲାଗି ଜନସାଧାରଣଙ୍କଠାରେ ସଂକଳ୍ପ ଓ ଚାରିତ୍ରିକ ବଳିଷ୍ଠତା ରହିବା ଆବଶ୍ୟକ । କିଛିଦିନ ପୂର୍ବେ ସମଗ୍ର ଭାରତରେ ଦାରିଦ୍ର୍ୟ ସୀମାରେଖାତଳେ ଥିବା ଲୋକଙ୍କ ସଂଖ୍ୟା ଥିଲା ଶତକଡ଼ା ୪୦ ଓ ଏବଂ ତାହା ବୃଦ୍ଧି ପାଇ ଏବେ ଶତକଡ଼ା ୬୦ ହୋଇଛି ବୋଲି କୁହା ଯାଉଛି, ପୁଣି ଓଡ଼ିଶାରେ ଏହା କିଛି ଦିନ ପୂର୍ବେ ଶତକଡ଼ା ୬୫ ଥିଲା ବେଳେ ଏବେ ଶତକଡ଼ା ୮୮ ରେ ପହଞ୍ଚିଲଣି ବୋଲି କୁହାଯାଉଛି । ଆମେ ଏହି ହାରରେ ଅଗ୍ରଗତି କଲେ ଆମର ଜାତୀୟ ଆର୍ଥିକ ସ୍ୱଚ୍ଛଳତା କେବେ ଆସିବ କହିବା କଷ୍ଟକର ଏବଂ ଏହା ଉପରେ ଯଦି ଜାତିର ଚାରିତ୍ରିକ ପରିବର୍ତ୍ତନ ନିର୍ଭର କରୁଥାଏ ତାହା କେବେ ଆସିବ କହିବା ତତୋଽଧିକ କଷ୍ଟକର । ପୁଣି ଯେଉଁମାନଙ୍କ ପାଖରେ ଆର୍ଥିକ ସ୍ୱଚ୍ଛଳତା ଅଛି ସେମାନେ ଯେଉଁଭଳି ସାମାଜିକ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା କଣ ଉଚ୍ଚ ଚରିତ୍ର-ବତାର ପରିଚାୟକ ?

କିଛିଦିନ ତଳେ ପଣ୍ଡିଚେରୀ ଆଶ୍ରମର ଶ୍ରୀମା ବଞ୍ଚି-ଥିଲାବେଳେ ତାଙ୍କୁ କେତେକ ସାମ୍ବାଦିକ ଅନ୍ୟ କେତେକ ପ୍ରଶ୍ନ ଭିତରେ ପଚାରିଥିଲେ, ସ୍ୱାଧୀନତା ପରେ ଆପଣ ଭାରତୀୟମାନଙ୍କଠାରେ ସବୁଠାରୁ ବଡ଼ ତ୍ରୁଟି କଣ ଲକ୍ଷ୍ୟ କରୁଛନ୍ତି ? ସେ ଗୋଟିଏ ଶବ୍ଦରେ କହିଥିଲେ Insincerity ବା ନିଷ୍ଠାହୀନତା । ସମସ୍ତେ ସ୍ୱୀକାର କରିବେ ଯେ ଏହା ଆମ ଜାତୀୟ ଜୀବନର ସର୍ବୋଚ୍ଚ ଦୋଷ । ସାନ ଠାରୁ ବଡ଼ ପର୍ଯ୍ୟନ୍ତ ସବୁ ମହଲରେ ଏହା ଲକ୍ଷ୍ୟ କରିହେବ । ଯେ କୌଣସି ଅଫିସକୁ ପ୍ରବେଶ କର ଦେଖିବ ବହୁ ଭାଗ କର୍ମଚାରୀ ସ୍ଥାନରେ ଅନୁପସ୍ଥିତ ଥିବେ ବା ଉପସ୍ଥିତ ଥିଲେ ବି ନିଜ କାମ ଛଡ଼ା ଅନ୍ୟ କାମରେ ରତ

ଛନ୍ତି । ଶିକ୍ଷକ ପାଠ ପଢ଼ାଉ ନାହିଁ, ଶ୍ରମିକ କାମ କରୁ ନାହିଁ, ଶିକ୍ଷାନୁଷ୍ଠାନରେ ଅଶାନ୍ତି, କଳ କାରଖାନାରେ ଧର୍ମଘଟ । ଶ୍ରମିକ ଯଥେଷ୍ଟ କାମ କରୁନାହିଁ ବୋଲି ଉତ୍ପାଦନ ହ୍ରାସ ପାଉଛି । ଜଣେ ଜାପାନୀ ବିଶେଷଜ୍ଞ କହୁଥିଲେ ରାଉରକେଲାରେ ଯେତିକି ଉତ୍ପାଦନ ହେଉଛି ସେତକ ବ୍ୟବସ୍ଥା କରିବାକୁ ୮,୦୦୦ ଲୋକ ଦରକାର ଥିଲେ କିନ୍ତୁ ସେଠାରେ ୪୦,୦୦୦ ଲୋକ ନିଯୁକ୍ତ ହୋଇଛନ୍ତି, ଯାହା ଫଳରେ ଇସ୍ପାତ ଦର ବୃଦ୍ଧି ହେଉଛି । ବୈଦେଶିକ ମୁଦ୍ରା ଅର୍ଜନ ପାଇଁ ସରକାରୀ ସାହାଯ୍ୟ ନେଇ ଇସ୍ପାତ ଆନ୍ତର୍ଜାତିକ ବଜାରରେ ବିକ୍ରି କରିବାକୁ ପଡୁଛି । ନିଷ୍ଠାହୀନତାର ପ୍ରମାଣ ଏହିପରି ବହୁ କ୍ଷେତ୍ରରେ ଲକ୍ଷ୍ୟ କରିହେବ । କୌଣସି କାମର ସଠିକ ପରିଦର୍ଶନ ମଧ୍ୟ ହେଉ ନାହିଁ । କିଏ ହେଲାରେ ତଳ କର୍ମଚାରୀଙ୍କ କାମକୁ ତନଖି କରୁ ନାହିଁ, କିଏ ବା ତଳ କମଚାରୀଙ୍କ ୟୁନିୟନକୁ ଡରି କାହାକୁ କିଛି କହୁ ନାହିଁ, ଆଉବା କିଏ ଦି ପଇସା ଉପୁରି ନ ହେଲେ କାମ କରୁନାହିଁ । ଅଧ୍ୟାପକ କହୁଛି ଇଞ୍ଜିନିୟରର ତ ଧରାବନ୍ଧା ଉପୁରି ରହୁଛି, ସେ ବୋକାଙ୍କ ଭଳି କାହିଁକି କାମ କରିବ । ଆଉ କିଏ କହିଲା ଆଇ. ଏ. ଏସ୍ ବା ଆଇ. ପି. ଏସ୍. କର୍ମଚାରୀଙ୍କୁ ଏତେ ପ୍ରତିଷ୍ଠା ମିଳିଲା, ଏତେ ପାଠ ପଢ଼ି କରି ଡାକ୍ତରଙ୍କୁ, ଇଞ୍ଜିନିୟର ବା ଅଧ୍ୟାପକଙ୍କୁ ମିଳିଲା ନାହିଁ । ସେହିମାନେ ବେଶକୁ ଉଦାର କରନ୍ତୁ । ସେ କାହିଁକି ତାହାର ସବୁକିଛି ଦେଇ ରୋଗୀ ସେବା କରିବ, ବନ୍ଧ ବାନ୍ଧ କାମ କରିବ ବା ଛାତ୍ରଙ୍କୁ ପଢ଼ାଇବ । ଅଳ୍ପ ବହୁତେ ସମସ୍ତେ ତାଙ୍କ ଅର୍ଥନୈତିକ ଅବସ୍ଥାରେ ଅସନ୍ତୁଷ୍ଟ । ଅଭିଯୋଗ ଯେ ସମାଜ ତାଙ୍କୁ ବଡ଼ ଅସୁବିଧାରେ ରଖିଛି । ସମାଜ ତ ତାଙ୍କୁ ପଚାରୁ ନାହିଁ, ସେ କାହିଁକି ସମାଜର ସ୍ୱାର୍ଥ ସଂରକ୍ଷଣରେ ଦେଖିତ ହେବ । ଏହିଭଳି ସବୁଆଡ଼େ ହା ହତାଶ ଭାବ । ଏହି ଅସନ୍ତୁଷ୍ଟ ଗୋଷ୍ଠୀ ହାତରେ ସମାଜର ଅବସ୍ଥା ବଦଳିବ କିପରି ତାହା ଏକ ବଡ଼ ପ୍ରଶ୍ନ ।

ବେଶି ଦିନ ଯାଇନାହିଁ, ଆମ ଦେଶ ରାଜା ରାଜୁଡ଼ାଙ୍କ ଦେଶ ଥିଲା । ବେଶି ରାଜା ନ ଥିଲେ କିନ୍ତୁ ତାଙ୍କର ଜାକଜମକପୂର୍ଣ୍ଣ ଜୀବନ ଓ ହାବଭାବ ଲୋକଙ୍କ ଆଖି ଝଲସାଇ ଦେଉଥିଲା । ରାଜାଙ୍କ ହାତରେ କ୍ଷମତା କେନ୍ଦ୍ରୀଭୂତ ଥିବାରୁ ସମସ୍ତେ ତାଙ୍କ ପାଖକୁ ଦୌଡୁଥିଲେ । ଆଜି ସେହିମାନେ ବିଭିନ୍ନ କ୍ଷେତ୍ରରେ କର୍ମକର୍ତ୍ତା ହେଉଛନ୍ତି ତାଙ୍କ ଭିତରେ ସେହି ମନୋବୃତ୍ତି କାର୍ଯ୍ୟ କରୁଛି । ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁ ଗୋଟିଏ କଥା କହେ । ଆମେରିକା ଯିବା ପୂର୍ବରୁ ମୋତେ ପାସପୋର୍ଟ ପାଇଁ କଲିକତାରେ ପାସପୋର୍ଟ ଅଫିସକୁ ଓ ଭିସା ପାଇଁ ଆମେରିକୀୟ ଭିସା ଅଫିସକୁ ଯିବାକୁ ପଡ଼ିଥିଲା । ପାସପୋର୍ଟ ଅଫିସ ସାମାନ୍ୟ ଦୋଷ ପାଇଁ ମୋତେ ବହୁବାର ଦଉଡ଼ାଇଲେ କିନ୍ତୁ ଭିସା ଅଫିସରେ ପହଞ୍ଚିଲା କ୍ଷଣି ଜଣେ ସହାସ୍ୟ ବଦନରେ ଆସି ପଚାରିଲେ (May I help you) ସାଦର ଅଭ୍ୟର୍ଥନା ସହିତ ବସାଇବାର ଦଶ ମିନିଟ ପରେ ହିଁ ଯାହା ମୋ ପାଇଁ କରିବାର କଥା ତାହା କରିଦେଇ ମୋତେ ବିଦାୟ ଦେଲେ । ଆମେରିକାର ସେ କୌଣସି ଦପ୍ତରକୁ ଯାଅ ଜଣେ କେହି ଆସି ମୁଁ ସାହାଯ୍ୟ କରିପାରେ କି' ପଚାରି ତୁମକୁ ଦପ୍ତର ଭିତରକୁ ସ୍ୱାଗତ କରିବେ ଏବଂ ଅଳ୍ପ କେତେ ମିନିଟ୍‌ରେ ହେବା ନ ହେବା କଥା କହି ସାଦରରେ ବିଦାୟ ଦେବେ । କୌଣସି ଦପ୍ତରରେ କୌଣସି କର୍ମଚାରୀ ନିରର୍ଥକ ଗପ କରିବାର ମୁଁ କେବେ ଲକ୍ଷ୍ୟ କରି ନାହିଁ । ଆମ ଦପ୍ତରମାନଙ୍କରେ ତାହା ହୋଇ ପାରିବ ନାହିଁ କାହିଁକି ?

ଦୁର୍ନୀତି ଆମ ଜୀବନର ବହୁ ସ୍ତରରେ ପ୍ରବେଶ କଲାଣି ବହୁ ସ୍ଥଳରେ ବ୍ୟାଙ୍କ ଋଣ ଆଣିଲା ବେଳେ ମଧ୍ୟ ଉତ୍‌କୋଚ ଦେଲେ ଯାଇଁ ଋଣ ମିଳୁଛି । ଏହା ଯଦି ହେଉଥାଏ ବ୍ୟାଙ୍କ କର୍ମଚାରୀ ପ୍ରାୟ ଭାବୁଛି ଯେ ବ୍ୟାଙ୍କ ଖଣ୍ଡକ ତାର ନିଜସ୍ୱ ଜମିଦାରୀ ଏବଂ ଯେଉଁ ଲୋକ ଉତ୍‌କୋଚ ଦେଉଛି ସେ ଏହାକୁ ମୁଣ୍ଡ ପାତି ସହି ନେଉଛି । ଗରିବ ଲୋକ ତାର ଉନ୍ନୟନ କାମ ପାଇଁ ଶତକଡ଼ା ୯ । ୧୦ ହାର ସୁଧରେ ଟଙ୍କା ଧାର ନେବ । କରଜ ପାଇବା ପାଇଁ ଦଶ-ପନ୍ଦର ଥର ଦୌଡ଼ି ଥିବ ଓ ସେଥିରେ କିଛି ଖର୍ଚ୍ଚ କରିଥିବ । ସୁଧ ଅସଲ ସହିତ ଋଣ ସୁଝିବ । ଏଭଳି ଲୋକହିତକର ଯୋଜନାରେ ଦୁର୍ନୀତିର ଦ୍ୱାର ଯେତିକି ଖୋଲା ରହିବ ପ୍ରଗତିର ପଥ ସେତିକି ରୁଦ୍ଧ ହୋଇଯିବ । ଗରିବ ଲୋକ ଠାରୁ ଯେଉଁ ଲୋକ ଲାଞ୍ଚ ଆଶା କରିବ ସେ କେତିକି ହୃଦୟହୀନ ହୋଇଥିବ ! କର୍ମଚାରୀଙ୍କ ଭିତରେ ଆମେ କିପରି ହୃଦୟବତ୍ତା ଅଣାଇ ପାରିବା । ଆମ ଶିକ୍ଷା କରିଆରେ ଆମେ ଏଭଳି କିଛି ଶିଖାଉ ନାହୁଁ ଯାହା ଫଳରେ ପର ଦୁଃଖ ପ୍ରତି ଜଣେ ସଂବେଦନଶୀଳ ହୋଇ ପାରିବ ।

ଧର୍ମଘଟ, ବିକ୍ଷୋଭ, ଅନଶନ ଆମ ଜୀବନର ନିତି ଦିନିଆ କଥା ହୋଇ ଗଲାଣି । ଗାନ୍ଧୀଜୀ ବ୍ରିଟିସ ସରକାର ବିରୁଦ୍ଧରେ ସଂଗ୍ରାମ କଲାବେଳେ ଆଇନ ଅମାନ୍ୟ କରିବାକୁ ସମସ୍ତଙ୍କୁ ଡ଼ାକରା ଦେଉଥିଲେ । ଏ ସବୁ କରିବାର ଆବଶ୍ୟକତା ଥିଲା, କିନ୍ତୁ ବର୍ତ୍ତମାନ କୌଣସି ଅନୁଷ୍ଠାନ ବିରୁଦ୍ଧରେ ସାମାନ୍ୟ ଆପତ୍ତି ଅଭିଯୋଗ ଥିଲେ ଏ ସବୁର ଆଶ୍ରୟ ନିଆ ଯାଉଛି । ଏପରିକି ସରକାର ବିରୁଦ୍ଧରେ କୌଣସି କଥାରେ ଅଭିଯୋଗ ଥିଲେ ବସ ପୋଡ଼ିବା, ରେଲ ଲାଇନ ଉଠାଇବା, ଅନ୍ୟ ସରକାରୀ ସଂପତ୍ତି ନଷ୍ଟ କରିବା ଆମର ଦୈନନ୍ଦିନ ଘଟଣା ହେଲାଣି । ସରକାରୀ ସଂପତ୍ତିଟା ଯେପରି ପରଦେଶୀ ଶାସକର ସଂପତ୍ତି । ତାକୁ ନଷ୍ଟ କଲେ ଯେପରି ଆମ ସରକାର ବିରୁଦ୍ଧରେ ପ୍ରତିଶୋଧ ନେଇ ପାରିବା । ରେଲରେ ଯାଉଥିବା ଲୋକ ମରିଗଲେ ବା କ୍ଷତିଆ ଖାବରା ହୋଇଗଲେ ତାଙ୍କର ଦାବୀ ହାସଲ ହୋଇଯିବ । ସର୍ବସାଧାରଣଙ୍କ ଧନ ଜୀବନ ପ୍ରତି ବିଷ୍ଣୁରହୀନତା ସୁସ୍ଥନାଗରିକତାର ଲକ୍ଷଣ ନୁହେଁ । ଏ ସଂପର୍କୀୟ ଦାୟିତ୍ୱବୋଧ ଆମେ କେଉଁଠାରେ ଲୋକଙ୍କୁ ଶିଖାଇ ପାରିବା ?


ବର୍ତ୍ତମାନ ଯାହା ଦେଖା ଯାଉଛି ଯେଉଁଠାରେ କୌଣସି ଶ୍ରମିକ ବା କର୍ମଚାରୀ ଗୋଷ୍ଠୀ ସଂଗଠିତ ସେମାନେ ଏହି ଧର୍ମଘଟ ବା ବିକ୍ଷୋଭ କରିଆରେ ଅଧିକ ଦରମା,

ବୋନସ ବା ମଜୁରି ହାସଲ କରିବାରେ ସକ୍ଷମ ହୋଇ ପାରୁଛନ୍ତି । କିନ୍ତୁ କୃଷି ଶ୍ରମିକ ସଂଗଠିତ ହୋଇପାରୁ ନାହିଁ ବୋଲି ସେ ତାର ଦାବୀ ହାସଲ କରି ପାରୁ ନାହିଁ, ଯଦିଓ ତାର ପରିଶ୍ରମରେ ସମସ୍ତେ ଜୀବନ ନିର୍ବାହ କରୁଛନ୍ତି । ଏପରିକି ବ୍ୟାଙ୍କ, ଜୀବନ ବୀମା କର୍ମଚାରୀ ମାନେ ତାଙ୍କରି ଯୋଗ୍ୟତାସଂପନ୍ନ ଅନ୍ୟ କର୍ମଚାରୀଙ୍କ ତୁଳନାରେ ଅଧିକ ପାଉଥିଲେ ମଧ୍ୟ ଅଧିକ ଦରମା ପାଇଁ ଧର୍ମଘଟ କରିବାକୁ ପଶ୍ଚାତ୍‌ପଦ ହେଉ ନାହାନ୍ତି । ଚାକିରି ଟିଏ ପାଇବା ପାଇଁ ଜଣେ କିପରି ଅସ୍ତବ୍ୟସ୍ତ ହୋଇ ଉଦ୍ୟମ କରୁଛି କିନ୍ତୁ ଚାକିରୀଟିଏ ପାଇଗଲା ପରେ ଆମେ ବିଚାର କରୁ ନାହୁଁ ଆମଭଳି ବା ଆମ ଠାରୁ ହୀନ ଆଉ ଯେଉଁ ନଥିଲାବାଲାମାନେ ଅଛନ୍ତି ସେମାନଙ୍କର ଅବସ୍ଥାର ଉନ୍ନତି କିପରି ଘଟିବ ।

ଆମେ ଗାନ୍ଧିଜୀଙ୍କ ଦେଶରେ ବକ୍ତୃତାରେ ଶ୍ରେଣୀ-ବିହୀନ ସମାଜ କଥା କହୁ । କିନ୍ତୁ ଆମ ସାଧାରଣ ଜୀବନରେ ଏତେ ମାତ୍ରାରେ ଶ୍ରେଣୀ ଚେତନା ରହିଛି ତାହା ଭାବିଲେ ଆଶ୍ଚର୍ଯ୍ୟ ବୋଧହେବ । କେତେକ ବିଦେଶୀ ରାଷ୍ଟ୍ରରେ ଟ୍ରେନ, ବସ, ସିନେମା ହଲ ଆଦିରେ କୌଣସି ଶ୍ରେଣୀ ରଖା ଯାଇ ନାହିଁ । ସେସବୁ ଉଠାଇ ଦେଲେ ଆମର କଣ ଅସୁବିଧା ହେବ ବୁଝା ପଡୁ ନ ଥିଲେ ମଧ୍ୟ ତାହା ରହୁଛି । କେବଳ ଧନୀ ଦରିଦ୍ର ବିଭେଦ ନୁହେ ବହୁ ପ୍ରକାର ବିଭେଦ ଆମ ସମାଜରେ ରହିଛି । ଜାତି, ଧର୍ମ, ସଂପ୍ରଦାୟ, ପ୍ରାଦେଶିକତା ଆଦି ନାନା ଦୃଷ୍ଟିରୁ ଆମର ସମାଜ ସତଧା ବିଭକ୍ତ । ଆମେ ଯେଉଁ ଭଳି ଭାବେ ଏ ସବୁକୁ ସମାଧାନ କରିବାକୁ ଯାଉଛୁ ତାହା ବେଳେ ବେଳେ ବିଭେଦକୁ ଆହୁରି ତୀବ୍ରତର କରୁଛି । ଭାଷା ଭିତିରେ ପ୍ରଦେଶ ସୃଷ୍ଟି ହେଲା ଶିକ୍ଷାଗତ, ସାଂସ୍କୃତିକ ଓ ଶାସନ ଗତ ସୁବିଧା ଲାଗି । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଅଧିକ ପ୍ରାଦେଶିକ ମନୋଭାବ ସୃଷ୍ଟି କରୁଛି । ପ୍ରତି ଭାଷାଭାଷୀ ଲୋକଙ୍କ ପାଇଁ ଶିକ୍ଷାଗତ ଓ ସାଂସ୍କୃତିକ ଅଭିବୃଦ୍ଧି ପାଇଁ ଅନ୍ୟ ଭାବେ ବ୍ୟବସ୍ଥା ରଖି ଅଷ୍ଟ୍ରେଲିଆର ସରଳରେଖା ଦ୍ୱାରା ଯେପରି ପ୍ରଦେଶ ମାନଙ୍କର ସୀମା ସରହଦ ନିର୍ଣ୍ଣୟ କରା ଯାଇଛି ତାହା କରିଥିଲେ କଣ କ୍ଷତି ହୋଇ ଥାଆନ୍ତା ! ଏପରିକି ଗୋଟିଏ ପ୍ରଦେଶ ଭିତରେବି ନାନା କାରଣରୁ ଆଞ୍ଚଳିକ ମନୋଭାବ ସୃଷ୍ଟି ହେଉଛି । ଅନେକ ଅପବ୍ୟୟ ଏଡ଼ାଇ ସବୁ ଲୋକଙ୍କ ପାଇଁ ଶିକ୍ଷାଗତ ଓ ଅର୍ଥନୈତିକ ଯୋଜନା କଲେ ଓ ଶାସନଗତ ବିକେନ୍ଦ୍ରିକରଣ କଲେ ଏ ମନୋଭାବ ସୃଷ୍ଟି ହୁଅନ୍ତା ନାହିଁ ।

ଋଷିଆର ଶିକ୍ଷାପଦ୍ଧତିରେ ଯେଉଁ ଉଦ୍ଦେଶ୍ୟ ଲିପି-ବଦ୍ଧ କରା ହୋଇଛି ତାହା ଭିତରେ ଗୋଟିଏ ବଡ଼ କଥା ହେଉଛି ବାଳକ ମାନଙ୍କ ଭିତରେ ଦେଶ ପ୍ରୀତି ଭାବନା ସୃଷ୍ଟି କରିବା । ଦେଶ ପ୍ରୀତି ଅଭାବରୁ ଛାତ୍ରମାନେ ଯେତେବେଳେ ଇଛା ସେତେବେଳେ ଧର୍ମଘଟ କରୁଛନ୍ତି, କୌଣସି ଅନୁଶାସନ ବା ଶୃଂଖଳା ଭିତରେ ଆବଦ୍ଧ ହୋଇ ରହିବାକୁ ଚାହୁ ନାହାନ୍ତି । ଯେଉଁ ବିଶୃଂଖଳା ଆମେ ଶିକ୍ଷାନୁଷ୍ଠାନମାନଙ୍କରେ ଦେଖୁଛୁ ପରବର୍ତ୍ତୀ ଜୀବନରେ ସେହି ଅନୁଶାସନହୀନତା ଯୁବଗୋଷ୍ଠୀ ମଧ୍ୟରେ ଲକ୍ଷ୍ୟ କରୁଛୁ । ସବୁ ଗାଁରେ ସବୁ ଲୋକେ ଦୁଇ ଓଳା ଖାଇବାତ ଦୂରର କଥା, ଅନେକ ଗାଁରେ ଭଲ ପିଇବା ପାଣି ଟୋପାଏ ପାଇବା ସମ୍ଭବପର ହୋଇ ପାରୁ ନ ଥିବା ବେଳେ ପିଲାଏ କେଉଁଠି ସାଇକେଲ ଷ୍ଟାଣ୍ଡ ପାଇଁ ବା କେଉଁଠି ଛାତ୍ରାବାସ କୋଠରୀରେ ପଂଖା ଲଗାଇବା ପାଇଁ ଧର୍ମଘଟର ଆଶ୍ରୟ ନେଉଛନ୍ତି । ଚରିତ୍ର ଗଠନ ପାଇଁ ଅପରିହାର୍ଯ୍ୟ ହେଉଥିବା ନୈତିକ ଓ ଆଧ୍ୟାତ୍ମିକ ଶିକ୍ଷାର ବ୍ୟବସ୍ଥା ନାହିଁ ବୋଲି ଆମର ଯୁବ ଶକ୍ତି ଛାତ୍ର ଜୀବନରେ ତଥା ପରବର୍ତ୍ତୀ କାଳରେ ଦାୟିତ୍ୱହୀନ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ପିଲା ଶିକ୍ଷକ ପାଖରେ ମାତ୍ର ଛଅ ସାତ ଘଣ୍ଟା ରହୁଛି ଓ ବାକି ସମୟ ପରିବାରରେ ତଥା କଳୁଷିତ ସମାଜରେ ରହୁଛି ବୋଲି ସେ ବିପଥଗାମୀ ହେଉଛି । ଏହା କହି ଶିକ୍ଷକ ତାଂ ଦାୟିତ୍ୱରୁ ମୁକ୍ତ ନ ହେଉ । ଆମକୁ ବ୍ୟବସ୍ଥା କରିବାକୁ ହେବ ଯେପରି ଛାତ୍ର ସମଗ୍ର ଦିନଟି ଶିକ୍ଷକଙ୍କ ସହିତ ରହିବ । ଛାତ୍ରର ଚରିତ୍ର ଗଠନ କରିବାରେ ସାହାଯ୍ୟ କରିବା ଲାଗି ଶିକ୍ଷକଙ୍କୁ ପ୍ରସ୍ତୁତ ହେବାକୁ ହେବ ଏବଂ ଏ ପ୍ରକାରର ପ୍ରସ୍ତୁତି ପାଇଁ ଶିକ୍ଷକଙ୍କୁ ସରକାରଙ୍କ ତରଫରୁ ସୁବିଧାସୁଯୋଗ ଦେବା ଦରକାର । ଯେପରି ଭଲ ରୂପେ ଛାତ୍ର ଜ୍ଞାନ ଆହରଣ କରିପାରିବ ଏବଂ ତାର ଜୀବନରେ ସୁନାଗରିକ ହୋଇ ପାରିବ ସେଥି ପାଇଁ ଶିକ୍ଷକ ତାର ସମସ୍ତ ସମୟ ଉପଯୋଗ କରୁ । ଯେଉଁ-ମାନଙ୍କର ଛାତ୍ର ପ୍ରତି ଓ ବିଦ୍ୟା ପ୍ରତି ଶ୍ରଦ୍ଧା ଥିବ ଏବଂ ଯେଉଁମାନଙ୍କର ବ୍ୟକ୍ତିଗତ ଚରିତ୍ର ନିର୍ମଳ ଥିବ ସେଭଳି ଲୋକଙ୍କୁ ଶିକ୍ଷାଦାନରେ ନିଯୁକ୍ତ କରାଯାଉ । ଯଦି କୌଣସି ଶିକ୍ଷାନୁଷ୍ଠାନରେ ଛାତ୍ରର ଚରିତ୍ର ଗଠନ ପାଇଁ ଏବଂ ତାର ଜ୍ଞାନ ଲାଭ ପାଇଁ ଶିକ୍ଷକ ଉପଯୁକ୍ତ ବାୟୁମଣ୍ଡଳ ସୃଷ୍ଟି ନ କରି ପାରିଲା, ସେଭଳି ଶିକ୍ଷକଙ୍କୁ ଅନ୍ୟ କାମରେ ନିଯୁକ୍ତ କରାଯାଉ ବା ଦରକାର ପଡ଼ିଲେ ଅସ୍ଥାୟୀ ଭାବେ ଉକ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରି ଦିଆଯାଉ । କାରଣ ଶିକ୍ଷା ବ୍ୟବସ୍ଥା ନ ଥିବାଠାରୁ କୁଶିକ୍ଷା ସମାଜ ପାଇଁ ଅଧିକ କ୍ଷତିକାରକ । ଏଥିପାଇଁ ଆବଶ୍ୟକ ଉପଯୁକ୍ତ ଶିକ୍ଷକ ଟ୍ରେନିଂ ଓ ପ୍ରକୃତ ଶିକ୍ଷକ ବାଛିବା ଲାଗି ଉପଯୁକ୍ତ ଅନୁଷ୍ଠାନ । ଶିକ୍ଷକ ଥରେ ନିଯୁକ୍ତ ହେଲା ପରେ ଜୀବନ ପାଇଁ ପାସପୋର୍ଟ ପାଇଗଲା ଅନ୍ତତଃ ସେ ଯେପରି ଏହା ମନେ ନ କରୁ । ତାର କାର୍ଯ୍ୟଦକ୍ଷତା ନିରୂପଣ କରିବା ଲାଗି ଉପଯୁକ୍ତ ପରିଦର୍ଶନ ବ୍ୟବସ୍ଥା କରାଯାଉ । ଏ ଦିଗରେ ସମସ୍ତେ ଚିନ୍ତା କଲେ ଆମେ ଶିକ୍ଷାକୁ ଜାତୀୟ ଚରିତ୍ର ଗଠନର ମାଧ୍ୟମ ରୂପେ ସଂଗଠିତ କରି ପାରିବା ।

ନିର୍ଦ୍ଦେଶକ, ଛାତ୍ରମଙ୍ଗଳ
ବାଣୀବିହାର, ଭୁବନେଶ୍ୱର


ସୁପର ୭୭୭
ମଇଳାର ଶତ୍ରୁ, ଶୁଭ୍ରତାର ଶକ୍ତି
SWASTIK
SUPER
777
detergent washing bar
ଭାରତର ଲକ୍ଷ ଲକ୍ଷ ଗୃହିଣୀଙ୍କର
ପସନ୍ଦ ସୁପର ୭୭୭
ଡିଟରଜେଣ୍ଟ ଧୁଲେଇ ବାର
ପଇସା ବଞ୍ଚାନ୍ତୁ, ଶୁଭ୍ରତା ବଢ଼ାନ୍ତୁ
Shilpi dm. 15A/78 Ori

# ଆମ ଖାଦ୍ୟରେ ଭିଟାମିନ୍

କୁମାରୀ ପ୍ରେମଲତା ପଣ୍ଡା

ଆମ ଶାସ୍ତ୍ର ପୁରାଣରେ ଅନ୍ନକୁ ବ୍ରହ୍ମ ବୋଲି କୁହାଯାଇଛି—ପଞ୍ଚକୋଷର ପ୍ରଥମଟିକୁ ଅନ୍ନମୟ କୋଷ ବୋଲି ନାମିତ କରାଯାଇଛି—ଅନ୍ନ ବ୍ୟତୀତ ଜୀବନ ସମ୍ଭବ ନୁହେଁ—ତେଣୁ ଅନ୍ନକୁ ପ୍ରାଣୀର ସୃଷ୍ଟି ବୋଲି ମଧ୍ୟ କୁହାଯାଏ—ଦେହର ପ୍ରକୃତ ଯତ୍ନ ନେବାପାଇଁ ଯେଉଁସବୁ ଖାଦ୍ୟସାର ସହାୟକ ଓ ସହଜ ଲଭ୍ୟ ଏଇ ନିବନ୍ଧରେ ସେ ସବୁ ଆଲୋଚନା କରାଯାଇଛି—ସ୍ୱଳ୍ପ ବ୍ୟୟରେ ସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ଆମେ କିପରି ଖାଦ୍ୟ ନିର୍ବାଚନ କରିବା ? ଏଇ ପ୍ରଶ୍ନର ଉତ୍ତର ହେଉଛି—

ଶରୀରକୁ ସୁସ୍ଥ, ସବଳ ଓ ନିରୋଗ ରଖିବା ପାଇଁ ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ଓ ଧାତୁସାର ପରି ଜୀବସାର ବା ଭିଟାମିନ୍‌ର ଯଥେଷ୍ଟ ଆବଶ୍ୟକତା ଅଛି । ଅନ୍ୟାନ୍ୟ ଖାଦ୍ୟସାରଗୁଡ଼ିକ ତୁଳନାରେ ଶରୀର ଖୁବ୍ କମ୍ ପରିମାଣରେ ଜୀବସାର ଦରକାର କରେ । କିନ୍ତୁ ଏହାର ଆବଶ୍ୟକତା ଜୀବନ ଧାରଣ ନିମନ୍ତେ ଅପରିହାର୍ଯ୍ୟ । ଏଥିପାଇଁ ଏହାକୁ ଜୀବସାର କୁହାଯାଏ । ଧାତୁସାର ପରି ଏହା ପୁଷ୍ଟି ସହାୟକ । ବିଭିନ୍ନ ଶାରୀରିକ ପ୍ରକ୍ରିୟା ଏହାଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଅଣୁଘଟକ ପରି ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟାଗୁଡ଼ିକୁ ଏହା ତ୍ୱରାନ୍ୱିତ କରିଥାଏ । କେତେକ ଭିଟାମିନ୍ ଶରୀର ବୃଦ୍ଧିରେ ସାହାଯ୍ୟ କରେ ଏବଂ ଏହାର ବିଭିନ୍ନ ଅଂଶକୁ ସୁସ୍ଥ ଓ ସତେଜ ରଖେ । ଏହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ଏହା ବ୍ୟତୀତ ଶରୀରରେ କେତେକ ଖାଦ୍ୟସାରର ଉପଯୁକ୍ତ ବିନିଯୋଗରେ ଏହା ସାହାଯ୍ୟ ମଧ୍ୟ କରିଥାଏ ।

ଏହି ଜୀବସାରଗୁଡ଼ିକ ଅନେକ ପ୍ରକାରର । ପ୍ରଥମେ ଏଗୁଡ଼ିକୁ ଜୀବସାର 'କ', 'ଖ', 'ଗ', 'ଘ' ବା ଭିଟାମିନ୍ 'ଏ', 'ବି', 'ସି' 'ଡ଼ି' ଇତ୍ୟାଦି କୁହାଯାଉଥିଲା । ଏବେ କିନ୍ତୁ ଏଗୁଡ଼ିକୁ ବିଭିନ୍ନ ନାମରେ ନାମିତ କରାଗଲଣି । ପ୍ରତ୍ୟେକ ଜୀବସାର ଶରୀରରେ ସ୍ୱତନ୍ତ୍ର କାର୍ଯ୍ୟ କରିଥାଏ । ଏଗୁଡ଼ିକ ମଧ୍ୟରୁ ଜୀବସାର 'କ', 'ଘ' ଓ 'ଚ' ଇତ୍ୟାଦି ତୈଳ ଜାତୀୟ ପଦାର୍ଥରେ ଦ୍ରବୀଭୂତ ହେଉଥିବାରୁ ଦୀର୍ଘଦିନ ଯାଏଁ ଶରୀରରେ ସଂଚିତ ହୋଇ ରହେ । କିନ୍ତୁ ଅତ୍ୟଧିକ ପରିମାଣରେ ସଂଚିତ ହୋଇ ରହିଲେ ଏହା କେତେକ ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଜୀବସାର 'ଖ' ଓ 'ଗ' ପାଣିରେ ଦ୍ରବୀଭୂତ ହେଉଥିବାରୁ ଆମ ଶରୀରରେ ସଂଚିତ ହୋଇ ରହିପାରେ ନାହିଁ ।

ଆମ ଖାଦ୍ୟର ବିଭିନ୍ନ ଉପାଦାନରେ ଏହି ଜୀବସାର ବା ଭିଟାମିନ୍ ସବୁ ପ୍ରଚୁର ପରିମାଣରେ ଥାଏ । ଏପରିକି ଖୁବ୍ ଶସ୍ତା ଏବଂ ସବୁ ସ୍ଥାନରେ ଓ ସବୁ ସମୟରେ ମିଳୁଥିବା କେତେକ ଖାଦ୍ୟ ଉପାଦାନରୁ ଆମେ ଯଥେଷ୍ଟ ଭିଟାମିନ୍ ପାଇଥାଉ । ତଥାପି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଏହାର ଅଭାବଜନିତ ବିଭିନ୍ନ ରୋଗରେ ପୀଡ଼ିତ ହୋଇଥାଆନ୍ତି । ଏହାର ଗୋଟିଏ କାରଣ ହେଉଛି ଯେ ଆମେ ଆମର କେଉଁ କେଉଁ ଖାଦ୍ୟ ଉପାଦାନରୁ କି କି ଭିଟାମିନ୍ ପାଉଛୁ ତାହା ଜାଣି ନାହୁଁ ଏବଂ ଅନ୍ୟ କାରଣଟି ହେଲା ଆମେ ରାନ୍ଧିବା ବେଳେ ଏହି ଭିଟାମିନଗୁଡ଼ିକୁ କେତେକାଂଶରେ ନଷ୍ଟ କରିଦେଇ ଥାଉ । ତେଣୁ ଉପରୋକ୍ତ ଦୁଇଗୋଟି ବିଷୟ ପ୍ରତି ସତର୍କ ରହିଲେ ବୋଧହୁଏ କୌଣସି ଲୋକ ଭିଟାମିନ୍ ଅଭାବଜନିତ ରୋଗରେ ପୀଡ଼ିତ ହୁଅନ୍ତେ ନାହିଁ ।

ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କର ଧାରଣା ଯେ କେବଳ ମାଛ, ମାଂସ, ଦୁଧ, ଘିଅ, ଅଣ୍ଡା ଜାତୀୟ ଖାଦ୍ୟରୁ ହିଁ ଭିଟାମିନ୍ ସବୁ ମିଳେ । କିନ୍ତୁ ଆମର ଏହି ଧାରଣା ସଂପୂର୍ଣ୍ଣରୂପେ ଭୁଲ । ଖୁବ୍ ଶସ୍ତା

ଓ ଶୀ ଗହଳିରେ ମିଳୁଥିବା ପନିପରିବାରେ ଏହା ଅପେକ୍ଷା ଯଥେଷ୍ଟ ଅଧିକ ଭିଟାମିନ୍ ଥାଏ । ସେ ସବୁ ଆମେ ନିମ୍ନରେ ଥିବା ସଂକ୍ଷିପ୍ତ ଆଲୋଚନାରୁ ଜାଣିପାରିବା ।

ଭିଟାମିନ୍ 'ଏ' ବା ଜୀବସାର 'କ' ବିଭିନ୍ନ ଶାଗ ଏବଂ ସବୁଜ ଓ ହଳଦିଆ ରଂଗର ଫଳ ଓ ପରିବାରୁ ପ୍ରଚୁର ପରିମାଣରେ ମିଳେ । ସାରୁ ଶାଗ, କଣ୍ଟାଲେଉଟିଆ ଶାଗ, ଖଡ଼ା ଶାଗ, ପାଳଙ୍ଗ ଶାଗ, ନିମ ଶାଗ ଓ ଗାଜର ଶାଗ ଏବଂ ଆମ୍ବ ଗାଜର, ନାଲି ଓ ହଳଦିଆ କଂଦମୂଳରୁ ଏହା ଯଥେଷ୍ଟ ପରିମାଣରେ ମିଳେ । ଏହା ବ୍ୟତୀତ ଏହି ଖାଦ୍ୟସାର ଅଣ୍ଡା କେଶର, କଲିଜା, ଘିଅ ଓ ଦୁଧ ପ୍ରଭୃତି ମୂଲ୍ୟବାନ ଖାଦ୍ୟରୁ ମିଳିଥାଏ । ଏପରିକି ଗୋଟିଏ ଅଣ୍ଡାରୁ ଯେତିକି ଭିଟାମିନ୍ 'ଏ' ମିଳେ, ଏହାର ସମାନ ଓଜନର ଗାଜରରୁ ଦୁଇଗୁଣରୁ ପାଞ୍ଚଗୁଣ ପର୍ଯ୍ୟନ୍ତ ଭିଟାମିନ୍ 'ଏ' ମିଳିଥାଏ ।

ଭିଟାମିନ୍ 'ଏ' ଆମର ଶରୀର ବୃଦ୍ଧିରେ ସାହାଯ୍ୟ କରେ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ଏହା ବ୍ୟତୀତ ଦୃଷ୍ଟି ଶକ୍ତି, ଚମ, ସ୍ନାୟୁ ଇତ୍ୟାଦିକୁ ସୁସ୍ଥ ରଖେ । ଏହାର ଅଭାବରେ ଦୃଷ୍ଟି ଶକ୍ତି କମିଯିବା ଓ ଅନ୍ଧାରକଣା ଇତ୍ୟାଦି ରୋଗ ହୁଏ । ଏପରି କି ଅନେକ ଲୋକ ଦୃଷ୍ଟି ଶକ୍ତି ସଂପୂର୍ଣ୍ଣରୂପେ ହରାଇ ଥାନ୍ତି । ଭାରତରେ ଦୃଷ୍ଟି ଶକ୍ତି ହରାଇଥିବା ଲୋକମାନଙ୍କ ମଧ୍ୟରୁ ଏକ ଚତୁର୍ଥାଂଶ କେବଳ ଭିଟାମିନ୍ 'ଏ' ଅଭାବରୁ ଦୃଷ୍ଟି ଶକ୍ତି ହରାଇ ଥାନ୍ତି । ଚମ ଶୁଖିଲା ଦେଖାଯିବା, ଦାନ୍ତ ଖରାପ ହେବା, ସ୍ନାୟୁ ଦୁର୍ବଳ ହେବା ଇତ୍ୟାଦି ଏହାର ଅଭାବର କାରଣ । ତୈଳଜାତୀୟ ଦ୍ରବ୍ୟରେ ଦ୍ରବୀଭୂତ ହେଉଥିବାରୁ ଏହା ଆମ ଶରୀରରେ ସଂଚିତ ହୋଇ ରହେ । ଏପରିକି ବର୍ଷକରେ ଥରେ ୩,୦୦,୦୦୦ iu ବା ଦୁଇଥର ୨,୦୦,୦୦୦ iu ଭିଟାମିନ୍ 'ଏ' ଖାଇଲେ ବର୍ଷସାରା ଏହାର ଅଭାବ ଶରୀରରେ ପରିଲକ୍ଷିତ ହୁଏ ନାହିଁ । ହାଲିବଟ୍ ବା କଡ଼ ମାଛ କଲିଜା ତେଲରେ ଏହା ସବୁଠାରୁ ଅଧିକ ଥାଏ । ମଗର ମାଛ କଲିଜା ତେଲରୁ ଭାରତରେ ଏହା ପ୍ରସ୍ତୁତ କରାଯାଉଛି । ଏହି ଭିଟାମିନ୍ ଅତ୍ୟଧିକ ପରିମାଣରେ ଶରୀରରେ ସଂଚିତ ହେଲେ କେତେକ ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି ହୁଏ ଯାହା ଫଳରେ ଘୁମାଇବା, ବାନ୍ତି ହେବା, ମୁଣ୍ଡ ବିନ୍ଧିବା ଇତ୍ୟାଦି ରୋଗ ଦେଖା ଦିଏ । ୧୦୦ ସେଣ୍ଟିଗ୍ରେଡ୍‌ରୁ ଅଧିକ ତାପ ମାତ୍ରାରେ ଏହି ଭିଟାମିନ୍ ନଷ୍ଟ ହୋଇ ଯାଏ ।

ଭିଟାମିନ୍ 'ବି' ଅନ୍ୟ ଏକ ବିଶେଷ ଦରକାରୀ ଭିଟାମିନ୍ । ଏହା ଅନେକ ପ୍ରକାରର ଏବଂ ଏଗୁଡ଼ିକୁ ଭିଟାମିନ୍ 'ବି' ଇତ୍ୟାଦି କୁହାଯାଏ । ଏହି ଭିଟାମିନ୍‌ଗୁଡ଼ିକ ପାଣିରେ ଦ୍ରବିଭୂତ ହେଉଥିବାରୁ ଆମ ଦେହରେ ସଂଚିତ ହୋଇ ରହିପାରେ ନାହିଁ । ତେଣୁ ଏହି ଭିଟାମିନ୍ ଥିବା ଖାଦ୍ୟ ସବୁଦିନେ ଖାଇବା ଉଚିତ । ଚିଲିଚିଲା ଉଷୁନା ଚାଉଳ, ଗହମଅଟା, ଗଜାଗହମ, ମାଣ୍ଡିଆ, ଚିନାବାଦାମ ଓ ମଟର, ବିନ ଇତ୍ୟାଦ ପରିବାରୁ ଭିଟାମିନ୍ 'ବି' ଅଧିକ ମିଳେ । ଏହା ମସ୍ତିଷ୍କ, ହୃତ୍‌ପିଣ୍ଡ, ସ୍ନାୟୁ ଇତ୍ୟାଦିକୁ ସୁସ୍ଥ ରଖେ ଓ ହଜମ ଶକ୍ତି ବଢ଼ାଏ । ଶରୀରରେ ଶ୍ୱେତସାରର ସଂପୂର୍ଣ୍ଣ ବିନିଯୋଗରେ ମଧ୍ୟ ଏହା ସାହାଯ୍ୟ କରେ । ଏହାର ଅଭାବରେ ବେରି ବେରି ନାମକ ଏକ ରୋଗ ହୁଏ । ଶୁଷ୍କ ବେରି ବେରି (Dry Beri Beri) ରୋଗ ହେଲେ ଭୋକ ହୁଏ ନାହିଁ ଓ ହାତ, ଗୋଡ଼ ଇତ୍ୟାଦି ଅବଶ ଲାଗେ । ଆର୍ଦ୍ର ବେରି ବେରି (Wet Beri Beri) ହେତୁ ଜଳୋଦରୀ ରୋଗ ହୁଏ, ହୃତ୍ କଂପନ ବଢ଼େ । ଶ୍ୱାସରୁଦ୍ଧ ହେଲା ଭଳି ଲାଗେ ଓ ହୃତପିଣ୍ଡର ମାଂସପେଶୀ ଦୁର୍ବଳ ହୋଇଯାଏ ।

ଭିଟାମିନ୍ 'ବି' ଅଭାବରେ ଓଠ କଡ଼ ଫାଟେ, ଜିଭରେ ଘା' ହୁଏ । ଆଖି ଲାଲ ଦେଖାଯାଏ ଓ ପୋଡ଼େ । କଲିଜା, ଦୁଧ, ଅଣ୍ଡା ଓ ସବୁଜ ପନପରିବାରୁ ଆମେ ଏହା ପାଉଥାଉ । କିନ୍ତୁ "ଇଷ୍ଟ"ରୁ ଆମେ ସବୁଠାରୁ ଅଧିକ ଭିଟାମିନ୍ 'ବି୨' ପାଉ । ଏହି "ଇଷ୍ଟ" କାଞ୍ଜି, ତୋରାଣି, ତାଡ଼ି ଇତ୍ୟାଦିରୁ ମିଳେ ।

ନିକୋଟିନିକ୍ ଏସିଡ୍ ଅନ୍ୟ ଏକ ଭିଟାମିନ୍ 'ବି' ଅଟେ । ଏହାର ଅଭାବରେ ଶରୀରରେ ପେଲାଗ୍ରା (Pellagra) ନାମକ ରୋଗ ହୁଏ । ଜିଭରେ ଘା' ହେବା, ଚମ ଉପରେ ଶୁଖିଲା ବ୍ରଣ ହେବା, ଓ ଗ୍ରହଣୀ ବା ଅଜୀର୍ଣ୍ଣ ଝାଡ଼ା ମଧ୍ୟ ଏହା ଅଭାବରୁ ହୁଏ । ମାଂସ, ବାଦାମ, ମଟର ଓ ଶିମ୍ବ ଜାତୀୟ ପରିବା ଏବଂ ଗୋଟା ଶସ୍ୟ ଇତ୍ୟାଦିରୁ ଏହା ମଳିଥାଏ ।

ଏହା ବ୍ୟତୀତ ଅନ୍ୟ କେତେକ ଭିଟାମିନ୍ 'ବି' ଶରୀରରେ ରକ୍ତହୀନତା, ମାନସିକ ବ୍ୟାଧି ଇତ୍ୟାଦିର ପ୍ରତିରୋଧ କରିଥାଆନ୍ତି । ଏହି ଭିଟାମିନ୍ ମଧ୍ୟରୁ କେବଳ ଭିଟାମିନ୍ 'ବି ୧' ବ୍ୟତୀତ ଅନ୍ୟାନ୍ୟ ସବୁ ଉଚ୍ଚ ତାପମାତ୍ରାରେ ନଷ୍ଟ ହୋଇ ନଥାଏ ।

ଭିଟାମିନ୍ 'ସି' କିନ୍ତୁ ଅନ୍ୟାନ୍ୟ ତୁଳନାରେ ଅତି ସହଜରେ ନଷ୍ଟ ହୋଇଥାଏ । ଏପରି କି ଖୋଲା ରହିଥିଲେ ଅମ୍ଳଜାନ ସଂସର୍ଶ ଯୋଗୁଁ ଏହା ସହଜରେ ନଷ୍ଟ ହୋଇଯାଏ । ପ୍ରାୟ ଅଧିକାଂଶ ସବୁଜ ଓ ସତେଜ ପନିପରିବା ଏବଂ ଗଜାମୁଗ, ଗଜାବୁଟ ଇତ୍ୟାଦିରୁ ଏହା ଅଧିକ ମିଳେ । ଅଂଳା କୋଳିରେ ଏହା ଅନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଯଥେଷ୍ଟ ଅଧିକ ଥାଏ । ଖଡ଼ା ଶାଗ, ସଜନା ଶାଗ, ନିମ ଶାଗ, ଧନିଆ ପତ୍ର, ମୂଳା ଶାଗ, ପାଳଙ୍ଗ ଶାଗ, ସାଲ୍‌ଗମ୍ ଶାଗ ଏବଂ ଲେମ୍ବୁ, ସଜନା ଛୁଇଁ ଓ କଳରା ଇତ୍ୟାଦିରୁ ଆମେ ଏହା ପାଇଥାଉ । ରକ୍ତରେ ଲୋହିତ ରକ୍ତକଣିକା ସୃଷ୍ଟି କରିବାରେ, କ୍ଷତ ଶୀଘ୍ର ଶୁଖାଇବାରେ ରକ୍ତକୁ ଗାଢ଼ କରିବାରେ ଏହା ସାହାଯ୍ୟ କରେ । ଶରୀରରେ ଦୀର୍ଘ ଦିନ ଭିଟାମିନ୍ 'ସି' ର ଅଭାବ ହେଲେ ସର୍ଭି ରୋଗ ହୁଏ । ପାଟି ଭିତରେ ଘା' ହେବା, ଦାନ୍ତ ମାଡ଼ିରୁ ରକ୍ତ ବାହାରିବା, ଥଣ୍ଡା ଓ ଫ୍ଲୁ ଇତ୍ୟାଦି ଏହା ଅଭାବରୁ ହୁଏ । ଆମ ଶରୀରରେ ସଂଚିତ ହୋଇ ରହି ପାରୁନଥିବାରୁ ଏହି ଭିଟାମିନ୍ ଥିବା ଖାଦ୍ୟ ସବୁଦିନେ ଖାଇବା ଉଚିତ ।

ଭିଟାମିନ୍ 'ଡ଼ି' ଆମେ ସାଧାରଣତଃ ଅଣ୍ଡା କେଶର, ଦୁଧ, ଲହୁଣୀ, ଘିଅ, କଲିଜା ଇତ୍ୟାଦିରୁ ପାଉ । କିନ୍ତୁ ମାଛ କଲିଜା ତେଲରୁ ଏହା ସର୍ବାଧିକ ମିଳେ । ବିଶେଷତଃ ହାଲିବଟ ଓ କଡ଼ ଲିଭର ତେଲରୁ ଏହା ପ୍ରଚୁର ପରିମାଣରେ ମଳିଥାଏ । କିନ୍ତୁ ସୂର୍ଯ୍ୟ କିରଣ ସାହାଯ୍ୟରେ ଆମ ଚମ ଭିତରେ ଥିବା ଏକ ପଦାର୍ଥରୁ ଏହା ପ୍ରସ୍ତୁତ ହୋଇଥାଏ । ଏପରି କି କିଛି ସମୟ ପାଇଁ ଖରାରେ ଠିଆ ହେବା ଦ୍ୱାରା ଆମ ଦେହର ଆବଶ୍ୟକତା ଅନୁସାରେ ଏହା ମିଳିଥାଏ । ଶରୀରର ହାଡ଼ ଗଠନରେ ଭିଟାମିନ୍ 'ଡ଼ି' ବହୁତ ସାହାଯ୍ୟରେ । ବୃକକ୍ ଇତ୍ୟାଦି ଉପରେ ଏହାର ମଧ୍ୟ କେତେକ ପ୍ରଭାବ ଅଛି । ବୃକକ୍‌ର ଫସ୍‌ଫେଟ୍ ଗ୍ରହଣ କରିବାର ଶକ୍ତି ଏବଂ କ୍ଷୁଦ୍ରାନ୍ତ୍ରର କାଲସିୟମ୍ ଓ ଫସଫରସ୍ ଗ୍ରହଣ କରିବାର ଶକ୍ତି ଏହା ବୃଦ୍ଧି କରେ । ଏହାର ଅଭାବରେ ହାଡ଼ ଗଠନରେ ବାଧା ପଡ଼େ, ହାଡ଼ ବଂକା ହୋଇଯାଏ । ଏହାକୁ ଅସ୍ଥି କୋମଳ ବା ରିକେଟ୍ ରୋଗ କୁହାଯାଏ । ଶିଶୁ ଓ ଅଳ୍ପ ବୟସର ପିଲାମାନେ ବିଶେଷତଃ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ଉତ୍ତରାଞ୍ଚଳର ଏବଂ ସୂର୍ଯ୍ୟାଲୋକ ନପଡୁଥିବା ଅଞ୍ଚଳର ପିଲାମାନେ ଏହି ରୋଗରେ ବେଶି ଆକ୍ରାନ୍ତ ହୁଅନ୍ତି । ଏଣୁ ଏପରି ପିଲାମାନଙ୍କୁ ଦୈନିକ ୧୦ mg. ବା ୪୦୦ iu ଭିଟାମିନ୍ 'ଡ଼ି' ଖାଇବାକୁ ଦେବା ଉଚିତ । ସବୁ ଦିନେ ଖରାରେ କିଛି ସମୟ ପାଇଁ ଖୋଲା ଦେହରେ ବୁଲିବା ସବୁଠାରୁ ଭଲ । ଗର୍ଭାବସ୍ଥାରେ ଅଧିକ ପରିମାଣରେ ଏହା ଖାଇବା ଉଚିତ । ଫଳରେ ମା' ଓ ଶିଶୁକୁ ଏହା ସାହାଯ୍ୟ କରିଥାଏ । ଶରୀରରେ ଅତ୍ୟଧିକ ପରିମାଣରେ ସଂଚୟ ହୋଇ ରହିଲେ ଏହା କେତେକ ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି କରେ ।

କିନ୍ତୁ ଭିଟାମିନ୍ 'ଇ' ଶରୀରରେ ଅତ୍ୟଧିକ ପରିମାଣରେ ସଂଚିତ ହେଲେ ମଧ୍ୟ କୌଣସି ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି କରେ ନାହିଁ । ପ୍ରାୟ ଆମର ଅଧିକାଂଶ ଖାଦ୍ୟରେ ଏହା ମିଳେ । ବିଭିନ୍ନ ଉଦ୍ଭିଦଜାତ ତେଲ (Vegetable Oil)ରୁ ଏହା ପ୍ରଚୁର ପରିମାଣରେ ମିଳେ । ଶରୀରରେ କ୍ୟାରୋଟିନ୍ ଓ ଭିଟାମିନ୍ 'ଏ' ର ଦହନ (Oridation) ରେ ଏହା ବାଧା ସୃଷ୍ଟି କରେ । ହୃତ୍‌ପିଣ୍ଡ, ମାଂସ ପେଶୀ, ରକ୍ତ କଣିକା ଇତ୍ୟାଦିକୁ ସୁସ୍ଥ-ସତେଜ ରଖେ । ଏହାର ଅଭାବରେ ସନ୍ତାନ ଉତ୍ପାଦନ ଶକ୍ତି ଲୋପ ପାଇଥାଏ । ବହୁମୂତ୍ର, ରକ୍ତହୀନତା ଇତ୍ୟାଦି ରୋଗର ପ୍ରତିରୋଧ କରିଥାଏ ।

ଭିଟାମିନ୍ 'କେ' ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ରକ୍ତସ୍ରାବ ବନ୍ଦ କରେ । କେତେକଙ୍କ ମତରେ ଜନ୍ମପରେ ଶିଶୁମାନଙ୍କ ଦେହ ମଧ୍ୟରେ ବିଭିନ୍ନ ସ୍ଥାନରେ ରକ୍ତସ୍ରାବ ଏହାର ଅଭାବର କାରଣ । ହଜମ ଶକ୍ତି କମିଯିବା ସମୟରେ ଏହା ପାଚକ ରସ ଭଳି ସାହାଯ୍ୟ କରିଥାଏ । ଏପରି କି ପାଚକ ରସ ସୃଷ୍ଟି କରୁଥିବା ଅଂଶରେ ଅସ୍ତ୍ରୋପଚାର କରିବାକୁ ହେଲେ ପୂର୍ବରୁ ରୋଗୀକୁ ଏହି ଭିଟାମିନ୍ ଦିଆଯାଇ ଥାଏ । ଏହା ସବୁଜ ଓ ସତେଜ ଶାଗରୁ ମିଳିଥାଏ । ପାଳଙ୍ଗ ଶାଗ ଓ ଫୁଲ କୋବିରୁ ଏହା ପ୍ରଚୁର ପରିମାଣରେ ମିଳେ ।

ଉପରୋକ୍ତ ଭିଟାମିନ୍‌ଗୁଡ଼ିକ ଆମ ଖାଦ୍ୟରେ ଯଥେଷ୍ଟ ପରିମାଣରେ ରହିଥିଲେ ମଧ୍ୟ ରାନ୍ଧିବାବେଳେ ଏହା ଅନେକାଂଶରେ ନଷ୍ଟ ହୋଇଥାଏ । ରାନ୍ଧିବା ପୂର୍ବରୁ କାଟିବା ଓ ଧୋଇବା ସମୟରେ କେତେକ ଭିଟାମିନ୍ ନଷ୍ଟ ହୋଇଥାଏ । ତେଣୁ ଏସବୁ ପ୍ରତି ସତର୍କ ରହିଲେ ଖାଦ୍ୟରୁ ଭିଟାମିନ୍‌ଗୁଡ଼ିକ ବେଶି ପରିମାଣରେ ନଷ୍ଟ ହୁଅନ୍ତା ନାହିଁ ।

ପ୍ରାୟ ଅଧିକାଂଶ ଖାଦ୍ୟ ଉପାଦାନଗୁଡ଼ିକୁ ଆମେ ରାନ୍ଧିବା ପୂର୍ବରୁ ଧୋଇ ଥାଉ । ଏହି ଧୋଇବା ସମୟରେ ପାଣିରେ ଦ୍ରବୀଭୂତ ହେଉଥିବା ଭିଟାମିନ୍ 'ବି' ଓ 'ସି' କେତେକାଂଶରେ ନଷ୍ଟ ହୋଇଥାଏ । ଚାଉଳକୁ ୪।୫ ଥର କରି ଧୋଇବା ସମୟରେ ଏଥିରେ ଥିବା ଭିଟାମିନ୍ 'ବି' ନଷ୍ଟ ହୋଇଥାଏ । ତେଣୁ ନିହାତି ଦରକାର ନହେଲେ ଚାଉଳକୁ ଧୋଇବା ଉଚିତ ନୁହେଁ । ପନିପରିବାଗୁଡ଼ିକୁ ଆମେ କାଟି ସାରି ଧୋଇ ଥାଉ । କିନ୍ତୁ ଏପରି କରିବା ଦ୍ୱାରା ଏଥିରେ ଥିବା ଭିଟାମିନ୍ 'ବି' ଓ 'ସି' ବହୁତ ପରିମାଣରେ ପାଣିରେ ଧୋଇ ହୋଇଯାଏ । ତେଣୁ ଏଗୁଡ଼ିକୁ ପ୍ରଥମେ ଭଲ ଭାବରେ ଧୋଇ ସାରି ପରେ କାଟିବା ଉଚିତ ।

ସେହିପରି କାଟିବା ସମୟରେ ମଧ୍ୟ କେତେକ ଭିଟାମିନ୍ ନଷ୍ଟ ହୋଇଥାଏ । ଧାର ନଥିବା ଛୁରୀରେ କାଟିବା ଦ୍ୱାରା ଶାଗ ଇତ୍ୟାଦିରୁ ଭିଟାମିନ୍ 'ସି' କେତେକ ପରିମାଣରେ ନଷ୍ଟ ହୁଏ । ତେଣୁ ଏ ଗୁଡ଼ିକୁ ଖୁବ୍ ଧାରୁଆ ଛୁରୀରେ କାଟି କିମ୍ବା ହାତରେ ଛିଡ଼ାଇ ରାନ୍ଧିବା ଭଲ । ପନିପରିବାକୁ ମଧ୍ୟ ଛୋଟ ଛୋଟ ଖଣ୍ଡ ନକରି ବଡ଼ ବଡ଼ ଖଣ୍ଡ କରି କାଟିବା ଉଚିତ । ମାଟି ତଳେ ଫଳୁଥିବା ପରିବା ଗୁଡ଼ିକରୁ ଚୋପା ନଛଡ଼ାଇ କାଟିବା ଉଚିତ । ଏହାଫଳରେ ସେଥିରୁ ଭିଟାମିନ୍ 'ବି' ଓ 'ସି' ଧୋଇଯାଏ ନାହିଁ ।

ରାନ୍ଧିବାର ଅନେକ ସମୟ ପୂର୍ବରୁ ପନିପରିବାଗୁଡ଼ିକୁ କାଟି ରଖିବା ଉଚିତ ନୁହେଁ । ଏହାଦ୍ୱାରା ଅମ୍ଳଜାନ ସଂସ୍ପର୍ଶରେ ଆସି ଭିଟାମିନ୍ 'ସି' ନଷ୍ଟ ହୋଇ ଯାଏ । କଟା ପରିବାକୁ ପାଣିରେ ପକାଇ ରଖିବା ସଂପୂର୍ଣ୍ଣ ଅନୁଚିତ ।

ରାନ୍ଧିବା ସମୟରେ ଖାଦ୍ୟ ଉପାଦାନଗୁଡ଼ିକୁ ଥଣ୍ଡା ପାଣିରେ ନପକାଇ ଫୁଟନ୍ତା ପାଣିରେ ପକାଇ ଏବଂ ଏହାପରେ ଅଧିକ ତାପ ପ୍ରୟୋଗ କରି ପାଣିକୁ ଶୀଘ୍ର ଫୁଟାଇବା ଉଚିତ । ଏପରି କରିବାଦ୍ୱାରା ପାଣିରେ ଭିଟାମିନ୍ 'ବି' ଓ 'ସି' ବେଶି ପରିମାଣରେ ଦ୍ରବୀଭୂତ ହୋଇ ପାରେ ନାହିଁ । ସିଝାଇବା ବେଳେ କେବଳ

ଦରକାର ଅନୁସାରେ ପାଣି ଦେବା ଉଚିତ । ବଳକା ସିଝାପାଣିକୁ ମଧ୍ୟ ନଫୋପାଡ଼ି ସୁପ୍ ଇତ୍ୟାଦିରେ ବ୍ୟବହାର କରିବା ଉଚିତ । ଏହି ସିଝା ପାଣିକୁ ଫୋପାଡ଼ି ଦେବା ଫଳରେ ଏଥିରେ ଥିବା ଭିଟାମିନ୍ ନଷ୍ଟ ହୁଏ । ଏହାଦ୍ୱାରା ଖାଦ୍ୟରେ ଥିବା ଭିଟାମିନ୍ 'ବି' ଓ 'ସି' ପ୍ରାୟ ଅଧେ ନଷ୍ଟ ହୋଇଯାଏ । ଭାତରୁ ପେଜ ବାହାର କରିବା ଦ୍ୱାରା ଏଥିରେ ଥିବା ଭିଟାମିନ୍ 'ବି' ନଷ୍ଟ ହୋଇଥାଏ । ଏଣୁ ଭାତରୁ ପେଜ ନବାହାରିଲା ଭଳି ପାଣି ଦେବା ଦରକାର ।

ଡାଲି ପ୍ରଭୃତି ସିଝାଇବା ସମୟରେ ଶୀଘ୍ର ସିଝିବା ପାଇଁ ଏବଂ ପରିବା ପ୍ରଭୃତି ରାନ୍ଧିବା ବେଳେ ଏହାର ରଂଗ ନଷ୍ଟ ନହେବା ପାଇଁ ଆମେ ଖାଇବା ସୋଡ଼ା ବ୍ୟବହାର କରିଥାଉ । କିନ୍ତୁ ଏହାଦ୍ୱାରା ପ୍ରାୟ ସବୁ ଭିଟାମିନ୍ 'ବି' ନଷ୍ଟ ହୋଇ ଥାଏ । ଜଳରେ ଖାର ଅଂଶ ଥିଲେ ମଧ୍ୟ ଏହା ନଷ୍ଟ ହୁଏ । ପରିବା ପ୍ରଭୃତି ସିଝାଇବା ବେଳେ ସେଥିରେ ତେନ୍ତୁଳି ରସ ବା ବିଲାତି ବାଇଗଣ ଦେଲେ ଏଥିରୁ ଭିଟାମିନ୍ 'ସି' ନଷ୍ଟର ପରିମାଣ କମିଥାଏ ।

ଘୋଡ଼ାଇକରି ରାନ୍ଧିବାଫଳରେ ଖାଦ୍ୟରୁ ବେଶି ଭିଟାମିନ୍ 'ସି' ନଷ୍ଟ ହୁଏ ନାହିଁ । ଖୋଲା ରାନ୍ଧିବା ବେଳେ ଏହା ଚିକୁଠାରୁ ଅଧିକ ନଷ୍ଟ ହୋଇଥାଏ । ଦୀର୍ଘ ସମୟ ଯାଏଁ ସିଝାଇବା କିମ୍ବା ଉଚ୍ଚତାପମାତ୍ରାରେ ସିଝାଇବା ଦ୍ୱାରା କେତେକ ଭିଟାମିନ୍ ନଷ୍ଟ ହୋଇଥାଏ । ଏହି କାରଣରୁ ପ୍ରେସର୍ କୁକରରେ ରାନ୍ଧିବା ଅନୁଚିତ ।

ସେହିପରି ତେଲରେ ଛାଣିବା ଦ୍ୱାରା ଖାଦ୍ୟରୁ ଭିଟାମିନ୍ 'ଏ' ନଷ୍ଟ ହୋଇଥାଏ । ଖାଦ୍ୟଗୁଡ଼ିକୁ ବାଦାମୀ ରଂଗ ହେବା ପର୍ଯ୍ୟନ୍ତ ତେଲରେ ଭାଜିଲେ ଏଥିରୁ ଭିଟାମିନ୍ 'ଏ' ଓ 'ଡ଼ି' ନଷ୍ଟ ହୋଇଥାଏ ।

ଏସବୁ ବ୍ୟତୀତ ଅନ୍ୟ କେତେକ କାରଣରୁ ମଧ୍ୟ ଖାଦ୍ୟରୁ ଭିଟାମିନ୍ ନଷ୍ଟ ହୋଇଥାଏ । ଭିଟାମିନ୍ 'ଏ' ଥିବା ଖାଦ୍ୟ ଗୁଡ଼ିକ ଖରାରେ ଶୁଖିଗଲେ ଏଥିରୁ ଅନେକାଂଶରେ ଏହି ଭିଟାମିନ୍ ନଷ୍ଟ ହୁଏ । ପନିପରିବା ଓ ଶାଗ ସବୁ ଶୁଖି ଗଲେ ବା ପଚିଗଲେ ଏଥିରୁ ପ୍ରାୟ ଭିଟାମିନ୍ 'ସି' ନଷ୍ଟ ହୋଇ ଯାଏ । ଧାନକୁ କଳରେ କୁଟିବା ଫଳରେ ଏଥିରେ ଥିବା ଭିଟାମିନ୍ 'ବି' ନଷ୍ଟ ହୋଇଯାଏ । ତେଣୁ କଳକୁଟା ଅରୁଆ ଚାଉଳରେ ଏହା ଆଦୌ ନଥାଏ । କିନ୍ତୁ ଧାନକୁ ଉଷୁନାଇବା ଦ୍ୱାରା ଏହି ଭିଟାମିନ୍ ଚାଉଳର ସବୁ ଅଂଶକୁ ଚାଲିଯାଏ ଓ କଳରେ କୁଟିବା ଦ୍ୱାରା ଏହାର ବେଶି କ୍ଷତି ହୁଏ ନାହିଁ । ଏଥିପାଇଁ ଅରୁଆ ଚାଉଳ ଅପେକ୍ଷା ଉସୁନା ଚାଉଳରୁ ଆମେ ଅଧିକ ଭିଟାମିନ୍ 'ବି' ପାଇଥାଉ ।

ତେଣୁ ଉପରୋକ୍ତ ବିଷୟ ପ୍ରତି ସାମାନ୍ୟ ସଚେତନ ରହିଲେ ଆମେ ଶାରୀରିକ ଏବଂ ମାନସିକ ରୋଗ ଯନ୍ତ୍ରଣାରୁ ନିଜକୁ ରକ୍ଷା କରି ପାରିବୁ । ଅପର ପକ୍ଷରେ ଡାକ୍ତର ଓ ଔଷଧ ଲାଗି ସୃଷ୍ଟି ହେଉଥିବା ଆର୍ଥିକ ଦୁରବସ୍ଥାକୁ ଏଡ଼ାଇ ଦେଇ ସୁନ୍ଦର ଜୀବନ ଯାପନ କରି ପାରିବୁ ।

ଫୁଡ୍ କ୍ରାଫ୍ଟ ଇନ୍‌ଷ୍ଟିଚ୍ୟୁଟ୍,
ଭୁବନେଶ୍ୱର

## ଓଡ଼ିଶା କାରିଗରଙ୍କ ଲିବୀୟା ଯାତ୍ରା

ଓଡ଼ିଶାର ୩୦ ଜଣ କୁଶଳୀ କାରିଗର ଫେବୃଆରୀ ୧୭ ତାରିଖ ଦିନ ଦିଲ୍ଲୀଠାରୁ ବିମାନ ଯୋଗେ ଲିବୀୟା ଯାତ୍ରା କରିଛନ୍ତି । ଉକ୍ତ ଦେଶରେ ଭାରତ ସରକାରଙ୍କ ଜାତୀୟ କୋଠାବାଡ଼ି ନିର୍ମାଣ କର୍ପୋରେସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ସେମାନେ କାର୍ଯ୍ୟ କରିବେ ।

ଦିଲ୍ଲୀର ଓଡ଼ିଶା ଭବନଠାରେ ଆୟୋଜିତ ଏକ ସଭାରେ ଏହି କାରିଗରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ରବି ରାୟ, ବୈଦେଶିକ ବ୍ୟାପାର ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ସମରେନ୍ଦ୍ର କୁଣ୍ଡୁ, ରାଜ୍ୟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର; ବହୁ ପାର୍ଲିଆମେଣ୍ଟ ସଦସ୍ୟ ଓ ଜାତୀୟ କୋଠାବାଡ଼ି ନିର୍ମାଣ କର୍ପୋରେସନର କର୍ମଚାରୀବୃନ୍ଦ ଯୋଗ ଦେଇଥିଲେ ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ବିଦେଶକୁ ପ୍ରାର୍ଥୀ ମନୋନୟନ କରି ନିଯୁକ୍ତି ପାଇଁ ପଠାଇବା ନିମନ୍ତେ 'ଉପିକଲ'କୁ ଏଜେଣ୍ଟ ଭାବେ ସ୍ୱୀକୃତି ଦିଆଯାଇଛି । ପ୍ରଥମ ଦଫାରେ ଉପରୋକ୍ତ ୩୦ ଜଣ କାରିଗରଙ୍କୁ ପଠାଯାଇଛି ।

# ଯୁବଶକ୍ତି ଓ ପ୍ରଗତି

ଶ୍ରୀ ନିରଞ୍ଜନ ପଣ୍ଡା

ଯୁବଶକ୍ତି ଅସାମାନ୍ୟ ଓ ଅମିତ । ଏହାର ଦକ୍ଷ ବିନିଯୋଗ ଆମ ଦେଶକୁ ସମୃଦ୍ଧ ଓ ଶକ୍ତିଶାଳୀ କରିବ—ଜାତୀୟ ଚେତନାର ମହା ସ୍ରୋତରେ ଝାସ ଦେଇ ଅଗଣିତ ଯୁବକଯୁବତୀ ବ୍ୟକ୍ତି ତଥା ରାଷ୍ଟ୍ର ଜୀବନରୁ ସବୁଦିନ ପାଇଁ ନିର୍ବାସିତ କରି ପାରିବେ ଦୁଃଖଦାରିଦ୍ର୍ୟର କଶାଘାତ—କିନ୍ତୁ ଛାଡ଼ିକାରୀ କଳ୍ପନାକୁ ରୂପ ଦେବା ପାଇଁ ଆବଶ୍ୟକ କେତେଜଣ ସୁଦକ୍ଷ ସାରଥି—

ଆଜି ଆମ ଦେଶର ଯୁବକଯୁବତୀଙ୍କ ସଂଖ୍ୟା ୪୫ ନିୟୁତ । ୬୦ କୋଟି ଜନସଂଖ୍ୟା ମଧ୍ୟରୁ ଶତକଡ଼ା ୬୫ ଭାଗ ଅଛନ୍ତି ୩୫ ବୟସ ଭିତରେ ଏବଂ ୨୫ରୁ ୨୯ ବୟସ ଭିତରେ ଅଛନ୍ତି ଶତକଡ଼ା ୭ ଭାଗରୁ ଅଧିକ ।

ଏହି ଯୁବକଯୁବତୀମାନେ ସ୍ୱାଧୀନତାପରେ ଜନ୍ମଗ୍ରହଣ କରିଛନ୍ତି ଏବଂ ଲାଳିତପାଳିତ ମଧ୍ୟ ହୋଇଛନ୍ତି । ଏମାନଙ୍କ ଉତ୍ତମ ବିକାଶ ଓ ଅଭିବୃଦ୍ଧିର ପାରିପାର୍ଶ୍ୱିକ ଅବସ୍ଥା ଆଶାଆଶ୍ୱାସନା ପରିବର୍ତ୍ତେ ଏକ ହତାଶା ଓ ବିଭ୍ରାନ୍ତିରେ ପରିଣତ ହୋଇଛି । ଦେଶର ବୃହତ୍ ମାନବିକ ସଂପଦ ଆଜି ଉପଯୁକ୍ତ ଦିଗ୍‌ଦର୍ଶନ ଅଭାବରୁ ମୂଲ୍ୟହୀନ ହୋଇ ପଡ଼ିଛି ।

ଆଜିର ବୟସ୍କ ଲୋକ ଓ ଯୁବକଯୁବତୀଙ୍କ ଭିତରେ ଏକ ବିରାଟ ଫାଙ୍କ ସୃଷ୍ଟି ହୋଇଛି । ବୟସ୍କମାନେ ଉପଲବ୍ଧି କରନ୍ତି ଯେ ସ୍ୱାଧୀନତା ପାଇଁ ବହୁ ହାରଜିତ୍ ମଧ୍ୟରେ ସେମାନେ ଯୁବାବସ୍ଥାରେ ଲଢ଼େଇ କରିଥିଲେ । ତେଣୁ କଷ୍ଟଲବ୍ଧ ସ୍ୱାଧୀନ ଦେଶକୁ ଶାସନ କରିବାପାଇଁ ସେମାନେ କେବଳ ହକ୍‌ଦାର ! ଅପର ପକ୍ଷରେ ଆଜିର ଯୁବଗୋଷ୍ଠୀ ଜାତୀୟ ଆନ୍ଦୋଳନର କଷ୍ଟକୁ ଅଙ୍ଗେ ଲିଭାଇ ନାହାନ୍ତି ।, ସେବେଳର ଉତ୍ସର୍ଗୀକୃତ ଅବଦାନକୁ ନିଜେ ମଧ୍ୟ ଉପଲବ୍ଧ କରିନାହାନ୍ତି । ପୂର୍ବବଂଶଧରମାନଙ୍କ ଅନୁଭୂତି ପ୍ରାକ୍ ସ୍ୱାଧୀନତା ଯୁଗର । ଏଗୁଡ଼ିକ ଆଜିର ଯୁବକ ଯୁବତୀଙ୍କ ପାଇଁ ଅଦରକାରୀ । ସେମାନେ ସ୍ୱାଧୀନତା ସମୟର ଦୁଃଖ କଷ୍ଟ ଶୁଣିବାକୁ ନାରାଜ । ଆଜିର ମୌଳିକ ସମସ୍ୟା ଓ ପ୍ରତିବନ୍ଧକଗୁଡ଼ିକ ପ୍ରତି ସେମାନେ ବିଶେଷ ଆଗ୍ରହୀ ଏବଂ ବାସ୍ତବତାର ଚ୍ୟାଲେଞ୍ଜଗୁଡ଼ିକୁ ଆବିଷ୍କାର କରିବାରେ ଲାଗିପଡ଼ିଛନ୍ତି । ବାସ୍ତବ ସମସ୍ୟାର ଦିଗ୍‌ଦର୍ଶନ ବୟସ୍କ ଲୋକଙ୍କଠାରୁ ନ ପାଇବା ଯୋଗୁଁ ଏମାନେ ଏକତାର ସ୍ୱତଃସ୍ଫୂର୍ତ୍ତ ଅଭିଯାନ ଆରମ୍ଭ କରିଛନ୍ତି । ନୂତନ ସଙ୍ଗଠନ ଓ ନେତୃତ୍ୱରେ ଦିନକୁ ଦିନ ଆଗ୍ରହୀ ହୋଇ ଉଠୁଛନ୍ତି ।

ଏହା ବିଚାର କରିବାର କଥା ଯେ, ଯେଉଁ ଯୁବଗୋଷ୍ଠୀ ଦିନେ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଲଢ଼ାଇ କରି ଦେଶକୁ ସ୍ୱାଧୀନ କରିଥିଲେ ଆଜି କାହିଁକି ସେମାନେ କ୍ରୋଧାନ୍ଧ ଓ ପଳାୟନମୁଖୀ ହୋଇ ଦୂରେଇ ରହୁଛନ୍ତି ? ଏହାର କାରଣ ହେଉଛି, ଆମ ସମାଜ ଭୌତିକ ଓ ମାନସିକ ଅଭିବୃଦ୍ଧି ପାଇଁ କିଛି ସୁସମନ୍ୱିତ ଭାବେ ସେମାନଙ୍କୁ ଯୋଗାଇ ପାରିନାହିଁ । ଜୀବନର ମୂଲ୍ୟବୋଧ ସେମାନଙ୍କ ନିକଟରେ ତୁଚ୍ଛ ହୋଇ ଉଠିଛି । ସେମାନଙ୍କ ଗତିପଥ ବଡ଼ ବନ୍ଧୁର, ସେମାନେ ବିବ୍ରତ । ଆଜିର ଯୁବ ସଂପ୍ରଦାୟ ସାର୍ଟିଫିକେଟ୍ ଧରି ଅଫିସ ଦ୍ୱାର ଦ୍ୱାର ବୁଲି ସ୍ଲୋଗାନ୍ ଦେଉଛନ୍ତି—We dont' want degrees, give us bread and give us jobs, not speeches.

ବେକାରୀ ଆଜି ଉଗ୍ର ସମସ୍ୟା ହୋଇଛି । ଧନ୍ଦା ଖୋଜିବା ଲୋକ ସଂଖ୍ୟା ଶତକଡ଼ା ବାର୍ଷିକ ୧୪ ବଢୁଥିବା ସ୍ଥଳେ, ବିଭିନ୍ନ ପ୍ରକାର ଧନ୍ଦାର ସଂଖ୍ୟା ହେଉଛି ଶତକଡ଼ା ବାର୍ଷିକ ୨.୫ । ପ୍ରତ୍ୟହ ପୁନଶ୍ଚ ୫,୦୦୦ ବେକାର ସେମାନଙ୍କ ସହିତ ମିଶୁଛନ୍ତି । ଆଜି ଦେଶର ବେକାର ସଂଖ୍ୟା ସମୁଦାୟ ଜନସଂଖ୍ୟାର ଶତକଡ଼ା ୪୨.୮ ଭାଗ ।

ଯୁବ ସଂପ୍ରଦାୟକୁ ଲକ୍ଷ୍ୟ କରି ଥରେ ସ୍ୱର୍ଗତ ନେହରୁ କହିଥିଲେ—My daddy was a farmer, Lord, What must I do? Now that I

have my Degree, Need I get dirty too. ଆଜି ଦେଶ ଶିକ୍ଷିତ ଯୁବଗୋଷ୍ଠୀକୁ ଉପଯୁକ୍ତ ମାନସିକ ଓ ଶାରୀରିକ ତାଲିମ ଦେବାରେ ବିଫଳ ହୋଇଛି । ଏହାର ଅସଲ କାରଣ ହେଉଛି ଜୀବନର ଆବଶ୍ୟକତାଧର୍ମୀ, ଆଶା ସଂସ୍କରଣୀଳ, ସ୍ପୃଷ୍ଟିସଂପନ୍ନ ଓ ଅନ୍ତର୍ନିହିତ ଗୁଣର ବିକାଶକାରୀ ତଥା କର୍ମମୂଳକ ଶିକ୍ଷାଠାରୁ ପ୍ରଚଳିତ ଶିକ୍ଷା ବହୁଦୂରରେ ଅଛି । ତେଣୁ କୁହାଯାଉଛି—College Education is only for turning out rootless frustrated youths ?

ଦେଶର ପରଂପରା ଅନୁଯାୟୀ ଶିକ୍ଷାପ୍ରଣାଳୀର ଧାରା ସ୍ଥିର ହେବା ବାଞ୍ଛନୀୟ । ବ୍ରିଟିଶ, ଆମେରିକା, ଜର୍ମାନୀ ପ୍ରଭୃତି ଦେଶ ନିଜ ଜାତିର ପରଂପରା ଭିତ୍ତିରେ ଶିକ୍ଷା ପ୍ରଣାଳୀ ସ୍ଥିର କରିଛି । ସେମାନଙ୍କ ଶିକ୍ଷା ପ୍ରଣାଳୀକୁ ଅନ୍ଧଭାବରେ ଆମ ଦେଶ ଯଦି ଗ୍ରହଣ କରେ ତାହା ଠିକ୍ ହେବନାହିଁ । କାରଣ "A nation, we must remember, is unique, because its people are unique" ଆମ ଦେଶର ସଂସ୍କୃତି, ସଭ୍ୟତା, ଐତିହ୍ୟ ଅନ୍ୟ ଦେଶଠାରୁ ସଂପୂର୍ଣ୍ଣ ଭିନ୍ନ । ତେଣୁ ଆମ ଦେଶର ପରଂପରାକୁ ଖାପଖାଇଲା ଭଳି ଶିକ୍ଷା ପ୍ରଣାଳୀ ସ୍ଥିର ହେବା ଆବଶ୍ୟକ । କହିବା ବାହୁଲ୍ୟ ଯେ—"Any higher education designed for a people has to take into account the requirements and qualities of the people for whom it is designed"

ପ୍ରଚଳିତ ପାଶ୍ଚାତ୍ୟ ଗ୍ରସ୍ତ ଶିକ୍ଷା ପ୍ରଣାଳୀ ଦ୍ୱାରା ଆଜିର ଯୁବ ସଂପ୍ରଦାୟ ବିଭ୍ରାନ୍ତ ଓ ବିଶୃଙ୍ଖଳିତ ହେଉଛନ୍ତି । ଶିକ୍ଷିତ ବେକାର ଓ ଅର୍ଦ୍ଧଶିକ୍ଷିତ ବେକାରଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଆଜି ଦେଶର ଅପରିସୀମ ଶକ୍ତିର ଅପଚୟ ଘଟୁଛି । ଏଠାରେ ଉଲ୍ଲେଖ କରିବାର କଥା ଯେ, ସମାଜ ବର୍ତ୍ତମାନ ଯୁବଗୋଷ୍ଠୀର ମତ ଓ ଚିନ୍ତାଧାରାକୁ ଗ୍ରହଣ କରିବାକୁ ଅସମ୍ମତ । ତେଣୁ ଆଜିର ଯୁବଶକ୍ତି ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅସାମଞ୍ଜସ୍ୟ ତଥା ପରଂପରାଗତ ଅନ୍ଧବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛି । ପୁନଶ୍ଚ ପରିବାର ଓ ସମାଜରୁ ଖାପଛଡ଼ା ହୋଇ ଏବଂ ଭବିଷ୍ୟତ କର୍ମପନ୍ଥା ସ୍ଥିର କରି ନପାରି ସେମାନେ ସମସ୍ତେ ଏକ ଭାବଧାରା ଓ ବିଷୟରେ ଉଦ୍‌ବୁଦ୍ଧ ହେଉଛନ୍ତି । କଲେଜ ଓ ବିଶ୍ୱ ବିଦ୍ୟାଳୟଗୁଡ଼ିକ ଛାତ୍ର-ପୀଠରେ ପରିଣତ ହେଉଛି । ଏଠାରେ ଏହି ଉକ୍ତିଟି କହିଲେ ଠିକ୍ ହେବ ଯେ—Satan finds some mischief still for idle hands to do.

ଖୁସିବାସିରେ ଓ ଖାମଖିଆଲି ଭାବରେ ଦିନ କଟାଇଲେ ନୈତିକ ଓ ମାନସିକ ଅବସ୍ଥାର ପତନ ଘଟେ । କଠିନ ପରିଶ୍ରମ ଏହାର ମହୌଷଧି । ତେଣୁ ବେଳ ଥାଉଁ ଥାଉଁ ପିତାମାତା, ଶିକ୍ଷକ, ସମାଜପ୍ରେମୀ ତଥା ସରକାର ଆଜିର ଯୁବଶକ୍ତିକୁ ଜାତୀୟ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସଚେତନ ହେବା ଦରକାର । ଏଠାରେ ସୂଚନା ଦିଆ ଯାଇପାରେ ଯେ ଜର୍ମାନୀ, ସ୍ୱିଡେନ୍, ବ୍ରିଟେନ୍ ଓ ଫ୍ରାନସ୍ ପ୍ରଭୃତି ଦେଶ ଯୁବଗୋଷ୍ଠୀକୁ ଦେଶର ଦାୟିତ୍ୱ ଗ୍ରହଣରେ ଅଂଶୀଦାର କରାଇଛନ୍ତି । ମାଓ ସେତୁଙ୍ଗ ଚୀନର ସାଂସ୍କୃତିକ ବିପ୍ଳବ ମାଧ୍ୟମରେ ୩୦୦୦,୦୦୦ ଯୁବକଯୁବତୀଙ୍କ ଦ୍ୱାରା ମାତ୍ର ତିନି ମାସ ମଧ୍ୟରେ ପୃଥିବୀର ସବୁଠୁ ବିରାଟ ବନ୍ଧ ସଂପୂର୍ଣ୍ଣ କରିପାରିଥିଲେ ।

ଯୁବଗୋଷ୍ଠୀ ଜାତୀୟ ବିପ୍ଳବରେ ଭାଗ ନେବା ଉଚିତ । ଏହା ନୁହେଁ ଯେ ଯେଉଁ ବିପ୍ଳବ ଦ୍ୱାରା ସମାଜର ଗତି ଛିନ୍ନ ହୋଇଯିବ ଅଥବା ନଷ୍ଟ ହୋଇଯିବ, ସେ ବିପ୍ଳବଗୁଡ଼ିକରେ ଭାଗ ନେବେ । ଗଠନମୂଳକ କାର୍ଯ୍ୟରେ ସେମାନେ ଭାଗନେବା ଉଚିତ । ଅର୍ଥନୈତିକ ଅସାମଞ୍ଜସ୍ୟ, ଅନ୍ଧ-ବିଶ୍ୱାସ, ଅପସଂସ୍କୃତି ଓ ମନ୍ଦ ପରଂପରା ବିରୁଦ୍ଧରେ ଯୁବ ସମାଜ ପଦକ୍ଷେପ ନେବା ଉଚିତ । ଗାନ୍ଧୀଜୀଙ୍କ ଭାଷାରେ It is the youth, who will make the national movement possible as in China and Egypt. ହୁଏତ ଏହି ଯୁବକମାନଙ୍କ ମଧ୍ୟରୁ ଜଣେ କେହି ଦିନେ ବୁଦ୍ଧ, ଶଙ୍କର, ଚୈତନ୍ୟ, ବିବେକାନନ୍ଦ, ଦୟାନନ୍ଦ, ରାମମୋହନ ରାୟ କିମ୍ବା ମହାତ୍ମାଗାନ୍ଧୀଙ୍କ ପରି ମହାନ୍ ଓ ଜାତିସ୍ମର ହେବ । ଜନସମାଜକୁ ଧର୍ମବାଣୀ ବା କର୍ମ ଉପଦେଶ ଶୁଣାଇ ଲୋକ କଲ୍ୟାଣ କରିଥାରେ ସାମାଜିକ ବିପ୍ଳବ ସୃଷ୍ଟି କରିବ । ପ୍ରାଚ୍ୟର ଧର୍ମ ଭାବ ସଂପନ୍ନ ସଂସ୍କୃତି ଓ ଐତିହ୍ୟକୁ ବିଜ୍ଞାନ ସମ୍ମତଭାବେ ବିବେକାନନ୍ଦଙ୍କ ପରି ସାରା ପୃଥିବୀରେ ପ୍ରତିଷ୍ଠା କରାଇବ । ଯୁବ ସମାଜର ସାଧାରଣ ଧର୍ମ ହେଉଛି ଆଦର୍ଶବାଦ, ସାହସିକତା, ଦାୟିତ୍ୱବୋଧ, ତ୍ୟାଗ ଓ ଅପରିସୀମ ପଟୁତା । ଯୌବନା-ବସ୍ଥାରେ ସେମାନେ ଶାରୀରିକ ଓ ମାନସିକ ସନ୍ଧିକ୍ଷଣରେ, ପହଞ୍ଚି ଥାଆନ୍ତି । ପ୍ରଖର ଗତିବାନ୍ ପ୍ରେରଣା (dynmnic impulses) ସେମାନଙ୍କୁ ବିଭିନ୍ନ କାର୍ଯ୍ୟ କରିବାକୁ ବାଧ୍ୟ କରିଥାଏ ଏବଂ ବିଭିନ୍ନ ଦିଗରେ ମଧ୍ୟ ପରିଚାଳିତ କରିଥାଏ । ଅନେକ ସମୟରେ ସ୍ୱାଧୀନଭାବେ ଚିନ୍ତା କରିବା ଓ ମତ ଦେବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼େ । ତେଣୁ ସମାଜ-କଲ୍ୟାଣ ଓ ସୃଜନଶୀଳ ପ୍ରକଳ୍ପର ସାର୍ଥକ ରୂପାୟନ ପାଇଁ ଲୋକ-ସେବା ଓ ଦାୟିତ୍ୱ-ଜ୍ଞାନରେ ସେମାନଙ୍କୁ ଉଦବୁଦ୍ଧ କରାଇବା ଦରକାର । ବ୍ୟକ୍ତିର ନିଜସ୍ୱ ଧର୍ମ ରାଷ୍ଟ୍ର ଊର୍ଦ୍ଧ୍ୱରେ ବୋଲି ସେମାନେ ଶିଖିବା ଉଚିତ । ବର୍ତ୍ତମାନ ପ୍ରଶ୍ନ ଆସେ, ଏହି ଯୁବ ଶକ୍ତିକୁ ଦିଗ୍‌ଦର୍ଶନ ଦେବ କିଏ ? ଏକତା, ଦୃଢ଼ତା, ସାଧୁତା, ମୁଖ୍ୟତଃ ଶୃଙ୍ଖଳାଜ୍ଞାନ ଦ୍ୱାରା ଯୁବ ସମାଜକୁ ଠିକ୍ ବାଟରେ ନେତୃତ୍ୱ ଦେବ କିଏ ? କୌଣସି ଘଟଣା ଉପରେ ଖୋଲ ଖୋଲି ଭାବରେ ମତ ଦେଇ ଓ କାର୍ଯ୍ୟକରି ଯୁବ-ସମାଜର ବିଶ୍ୱାସକୁ କିଏ ଜୟ କରି ପାରିବ ? ଦେଶ ପାଇଁ ଉତ୍କୃଷ୍ଟ ଈଶ୍ୱରଙ୍କ ମହନୀୟ ଦାନ, ଅପରିସୀମ ଶକ୍ତିକୁ ଯିଏ ଉପଯୁକ୍ତ ଭାବେ ନିୟୋଜିତ କରି ପାରିବ ତା'ର ତ୍ୟାଗ-ପୂତ ନେତୃତ୍ୱକୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ଗ୍ରହଣ କରିବେ । ଆଜିର ଯୁବଶକ୍ତି ଏପରି ନେତୃତ୍ୱକୁ ଆଗ୍ରହର ସହିତ ଚାହିଁ ରହିଛି ।

ଜଳରଙ୍କା ବର୍ତ୍ତିଶାଳୟ,
ଭୁବନପୁର, କଟକ-୮

# ଆଲୋକ ପଥର ଯାତ୍ରୀ

ଶ୍ରୀ ବାଞ୍ଛାନିଧି ଦାସ

ଅଜ୍ଞାନ ତମିସ୍ରାକୁ ଦୂର କରିବା ପାଇଁ ବତୀଘର ଗଢିବା ଆବଶ୍ୟକ ହୁଏ ନାହିଁ—ଆବଶ୍ୟକ ହୁଏ ଛୋଟ ଏକ ଦିଆସିଲି କାଠି—ମଉସା, ମାଉସୀ ବା ଦାଦା ଖୁଡ଼ୀଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲ କଲେଜ ବା ପାଠାଗାର ଖୋଲିବା ଦରକାର ହୁଏ ନାହିଁ—ଲୋଡ଼ା ଖଣ୍ଡିଏ ସ୍ଲେଟ, ଗୋଟିଏ ଲଣ୍ଠନ, ଖଣ୍ଡିଏ ବର୍ଣ୍ଣବୋଧ ଆଉ ସର୍ବୋପରି ଶିକ୍ଷାଦାନ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଏକ ହୃଷ୍ଟମନ—ଅଜ୍ଞାନର ଅନ୍ଧାରକୁ ଚେନ୍ଦା ମାରିଲେ ଯିବନାହିଁ—ଅଜ୍ଞାନ ଘୁଞ୍ଚିଯିବ କେବଳ ଜ୍ଞାନର ପ୍ରଦୀପରେ—ସେମାନେ ହେବେ ଆଲୋକ ପଥର ଯାତ୍ରୀ ।

ପାହାଡର ଚିଲିସକ ଉପରେ ଜହ୍ନଟି ଜଳୁଥିଲା ଏକ ଦୀପ ପରି । ହାଟ ସଉଦା କରି ସାରି ସନିଆ ସଡକ ଉପରକୁ ଉଠୁଥିଲା—ହଠାତ୍ ମନେ ପଡିଗଲା ତାର ସିଲଟ୍ କିଣା କଥା । ଜହ୍ନ ଆଲୁଅରେ ଅଣ୍ଟିରୁ ପଇସା କାଢ଼ି ସେ ଗଣି ନେଲା—ଆଉ ବଳିଛି ଦି' ଟଙ୍କା ପଚାଶ । ସେଇଠାରୁ ସେ ଫେରି ଆସିଲା ।

ସତରେ ମନ ତାର ଗୋଳେଇ ପୋଳେଇ ହେଉଥିଲା ହାଟ ଛାଡିଲା ବେଳେ, ଯେମିତି କ'ଣ ଗୋଟାଏ କିଣିବାକୁ ବାକି ରହିଗଲା—ଏ ପାଳି ନ କିଣିଲେ ଆଠଦିନ ପରେ ଢେର୍ ଡେରି ହୋଇ ଯିବ । ମନ ଉଠିଛି ଯେତେବେଳେ—କେଇଟା ଟଙ୍କା ପାଇଁ ପଛେଇ ଗଲେ କ'ଣ ଚଳିବ? ହେଳା କରି କରି ତ ମୁଣ୍ଡବାଳ ପାଚିବା ଉପରେ, ଆଉ ଅଧିକ କାଳ କ୍ଷେପଣ ନିହାତି ମୂର୍ଖତା ହେବ ।

ହାଟ ମୁଣ୍ଡ ତାଳ ବରଡା ପଲା ତଳେ ସୁଡୁସୁଡୁ ଚା' ପିଇ ଯାଉଥାଏ ଜଗୁ । ମୁଣ୍ଡଟେକି ଗାଁ ଲୋକ କିଏ ଯାଉଛି କି ଦେଖୁ ଦେଖୁ ତା ଆଖିରେ ସନିଆ ପଡିଲା । ଡାକ ଦେଲା, ଏ ସନିଆ ! କିରେ ଫେରିଲୁ ଯେ—! କ'ଣ ଛାଡିଲୁ କିରେ? କାମ ସାର୍—ସାଙ୍ଗ ହୋଇ ଯିବା ।

ଚା' ଦୋକାନ ଆଗରେ ପଡ଼ିଥିବା କଳା ଚିକିଟା ବେଞ୍ଚ ଉପରେ ବସିପଡ଼ି ସନିଆ କହିଲା, ତୋର କାମ ସରିଛି ତ? ଆ—ଆ— ସିଲଟ୍‌ଟିଏ କିଣି ଫେରିବା ।

ଜଗୁ ଉଦ୍ଦେଶ୍ୟଟା ଚଟ୍‌କିନି ବୁଝି ନେଲା । କହିଲା, ଶେଷରେ ତୁ ବି ସେଇ ଗୁରୁଙ୍କ ଚେଲା ପାଲଟି ଗଲୁ? ଯାହା ନ ହେଲା ବାଳ କାଳେ, ତାହାକି ହେବ ପାଚିଲା ବାଳେ? ବୁଢ଼ାବୁଢ଼ୀମାନେ ଏ କଥା କ'ଣ ତୁମ୍ଭାକୁ କହିଥିଲେ ? ସେ ମାଷ୍ଟ୍ରଙ୍କ ବୁଦ୍ଧିରେ ପଡ଼ନା ! ଛାଡ୍ ଛାଡ୍ ସେ କଥା । ବାହାରିଛି ଦେଖ ପୁଅ ବୁଢ଼ା କାଳେ ପାଠ ପଢ଼ି୍"!

ସନିଆର ଇଚ୍ଛା ଏକ ମାଛ ପରି ସୁଅର ପ୍ରତିକୂଳରେ ଉଠି ଆସୁଥିବା ବେଳେ ଜଗୁ ତା ମୁହଁରେ ପାହାର ମାରିଲା । ହେଲେ ସନିଆ ଦବି ଯିବା ଲୋକ ନୁହେଁ । ସେ ଯାହା ବୁଝିଥାଏ, ତାକୁ ଭଲ କିନି ବୁଝିଥାଏ—ତାକୁ ବେଦ ବାକ୍ୟ ପରି ଆଖି ଆଗରେ ରଖି କାମ କରିଯାଏ ।

ସନିଆ କହିଲା, 'ଆମେ ଆଜି ଆଖି ଥାଇ ଅନ୍ଧ ! ଦେଖୁନୁ— ଗୋରୁ ଗାଈ ପାଖରୁ ଆମେ କେଉଁ ଗୁଣରେ ବଳି । କହିଛି ପରା, ପ୍ରାଣୀଙ୍କ ଭିତରେ ମଣିଷର କେବଳ ବୁଦ୍ଧି ବିବେକ ଆଦି ଅଛି ! ହେଲେ ଦି' ଅକ୍ଷର ପାଠ ପେଟ ଭିତରେ ପଶି ନଥିଲେ, ଦେହରେ ବୁଦ୍ଧି ବିବେକର ବଢ଼ନ୍ତି ହେବ କିପରି?

ଜଗୁ ଅଧିକ କିଛି କହିଥାନ୍ତା, କାମ ସାରି ଘର ଧରିବାକୁ ଡେରି ହେବ ବୋଲି ଚୁପ୍ ରହିଲା । କେବଳ ଏତିକି କହିଲା, "ପାଣି ପରି ତୋର ବୟସ ତ ଢେର ଗଡ଼ିଗଲାଣି । ଯଦି ପଢିବାର ଏତେ ଇଚ୍ଛା ଥିଲା, ସୁଯୋଗଟା ପିଲାଦିନେ ତୁ ଛାଡ଼ିଲୁ ବା କାହିଁକି ?"

ସ୍ୱାଧୀନତା ପରେ ମାଗଣାରେ ପ୍ରାଇମେରୀ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା ଦେଖି ଜଗୁ ହୁଏତ ପିଲାଦିନର ସେ ଘଟଣାକୁ

କଥା ବୁଝି ଗଲଣି । ଚାଟଶାଳୀରେ ଅବଧାନଙ୍କ ବେତନ, ଗଣିପରିବା, ଧୂଆଁପତ୍ର ନାଣ ଇତ୍ୟାଦି ଭେଟି ସ୍ୱତ ଚଳନ୍ତ ଦେଇ ନପାରିଲେ, ତା ବସ୍ତାନୀରେ ଡୋରି ବନ୍ଧା ହେଇ-ଥିଲା । ସନିଆ ସେଇ କଥା ତାକୁ ପୁଣି ଥରେ ମନେ ପକାଇ ଦେଲା ।

ଦୁହେଁ ଯାଇ ପହଞ୍ଚିଲେ କୃଷ୍ଣ ମାଲ୍ ଦୋକାନରେ । ସନିଆ ପଚାରିଲା, 'କିହୋ ଭାଇ, ତମ ଦୋକାନରେ ସିଲଟ୍ ମିଳିବ?

ଦୋକାନୀ ଚୋକାଟା ସିଗାରେଟ୍ ଫୁଙ୍କୁ ଫୁଙ୍କୁ ପଚାରିଲା, "ହଁ ଅଛି । ଔର୍ କିଛି ଦରକାର ? ଖଡ଼ି–ଓଡ଼ିଆ ଛବି ବହି ?"

କିଣା କିଣି ସାରି ସନିଆ ଫେରିଲା । ସେମାନେ ରାସ୍ତା ଉପରକୁ ଉଠିଲେ ।

ସନିଆ ଭାଇତ । ବୟସ ଅନ୍ଦାଜ୍ ୩୫ । ମଥାରେ କେଉଁଏ କେଉଁଏ ବାଳ ପାଚିଲଣି । ଗାଁ କବିରାଜ କହିଲେ, ଏଇଟା ବୟସ ବଢ଼ିବା ଯୋଗୁଁ ପାଚିନି—ମଥା କେବେ କେବେ ଅତି ଥଣ୍ଡା—କେବେ କେବେ ଅତି ଗରମ ରହିବା ହେତୁ ବାଳ ପାଚୁଛି । ଦେହର ଗଠନରେ କେଉଁଠି ଗୁଣରେ ଖୁଣ ନାହିଁ । ପନ୍ଦର ଗଉଣି ଧାନ ସେ ଶିଳା ବାହୁଙ୍ଗୀରେ ବୋହି ନେଇ ଯାଇପାରେ । ତିନି ମାଣ ଯାଗର ଜମିର ଗଛକୁ ସେ ମୁଣ୍ଡରେ ବୋହି ବୋହି ବିଲରୁ ଖଳାକୁ ଉଠେଇ ଆଣି ପାରେ ।

ଏଇ ସନିଆ ରୂପାର ଚାମୁଚ ମୁହଁରେ ଘେନି ଜନ୍ମ ହୋଇ ନ ଥିଲା । ସେ ଜନ୍ମିଥିଲା ଏକ ଦୁଃଖୀ ପରିବାରରେ । ଜନ୍ମରୁ ଦୁଇ ମାସ ପରେ ବାପାଙ୍କର ମୃତ୍ୟୁ ହେଲା । ଏକଲର ବନ୍ଧୁ ସନିଆକୁ ଛାଡ଼ି ମା ତାର ବଞ୍ଚି ରହିଲା ଦୁନିଆରେ । ଏତେ କଷ୍ଟରେ ଏତେ ଦୁଃଖ ମଧ୍ୟରେ ବିଧବା ମା ବିଚାରୀ ପଇସା ଖର୍ଚ୍ଚ କରି ତାକୁ ଚାହାଳୀରେ ପଢ଼େଇ ଥାନ୍ତା କିପରି? ପାଠ ପଢ଼ିବା ସେ କାଳରେ ବାବୁ ଜମିଦାରଙ୍କ ସଉକ୍ ଥିଲା । ପିଲାଦିନର ଖେଳ କସରତ, ନାଚକୁଦ, ଧୂମଧାମ୍ ଭିତରେ ମଜିରହି ପାଠର ଆବଶ୍ୟକତା ଜାଣିପାରେ ବି ବୁଝି ନ ଥିଲା ସନିଆ ।

ସେ ଅନେକ ଡେରିରେ ବୁଝି ପାରିଲା ଏ କଥା । ବୁଝିଲା ବେଶ୍ ଆଜକୁ ଚାରି ବର୍ଷ ତଳେ । ସ୍କୁଲ ଘରର ସେଇ ଏକଣା ଅନ୍ଧାରୀ କୋଠରୀରେ ଟାଇଫଏଡ୍ ଜ୍ୱରରେ ଶୋଇଥିଲା ତାର ବିଧବା ମା' । ସ୍ତ୍ରୀ ତାର ଜଗି ବସିଥିଲା ବିଛଣା କଡ଼ରେ । ବୁଢ଼ୀ କେବଳ ଖନେଇ ଖନେଇ କହୁଥିଲା ଏତିକି,

"ମୋର ଚାଲିଯିବାର ବେଳ ହେଲା……ସନରେ, ଭାଗବତ ପଦେ ଶୁଣିଥାନ୍ତି । କାହାକୁ ଡାକିଲୁ, ମୋ ପାଖରେ ଭାଗବତ ଅଧ୍ୟାୟେ ବସି ପଢ଼ିଥାନ୍ତା" ।

ସେଇ ସନ୍ଧ୍ୟାରେ ସନିଆ ଯାଇ ଦ୍ୱାର ଦ୍ୱାର ବୁଲିଥିଲା—କେହି ଜଣେ ପଢ଼ୁଆ ପିଲା ଆସିଲେ ନାହିଁ । ଗରିବକୁ କିଏ ପଚାରେ ! ଗାଁରେ ସହରୀ ହାଓ୍ୱା ପଶିଛି । ସେଠି ଯିଏ ଯାହାର ଚୋଟ ମୁଣ୍ଡେଇ ସହଯୋଗ ଶବ୍ଦଟାକୁ ଏକା-ବେଳକେ ଲୋକେ ପାଶୋରି ଗଲେଣି । କଳି ତକରାଳରେ ଗାଁର ସରଳ ଜୀବନ ଏକାବେଳକେ ନଷ୍ଟ ହେବାକୁ ବସିଲାଣି ।

ସନିଆ ନିରାଶ ହୋଇ ଗାଁ ଭିତରୁ ଫେରି ଆସିଲା । ଥାକ ଉପରୁ ଭାଗବତ ପୋଥିଟା ଆଣି ମା ମୁଣ୍ଡରେ ଛୁଆଁଇ କହିଲା, "କେହି ଆସିଲେ ନାହିଁ । ଯିଏ ଦି' ଅକ୍ଷର ପଢ଼ିଛି ତା ଲଗୁଡ଼ରେ ହାତ ଦେଇ ହେଉନି" ।

ଏକ ଅବଶୋଷ ନେଇ ବୁଢ଼ୀ ଚାଲିଗଲା । ସନିଆ ମନରେ ସେଇ କାଳ ରାତ୍ରିର ଧୋକ୍କାଟି ଜାଗ୍ରତ ଥିଲା ଏତେଦିନ । ସେଇ ଦିନୁ ସେ ଚେଷ୍ଟା କରିଛି ଦି' ଅକ୍ଷର କେମିତି ପଢ଼ିବ । ଭାଗବତ ଖଣ୍ଡି ପଢ଼ି ପାରିଲେ– ନିଜ ନାମଟି ଲେଖି ପାରିଲେ—ତା ପାଇଁ ଯଥେଷ୍ଟ ହେବ । ସ୍କୁଲ ପାଖ ରାସ୍ତାରେ ହଳ ଲଙ୍ଗଳ ନେଇ ବିଲକୁ ଗଲାବେଳେ ପାଦ ତାର ଧିମେଇ ଯାଏ ସ୍କୁଲ ପାଖରେ । ପିଲାଙ୍କ ତୁଣ୍ଡରୁ ସେ ଗୀତ ଶୁଣେ—ଚାଷ କାମ ଯାହାର……କେତେ ସୁଖ ତାହାର….

ସନିଆ ତ ଜଣେ ଚାଷୀ । ସେ କ'ଣ ସତରେ ଆନନ୍ଦିତ! ଯିଏ ପାଠ ପଢ଼ିଛି—ଦୁନିଆରେ ହାଲ୍ଚାଲ୍ ଜାଣୁଛି—ସେ ଯଦି ଚାଷ କାମକୁ ଓହ୍ଲାଏ—ସେ ଅଲବତ୍ ସୁଖୀ ହେବ । ସନିଆ ମନେ ମନେ ଏଇ କଥା ଭାବେ ।

ଯାହାହେଉ, ସନିଆକୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିନଥିଲା ।

ଯାହାର ମନ ଯେତେ ବଡ଼ ତାହାର ପ୍ରଭୁ ସେତେ ବଡ଼ । ସନିଆର ମନ ଗୁଣେ ଫଳ ମିଳିଲା । ସେଦିନ ସଞ୍ଜରେ ତାଙ୍କ ପିଣ୍ଡାକୁ ଉଠିଆସି ବସିଲେ ସଦାଶିବ ମାଷ୍ଟ୍ରେ । ଏଇତ କେଇ ମାସ ହେଲା ସେ ଏଠାକୁ ବଦଳି ହୋଇ ଆସିଛନ୍ତି । ଓଳଗି ହୋଇ ସନିଆ ପଚାରିଲା, "ଆଜ୍ଞା, ମୋ ପାଖରେ କିଛି କାମ ଥିଲା କି ?"

ସଦାଶିବ ମାଷ୍ଟ୍ରେ ଟିକିଏ ହସିଲେ । କହିଲେ, ଗୋଟିଏ ଛୋଟ କଥା ନେଇ ଆପଣଙ୍କ ପାଖକୁ ଆସିଛି । ଆଗରେ ଗାନ୍ଧୀ ଜୟନ୍ତୀ । ସେଇ ଦିନ ଠାରୁ ଆପଣ କେତେ ଜଣ ଯୁଟନ୍ତୁ, ଗାଁ ମଝି କ୍ଲବ୍ ଘରେ । ସଞ୍ଜ ମଡ଼ରୁ ଘଣ୍ଟାଏ ପ୍ରତିଦିନ ମୁଁ ପଢ଼ାଇବି । ତିନିମାସ ଭିତରେ ଆପଣ-ମାନଙ୍କୁ 'ବର୍ଣ୍ଣବୋଧ' ଶେଷ କରଇ ଦେବି । ଜାଣି କଉଡ଼ିଟିଏ ପଡ଼ିବ ନାହିଁ । ଲଣ୍ଠନଟିଏ, ବର୍ଣ୍ଣବୋଧ ଖଣ୍ଡେ—ସିଲଟ୍ ଖଡ଼ି ଖଣ୍ଡେ ଯୋଗାଡ଼ କରନ୍ତୁ—ଗାନ୍ଧୀ ଜୟନ୍ତୀ ଠୁଁ ଆରମ୍ଭ କରିବି ।

……କଥା ପ୍ରସଙ୍ଗରେ ନିଜ ଜୀବନର ସାରାଂଶଟି ଜଗୁ ଆଗରେ କହି ସାରିଥିଲା ସନିଆ । ଜଗୁ ଗାଁ ପାଖ

ଲୋକ । ତାଙ୍କ ଗାଁକୁ—ଏ ଗାଁ ଲାଗିଛି । ତାର ବି ଏମିତି ଗୋଟିଏ ଛକା ପଞ୍ଝାର ଜୀବନ—ଦୁଃଖ ସହିତ ଲଢ଼ି ଜିତି ସେ ଗୁଳିଶଟି ବର୍ଷ ପାରି ହୋଇ ଆସିଛି । ସେ ବି ବୟସ୍କ ଲୋକମାନେ ପାଠ ପଢ଼ିବା ଉପରେ ସରକାରଙ୍କ ଯୋଜନା କଥା ପଢୁଆଙ୍କ ମୁହଁରୁ ଏଇ କେତେଦିନ ହେଲା ଶୁଣିଛି । ଆଳସ୍ୟ ବଶତଃ ସେ ଏ ନୂଆ ଚିନ୍ତାଧାରାକୁ ଗ୍ରହଣ କରି ପାରି ନାହିଁ । ତାହାରି ସମବୟସ୍କ ସନିଆ ଯେତେବେଳେ ପାଠ ପଢ଼ିବ ବୋଲି ଅଣ୍ଟାଭିଡ଼ି ବାହାରିଲାଣି—ସେ କାହିଁକି ଅବା ପଛେଇ ଯିବ?

ସେ କହିଲା, "ତୋତେ ଦେଖି ମୋର ମଧ୍ୟ ପଢ଼ିବାକୁ ଇଚ୍ଛା ହେଉଛିରେ । ତମ ଗାଁ କ୍ଲବ୍‌ରେ ମାଷ୍ଟ୍ରଙ୍କୁ କହି ତୁ ମୋତେ ତମ ସ୍କୁଲରେ ଭର୍ତ୍ତି କରେଇ ନେଇ ପାରନ୍ତୁ ! ମୁଁ ବି ପଢ଼ନ୍ତି । ମୋ ପେଇଁ ତୁ ସଦାଶିବ ମାଷ୍ଟ୍ରଙ୍କୁ ପଦେ କହନ୍ତୁ ଯଦି..........."

ଜୀବନବୀମା କାର୍ଯ୍ୟାଳୟ,
ସେକ୍ଟର-୧୯ ଗଉରକେଲା-୫

ସନିଆ କହିଲା, "ଠିକ୍ ଅଛି । ମୋ ସହିତ ଏବେ ଆସନ୍ତୁ । ମାଷ୍ଟ୍ରଙ୍କୁ କହିଲେ ସେ କଥା ନିଶ୍ଚେ ରଖିବେ । ଆମେ ସ୍କୁଲ ପାଖ ତାଙ୍କ ବସାରେ କଥାଟା ପକ୍କା କରି ନେବା" ।

ଅନ୍ଧକାର ଘନୀଭୂତ ହୋଇଥିଲା । ଆକାଶରେ କିଚିରି ମିଚିରି କରି ଦୁଇଟି ଘର ବାହୁଡ଼ା ପକ୍ଷୀ ଫେରୁଥିଲେ ବହୁତ ବିଳମ୍ବରେ । ତାଙ୍କ ହସଖୁସି ମଜା ଗପରେ ଗାଁ ମୁଣ୍ଡରେ ନିସ୍ତବ୍ଧତା ଧ୍ୱନିତ ହେଉଥିଲା ।

ସ୍କୁଲ ପାଖ ବସା ଘରୁ ଅରାଏ ମହଳଣ ଲଣ୍ଠନ ଆଲୁଅ ଲମ୍ବି ଆସିଥିଲା—ସେଇ ଆଲୁଅ ଆଡେ ଧସେଇ ଗ୍ଲାଲିଥିଲେ ଦି' ଜଣ । ସେମାନଙ୍କୁ ଆଲୁଅର ଥୁରୁ ଥୁରୁ ହାତ ଆଲିଙ୍ଗନ କରିବାକୁ ସତେ ଯେମିତି ଧୀରେ ଧୀରେ ଲମ୍ବି ଆସୁଥିଲା । ଦୂର ଦିଗ୍‌ବଳୟକୁ ଘୁଞ୍ଚି ଯାଉଥିଲା ଅନ୍ଧକାର ଅଭିଶପ୍ତ ତମିସ୍ରା ।

## ଗୃହହୀନ ଲୋକମାନଙ୍କ ପାଇଁ ସମନ୍ୱିତ ଗୃହ ନିର୍ମାଣ ଯୋଜନା

### ୮,୭୫୬ ଟି ଗୃହ ନିର୍ମିତ ହେଲାଣି

ରାଜ୍ୟର ଗୃହହୀନ ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୭୫-୭୬ ମସିହାଠାରୁ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ସର୍ବମୋଟ ୮,୭୫୬ଟି ସ୍ୱଳ୍ପ ବ୍ୟୟ-ସଂପନ୍ନ ଗୃହ ନିର୍ମିତ ହୋଇଛି । ତନ୍ମଧ୍ୟରେ କୋରାପୁଟ ଜିଲ୍ଲାରେ ସର୍ବାଧିକ ୧,୫୬୭ଟି ଗୃହ ନିର୍ମିତ ହୋଇଛି । ତା' ପଛକୁ କଳାହାଣ୍ଡିରେ ୧,୩୮୧ଟି ଏବଂ ମୟୂରଭଞ୍ଜରେ ୧,୨୫୮ଟି ଗୃହ ନିର୍ମିତ ହୋଇଛି । ସେହିପରି କଟକ ଜିଲ୍ଲାରେ ୪୬୮ଟି, ପୁରୀରେ ୪୭୧ଟି, ଢେଙ୍କାନାଳରେ ୮୮୬ଟି, କେନ୍ଦୁଝରରେ ୩୮୬ଟି, ସମ୍ବଲପୁରରେ ୪୫୦ଟି, ସୁନ୍ଦରଗଡ଼ରେ ୪୯୮ଟି, ବଲାଙ୍ଗୀରରେ ୫୨୩ଟି, ଗଞ୍ଜାମରେ ୪୦୬ଟି ଏବଂ ଫୁଲବାଣୀରେ ୪୫୩ଟି ଗୃହ ନିର୍ମାଣ କରାଯାଇଛି ।

୬୮ ଲକ୍ଷ ୩୪ ହଜାର ୧୭୫ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ବାସଗୃହଗୁଡ଼ିକ ମଧ୍ୟରୁ ୮,୩୮୫ଟି ଗୃହ ଉକ୍ତ ଜିଲ୍ଲାମାନଙ୍କରେ ବାସହୀନ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଇଛି ।

ଏ ବାବଦରେ ୧୯୭୫-୭୬ ମସିହା ଠାରୁ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସର୍ବମୋଟ ୧କୋଟି ୯୫ ହଜାର ୭୨୬ ଟଙ୍କା ସବୁ ଜିଲ୍ଲା ପାଇଁ ମଞ୍ଜୁର କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ଏ ବାବଦରେ ବ୍ୟୟ କରିବା ପାଇଁ ଢେଙ୍କାନାଳ, କଳାହାଣ୍ଡି ଓ କେନ୍ଦୁଝର ଜିଲ୍ଲାମାନଙ୍କୁ ୧ ଲକ୍ଷ ଟଙ୍କା ହିସାବରେ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୯୭୫—୭୬ରେ କେବଳ ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାଗୁଡ଼ିକରେ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ୩୦ ଲକ୍ଷ ୧୬ ହଜାର ୬୭୬ ଟଙ୍କା ଦିଆଯାଇଥିଲା । ପରବର୍ତ୍ତୀ ଦୁଇ ବର୍ଷରେ ଏହି ଯୋଜନାକୁ ସବୁ ଜିଲ୍ଲାରେ ସଂପ୍ରସାରିତ କରାଯାଇ ଯଥାକ୍ରମେ ୩୪ ଲକ୍ଷ ୯୯ ହଜାର ୫୦ ଟଙ୍କା ଏବଂ ୩୫ ଲକ୍ଷ ଟଙ୍କା ଦିଆଯାଇଥିଲା । ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଗୃହର ନିର୍ମାଣ ପାଇଁ ଆବଶ୍ୟକୀୟ ଗୃହ ନିର୍ମାଣ ସାମଗ୍ରୀ ଏବଂ ମଜୁରି ବ୍ୟତୀତ ନଗଦ ୭୦୦ ଟଙ୍କା ସରକାରୀ ସାହାଯ୍ୟ ଦିଆଯାଇଥାଏ ।

# ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ

ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ଦାରିଦ୍ର୍ୟ ଓ ଅଜ୍ଞତା ହିଁ ଆମ ପ୍ରଗତିର ପ୍ରଧାନ ଅନ୍ତରାୟ—ତେଣୁ ଜାତୀୟ ପ୍ରଗତି ପାଇଁ ପ୍ରତ୍ୟେକ ନାଗରିକଙ୍କୁ ପ୍ରତିବେଶୀର ସର୍ବନିମ୍ନ ଆବଶ୍ୟକତା ଉପରେ ଧ୍ୟାନ ଦେବାକୁ ପଡ଼ିବ—ଦାରିଦ୍ର୍ୟଠାରୁ ବଳି ଦୁଃଖ ନାହିଁ, ଅଜ୍ଞତାଠାରୁ ବଳି ଦୁର୍ଦ୍ଦଶା ନାହିଁ—ଏଇ ଦୁଃଖଦୁର୍ଦ୍ଦଶା ଦୂରୀଭୂତ ନ ହେଲେ ଜାତୀୟ ପ୍ରଗତିର ସୌଧ ପାଇଁ ଭିତ୍ତି ପ୍ରସ୍ତର ପଡ଼ିବ କିପରି ? ତେଣୁ ଆବଶ୍ୟକ ସମୃଦ୍ଧ ସମାଜ ଗଢିବା ପାଇଁ ଏକ ସର୍ବନିମ୍ନ କାର୍ଯ୍ୟକ୍ରମ—

ଯେକୌଣସି ରାଷ୍ଟ୍ରର ପ୍ରଗତି, ସେହି ରାଷ୍ଟ୍ରର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ ଉପରେ ମୁଖ୍ୟତଃ ନିର୍ଭର କରିଥାଏ ତେଣୁ ଏଗୁଡ଼ିକୁ ପ୍ରଗତିର ସ୍ୱଗି ସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । କୃଷି ସହିତ ଜଳ ସେଚନ ଓ ବିଦ୍ୟୁତ୍ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏହାକୁ ମଧ୍ୟ ପ୍ରଗତିର "ତ୍ରିମୂର୍ତ୍ତି" କୁହାଯାଇଥାଏ । ଭାରତ ବର୍ଷର ୬୫ କୋଟି ଲୋକଙ୍କ ମଧ୍ୟରୁ ଶତକଡ଼ା ଅଶୀଭାଗ ଲୋକ ଗ୍ରାମାଞ୍ଚଳରେ ବାସ-କରନ୍ତି । ଏହି ଅଶୀଭାଗ ଲୋକଙ୍କ ମଧ୍ୟରୁ ଅଧିକାଂଶ ଦାରିଦ୍ର୍ୟ ସୀମାରେଖାର ତଳେ ରହିଛନ୍ତି । ସହର ବାସୀଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୪୦ ଭାଗ ଲୋକ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ଦୟନୀୟ ଭାବରେ ବସ୍ତି ଅଞ୍ଚଳରେ ବାସ କରୁଛନ୍ତି । ମଣିଷ ଭଳି ମର୍ଯ୍ୟାଦା ସହ ବଞ୍ଚିରହିବା ଭଳି ସୁବିଧାରୁ ଏମାନେ ବଞ୍ଚିତ । ଏମାନଙ୍କର କେତେ ଗୁଡ଼ିଏ ସର୍ବନିମ୍ନ ମୌଳିକ ଆବଶ୍ୟକତା ରହିଛି, ଯାହାକି ଅଦ୍ୟାବଧି ପୂରଣ ହେବା ସମ୍ଭବ ହୋଇ ନାହିଁ ।

ଆମ ଦେଶ ଆଗରେ ପ୍ରଧାନତଃ ଦୁଇଟି ମୌଳିକ ସମସ୍ୟା ମୁଣ୍ଡଟେକି ଛିଡ଼ା ହୋଇଛି; ସେ ଦୁଇଟି ହେଲେ ଦାରିଦ୍ର୍ୟ ଓ ଅଜ୍ଞତା । ଏହା ସମାଜର ବହୁ ନାଗରିକଙ୍କୁ ଅଭାବ ଓ ଅପମାନଜନକ ଭାବେ ବାସ କରିବାକୁ ବାଧ୍ୟ କରୁଛି ଓ ଉନ୍ନତିର ଦ୍ୱାର ଉନ୍ମୋଚନ କରିବାରେ ଅନ୍ତରାୟ ସୃଷ୍ଟି କରୁଛି । ଏହା ମଧ୍ୟ ଦରିଦ୍ର ଲୋକଙ୍କର ଆପଣା ଦୁର୍ଦ୍ଦଶାରୁ ମୁକ୍ତି ପାଇବାର ଶକ୍ତିକୁ ହ୍ରାସ କରାଇ ଅଛି । ଦାରିଦ୍ର୍ୟ ଓ ଅଜ୍ଞତା ଏକ ବିଶାଳ ସମସ୍ୟାର ଦୁଇଟି ଦିଗ । ଗୋଟିକୁ ଛାଡ଼ି ଅନ୍ୟଟି ବିରୁଦ୍ଧରେ ଲଢ଼ା ଯାଇ ନପାରେ । ଯଦି ତାହା କରାଯାଏ, ତାହା ନୈରାଶ୍ୟଜନକ ଓ ଭ୍ରାନ୍ତ ପଥରେ ଭ୍ରମଣ ପରି ହେବ ।

ଯଦିଓ ଚାରୋଟି ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଏହି ସବୁ ଆବଶ୍ୟକତାକୁ ପୂରଣ କରିବାକୁ ବିଭିନ୍ନ ପଦକ୍ଷେପ-ମାନ ନିଆଯାଇଥିଲା, ତଥାପି କେତେକ କାର୍ଯ୍ୟକ୍ରମ ବାଦ୍ ପଡ଼ିଯାଇଥିଲା ଓ କେତେକ ଆଶାନୁରୂପ ଭାବେ କାର୍ଯ୍ୟକାରୀ ହୋଇ ପାରି ନଥିଲା ।

୧୯୭୩ ମସିହାରେ ସ୍ୱାଧୀନତାର ପଚିଶ ବର୍ଷ ପୂର୍ତ୍ତି ପରେ ଯେତେବେଳେ ଆତ୍ମ-ସମୀକ୍ଷାର ବେଳ ଆସିଲା, ସେତେ-ବେଳେ ଜାତୀୟ ବିକାଶ ପରିଷଦ, କେତେକ ସର୍ବନିମ୍ନ ଆବଶ୍ୟକତାକୁ ଚିହ୍ନଟ କଲେ ଏବଂ ସେଗୁଡ଼ିକୁ ଏକ ଜାତୀୟ କାର୍ଯ୍ୟକ୍ରମ ରୂପେ ଘୋଷଣା କଲେ । ଏହି କାର୍ଯ୍ୟକ୍ରମ ତାର ବାସ୍ତବ ରୂପରେଖ ନେଲା ୧୯୭୪ ମସିହା ଏପ୍ରିଲ ପହିଲାରେ ଯେଉଁ ଦିନଠାରୁ ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଶୁଭାରମ୍ଭ ହେଲା

ସଂପ୍ରତି ସରକାର ଦାରିଦ୍ର୍ୟ ବିରୁଦ୍ଧରେ ଏକ ସୁଚିନ୍ତିତ,ଦ ସୁପରିକଳ୍ପିତ, ସୁସଂଗଠିତ ଓ ସଂଘବଦ୍ଧ ସଂଗ୍ରାମ ଚଳାଇବାକୁ ପ୍ରତିଜ୍ଞାବଦ୍ଧ । ଯେଉଁ ଉପାୟ ଅବଲମ୍ବନ କଲେ ସାଧାରଣ ଲୋକ ଉନ୍ନୟନର ପ୍ରବାହରେ ସାମିଲ ହୋଇ ସମୃଦ୍ଧ ହୋଇ ପାରିବେ, ତାହା ଅନ୍ୟୁନପକ୍ଷେ ଉନ୍ନୟନର ଚରମ ଲକ୍ଷ୍ୟ ପରି ଅତି ଗୁରୁତ୍ୱପୂର୍ଣ୍ଣ । ମଣିଷର ବିକାଶ ତଥା ଦେଶର ସାମାଜିକ ଉନ୍ନୟନ ପଥରେ ଦାରିଦ୍ର୍ୟ ଏକ ପ୍ରଧାନ ଅନ୍ତରାୟ । ଦାରିଦ୍ର୍ୟ ମୋଚନ ଦ୍ୱାରାହିଁ ସାମାଜିକ ଓ ସାଂସ୍କୃତିକ

ପରିବର୍ତ୍ତନ ଆଣିବାରେ ଜନସାଧାରଣଙ୍କର ସକ୍ରିୟ ସହଯୋଗ ସମ୍ଭବ ।

ଜନସାଧାରଣଙ୍କର ମୌଳିକ ଆବଶ୍ୟକତା ଓ ସୁବିଧା ହେଉଛି ସର୍ବନିମ୍ନ ଆବଶ୍ୟକତା । ଏ ଗୁଡ଼ିକ ହେଲା ପାନୀୟ ଜଳ, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ବାସ ଗୃହ, ମୌଳିକ ଶିକ୍ଷା, ରାସ୍ତା ଓ ବିଦ୍ୟୁତ୍ । ପାନୀୟ ଜଳ ସୁସ୍ଥ ଜୀବନ ଯାପନ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ପ୍ରତି ପରିବାରକୁ ତାହାର ଗୃହର ନିକଟବର୍ତ୍ତୀ ସ୍ଥାନରୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଏଥିପାଇଁ ପ୍ରତ୍ୟେକ ଦୁଇଶତ ଜନ ସଂଖ୍ୟା ଭିତ୍ତିରେ ନଳ କୂପ କିମ୍ବା ସାନିଟାରୀ କୂପ ବସାଇବା ପାଇଁ ରାଜ୍ୟ ସରକାର ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ସହରର ବସ୍ତି ଅଞ୍ଚଳକୁ କଳପାଣି ଯୋଗାଇବା ମଧ୍ୟ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ସାନିଟାରୀ କୂପ ଓ ନଳ କୂପ ଖନନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି । ଏହା ଦ୍ୱାରା ଅଚିରେ ପଲ୍ଲୀ ଓ ସହରର ବସ୍ତି ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ହୋଇ ପାରିବ । ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପଲ୍ଲୀ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ସମଗ୍ର ଦେଶରେ ୬୭୭ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଆମ ରାଜ୍ୟରେ ୧୩ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାୟ କ୍ରମେ ଜନ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ତାଲିମ ଦିଆଯାଉଅଛି । ତାଲିମ ପ୍ରାପ୍ତ କର୍ମୀମାନଙ୍କୁ ଆବଶ୍ୟକୀୟ ଔଷଧ ପତ୍ର, ଦରକାରୀ ସରଞ୍ଜାମ, ସହାୟକ ପୁସ୍ତକ ଯୋଗାଇ ଦିଆ ଯାଉଅଛି । ଏହି କର୍ମୀମାନେ ରୋଗର ପ୍ରତିଷେଧକ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ସୁସ୍ଥ ଜୀବନ ଯାପନ ଦିଗରେ ସହାୟକ ହେବେ ଏବଂ ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଷୟରେ ଚେତନା ଜାଗ୍ରତ କରାଇବେ । ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥା ଛଡ଼ା ଗାଁ ଗହଳିରେ ୧,୦୦୦ ଲୋକ ସଂଖ୍ୟା ବିଶିଷ୍ଟ ପ୍ରତ୍ୟେକ ଗ୍ରାମ ପାଇଁ ଜଣେ ଲେଖାଏଁ ଧାଈ ତାଲିମ୍ କରିବା ପାଇଁ ପଦକ୍ଷେପ ମାନ ନିଆଯାଉଅଛି । ଏହା ଫଳରେ ମାତୃ ମଙ୍ଗଳ ସେବା ଯୋଗାଇ ଦେବା ସମ୍ଭବ ହେବ, ଷଷ୍ଠ ଯୋଜନା କାଳରେ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଉପକେନ୍ଦ୍ରମାନଙ୍କ ମଧ୍ୟରୁ ଗୋଟିଏ ଉପକେନ୍ଦ୍ରକୁ ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରିବା ପାଇଁ ପ୍ରସ୍ତାବ କରା ଯାଉଅଛି । ପ୍ରତି ୫ ହଜାର ଲୋକଙ୍କ ପାଇଁ ଗୋଟିଏ ଲେଖାଏଁ ଉପକେନ୍ଦ୍ର ସ୍ଥାପନ କରିବା ପାଇଁ ସ୍ଥିର ହୋଇଛି । ଏ ସବୁ କାର୍ଯ୍ୟକ୍ରମ ପାଇଁ ୧୭୦ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ହୋଇଛି । ପାଞ୍ଚୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୩୦ ଶଯ୍ୟା ବିଶିଷ୍ଟ ଗ୍ରାମ୍ୟ ହାସପାତାଳକୁ ଉନ୍ନୀତ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ।

ଗର୍ଭବତୀ ଓ ପ୍ରସୂତି ମହିଳା ଓ ଶିଶୁଙ୍କୁ ରକ୍ତହୀନତାରୁ ରକ୍ଷା କରିବା ପାଇଁ ପ୍ରତି ଜିଲ୍ଲାର ଗ୍ରାମାଞ୍ଚଳରେ ପୁଷ୍ଟିକର ଖାଦ୍ୟ ଯୋଗାଣ କେନ୍ଦ୍ର ଖୋଲା ରଖାଯାଇଛି । ବାସଗୃହ ସ୍ୱାସ୍ଥ୍ୟକର ଜୀବନ ପାଇଁ ଏକାନ୍ତ ଆବଶ୍ୟକ । ଉପଯୁକ୍ତ ବାସଗୃହ ନିର୍ମାଣ ପାଇଁ ଘର ଡିହ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ନୂତନ ବାସଗୃହ ନିର୍ମାଣ କରାଯାଇ ଗୃହହୀନ ମାନଙ୍କୁ ଯୋଗାଇ ଦିଆଯାଇଛି । ଏ ସଂପର୍କରେ ସମନ୍ୱିତ ଗୃହ ଯୋଜନା କାର୍ଯ୍ୟକ୍ରମ ମଧ୍ୟ ଉଲ୍ଲେଖଯୋଗ୍ୟ । ଏହା ଦ୍ୱାରା ପଲ୍ଲୀ ଏବଂ ସହରର ବସ୍ତି ଅଞ୍ଚଳର ଦରିଦ୍ର ପରିବାର ଉପକୃତ ହୋଇ ପାରୁଛନ୍ତି ।

ସାଧାରଣ ଶିକ୍ଷା ବା ମୌଳିକ ଶିକ୍ଷା, କାର୍ଯ୍ୟକ୍ରମ ଅନୁଯାୟୀ ଛଅ ବର୍ଷରୁ ୧୧ ବର୍ଷ ବୟସର ପିଲାମାନଙ୍କର ଶିକ୍ଷା ବ୍ୟବସ୍ଥା କରାଯାଇ ଅଛି । ପ୍ରତି ଦେଢ଼ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଓ ପ୍ରତି ପାଞ୍ଚ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନର ବ୍ୟବସ୍ଥା ହୋଇଛି । ସ୍କୁଲକୁ ଯାଉଥିବା ୧୧ରୁ ୧୪ ବର୍ଷ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସମ୍ପ୍ରତି ରାଜ୍ୟରେ ୪୦ଟି ଶିକ୍ଷା ଜିଲ୍ଲା ପରିବର୍ତ୍ତେ ୫୬ଟି ଶିକ୍ଷା ଜିଲ୍ଲା ସୃଷ୍ଟି କରାଯାଇ ଶିକ୍ଷା କ୍ଷେତ୍ରରେ ବିବିଧ ନୂତନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଅଛି ଏବଂ ଏ ମଧ୍ୟରେ ୫୦୦ଟି ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି । ୧୦୦ଟି ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯାଇଛି । ୧୬୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ପରିଣତ କରାଯାଇଛି । ପ୍ରାଥମିକ ଏବଂ ମଧ୍ୟ ଇଂରାଜୀ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କରାଯାଇଛି ଏବଂ ୮୦୦ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଅଛି ।

ଗ୍ରାମାଞ୍ଚଳ ଲୋକଙ୍କର ମୁଖ୍ୟ ଜୀବିକା ହେଉଛି କୃଷି ଓ ପଶୁପକ୍ଷୀ ପାଳନ । ଗ୍ରାମାଞ୍ଚଳରେ ଉତ୍ପାଦନ ହେଉଥିବା ପଦାର୍ଥର ବିକ୍ରି ବଟା କରିବା ଏବଂ କୃଷି ପାଇଁ ସାର, ବିହନ ଇତ୍ୟାଦି ନେବା ପାଇଁ ଉପଯୁକ୍ତ ସବୁ ଋତୁରେ ଗମନା ଗମନ ଓ ଯାନ ବାହାନ ଚଳାଚଳ ପାଇଁ ଉପଯୁକ୍ତ ରାସ୍ତା ଆବଶ୍ୟକ । ଏହା ଦ୍ୱାରା ହିଁ ଗ୍ରାମାଞ୍ଚଳ ଲୋକେ ତାଙ୍କ ଉତ୍ପାଦନର ଉଚିତ ମୂଲ୍ୟ ପାଇ ପାରିବେ । ଏହି କାର୍ଯ୍ୟକ୍ରମ ଅନୁସାରେ ୧,୫୦୦ ବା ତଦୂର୍ଦ୍ଧ୍ୱ ଲୋକ ବାସ କରୁଥିବା ସଂଯୋଗ ରାସ୍ତାର ବ୍ୟବସ୍ଥା କରାଯାଉଅଛି । ଏହା ଫଳରେ ପଣ୍ୟଦ୍ରବ୍ୟ ନେବା ଆଣିବାରେ ଲୋକମାନେ ଅସୁବିଧା ଭୋଗ କରୁ ନାହାନ୍ତି । ଗ୍ରାମାଞ୍ଚଳରେ ବୁଣାକାର ଆଦି ଗ୍ରାମ୍ୟ କାରିଗରର ଉନ୍ନତି ପାଇଁ ହସ୍ତ ତନ୍ତ ଉନ୍ନୟନ ନିଗମରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆ ଯିବା ସଙ୍ଗେ ସଙ୍ଗେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ନ୍ୟାଯୋଚିତ ମୂଲ୍ୟରେ ବିକ୍ରୟ ବ୍ୟବସ୍ଥା କରାଯାଉଛି । ଏହା ଦ୍ୱାରା କୁଟୀର ଶିଳ୍ପକୁ ପ୍ରୋତ୍ସାହନ କରିବା ସଙ୍ଗେ ସଙ୍ଗେ ଗାଁ ଗହଳିର ଗରିବ ଶିଳ୍ପୀମାନଙ୍କର ଆର୍ଥିକ ମାନଦଣ୍ଡ ଉନ୍ନତ କରାଯିବାରେ ସାହାଯ୍ୟ କରାଯାଉଛି ।

ମହଜୁଦ୍ ଖାଦ୍ୟ ଶସ୍ୟର ଉପଯୋଗ କରି ଫଳପ୍ରଦ କର୍ମ ନିଯୁକ୍ତି ପାଇଁ 'କାମ ବିନିମୟରେ ଖାଦ୍ୟ ପରିକଳ୍ପନା' ଆରମ୍ଭ କରାଯାଇଅଛି । ଏହି ପରିକଳ୍ପନା ଦ୍ୱାରା ଅଧିକ ଭାବେ କର୍ମ ବହୁଳ ଓ କର୍ମ ନିଯୁକ୍ତି ଅଭିମୁଖୀ କ୍ଷୁଦ୍ର ରାସ୍ତା

ଉନ୍ନୟନ ସଂସ୍ଥା ଓ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ମାଧ୍ୟମରେ କୃଷି, ପଶୁ ପାଳନ ଓ ମତ୍ସ୍ୟଚାଷ ଆଦି ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ସଫଳ କରିବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଦିନ ମଜୁରିଆମାନଙ୍କୁ ଆର୍ଥିକ ସାହାଯ୍ୟ ଓ ସୁବିଧା ଦାନର ବ୍ୟବସ୍ଥା କରାଯାଉଅଛି । ଏହା ଛଡ଼ା ପଲ୍ଲୀ ଅଞ୍ଚଳରେ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ଦୁର୍ବଳ ଶ୍ରେଣୀ ଲୋକଙ୍କର ଉନ୍ନତି ଦିଗରେ ଏକ ବଳିଷ୍ଠ ପଦକ୍ଷେପ ।

ଏଥିପାଇଁ ଷ୍ଟେଟବ୍ୟାଙ୍କ ପ୍ରଯୋଜିତ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, କୃଷି ବ୍ୟାଙ୍କ, ଉନ୍ନୟନ ବ୍ୟାଙ୍କ ଓ ଅନ୍ୟାନ୍ୟ ଜାତୀୟକରଣ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ସହାୟତା କରି ଆସୁଛନ୍ତି, ଯାହା ଫଳରେ ଚାଷୀ ଋଣ ନେବାର ସୁବିଧା ପାଇ ପାରୁଛି, କୃଷିର ଉନ୍ନତି କରିପାରୁଛି ଓ ତାର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇ ପାରୁଛି ।

ବିଦ୍ୟୁତ୍‌କରଣ ଗୋଟିଏ ଦେଶ ଓ ଜାତିର ପ୍ରତୀକ । ବିଦ୍ୟୁତ୍ ମାଧ୍ୟମରେ ଗ୍ରାମାଞ୍ଚଳରେ କୃଷି, ଜଳ ସେଚନର ଉନ୍ନତି କରିବା ସଙ୍ଗେ ଏହି ଅଞ୍ଚଳରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ସମ୍ଭବ । ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ପାଇଁ ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ବିଭିନ୍ନ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି । ଏହା ଛଡ଼ା ଗ୍ରାମାଞ୍ଚଳ ଲୋକେ ସହରାଞ୍ଚଳ ଲୋକେ ଯେଉଁ ସୁଖ ସୁବିଧା ପାଉଛନ୍ତି, ତଦନୁରୂପ ସୁଖ-ସୁବିଧା ପାଉଛନ୍ତି । ଏହା ଛଡ଼ା ଲୋକମାନଙ୍କୁ ସହରାଭିମୁଖୀ ନକରିବାରେ ଏହା ସହାୟକ ହେବ । ଗ୍ରାମ୍ୟ ବିଦ୍ୟୁତ୍‌କରଣ ପଲ୍ଲୀ ଅଞ୍ଚଳରେ ଜନ ସାଧାରଣଙ୍କର ମନରେ ନୂତନ ଆଶାର ଝଲକ ସୃଷ୍ଟି କରିବ ।

ବହୁ ବାଧାବିଘ୍ନ ସତ୍ତ୍ୱେ ଏ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ଗ୍ରାମାଞ୍ଚଳର ଜନସାଧାରଣଙ୍କର ହୃଦୟରେ ବହୁ ଆଶାର ସଂଚାର କରି ପୁରାତନକୁ ପରିତ୍ୟାଗ କରି ଚାଲିଛି ନୂତନର ପ୍ରସ୍ତୁତି—ଏ ପ୍ରସ୍ତୁତି ଜାତୀୟ ପ୍ରଗତି ପାଇଁ, ଆମର ସର୍ବାଙ୍ଗୀନ ପରିବର୍ତ୍ତନ ପାଇଁ । ଏହି ପରିବର୍ତ୍ତନର ପ୍ରବାହରେ ଆମ ପାଇଁ ଆସିଛି ଏକ ସୁବର୍ଣ୍ଣ ସୁଯୋଗ, ଏକ ଅପୂର୍ବ ପ୍ରେରଣା । ଦେଶ ସାରା ଏହା ଏକ ଗଣ ଜାଗରଣର ରୂପ ଗ୍ରହଣ କରିଛି ନୂତନ ଦେଶରେ ସଂପୂର୍ଣ୍ଣ ନୂତନ ଆଭିମୁଖ୍ୟ ନେଇ । ଜନ ସାଧାରଣ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରି ଅଶିକ୍ଷା, କୁଶିକ୍ଷା, ଅନ୍ଧ ବିଶ୍ୱାସ, କୁସଂସ୍କାରକୁ ଆହୁତି ଦେଇ ଦାରିଦ୍ର୍ୟ, ଅଭାବ, ଅନାଟନ, ବ୍ୟାଧି ବିରୁଦ୍ଧରେ ସେମାନଙ୍କର ସଂଗ୍ରାମକୁ ଅବ୍ୟାହତ ରଖିବା ବର୍ତ୍ତମାନର ଜାତୀୟ ଆହ୍ୱାନ । ଏଥିପାଇଁ ଆଗ ସମସ୍ତଙ୍କୁ ନିଷ୍ଠାପର ଭାବରେ ଉତ୍ସାହ ଓ ପ୍ରେରଣା ନେଇ ଆଗେଇ ଯିବାକୁ ହେବ ଏବଂ ଏହି ଗଣ ଜାଗରଣକୁ ଫଳପ୍ରଦ କରିବାକୁ ହେବ । ଏହି କାର୍ଯ୍ୟକ୍ରମରେ ଯେ ସମସ୍ତଙ୍କର ଆଶୀର୍ବାଦ ଏବଂ ସକ୍ରିୟ ସହଯୋଗ ମିଳିବ, ସେ ସଂପର୍କରେ ସମସ୍ତ ଚିନ୍ତାଶୀଳ ଲୋକଙ୍କର ଗଭୀର ଆଶା ଓ ବିଶ୍ୱାସ ରହିଛି ।

ଜିଲ୍ଲାପାଳ,
ବଲାଙ୍ଗିର

## କପା ଉତ୍ପାଦନ କାର୍ଯ୍ୟକ୍ରମ

### ୪ ହଜାର କୁଇଣ୍ଟାଲ କପା ସଂଗୃହୀତ

ବରଗଡ଼ ସମବାୟ ସୂତାକଳ ପକ୍ଷରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୯୭୯ ଫେବୃଆରୀ ପର୍ଯ୍ୟନ୍ତ ୪ ହଜାର କୁଇଣ୍ଟାଲ କପା ସଂଗ୍ରହ କରାଯାଇଛି । ପାରଳାଖେମୁଣ୍ଡି, ରାୟଗଡ଼ା ଓ ଫୁଲବାଣୀ କୃଷି ଜିଲ୍ଲାମାନଙ୍କରେ ବର୍ତ୍ତମାନ କପା ସଂଗ୍ରହ କାର୍ଯ୍ୟକ୍ରମ ଜୋରସୋରରେ ଆଗେଇ ଚାଲିଛି ।

ବିଭିନ୍ନ କୃଷି ଜିଲ୍ଲାରେ କପାଚାଷ ପ୍ରତି ଚାଷୀମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଦରରେ କପା ବିକ୍ରିବଟାର ବ୍ୟବସ୍ଥା କରାଯାଇଛି । ଏହି ଅନୁଯାୟୀ ଚାଷୀମାନଙ୍କଠାରୁ ଉତ୍ପାଦିତ କପା ସଂଗ୍ରହ କରାଯାଇ ବରଗଡ଼ ସୂତାକଳକୁ ପଠାଯାଉଛି ।

କପା ଚାଷୀମାନଙ୍କୁ ଉନ୍ନତ କିସମ କପା ମଞ୍ଜି ଯୋଗାଇ ଦେବା ନିମନ୍ତେ ଚଳିତ ବର୍ଷ କୃଷି ବିଭାଗ ପକ୍ଷରୁ ୫୦୦ କୁଇଣ୍ଟାଲ ଉନ୍ନତ କପା ବିହନ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହାକୁ ଯଥା ସମୟରେ ଚାଷୀମାନଙ୍କୁ ଯୋଗାଇ ଦିଆଯିବ ।

# ଆମ ସାହିତ୍ୟରେ ଶ୍ରୀମୂର୍ତ୍ତି ବିଚାର

ଶ୍ରୀ ପ୍ରଫୁଲ୍ଲ ପଟ୍ଟନାୟକ

"ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ" ସବୁ ହୃଦୟରେ ବାସ କରୁଥିବା ଭଗବାନ ଭିନ୍ନ ନାମ ଓ ଭିନ୍ନ ଭିନ୍ନ ରୂପରେ ପୂଜିତ ହୁଅନ୍ତି—ତାଙ୍କ ରହସ୍ୟ ବୁଝିବା ପାଇଁ ସେ ହିଁ ମଣିଷକୁ ଜ୍ଞାନ ପ୍ରଦାନ କରନ୍ତି—ଶ୍ରୀକ୍ଷେତ୍ରର ମୂର୍ତ୍ତି ବିଗ୍ରହ ସୃଷ୍ଟି ଓ ସ୍ରଷ୍ଟାର ରହସ୍ୟ ପରି ଗୂଢ଼ ଓ ଅସମାହିତ —ଆମ ଶାସ୍ତ୍ର ପୁରାଣରେ ଚତୁର୍ଦ୍ଧା ମୂର୍ତ୍ତିର ଯେଉଁ ସବୁ ବର୍ଣ୍ଣନା ରହିଛି ଏହି ନିବନ୍ଧରେ ସେଗୁଡ଼ିକ ସଂକ୍ଷେପରେ ଆଲୋଚିତ ହୋଇଛି—

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରୁଥିବା ଦାରୁରୂପୀ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଏହି ଚତୁର୍ଦ୍ଧା ମୂର୍ତ୍ତି ପ୍ରସଙ୍ଗ ବ୍ରହ୍ମ, ସ୍କନ୍ଦ ଓ କୈବର୍ତ୍ତ ପ୍ରଭୃତି ପ୍ରାଚୀନ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଛି । ଏହି ପୌରାଣିକ ପରିକଳ୍ପନା ପରବର୍ତ୍ତୀ କାଳରେ ଓଡ଼ିଶାର ପ୍ରାଚୀନ କବି ସାରଳା ଦାସଙ୍କଠାରୁ ଆରମ୍ଭ କରି ମଧ୍ୟଯୁଗୀୟ କାବ୍ୟକାରମାନଙ୍କ ଲେଖନୀରେ ସ୍ୱୀକୃତି ଲଭ କରିଛି । ବିଶେଷକରି ଗୌଡ଼ୀୟ ତଥା ଓଡ଼ିଶା ବୈଷ୍ଣବୀୟ ସାଧକଗଣ ଏହି ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱର ସୂକ୍ଷ୍ମ ବିଶ୍ଳେଷଣ ଓ ଅନୁଶୀଳନ ଅତି ଗଭୀର ଭାବରେ କରିଛନ୍ତି । ମନ୍ତ୍ର ଓ ଯନ୍ତ୍ରର ବିଗ୍ରହ ଭେଦରେ ଶ୍ରୀଜଗନ୍ନାଥ ମୂର୍ତ୍ତିତତ୍ତ୍ୱର ଅବତାରଣା ସେମାନଙ୍କ ଚିନ୍ତା ଓ ଚେତନା ରାଜ୍ୟକୁ ଆଲୋଡ଼ିତ କରିଛି । ଜଗନ୍ନାଥ ଚରିତାମୃତର ରଚୟିତାଙ୍କ ଭାଷାରେ—

ମନ୍ତ୍ରରେ ମନ୍ତ୍ରରାଜସାର
ଯନ୍ତ୍ରରେ ଶ୍ରୀ ମୂର୍ତ୍ତି ବିଗ୍ରହ
ତତ୍ତ୍ୱ, ମଧ୍ୟରେ ଜଗନ୍ନାଥ
ସର୍ବଭଗତି ସାରଏତ ।

ତେଣୁ ଜଗତର ସର୍ବତତ୍ତ୍ୱ ମଧ୍ୟରେ ଶ୍ରୀ ଜଗନ୍ନାଥ ତତ୍ତ୍ୱ ଶ୍ରେଷ୍ଠ ଆସନ ଲଭ କରିଛି । ଏହି ଜଗନ୍ନାଥ ଶ୍ରୀ ମୂର୍ତ୍ତି ପରିକଳ୍ପନାର ପଶ୍ଚାତ୍ ଭାଗରେ ଯନ୍ତ୍ରର ଗୁରୁତ୍ୱ ପ୍ରତିପାଦିତ ହୋଇଛି । ସେହିପରି ଜଗନ୍ନାଥ ହେଉଛନ୍ତି ସକଳ ଭକ୍ତି ତତ୍ତ୍ୱର ଆଧାର ଏବଂ ଯେଉଁ ସାଧକମାନେ ନାମ, ରୂପରେ ଏହି ଭକ୍ତି ତତ୍ତ୍ୱର ସୁଧାପାନ କରିବାରେ ସମର୍ଥ ହୋଇଛନ୍ତି ସେମାନେ ଯେ ପଞ୍ଚଭକ୍ତିର ଅଧିକାରୀ ହୋଇପାରନ୍ତି ଏଥିରେ ସନ୍ଦେହ ନାହିଁ । ଜଗନ୍ନାଥ ଚରିତାମୃତରେ କୁହାଯାଇଛି—

"ଯେ ପୂର୍ବେ ଭକ୍ତି ତତ୍ତ୍ୱ ଥାଇ
ଏବେ ଜଗନ୍ନାଥ ବୋଲଇ
ନାମରେ ଜଗନ୍ନାଥ ସାର
ରୂପେ ଜଗନ୍ନାଥ ଶରୀର
ପରମ ଭକ୍ତି ସୁଧାଧାର
ଜଗନ୍ନାଥ ନାମ ଯାହାର
ଜଗନ୍ନାଥ ଯେହୁ ବୋଲଇ
ପଞ୍ଚପ୍ରକାର ଭକ୍ତି ପାଇ" ।

ମହା ମନ୍ତ୍ରର ବିଗ୍ରହରେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ, ତ୍ରିମୂର୍ତ୍ତି ହେଲେହେଁ ସେମାନେ ଏକ ଓ ଅଭିନ୍ନ । ଏହି 'ହରେ ରାମ କୃଷ୍ଣ' ମହାମନ୍ତ୍ରରେ ଲକ୍ଷ୍ୟ ହେଲା ସେହି ତ୍ରିମୂର୍ତ୍ତିର ଧ୍ୟାନ ଓ ଉପାସନା । ଶ୍ରୀ ମନ୍ଦିରର ରତ୍ନ ସିଂହାସନରେ ଉପବେଶନ କରିଥିବା ଏହି ତ୍ରିମୂର୍ତ୍ତି ମଧ୍ୟରେ ମନ୍ତ୍ର ଓ ଯନ୍ତ୍ର ଭେଦରେ ପାରସ୍ପରିକ ସଂପର୍କ ରକ୍ଷା କରାଯାଇଛି । ଏହାର ଅବସ୍ଥାନ କ୍ରମ ହେଉଛି ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ । ମହାମନ୍ତ୍ର ଦୃଷ୍ଟିରେ ହରେ ବା ହରି ହେଉଛନ୍ତି ମହାଦେବ ସଦାଶିବ । ସେହିପରି ରାମ (ବଳରାମ) ସୁଭଦ୍ରାଙ୍କର ପୂର୍ବରୂପ, ପରିଶେଷରେ କୃଷ୍ଣହିଁ ଜଗନ୍ନାଥ ।

ଏହି ମତବାଦ ପରବର୍ତ୍ତୀ କାଳରେ ପ୍ରାଚୀନ ବୈଷ୍ଣବୀୟ ତଥା ଅନ୍ୟ କବିମାନଙ୍କର କାବ୍ୟ, କବିତାରେ ସ୍ୱୀକୃତ ଓ ପ୍ରମାଣିତ ହୋଇଛି ।

କବି ସାରଳା ଏହି ତ୍ରିମୂର୍ତ୍ତିଙ୍କୁ ହରିହର ଓ ବ୍ରହ୍ମାରୂପରେ ପ୍ରତିପାଦିତ କରିଛନ୍ତି । ତାଙ୍କରି ଭାଷାରେ—

"ରାମକୃଷ୍ଣ ସୁଭଦ୍ରା ଏତିନି ପ୍ରତିମା
ଶ୍ରୀ ପୁରୁଷୋତ୍ତମେ ବିଜେ ହରୀ ହରବ୍ରହ୍ମା"

ସେହିପରି କବି ଯଶୋବନ୍ତ ଏହି ମୂର୍ତ୍ତିତ୍ରୟଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ନାମରେ ନାମିତ କରିଛନ୍ତି । ବଳଭଦ୍ରଙ୍କୁ ଶିବ, ସୁଭଦ୍ରାଙ୍କୁ ବ୍ରହ୍ମା ଓ ଜଗନ୍ନାଥଙ୍କୁ ବିଷ୍ଣୁ ରୂପରେ ଦେଖିଛନ୍ତି । ଯଶୋବନ୍ତଙ୍କ ଭାଷାରେ—"ଯେ ରୁଦ୍ର ବଳଭଦ୍ରରୂପ । ଅଟନ୍ତି ଅନନ୍ତ ସ୍ୱରୂପ । ଆମେ ଶ୍ରୀ ଜଗନ୍ନାଥ ଦେହୀ । ବ୍ରହ୍ମା ସୁଭଦ୍ରା ହୋଇ ତହିଁ" ।।

ସୁଭଦ୍ରାଙ୍କ ସଂପର୍କରେ ଏତିକି ପୌରାଣିକ ସତ୍ୟତା ରହିଛି ଯେ ସୁଭଦ୍ରାଙ୍କ ପୂର୍ବରୂପ ହେଉଛି ବଳରାମ । ପୌରାଣିକ ଅନୁମୋଦନ ଅନୁଯାୟୀ ବଳରାମ ବା ବ୍ରହ୍ମା ଓ ଶିବଙ୍କର ରୂପ ପରିବର୍ତ୍ତନ ସର୍ବଥା ସ୍ୱୀକୃତ । ସୃଷ୍ଟିର ପ୍ରାରମ୍ଭରେ ଆଦିମାତାଙ୍କ ଗର୍ଭରୁ ବ୍ରହ୍ମା, ବିଷ୍ଣୁ, ହର, ଜାତ ହୋଇଥିଲେ । କିନ୍ତୁ ପରେ ଆଦିମାତାଙ୍କ ଅଭିଶାପରେ ବ୍ରହ୍ମା ନାରୀରୂପ ଅର୍ଥାତ୍ ସୁଭଦ୍ରା ରୂପ ଧାରଣ କଲେ । ଏ ପ୍ରସଙ୍ଗ ନାଦ ସୁନ୍ଦର ଗୀତାରେ କବି ଶିଖର ଦାସ ଉଲ୍ଲେଖ କରିଛନ୍ତି । ବିଷ୍ଣୁଙ୍କ ଅଭିଶାପରେ ବ୍ରହ୍ମା ଯେ ସୁଭଦ୍ରା ରୂପ ଧାରଣ କରି କଳିଯୁଗରେ ପୂଜା ପାଇବେ ଏହା ସ୍ୱୟଂ ବିଷ୍ଣୁଙ୍କ ମୁଖରୁ ନିଃସୃତ ହୋଇଛି ।

"ବୋଇଲେ କଳିରେ ଦାରୁବ୍ରହ୍ମ ହେବି ମୁହିଁ
ଏ ମୋର ଶାପ୍ୟତ ମେଣ୍ଟାଯିବ ନାହିଁ ।
ରୂପରେ ପୂଜା ପାଇବେ ଭାଇ ସଙ୍ଗତେ
ଜ ଚିହ୍ନିବେ ବୋଲିବେ ସୁଭଦ୍ରେ" ।।

କିନ୍ତୁ ସ୍କନ୍ଦ ପୁରାଣରେ ଉତ୍କଳ ଖଣ୍ଡରେ ସୁଭଦ୍ରାଙ୍କ ପରିଚୟ ପ୍ରସଙ୍ଗରେ ସୁଭଦ୍ରାଙ୍କୁ ଲକ୍ଷ୍ମୀରୂପରେ ବର୍ଣ୍ଣନା କରାଯାଇଛି —

ସୁଭଦ୍ରା ସନ୍ନବଦନା ବରାବଜ୍ଧାରଣୀ
ଲକ୍ଷ୍ମୀ ପ୍ରାର୍ଦ୍ଧିବ ଭୂବଯେଂ ସର୍ବ ଚୈତନ୍ୟ ରୂପିଣୀ ।

ଏଣୁ ସୁଭଦ୍ରା ଲକ୍ଷ୍ମୀ ସ୍ୱରୂପା ଓ ଅନ୍ୟ କ୍ଷେତ୍ରରେ କୃଷ୍ଣ ବା ଜଗନ୍ନାଥଙ୍କର ଶକ୍ତି ସ୍ୱରୂପା ଅଟନ୍ତି । ଭଗବାନ୍ ପୁଂ ନାମରେ ବିଷ୍ଣୁ ଓ ସ୍ତ୍ରୀ ନାମରେ ସୁଦର୍ଶନ ନାମେ ଚକ୍ର ଶାଖାର ଅଗ୍ରସ୍ଥ ମଧ୍ୟସ୍ଥିତ ହୋଇ ବିଷ୍ଣୁ ବା ଜଗନ୍ନାଥଙ୍କ ହସ୍ତରେ ବିରାଜମାନ କରୁଛନ୍ତି । ଏହି ସୁଦର୍ଶନ ବିଷ୍ଣୁଙ୍କର ଚତୁର୍ଥରୂପ ।

ସେହିପରି ଶିବଙ୍କ ବଳରାମ ରୂପ ଧାରଣର ପୌରାଣିକ ପରିକଳ୍ପନା ମହାଦେବ ଦାସଙ୍କ କୃତ ମାର୍କଣ୍ଡେୟ ପୁରାଣରେ ପ୍ରତିପାଦିତ ହୋଇଛି ।

ବ୍ରହ୍ମ ପୁରାଣରେ ଚତୁର୍ଦ୍ଧା ମୂର୍ତ୍ତିତତ୍ତ୍ୱ ପ୍ରସଙ୍ଗରେ ଜଗନ୍ନାଥଙ୍କୁ ଭଗବାନ ଶ୍ରୀକୃଷ୍ଣ ରୂପରେ ପରିକଳ୍ପନା କରାଯାଇଛି ।

ସୁନାସଂ ସୁକପୋଲଞ୍ଚ ସୁଭ୍ରୁଦ୍ରାଟ ଲକ୍ଷଣମ୍
ତ୍ରିଲୋକ୍ୟାନନ୍ଦ ଜନକଂ କୃଷ୍ଣସ୍ୟ ମୁଖ ପଙ୍କଜମ୍ ।

ଏହି ପରିପ୍ରେକ୍ଷୀରେ ଗୌଡ଼ୀୟ କବିମାନେ ଜଗନ୍ନାଥଙ୍କୁ ଷୋଳକଳାର ଅଧିକାରୀ ରୂପେ ପ୍ରତିପାଦିତ କରିବା ସଙ୍ଗେ ସଙ୍ଗେ ଭଗବାନ ଶ୍ରୀକୃଷ୍ଣ ଏହି ଷୋଳକଳାର ଏକ ଅଂଶ ବିଶେଷ ବୋଲି ସୂଚାଇଛନ୍ତି —

"ଜଗନ୍ନାଥ ଯେ ଷୋଳକଳା
ତହିଁ କଳାଏ ନନ୍ଦବଳା
କଳାକୁ ଷୋଳକଳା କରି
ଗୋପେ ବିହରେ ନରହରି "

ଏଣୁ ସର୍ବୋପରି ଗୌଡ଼ୀୟ ଓ ଓଡ଼ିଶୀ ବୈଷ୍ଣବ ଦର୍ଶନାନୁଯାୟୀ ଜଗନ୍ନାଥ ହିଁ ତ୍ରିମୂର୍ତ୍ତିର ପ୍ରତୀକ । ବଳଭଦ୍ର, ସୁଭଦ୍ରା ଏହି ଜଗନ୍ନାଥ ରୂପରେ ହିଁ ଅଭିବ୍ୟକ୍ତ ହୋଇଛନ୍ତି । ଏହି ତ୍ରିମୂର୍ତ୍ତି ସହିତ ସୁଦର୍ଶନଙ୍କ ସଯୋଗ ହେତୁ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ତତ୍ତ୍ୱର ପରିକଳ୍ପନା ପରିପୂର୍ଣ୍ଣ ହୋଇଛି ।

ଭରତୀ ମଠ ଲେନ୍,
ପୁରୀ

# ଆମର ଆଲେଖନ କଳା ଗୋଟିଏ ସ୍କେଚ୍

ଅଧ୍ୟାପକ ବେଣୁଧର ରାଉତ

> ଲେଖକଙ୍କ ଭାଷାରେ "ଏଇ ସ୍କେଚଟି ଗୋଟିଏ ସାନ ସ୍କେଚ–ଅପୂର୍ଣ୍ଣ ସ୍କେଚ । ଆମ ଦେଶର ପୂର୍ବାଞ୍ଚଳୀୟ ଆଲେଖନର କଳାକାର ଓ କଳା ସଂପୃକ୍ତ କିଞ୍ଚିତ ମାତ୍ର ବିଷୟ ଏବଂ ବସ୍ତୁ ଉପରେ ନିର୍ଭର କରି ଏହା ପ୍ରସ୍ତୁତ କରା ଯାଇଛି, ଅଳ୍ପ ସମୟ ଭିତରେ । (ତେଣୁ) ଏହାକୁ କେବଳ ସୂଚନାତ୍ମକ ଭାବରେ ଗ୍ରହଣ କରିବା ବିଧେୟ । "
>
> ଆନ୍ତର୍ଜାତିକ ଆଲେଖନ କଳାର ପଟଭୂମିରେ ଅଙ୍କିତ ଶ୍ରୀ ରାଉତଙ୍କ ଏଇ "ସ୍କେଚ" ଭାରତୀୟ ଚିତ୍ରକଳାର ମହାନ ପରଂପରା ସଂପର୍କରେ ପାଠକକୁ ସଚେତନ କରାଏ–ସାର୍ଥକ କଳା ସୃଷ୍ଟି ଯେ ଜୀବନର ଅନ୍ତର୍ଲୀନତା ଓ ବହିର୍ମୁଖିତାକୁ ଉପଲବ୍ଧି କରିବା ପାଇଁ ଶିଳ୍ପୀକୁ ଆମନ୍ତ୍ରଣ କରେ ଏଇ ଶୈଳ୍ପିକ ସତ୍ୟକୁ ବଳିଷ୍ଠ ଭାଷାରେ ସ୍ମରଣ କରାଇ ଦିଏ ।

'କଳା' ର ଦୀର୍ଘ ଜୀବନ ସଂପର୍କରେ କବି ଲଙ୍ଗ୍‌ଫେଲୋ ଲେଖିଛନ୍ତି, Art is long and Time is fleeting ( A Psalm of life ) ସତକୁ ସତ, ହଜାରେ ଦି' ହଜାର କଣ–ଅନ୍ୟୁନ କୋଡ଼ିଏ ହଜାର ବର୍ଷ ପର୍ଯ୍ୟନ୍ତ ସୁଦୀର୍ଘ ଅତୀତର ଗହ୍ୱରରୁ ଖୋଦିତ ଓ ଆଲେଖିତ (painted) କଳା–କୃତିରତ୍ନ ଏ ପର୍ଯ୍ୟନ୍ତ ଅନେକ ଆବିଷ୍କୃତ ହୋଇଛି । ସେ ସମସ୍ତ ଉତ୍ତରସ୍ପେନ ଓ ଦକ୍ଷିଣ ଫ୍ରାନ୍ସର ଅଞ୍ଚଳ ଅର୍ଥାତ୍ ଫ୍ରାଙ୍କୋ–କାଣ୍ଟାବ୍ରିଆ, କେନ୍ଦ୍ରୀୟ ସାହାରା, ରୋଡ଼େସିଆର ମାଟାପୋ, ତୁର୍କୀ, ମିଶର ପ୍ରଭୃତି ସ୍ଥାନର ଗୁଂଫା କାନ୍ଥରେ ଯେପରିକି ଆମମାନଙ୍କ ପାଇଁ ସଞ୍ଚିତ ହୋଇ ରହିଥିଲା । ସେଇ କଳା–କୃତିମାନ ଅନେକେ ଏପରି ଚମତ୍‌କାର ଓ ସାର୍ଥକ ଯେ ଆମ ଅଜନ୍ତାର ତଥା ଏଲ୍‌ଗ୍ରେକୋ, ଭାନ୍‌ଗୋଗ୍, ଆଧୁନିକ ଆର୍ଟିଷ୍ଟ୍ ଗୋଟ୍‌ଲିଏବ୍ କିମ୍ବା ମିରୋ ପ୍ରଭୃତିଙ୍କ ଆଲେଖ୍ୟ ସହିତ ତୁଳନୀୟ ଏବଂ ସମକକ୍ଷ ହୋଇପାରିବ । ଦୃଷ୍ଟାନ୍ତ ସ୍ୱରୂପ, ଖ୍ରୀ: ପୂ: ୧୫ ହଜାରରୁ ୨୦ ହଜାର ବର୍ଷ ମଧ୍ୟବର୍ତ୍ତୀ କାଳରେ–ରୋଡ଼େସିଆର ମାଟାପୋରେ ଗୁଂଫା ଖୋଦିତ 'ପ୍ରତୀକିତ ତିନି ସୂର୍ଯ୍ୟ'ର କିମ୍ବା ସେଠାରେ ଥିବା ବର୍ଣ୍ଣାଙ୍କିତ 'ଜିରାଫ୍, ମଣିଷ ଓ ପିଶାଚ' (demon) ର ଆଲେଖ୍ୟ । ଲଙ୍ଗ୍‌ଫେଲୋଙ୍କ କଥାରେ 'କଳା' ଦୀର୍ଘକାଳ ବଞ୍ଚିରହିଛି,–ଯଦିଚ ପୁରୁଷାନୁକ୍ରମରେ ଅଗଣିତ ମଣିଷ ସମାଜ ଲୋପ ହୋଇଗଲାଣି । ମାଟାପୋ, କେନ୍ଦ୍ରୀୟ ସାହାରା, ଫ୍ରାଙ୍କୋ-କାଣ୍ଟାବ୍ରିଆ ପ୍ରଭୃତିର ଗୁଂଫା ସୁରକ୍ଷିତ କଳା-କୃତିମାନ ପ୍ରମାଣିତ କରେ ଯେ ଆଲେଖନ କଳା ହେଉଛି ମଣିଷସମାଜରେ ଅତି ପ୍ରାଚୀନ ମାନବିକ ଆତ୍ମପ୍ରକାଶର ଅଭ୍ୟାସ ଓ ପ୍ରବୃତ୍ତି–ଠିକ୍ ନୃତ୍ୟପରି ।

ତେବେ, ଆମ ଭାରତରେ ଏତେ ପ୍ରାଚୀନ କଳାକୃତି ଉପଲବ୍ଧ ନୁହେଁ କାହିଁକି ? ଅମ୍ରି, ହରପ୍ପା, ମହେଞ୍ଜୋ-ଦାରୋ ଭଳି ସିନ୍ଧୁତଟୀୟ ନଗରରୁ ମିଳିଥିବା ଶିଳ୍ପ ଏ ତୁଳନାରେ ଅର୍ବାଚୀନ । ଯାହା ଆବିଷ୍କୃତ ହୋଇଛି—ଖୋଦନ, ମୃତ୍‌ନିର୍ମାଣ ବା ଟେରାକୋଟାପରି ପ୍ରାୟ ସେ ସମସ୍ତ applied art ର ଅନ୍ତର୍ଭୁକ୍ତ । ବର୍ଣ୍ଣାଙ୍କିତ ଆଲେଖ୍ୟ କାହିଁକି ଦୁର୍ଲଭ ?

ବୌଦ୍ଧ ପ୍ରଭାବିତ ଭାରତରେ ଅଜନ୍ତା–ଏଲୋରାର ଫ୍ରେସ୍କୋରେ ବୋଧହୁଏ ବର୍ଣ୍ଣ ପ୍ରୟୋଗର ପ୍ରଥମ ସାକ୍ଷ୍ୟ ଆମେ ପାଉଁ । ଏ ଭିତ୍ତିରେ ଅନୁମାନ କରାଯାଇପାରେ, ଏହାର ବହୁ ପୂର୍ବରୁ ବର୍ଣ୍ଣପ୍ରୟୋଗ–ପରଂପରାର ଏହା ଏକ ଉତ୍ତୀର୍ଣ୍ଣ ଏବଂ ସଫଳ ଅବସ୍ଥା । ଯେହେତୁ ଉପନିଷଦରେ 'ତୂଳିକା' ଶବ୍ଦର ବ୍ୟବହାର ଥିବାରୁ ବର୍ଣ୍ଣ ପ୍ରୟୋଗ, ବର୍ଣ୍ଣ ବ୍ୟବହାର ଏଥି ପୂର୍ବରୁ ଅବଶ୍ୟ ଥିଲା ।

ଉତ୍କଳ ବା କଳିଙ୍ଗରେ କଳାକୃତିର ସାକ୍ଷ୍ୟ କେବେଠାରୁ ? ଉତ୍କଳ ଓ କଳିଙ୍ଗର ବ୍ୟାକରଣଗତ

ବିଶ୍ଳେଷଣ କରି କେତେକ ବ୍ୟକ୍ତି କହନ୍ତି, କଳାର ଦେଶ ବୋଲି 'କଳା' ସଂପର୍କରୁ ଏପରି ନାମକରଣ ହୋଇଛି । ମହାଭାରତରେ ଏ ଦୁଇ ନାମର ଉଲ୍ଲେଖ ଓ ପ୍ରସଙ୍ଗରୁ କରାଂ ବୁଝାଯିବ—ଏ ଦେଶ ଥିଲା ବୀରତ୍ୱର ଦେଶ । ପୁଣି, ଅତୀତରେ ବୁଝାଯାଇଛି—କଳିଙ୍ଗାଃସାହସିକାଃ । କଳା ସହିତ ଏହାର ସଂପର୍କ ସମ୍ଭବତଃ ପରବର୍ତ୍ତୀ କାଳରେ ।

ମନେହୁଏ, ଯେ କୌଣସି ଦେଶରେ 'କଳାର' କୋଣ ଦୁଏ- applied art ରେ ; ଆଲେଖ୍ୟ ଅର୍ଥାତ୍ Painting ରେ ନୁହେଁ । ଏ ଦୃଷ୍ଟିରୁ ଚେଦିବଂଶର ରାଜତ୍ୱ କାଳରୁ, ପକ୍ଷାନ୍ତରେ– ଅଶୋକଙ୍କ ସମୟରୁ ଖୋଦନକଳାରେ ଏ ଦେଶ ଅଗ୍ରଣୀ ଥିଲା । ଖଣ୍ଡଗିରି–ଉଦୟ ଗିରିର ଖୋଦିତ ଓ ଉତ୍କୀର୍ଣ୍ଣ ଚାରୁକଳାରେ ଏହି ପ୍ରାଚୀନତା ନିରୂପିତ ହୋଇପାରେ । ଏଇ କଳା ଭୁବନେଶ୍ୱର, ପୁରୀ, କୋଣାର୍କ ପ୍ରଭୃତି ବିଭିନ୍ନ ସ୍ଥାନମାନଙ୍କର ମନ୍ଦିର ସାକ୍ଷ୍ୟରୁ ନିର୍ଧାରିତ ହୋଇପାରେ । ଏ ପ୍ରସଙ୍ଗରେ ଓଡ଼ିଆ ଶିଳ୍ପୀର ପ୍ରତିଭା ଓ ପ୍ରତିଭାଜାତ ସୃଷ୍ଟି ସମ୍ବନ୍ଧରେ ବିଶିଷ୍ଟ କଳାତତ୍ତ୍ୱବିତ୍ ଓ ବିଦ୍ୱାନ୍ ସୁରେନ୍ଦ୍ର ନାଥ ଦାସଗୁପ୍ତଙ୍କ ଉକ୍ତିର ଉଲ୍ଲେଖ କରାଯାଇପାରେ— Those who have seen the majettic sun-temple at Konarak must have been struck with the fact that the horses of the Sun had been carved out of the stone in such a manner as if they had been running a race. ........ପୁନଶ୍ଚ As we gaze intently on the temple which has been raised in the form of a chariot, it seems to us as if the whole chariot of stone is running forward, drawn by seven horses. ( Fundamentals of Indian Art, p. 84 ) ଏଥିରେ କେବଳ ଘୋଡ଼ାର ନୁହେଁ, ସମଗ୍ର ମନ୍ଦିରର ମଧ୍ୟ 'ଚିତ୍ରସୂତ୍ର'– ନିର୍ଦ୍ଦେଶିତ 'ଅଙ୍ଗହାର' ଭଙ୍ଗିମା ସାର୍ଥକ କରାଯାଇଛି ।

ଏହା ବ୍ୟତୀତ ସମସ୍ତ ପ୍ରକାର କାରୁକାର୍ଯ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ବୟନଶିଳ୍ପ, ଲିପିଲିଖନ, ମୃତ୍ପାତ୍ର ଓ ମୃତ୍ତିକା ଖେଳନା ପ୍ରଭୃତି, ସଚିତ୍ର, କାଷ୍ଠଫଳକ ଇତ୍ୟାଦି– applied art ହେଉଛି ଉତ୍କଳର ପାରଂପରିକ– ଓ ବିଶାଳ ସଂପଦ । ଏହା ମଧ୍ୟ ପ୍ରତ୍ୟେକ ଜାତିର ଏକ ସାଧାରଣ ପ୍ରବୃତ୍ତି * । ଅଧ୍ୟାପକ ବିନୋଦ ରାଉତରାୟଙ୍କ 'ଲୋକଲୋଚନବର୍ତ୍ତୀ ଓଡ଼ିଶାର ପାରଂପରିକ କଳା ଓ ଲୋକ- କଳା' ପ୍ରବନ୍ଧରେ ଏହାର ସବିଶେଷ ଆଲୋଚନା କରାଯାଇଛି ।

## ଦୁଇ

ଓଡ଼ିଶାର ସମ୍ଭବତଃ ସର୍ବପ୍ରଥମ ବର୍ଣ୍ଣ-କୃତି କେନ୍ଦୁ- ଝରର ସୀତାବିଂଝ୍ ଫ୍ରେସ୍କୋ । ଅଜନ୍ତାର ଗୁମ୍ଫାଚିତ୍ର- ସମୂହର ଆଲେଖନ ସମୟ ଖ୍ରୀଷ୍ଟାବ୍ଦ ପ୍ରଥମ ଶତକରୁ ଷଷ୍ଠ/ ସପ୍ତମ ଶତକ ପର୍ଯ୍ୟନ୍ତ ବିସ୍ତୃତ । ସୀତାବିଂଝ୍ ଫ୍ରେସ୍କୋର ସମୟ ଏହାର ଅନ୍ତର୍ଗତ ହୋଇପାରେ । ଏହାର କାଳ ନିର୍ଦ୍ଧାରିତ ହୋଇ ପାରିନାହିଁ । କିନ୍ତୁ ଏହା ନିଶ୍ଚିତ ଯେ ଅଜନ୍ତା ଚିତ୍ରପରି ଏହା ପରିପୂର୍ଣ୍ଣ ହୋଇନାହିଁ, ଏବଂ ଏହାର ଆଲେଖନ କର୍ମ ସୁସଂପାଦିତ ନୁହେଁ ; କିମ୍ବା, ଏହା ବି ହୋଇପାରେ—ଯୁଗଯୁଗ ଧରି ବର୍ଷା-ପବନର ଆଘାତରୁ ଏ ଫ୍ରେସ୍କୋ ଆତ୍ମରକ୍ଷା କରି ପାରିନାହିଁ । ଏଥିରେ ଗଜ, ଗଜାରୋହୀ ଏବଂ ଅନେକଙ୍କର ପ୍ରତିନିଧି ସୂତ୍ରରେ ଏକାଧିକ ସହଯାତ୍ରୀଙ୍କ ଗତି ଅଙ୍କିତ । ଏଥିରେ ବର୍ଣ୍ଣସଜ୍ଜା ଓ ଅଙ୍ଗହାର ବିଧି ସଂକ୍ଷିପ୍ତ, ସରଳ ଓ ଛନ୍ଦବିଳସିତ । ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ମତ ଦିଅନ୍ତି—ସୀତାବିଂଝ ହେଉଛି ଚର୍ଯ୍ୟାଗୀତିମାଳାର ସିଦ୍ଧାଚାର୍ଯ୍ୟ କବିଙ୍କ ମଧ୍ୟରୁ ଭୁସୁକୁ ଓ ରାଉତ ନାମିତ ଶାନ୍ତିଦେବଙ୍କ ସାଧନାପୀଠ । ଏହା ସତ୍ୟ ହେଲେ ଏଇ ଫ୍ରେସ୍କୋର ସମୟ ଷଷ୍ଠ/ସପ୍ତମ ଶତାବ୍ଦୀର ପ୍ରାୟ ତିନିଶ' ବର୍ଷ ପରବର୍ତ୍ତୀ ହୋଇପାରି- ପାରେ ।

ଏ ସମୟରୁ ଷୋଡ଼ଶ/ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ କୌଣସି ପ୍ରକାର ଆଲେଖ୍ୟ ଉପଲବ୍ଧ ହୋଇଥିବାର ମନେ ହୁଏନାହିଁ । ଯାହା ଉପଲବ୍ଧ ହୋଇଛି—ଏ ସମୟର ପ୍ରାୟ ପରବର୍ତ୍ତୀ । ଏହାର କେତୋଟି ଦୃଷ୍ଟାନ୍ତ ଦିଆଯାଉ–ସଚିତ୍ର ତାଳପତ୍ର ପୋଥିରୂପେ ଶିଶୁ ଶଙ୍କରଙ୍କ ଉଷାଭିଳାଷ, କଣ୍ଠଦାସଙ୍କ ନଅପୋଇ, ଜଗନ୍ନାଥଦାସ– ଭାଗବତର ଦଶମସ୍କନ୍ଧ, ରୁକ୍ମିଣୀ ଚଉତିଶା, ଉପେନ୍ଦ୍ରଙ୍କ ବୈଦେହୀଶବିଳାସ, ଦଶପୋଇ ଓ ଚିତ୍ର କାବ୍ୟ ବନ୍ଧୋଦୟ, ଦୀନକୃଷ୍ଣଙ୍କ ଆର୍ତ୍ତତ୍ରାଣ ଚଉତିଶା ପ୍ରଭୃତି କେତୋଟି ଗ୍ରନ୍ଥ ଉଲ୍ଲେଖଯୋଗ୍ୟ । ପ୍ରାଚୀନ କାଗଜରେ ଜଗନ୍ନାଥବଲ୍ଲଭ ନାଟକ ଲିଖିତ ;—ଏଥିରେ ଚୈତନ୍ୟ ଓ ରାୟରାମାନନ୍ଦଙ୍କ ବର୍ଣ୍ଣାଙ୍କିତ ଆଲେଖ୍ୟ ରହିଛି । କେବଳ ତାଳ ପତ୍ରରେ ଅଙ୍କିତ ଆଲେଖ୍ୟ ଦୃଷ୍ଟିରୁ ମାତ୍ରାସ୍ୱରୁ ପ୍ରାପ୍ତ ଓଡ଼ିଆ ଚିତ୍ରକର- କୃତ କୃଷ୍ଣଲୀଳା ଓ ରାମଲୀଳା, ମହିଷମର୍ଦ୍ଦିନୀ ଦୁର୍ଗା, ନୃସିଂହ, ମୟୂରାସନୀ ସରସ୍ୱତୀ ଏବଂ ଜଗନ୍ନାଥମନ୍ଦିର ଇତ୍ୟାଦି, ଏବଂ ତାଳପତ୍ର ପୋଥିଗର୍ଭିତ କେତେକ ଆଲେଖ୍ୟ– ରାଧା ଓ ସଖୀମଣ୍ଡଳୀ (ରାସପଞ୍ଚାଧ୍ୟାୟ), ଶ୍ରୀକୃଷ୍ଣ ଓ ରାଧା (ଗୀତଗୋବିନ୍ଦ), ରାମାଭିଷେକ, ବିରାଧବଧ ଓ ଇନ୍ଦ୍ରଜିତବଧ (ବୈଦେହୀଶ ବିଳାସ?), ଚନ୍ଦ୍ରଭାନୁ ଓ ଲବଣ୍ୟବତୀ ବିବାହ (ଲବଣ୍ୟବତୀ), ପୁରୁଷୋତ୍ତମ- ଦେବଙ୍କ କାଞ୍ଚିଅଭିଯାନର ବିବିଧ ଦୃଶ୍ୟ ସାଲାରଜଙ୍ଗ– ମ୍ୟୁଜିୟମରେ ଥିବା ଚମଡ଼ା ଉପରେ ଜଗନ୍ନାଥ, ବଳଭଦ୍ର,

* Ref.—Introduction to 'Ancient and Classical Art', ed. by L. C. Jaffe.

ସୁଭଦ୍ରା ଚିତ୍ର ପ୍ରଭୃତି ଉଲ୍ଲେଖଯୋଗ୍ୟ । * ଏହା ବ୍ୟତୀତ ମନ୍ଦିର ବା ଦେବାନୁଷ୍ଠାନମାନଙ୍କର ଗର୍ଭଭିତ୍ତି ଓ ଭିତ୍ତି ଆଲେଖିତ କରିବା ଅନ୍ୟ ଏକ ସାଧାରଣ ବିଷୟ ।

ଏଇ ଆଲେଖନ କଳାର ପରଂପରା ସୀମାରେ ଚିତ୍ରକର ଆବଦ୍ଧ ନ ରହି ସ୍ୱତନ୍ତ୍ର ସୃଷ୍ଟି ମଧ୍ୟ କରୁଥିଲେ । କିନ୍ତୁ ଓଡ଼ିଶା ଲଳିତକଳା ଏକାଡେମୀ ଭଳି ସଂସ୍ଥା—ପୂର୍ବେ ନଥିବାରୁ, ତଥା ସେ ସମସ୍ତ ସଂଗୃହୀତ କରି ପାରିନଥିବାରୁ ତହିଁର ଆଲୋଚନା ଓ ମୂଲ୍ୟାୟନ କରିବା ସମ୍ଭବ ନୁହେଁ । କଳାର ବହୁ ନୀରବ ସାଧକ ଏହି କାରଣରୁ ଲୋକ ଲୋଚନ ଅଗୋଚରରେ ରହି ଯାଇଛନ୍ତି । ସେମାନଙ୍କର କଳା ସୃଷ୍ଟିମାନ ଉଦ୍‌ଘାଟନ—ସାପେକ୍ଷ ହୋଇ ରହିଛି-ଏ ପର୍ଯ୍ୟନ୍ତ ।

## ତନି

ତେବେ, ଆମ ଆଲେଖନ କଳା ଓ ଆଲେଖନକାର ଆର୍ଟିଷ୍ଟମାନଙ୍କର ପରିଚିତି କ୍ଷୀଣଭାବରେ ଆରମ୍ଭ ହୋଇଛି ସମ୍ଭବତଃ ୧୯୩୦—'୩୫ ଠାରୁ ; — ଏବଂ ତାହା ମଧ୍ୟ କେତେବେଳେ—କିପରି, ମୁଖ୍ୟତଃ, ପତ୍ର ପତ୍ରିକା ମାଧ୍ୟମରେ । ଆର୍ଟିଷ୍ଟକୁ ଜାଣିବା ପାଇଁ ଏହା ଆଦୌ ପର୍ଯ୍ୟାପ୍ତ ନୁହେଁ । ପ୍ରଦର୍ଶନୀ ମାଧ୍ୟମରେ ଆର୍ଟିଷ୍ଟ୍ ଓ ତାର ପ୍ରେମୀମାନଙ୍କ ମଧ୍ୟରେ ବିନିମୟଗତ ବୁଝାମଣା ଏଯାଏ ନଥିଲା କହିଲେ ଠିକ୍ ହେବ, ବିଶେଷତଃ ଆମ ଓଡ଼ିଶାରେ । ଅଧିକନ୍ତୁ, ଇଂରେଜୀ ଶିକ୍ଷାର ପ୍ରସାର କୌଣସି ସୁଯୋଗ ଓ ସାହାଯ୍ୟ ଦେଇ ପାରିଲାନାହିଁ କଳାକାରକୁ କିମ୍ବା ତାର ପ୍ରେମୀ ଦର୍ଶକକୁ । କାରଣ, ନିଜ ସୃଷ୍ଟିକୁ ଦର୍ଶକ-ଗୋଷ୍ଠୀଠାରେ ପହଞ୍ଚାଇବାକୁ କଳାକାର ପାଇଲାନାହିଁ ମାଧ୍ୟମ—ଏକପ୍ରକାର ସ୍ଥାଣୁ ହୋଇ ସେ ରହିଲା । ଦର୍ଶକଗୋଷ୍ଠୀ ଏଇ କଳାର ନାନ୍ଦନିକ ( aesthetic ) ଆକର୍ଷଣ ପ୍ରତି ଉଦାସୀନ ରହିଲା । ଫଳରେ, କଳାକାର କେବଳ ରଜା, ମହାରଜା, ଓ ଜମିଦାର ଗୋଷ୍ଠୀର ଅନୁସରଣ କରିବାକୁ ବାଧ୍ୟ ହେଲା ।

ଅଥଚ ଏ ସମୟର ଯଥେଷ୍ଟ ପୂର୍ବରୁ ବିଦେଶୀ ଆଲେଖନ-କଳାରେ ନୂତନ ଯୁଗର ପଦଧ୍ୱନି ଭାରତରେ କେଉଁଠି .. କିପରି—ବିଶେଷତଃ କଲିକତାରେ ଶୁଣାଗଲାଣି ; ତାହା ଆମ କଳାକାରମାନେ ଜାଣିପାରିବା ବୋଧହୁଏ ସମ୍ଭବ ହୋଇନାହିଁ ।

ପ୍ରଖ୍ୟାତ କଳାକାର ରବିବର୍ମା (୧୮୪୮—୧୯୦୬) ଏଇ ବିଦେଶୀୟ ନୂତନ ଚେତନାକୁ କିୟଦଂଶ ସ୍ୱୀକାର କରିଥିଲେ—ତାହା ହେଉଛି, ଏହାର ପୃଷ୍ଠପଟରେ ଥିବା କ୍ଲାସିକାଲ୍ ଶୈଳୀ । (E. B. Havell) ଙ୍କର ତତ୍‌କାଳୀନ ଶିଳ୍ପ ବା କଳା ଆନ୍ଦୋଳନ ଆମ କଳାକାର-ମାନଙ୍କୁ ପ୍ରତିଭା-ସଚେତନ ତଥା ଦେଶୀୟ କଳା-ସଂପଦ-ସଚେତନ କଲା । ଏହାର ଉତ୍ତର ଭାଗରେ , ଏ କ୍ଷେତ୍ରରେ, ଦେଖାଦେଲେ ଅବନୀନ୍ଦ୍ରନାଥ ଠାକୁର (୧୮୭୧—୧୯୫୧). । ତାଙ୍କଠାରେ ବିଦେଶୀୟ କଳା ଘାତ ପ୍ରତିଘାତ ସୃଷ୍ଟି କଲା ; ସେଥିପାଇଁ ତାଙ୍କର ସୃଷ୍ଟିସମୂହରେ ବୈଚିତ୍ର୍ୟ ଓ ଦେଶୀୟ ଐଶ୍ୱର୍ଯ୍ୟ ବିରାଜିତ । ତାଙ୍କଠାରେ ଘାତ ପ୍ରତିଘାତଜନିତ ବିକାଶର ଚାରୋଟି ପର୍ଯ୍ୟାୟର ନିର୍ଣ୍ଣୟ କରାଯାଇ ପାରେ ତାଙ୍କର କଳା ସୃଜନର ବିବେଚନାରୁ :

ପ୍ରଥମ ପର୍ଯ୍ୟାୟ(୧୮୯୪—୧୯୧୦) :—ଏହାର ଲକ୍ଷଣ ଆଦର୍ଶ ରୂପ ସୃଷ୍ଟି; ତାହା ପୁରାଣ ଓ କାବ୍ୟର ମାର୍ଫତ୍‌ରେ ଫୁଟିଛି । ଯେମିତି ରବିବର୍ମାଙ୍କ ଆଲେଖ୍ୟରେ ।

ଦ୍ୱିତୀୟ ପର୍ଯ୍ୟାୟ (୧୯୧୧—୧୯୧୯) :—ପରିବେଶ ଓ ପରିପାର୍ଶ୍ୱର ରୂପାୟନ ।

ତୃତୀୟ ପର୍ଯ୍ୟାୟ (୧୯୨୦-୧୯୨୯) :—ବର୍ଣ୍ଣ ପ୍ରୟୋଗର ଉଦ୍ଦୀପ୍ତ ପରିପାଟୀ ।

ଚତୁର୍ଥ ପର୍ଯ୍ୟାୟ (୧୯୩୦-୧୯୫୧) :—ସମ୍ଭବ ଅସମ୍ଭବର-ମିଶ୍ରକଳ୍ପଲୋକ ସୃଜନ ।

ଅବନୀନ୍ଦ୍ରଙ୍କ ମୁଖ୍ୟତାରେ ଭାରତୀୟ କଳାକ୍ଷେତ୍ରରେ ଆଲେଖନକଳାର Bengal School ନେତୃତ୍ୱ ନେଲା, ଏବଂ ତାଙ୍କର ଯେ କୌଣସି ସୃଷ୍ଟି ତତ୍‌କାଳୀନ ସମଗ୍ର ଆଲେଖନର ଅବସ୍ଥା ଓ ପ୍ରବୃତ୍ତିର ପ୍ରତିନିଧିତ୍ୱ କରି-ପାରିଲା । ଆର୍ଟିଷ୍ଟ୍ M. F. Hussainଙ୍କ ଉକ୍ତି-ସମର୍ଥନରେ କୁହାଯାଉ—I would consider a painting as a whole. Perhaps, more correctly, if one is to judge the work of an artist the entire output of a period, one has to be aware of the full range of the thought. (M. F. Hussain, I. W. of 1, 1964) ଅବନୀନ୍ଦ୍ରଙ୍କ ବ୍ୟକ୍ତିଗତ ବୈଶିଷ୍ଟ୍ୟ ହେଉଛି—ନିର୍ଦ୍ଦିଷ୍ଟ କୌଣସି କଳାକାର ବା ବ୍ୟକ୍ତି—ଆଦର୍ଶ ନ ଘେନି 'କଳା'କୁ ହିଁ ପ୍ରେମ-ସାଧନାର ବିଷୟ କରିଥିଲେ । କିନ୍ତୁ Bengal School of Art ପରିବେଷ୍ଟିତ ଆଲେଖନ ପ୍ରବୃତ୍ତିର ପ୍ରଥମ ପ୍ରତିକ୍ରିୟା ଦେଖାଦେଲା ପାଶ୍ଚାତ୍ୟ କଳାର ପକ୍ଷ-ପାତିନୀ ଅମୃତା ଶେର—ଗିଲଙ୍କଠାରେ । ସେଇ ନାରୀ-ପ୍ରତିଭା ଶେର-ଗିଲ୍ ଭାରତରେ ପ୍ରଥମେ ଆଧୁନିକତାର ପ୍ରବର୍ତ୍ତନ କଲେ ବୋଲି କୁହାଯାଏ ।

ବଙ୍ଗରେ ଗଗନେନ୍ଦ୍ରନାଥ (୧୮୬୭-୧୯୩୮) ଏ କ୍ଷେତ୍ରରେ ଅନ୍ୟତମ ବିଶିଷ୍ଟ ଶିଳ୍ପୀ । ସେ ମଧ୍ୟ ପାଶ୍ଚାତ୍ୟ

---

Ref:—Descrip tive List of Exhibits All India Oriental Conference, 20th session, Bhubaneswar, October 1959.

* Bengal School ପ୍ରସଙ୍ଗରେ ଅନିଲ୍ ବିଶ୍ୱାସଙ୍କ 'ବିଂଶଶତକରେ ବାଂଲା ସାହିତ୍ୟ'ର ସାହାଯ୍ୟ ନିଆଯାଇଛି ଶିଳ୍ପକଳା ସଂବନ୍ଧୀୟ ବିବରଣୀରୁ ।

ଅଧୁନିକତାର ପକ୍ଷପାତୀ ଥିଲେ—ତାଙ୍କର ଆଦର୍ଶ ଥିଲା ଲ୍ୟାବିସ୍; ୧୯୧୯ ରେ ସେ କଲିକତାରେ ଏକ କଳା-ପ୍ରଦର୍ଶନୀର ଆୟୋଜନ କରିଥିଲେ ଏବଂ ସେଥିରେ ଜ୍ଞଦେଶୀ ପ୍ରଖ୍ୟାତ ଆର୍ଟିଷ୍ଟ କାଣ୍ଡିନସ୍କି, ମାଲେଭିଚ୍ ପ୍ରଭୃତି କେତେଜଣଙ୍କର ଅଧୁନିକ ଆଲେଖ୍ୟମାନ ପ୍ରଦର୍ଶିତ ହୋଇଥିଲା । ଏ ଦୃଷ୍ଟିରୁ, ସେ ପ୍ରଥମେ ବିଦେଶୀ ଅଧୁନିକ କଳା-କୃତି ଆମ ଦେଶରେ ଦର୍ଶନ କରାଇଲେ ବୋଲି କୁହାଯାଇପାରେ । କବି-ଚିତ୍ରକାର ରବୀନ୍ଦ୍ରନାଥ, ଚର୍ଚ୍ଚିଲ୍‌ଙ୍କ ପରି, ସୌଖିନ୍ ଆର୍ଟିଷ୍ଟ ଭାବରେ ଅଙ୍କନ ଓ ଆଲେଖନ କରୁଥିଲେ । ତାଙ୍କର ଚିତ୍ରମାନ ବିଦେଶରେ ଦୃଷ୍ଟି ଆକର୍ଷଣ କଲା । କ୍ରମେ ତାହା ସବୁ ମୂଲ୍ୟାୟନରେ ଅତ୍ୟୁଚ୍ଚିତ ପ୍ରଶଂସା ଲାଭକଲା । ଏପରି ଭାବପ୍ରବଣତା କଳାର ଆଲୋଚନାରେ ଅବାଞ୍ଛିତ ବୋଲି—ଏ ପ୍ରସଙ୍ଗରେ ଆଲୋଚକ A. S. Raman ଲେଖିଛନ୍ତି, A tol of nonsense no doubt has been written about the spiritual and aesthetic significance of his drawings and paintings which he ( Rabindranath ) never wanted to see taken seriously (Modern Indian Art—An Inquiry). ତଥାପି ତାଙ୍କର 'ସନ୍ଧ୍ୟା' କିମ୍ବା 'ଆତ୍ମନିରୀକ୍ଷଣ' ପରି କେତେକ ଆଲେଖ୍ୟ ଯଥେଷ୍ଟ ମୂଲ୍ୟବାନ୍ । ଅବନୀନ୍ଦ୍ର-ନାଥଙ୍କ ପ୍ରଥମ ଶିଷ୍ୟ ନନ୍ଦଲାଲ ବସୁ । ଆର୍ଟ-କ୍ଷେତ୍ରରେ, ଆଂଶିକରେ ପରିବର୍ତ୍ତନ, ବିବିଧତା ଓ ନବନବ ପ୍ରତିଶ୍ରୁତି ଆଣିବା ତାଙ୍କର ବୈଶିଷ୍ଟ୍ୟ । 'ମହାତ୍ମା ଗାନ୍ଧୀଙ୍କ ଡାଣ୍ଡି ମାର୍ଚ୍ଚ' ଅଙ୍କନରେ ଏହା ସ୍ପଷ୍ଟ । ଏ ଅଙ୍କନ ସହିତ ଆଂଶିକ ଦୃଷ୍ଟିରୁ ହୁସେନ୍-ଅଙ୍କିତ 'ନେହରୁଙ୍କ ମୁଖ' ତୁଳନୀୟ ହୋଇପାରେ । ନନ୍ଦଲାଲଙ୍କ ସୁଯୋଗ୍ୟ ଶିଷ୍ୟମାନେ ହେଉଛନ୍ତି ପ୍ରମୋଦ ଚଟ୍ଟୋପାଧ୍ୟାୟ, ଦେବୀପ୍ରସାଦ ଚୌଧୁରୀ ପ୍ରଭୃତି କଳାକାର ।

ଯାମିନୀ ରାୟ ଅନ୍ୟତମ ବିଶିଷ୍ଟ ଚିତ୍ରକର । ଲୋକକଳା ଏହାଙ୍କର ଆଲେଖନରେ ଜୀବନ୍ତ ଓ ସମୃଦ୍ଧ । କଳାର ବହୁମୁଖିତା ଓ ବିବିଧ ପ୍ରାଚୁର୍ଯ୍ୟ କଳାକାରକୁ ଗତିମାନ୍ ଓ ବିକଶିତ କରେ । କୌଣସି ନିର୍ଦ୍ଦିଷ୍ଟ ଆଦର୍ଶକୁ ବରଣ କରି ତହିଁରେ ଏକନିଷ୍ଠ ରହିବା କଳାକାରର ଧର୍ମ ନୁହେଁ । କାରଣ, କଳାର ପ୍ରାଚୁର୍ଯ୍ୟପୂର୍ଣ୍ଣ ପରିବେଶ ଅବହେଳିତ ହୁଏ । ଏଠାରେ ଲୋକକଳାର ଆଦର୍ଶ—ପରିଧି ଭିତରେ ଆବଦ୍ଧ ରହି ଯାଇଥିବାରୁ ସେ କଳାକାର ଭାବରେ ମଧ୍ୟ ସୀମିତ କୋଟୀର । ତାଙ୍କର ଶେଷ ବୟସରେ ତାଙ୍କୁ ସାଧନାର ଓ ସାଧକର ମର୍ଯ୍ୟାଦା ଦିଆଯାଉଛି । କିନ୍ତୁ, ତାଙ୍କର ଦେଶୀ କଳା-(antochthonous country art)ର ଭିତ୍ତିରେ ଶୈଳଜ ମୁଖୋପାଧ୍ୟାୟ ନୂତନତର ଏବଂ ଉଦ୍ଭାବନଶୀଳ କଳା—ସୃଷ୍ଟି କରି ଏକ ଶକ୍ତିଶାଳୀ ଆର୍ଟିଷ୍ଟ ହୋଇପାରିଲେ । ଯେହେତୁ ନିର୍ଦ୍ଦିଷ୍ଟ ଆଦର୍ଶ ବା ପ୍ରେରଣ ପରିଧିରୁ ସେ ମୁକ୍ତ । ଅଧିକନ୍ତୁ ଶୈଳଜଙ୍କର ବ୍ୟାପକ ଆଂଶିକପ୍ରୟୋଗ ପ୍ରଣିଧାନଯୋଗ୍ୟ । ତାଙ୍କର Dice players, At the well ଆଦି କେତୋଟି ଦୃଷ୍ଟାନ୍ତ । ଅତଏବ Flok Art of India ରେ ତାଙ୍କ ଆଲୋଚନା-ବିବେଚନାରୁ ତାଙ୍କ ଶିଳ୍ପୀମାନସର ଲୋକକଳା ପ୍ରତି ପ୍ରବଣତା ବାରିହୁଏ । ମୁକୁଳ ଦେ ଏଇପରି ଅନ୍ୟତମ ଆର୍ଟିଷ୍ଟ । ମାତ୍ର ମଣୀନ୍ଦ୍ର ଗୁପ୍ତ ଓ ସୁଧୀର ଖାସ୍ତଗିର ପରଂପରା-ଧର୍ମୀ କଳାକାର ।

ରାମକିଙ୍କର ବିଶେଷ ଶକ୍ତିଶାଳୀ ଶିଳ୍ପୀ । ସେ ସବ୍ୟସାଚୀ-ଭାସ୍କର୍ଯ୍ୟ ଓ ଆଲେଖନ—ଉଭୟ କଳାରେ । ପୁନଶ୍ଚ ଅତୀତ ଓ ବର୍ତ୍ତମାନର ସମନ୍ୱୟ ତାଙ୍କ ଶିଳ୍ପୀ-ବ୍ୟକ୍ତିତ୍ୱରେ ଘନୀଭୂତ ହୋଇଥିବା ମନେହୁଏ । ମନେହୁଏ, ସେ ଏଭଳି ଜଣେ ଆର୍ଟିଷ୍ଟ ଯାହାର କୃତିକୁ ମଧ୍ୟ ଏକାଧାରରେ କ୍ଲାସିକାଲ୍ ଏବଂ ମଡ଼ର୍ଣ୍ଣ କହିହେବ ।

## ତିନି

୧୯୪୭ ପର୍ଯ୍ୟନ୍ତ, ମୂଳତଃ, ୨୫ ବର୍ଷ ଭିତରେ ଓଡ଼ିଶାର କଳା କ୍ଷେତ୍ରରେ ସେଇ ଅବସ୍ଥା ଉପୁଜିଲା—ଯାହା ଅବନୀନ୍ଦ୍ରନାଥଙ୍କ କଳାର ସାଧନାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଘଟିଥିଲା । ଏହି ସମୟର—ବିପିନବିହାରୀ ଚୌଧୁରୀ (୧୯୦୨—), ବିଦ୍ୟାଧର ବର୍ମା (୧୯୦୧—୧୯୫୩), ଗୋପାଳ କାନୁନ୍‌ଗୋ (୧୯୦୭—୧୯୭୨), ବସନ୍ତକୁମାର ପଣ୍ଡା (୧୯୦୨), ଶ୍ରୀଧର ମହାପାତ୍ର (୧୯୧୨), ମୁରଲୀଧର ଟାଲି (୧୯୧୮), ଅଜିତକେଶରୀ ରାୟ (୧୯୨୨), ଉପେନ୍ଦ୍ରମହାରଥୀ ଦୁର୍ଗାପ୍ରସାଦ ପଟ୍ଟନାୟକ (୧୯୧୮), ସୀମାଦ୍ରି ମହାରଣା (୧୯୧୭), ସିଂହାଦ୍ରି ମହାରଣା (୧୯୧୯), ପୂର୍ଣ୍ଣଚନ୍ଦ୍ର ଶୁରଦେଓ (୧୯୧୯), କେଶବ ମହାରଣା (୧୯୨୧) ପ୍ରଭୃତି କେତେଜଣ ଉଲ୍ଲେଖଯୋଗ୍ୟ ବିଶିଷ୍ଟ ଶିଳ୍ପୀ ଓ କଳାକାର । ଏମାନଙ୍କ ମଧ୍ୟରେ କେତେକେ ପ୍ରତିଭାସତ୍ତ୍ୱେ କଳା-ସାଧନା ଅବ୍ୟାହତ ରଖି ପାରିନାହାନ୍ତି ; ସମାଜଗତ, ଶିକ୍ଷାଗତ, ଅର୍ଥଗତ, ପ୍ରଚାର ଓ ପ୍ରସ୍ତରଗତ ବିବିଧ କାରଣରୁ ଯେମିତିକି ଶିଳ୍ପୀ ସୁଲଭ ମୁକ୍ତି-ପରିବେଶ ଲୋଡ଼ି ମଧ୍ୟ ପାଇନାହାନ୍ତି ।

ଏ ସମସ୍ତଙ୍କ ମଧ୍ୟରୁ ଆତ୍ମନିର୍ମିତ କଳାକାର ତଥା ଭାସ୍କର ବିଦ୍ୟାଧର ବର୍ମାଙ୍କର ଆଲେଖନ କୃତି ଓଡ଼ିଶାରେ ସୁପରିଚିତ । ତାଙ୍କ ଆଲେଖନରେ ଲାଳିତ୍ୟ, ଲାବଣ୍ୟ, ପ୍ରୀତିକାରୀ ବର୍ଣ୍ଣପ୍ରୟୋଗ, ଛନ୍ଦ ଓ ସ୍ୱର ରବିବର୍ମା କିମ୍ବା ଅବନୀନ୍ଦ୍ରଙ୍କ ଆଲେଖନର ପ୍ରସାଦ ଗୁଣକୁ ସ୍ମରଣ କରାଇଦିଏ । ପ୍ରସଙ୍ଗରେ, ଶ୍ରୀଧର ମହାପାତ୍ରଙ୍କ ବିଷୟ ଉଲ୍ଲେଖ କରାଯାଇ-ପାରେ । ସେ ମୁଖ୍ୟତଃ ଭାସ୍କର । ତାଙ୍କର ରାଜ-ନର୍ତ୍ତକୀ, ଦମୟନ୍ତୀ, ଅର୍ଦ୍ଧନାରୀଶ୍ୱର, ଶିବଶୟନ ଆଦି ପରଂପରାଶ୍ରିତ ଭାସ୍କର୍ଯ୍ୟ ଭାରତୀୟ ଖ୍ୟାତି ଓ ପ୍ରଶଂସା ଅଧିକାର କରିଛି । ରଞ୍ଜନ ତିଓ୍ୱାରି ତାଙ୍କୁ ଇଂଲଣ୍ଡର ହେନ୍ରି ମୁର୍ ଓ ଇଟାଲୀର ଗାର୍ଗାଲୋଙ୍କ ପରି ସ୍ଥାନ ଦେଇଛନ୍ତି ଭାରତରେ ( Indian Sculpture ) ନିବନ୍ଧ) । ସେ ଓ ରାମକିଙ୍କର ସମାନ ପ୍ରତିଭାର ଅଧିକାରୀ । ତାଙ୍କ ସମ୍ବନ୍ଧରେ ମହେଶ ସାକ୍‌ସେନା ମଧ୍ୟ କହନ୍ତି,—He is pioneer among a few living artists who work in Indian traditional style. (Pioneer : April 1961) ସୀମାଦ୍ରି

ମହାରଣା ଓ ସିଂହାଦ୍ରି ମହାରଣା ଏହାଙ୍କ ମାର୍ଗର ଶିଳ୍ପୀ ଓ ଆର୍ଟିଷ୍ଟ । ଗୋପାଳ କାନୁନ୍‌ଗୋ, ପ୍ରତିଭା ସତ୍ତ୍ୱେ, ଗୋଟିଏ ପ୍ରକାର ଡ଼ିଜାଇନ୍ ସୀମିତ ଗଢ଼୍‌ଡ଼ାଳିକାପ୍ରବାହର ଆଲେଖନ ଶୈଳୀ ଭିତରେ ବନ୍ଦୀ ହୋଇପଡ଼ିଲେ । ଏହାଙ୍କ ପ୍ରସଙ୍ଗରେ ମନେ ପଡ଼େ ହୁସେନ୍‌ଙ୍କ ବାକ୍ୟ— An artist has to be always concerned with art not with this or that.. ଆର୍ଟିଷ୍ଟ୍ ହିସାବରେ ସୃଜନଶୀଳ, ପ୍ରୟୋଗ- (Experiment) ଶୀଳ ହୋଇନପାରି ସେ Eric Newtonଙ୍କ ପରି କଳା ସଂପର୍କୀୟ ରଚନାରେ ପ୍ରବୃତ୍ତ ହେଲେ ।

ଏଇ କଳାକାର ଗୋଷ୍ଠୀରେ ମୁରଲୀଧର ଟାଲି ସମ୍ଭବତଃ ସର୍ବାଧିକ ପ୍ରତିଭାଶାଳୀ ଏବଂ ଶକ୍ତିମାନ୍ । ଆଧୁନିକତାର ପରିବେଶ ପ୍ରତି ତାତ୍ତ୍ୱିକ ଦୃଷ୍ଟିରୁ ପରଂପରା ବା ଟ୍ରାଡ଼ିସନ୍‌ର ଅର୍ଥ ଅର୍ଥହୀନ । ତାହା ସାମାଜିକ ପରିବେଶର ପ୍ରୟୋଜନ ଅନୁସାରେ ଅର୍ଥ ଗ୍ରହଣ କରିଥାଏ । ସମୟର ଗତି ବା ପରିବର୍ତ୍ତନ ସହିତ ସାମାଜିକ ପରିବେଶ ବଦଳେ—ପ୍ରୟୋଜନ ବି ବଦଳେ । ଯେ ପର୍ଯ୍ୟନ୍ତ ଏହି ପ୍ରୟୋଜନବୋଧ ଥାଏ, ସେଇ ଚଳିଆସୁଥିବା ପରଂପରାର ଅର୍ଥ ରହେ । ଏ ବିବେଚନାରେ ଟାଲିଙ୍କ ଆଲେଖନକଳା ଓ ଆଲେଖ୍ୟ ଦର୍ଶକଠାରେ ଏହି ପ୍ରୟୋଜନବୋଧ ଓ ଅର୍ଥବୋଧ ଅକ୍ଷୁର୍ଣ୍ଣ ରହିଛି । ଅଧିକନ୍ତୁ, ପାରଂପରିକ ଓ ଆଧୁନିକ ନିର୍ବିଶେଷରେ କଳାରେ କଣ ଭଲ, କଣ ଅଭଲ— ଏହା ବିସ୍ମରିତ ହୋଇଥାଏ । ଟାଲି ଯେ ସମୟର ଗତିରେ ଉତ୍ତୀର୍ଣ୍ଣ ଆର୍ଟିଷ୍ଟ୍ ଏହା ନିଃସନ୍ଦେହ । ବର୍ଣ୍ଣବିଭ୍ରର, ବର୍ଣ୍ଣସଜ୍ଜା ଓ ବହିରଙ୍ଗ ବସ୍ତୁବିମ୍ବକୁ ଆତ୍ମସ୍ଥ କରି ନବତନ ରୂପ ଦେବାରେ, ତଥା ଦର୍ଶକର ମାନସପଟରେ ଏଇ ବର୍ଣ୍ଣ ଦୃଶ୍ୟକୁ ସଞ୍ଚାରିତ କରିଦେବାରେ ସେ ଦକ୍ଷ କଳାକାର । ତାଙ୍କର Eavesdropper, My Mother, Watering the field ଇତ୍ୟାଦି ତାଙ୍କ ପ୍ରତିଭାର ସାକ୍ଷ୍ୟ ବହନ କରେ । ଅଜିତକେଶରୀ ରାୟ ଅନ୍ୟତମ ବିଶିଷ୍ଟ କଳାକାର । ପାରଂପରିକତାର ସୀମାରୁ ଆଧୁନିକତାର ଆଭିମୁଖ୍ୟ ପର୍ଯ୍ୟନ୍ତ ତାଙ୍କର ଆଲେଖନ- ପରିସର । ତାଙ୍କ ଶିଳ୍ପ ସୃଷ୍ଟି ବସନ୍ତସୁଲଭ ବର୍ଣ୍ଣୋଜ୍ଜ୍ୱଳ ନୁହେଁ, ଉନ୍ମାଦକର ନୁହେଁ, ବରଂ ଶରତ୍ ସୁଲଭ ଅନୁଜ୍ଜ୍ୱଳ, ପ୍ରସନ୍ନ ଏବଂ ପରିଚ୍ଛନ୍ନ ।

ଏଇପରି, ଏମାନଙ୍କର ଏବଂ ଅନ୍ୟାନ୍ୟଙ୍କର ଆର୍ଟ ସାଧନା ଭିତରେ ସମଗ୍ର ଦେଶରେ ବୃହତ୍ତମ ପରିବର୍ତ୍ତନ ଘଟିଲା । ଦ୍ୱିତୀୟ ମହାଯୁଦ୍ଧର ସମାପ୍ତି-ପରେ ପରେ ସ୍ୱାଧୀନତା ଆସିଲା ଏ ଦେଶକୁ । ଏକ ସଚେତନ, ବିପୁଳ ଋଞ୍ଚଲ୍ୟ ସର୍ବତ୍ର ଦେଖାଦେଲା । ଆମର ଆର୍ଟ—ଜଗତ ଏଇ ଋଞ୍ଚଲ୍ୟର ଆଲୋକରେ ସମଗ୍ର ବିଶ୍ୱ ସହିତ ନିଜର ସହାବସ୍ଥାନ ଦର୍ଶନ କଲା । ମାନସର ବିନିମୟ ହେଲା, ଭାବର ବିନିମୟ ହେଲା ।

ଫଳରେ, ପାଶ୍ଚାତ୍ୟ ଓ ମାର୍କିନ ଦିଗନ୍ତରୁ ଆମ ଦେଶକୁ ଏକକାଳୀନ ଛୁଟି ଆସିଲା ଆଧୁନିକ ଆଲେଖନକଳାର ବିବିଧ ସ୍ୱରୂପ-ପ୍ରବାହ:—ସ୍ୱୈରବାଦ (Fauvism, 1905—6) ଜ୍ୟାମିତିକବାଦ (Cubism, 1906—14), ଭବିଷ୍ୟବାଦ (futurism, 1909—16), ନିର୍ଗୁଣକଳା (Abstract art, 1910—16), ନାସ୍ତିବାଦ (Dadaism Nitilism 1915—22), ଛାଡବାସ୍ତବବାଦ (Surrealism/Superrealism, $1920_s$—$30_s$), ନିର୍ଗୁଣ ଅଭିବ୍ୟକ୍ତିବାଦ (Abstract Expressionism), ଅଦ୍ଭୁତ କଳା (Fantastic art, $40_s$) ଇତ୍ୟାଦି । ଏମାନଙ୍କ ମଧ୍ୟରେ, ବୟସରେ କିଏ ବଡ଼, କିଏ ସାନ ବାଛିବା ଆମ ଶିଳ୍ପୀଙ୍କ ପକ୍ଷରେ ମୁସ୍କିଲ୍ ହେଲା । ପରିଣାମରେ, ପ୍ରାୟ ଆମର ଆର୍ଟିଷ୍ଟ୍ ଏଥିରୁ କୌଣସି ନିର୍ଦ୍ଦିଷ୍ଟବାଦ ( ism ) ବା ଧାରାର ଭକ୍ତ ନ ହୋଇ ଏଇ ସମସ୍ତଠାରେ ଯଥାରୀତି ଅନୁରକ୍ତ ହେଲେ ; ପଶ୍ଚାତରେ ଏ ସମସ୍ତର ସାମଗ୍ରିକ ପ୍ରଭାବ ଓ ବୈଚିତ୍ର୍ୟମୟ ଆବେଦନ- ଭାଗ ତା'ଠାରେ ଅଙ୍କାଡ଼ିହେଲା । ସେଥିପାଇଁ ଆମ ଦେଶୀ ଆର୍ଟିଷ୍ଟ୍‌ର କଳାରେ ସମନ୍ୱୟ—ଭଙ୍ଗିମା ଫୁଟିଉଠିଲା ।

କିନ୍ତୁ, ଏଇ ସମନ୍ୱୟ—ଭଙ୍ଗିମା ବିଶେଷ ଭାବରେ ଉପୁଜିଲା ବିଶୃଂଖଳାରୁ—ଆର୍ଟିଷ୍ଟ୍‌ର ବୁଝାମଣାରେ ବିଭ୍ରାନ୍ତିରୁ । ଏହା ଲକ୍ଷ୍ୟକରି ନନ୍ଦଲାଲ ମନ୍ତବ୍ୟ କଲେ, A large number of our modern artists are themselves in the dark about the deeper aims of art. It is not surprising that, themselves confused, they mislead and pervert the cause of genuine art appreciation. (Forword: The Appreciation of Art, by A. C. over ton) କଳାର ସମାଲୋଚକ ମଧ୍ୟ ଆଲୋକ ଦେଇ ପାରିଲେନାହିଁ—ବୌଦ୍ଧିକ ବିଶ୍ଳେଷଣ ଶକ୍ତିର ଅଭାବ ଏବଂ ବ୍ୟକ୍ତିଗତ ଭାବପ୍ରବଣତା କାରଣରୁ । ସମାଲୋଚକ ଉପରେ ମନ୍ତବ୍ୟ ଦେଇ ନନ୍ଦଲାଲ କହିଲେ ଯେ ଆମ ଦେଶୀ କଳାକ୍ଷେତ୍ରରେ ବିଭ୍ରାଟକର ଓ ବିଭ୍ରାନ୍ତିକର ଏକ ଅବସ୍ଥା ଉପୁଜିଯାଇଛି । ( Ibid ) ।

ତଥାପି, ଏଇ ସମନ୍ୱୟ—ଅବସ୍ଥାରେ କେତେକ ଆର୍ଟିଷ୍ଟ୍ ଯେ ଉତ୍ତୀର୍ଣ୍ଣ ହୋଇନାହାନ୍ତି କିମ୍ବା ହେଉନାହାନ୍ତି—ଏପରି ନୁହେଁ । ଦୃଷ୍ଟାନ୍ତ ସ୍ୱରୂପ—ବଙ୍ଗୀୟ ରଥିନ୍ ମୈତ୍ରଙ୍କ The Golden Deer ଚିତ୍ର । ତହିଁରେ ଇଂପ୍ରେସନ୍‌ବାଦୀ ମାଧ୍ୟମରେ କ୍ୟୁବିଷ୍ଟ୍ ଶୈଳୀର ସମନ୍ୱୟ ଘଟିଛି ଏବଂ ଗୀତିଧର୍ମୀ ଲାଳିତ୍ୟ ପ୍ରକାଶ କରିଛି—ଆମର ଦେଶୀ ପରଂପରାରେ ହରିଣ ଓ ଶିକାରୀର ଭଙ୍ଗିମାରେ । ଏ ଭଙ୍ଗିମା ଚିତ୍ରସୂତ୍ରାନୁମୋଦିତ ଅଙ୍ଗହାର । ଏଇ କ୍ୟୁବିଷ୍ଟ ଲାଳିତ୍ୟ ପ୍ରକାଶରେ ଅଜିତକେଶରୀ ରାୟଙ୍କ Flight, Abhiman, My Coloured Triangles ଆଦି ତୁଳନୀୟ । ଏ ଉଭୟେ ରସିକ ରାଞ୍ଚଲଙ୍କ ପରି ପ୍ରୀତିକର ।

ଏଇ ସମନ୍ୱୟବାଦରେ ତିନୋଟି ଅବସ୍ଥା ଲକ୍ଷ୍ୟ କରି ହେଲା । କିଏ ଉଣା—ଅଧିକେ ପାରଂପରିକ ରହିଲେ, କେହି ପାରଂପରିକ ଓ ଆଧୁନିକର ଯୁଗଳମିଳନରେ

ମିଶ୍ରଧର୍ମୀ ରହିଲେ ଏବଂ କେହି ବିଲ୍‌କୁଲ୍ ଆଧୁନିକ ହେଲେ । ପ୍ରଥମ ଅବସ୍ଥାର ମୁରଲୀଧର ଟାଲିଙ୍କର କେତୋଟି ଉଲ୍ଲେଖନୀୟ ଆଲେଖ୍ୟ ହେଉଛି— Self Portrait, Two Sisters, Village Outskirts, Rendezvous ଇତ୍ୟାଦି । ତରୁଣତର ହୋଇ ମଧ୍ୟ ଗୌରାଙ୍ଗ ସୋମ୍ ଏକାନ୍ତ ପରମ୍ପରା-ପ୍ରେମୀ । ଓଡ଼ିଶୀ ପ୍ରାଚୀନ ଶୈଳୀର ସେ ସାଧକ । ବଙ୍ଗରେ ଯେମିତି ଯାମିନୀ ରାୟ । ଏହାଙ୍କ ଅଙ୍କନ ଓ ଆଲେଖନ ଦେଶୀ (autochthonous) ଭଙ୍ଗି ଏବଂ ଲୋକପ୍ରିୟତାରେ ୧୯ଶ ଶତାବ୍ଦୀର ଶେଷ ଭାଗରେ ଗୁଜୁରାଟ ଦେଶୀ କବି Hubok ପରି । ବୟସ୍କ ବିପିନ୍ ବିହାରୀ ଚୌଧୁରୀ ମିଶ୍ରଧର୍ମୀ ଆର୍ଟିଷ୍ଟ୍ ଏବଂ ଏ ପର୍ଯ୍ୟନ୍ତ Portrait of my Daughter, Rina ଭଳି ବହୁ ଉତ୍କୃଷ୍ଟ ଚିତ୍ରର ତଥା ଅଙ୍କନ ଓ ସ୍କେଚ୍‌ର ଅବ୍ୟାହତ ଶିଳ୍ପୀ । ଅଜିତକେଶରୀ ରାୟ ମିଶ୍ରଧର୍ମୀ ଆଧୁନିକ ଆର୍ଟିଷ୍ଟ୍ । ତାଙ୍କ ଆଲେଖ୍ୟରେ ଆଧୁନିକତାର ଆଭିମୁଖ୍ୟ ଓ ମୁଖ୍ୟତା ସତ୍ତ୍ୱେ ପରମ୍ପରା ବା ପ୍ରାଚୀନତାର ସ୍ପର୍ଶ ଅନୁଭୂତ ହୁଏ । ତାଙ୍କ କଳାକୃତିର ଆବେଦନ ( appeal/flavour ) ରୀତିସୁନ୍ଦର ଲଳିତ ଓ ରମଣୀୟ ; ଆଧୁନିକତା ଓ ନିର୍ଗୁଣତାର ସଙ୍କେତବାହୀ ହେବା ସତ୍ତ୍ୱେ ତୀବ୍ର କିମ୍ବା ଉଗ୍ରସପୂର୍ଣ୍ଣ ନ ହୋଇ ଶାନ୍ତ ଓ ଭଦ୍ର । When Day Breaks, Intermission, Fury, Flower study, Daughters of the soil ଇତ୍ୟାଦି ତାହିଁର ଉଦାହରଣ । ଅନନ୍ତ ପଣ୍ଡା, ଦୁର୍ଗାପ୍ରସାଦ ପଟ୍ଟନାୟକ ପ୍ରଭୃତି ମଧ୍ୟ ମିଶ୍ରଧର୍ମୀ ।

ବଙ୍ଗର ଜ୍ୟୋତିଷ ଭଟ୍ଟାଚାର୍ଯ୍ୟ ( Feeling the Nature ), ବିରେନ୍ ଦେ (Influx), ପରିତୋଷ ସେନ୍ ( Ragini Meghamahlar), ପ୍ରଦୋଷ ଦାଶଗୁପ୍ତ ( Mother and Child) ପ୍ରମୁଖ ତଥା ଆସାମର ମାଧବଚନ୍ଦ୍ର ବୈଶ୍ୟ ( Arya Gaurab), ଶାନ୍ତ ଭଟ୍ଟାଚାର୍ଯ୍ୟ (Death), ମାନବେନ୍ଦ୍ର ବରୁଆ Mid-day Gossip ), ଅତସୀ ବରୁଆ (Nandalal) ପ୍ରମୁଖ କଳାକାରମାନେ ସାଂପ୍ରତିକ ଉଡ଼ିଶାର କଳାକାରଙ୍କଠାରୁ ଭିନ୍ନ ନୁହନ୍ତି, ବିଚ୍ଛିନ୍ନ ନୁହନ୍ତି, ଦୂର ନୁହନ୍ତି । ସେମାନେ ପର ନୁହନ୍ତି— ଆପଣାର, ଆର୍ଟିଷ୍ଟ୍ ପରିବାରର । ସାଂପ୍ରତିକ ଆଲେଖନକଳାର ଲକ୍ଷଣ, ସ୍ୱଭାବ ଓ ଚେତନାର ସୂତ୍ରରେ ସମସ୍ତେ ଗ୍ରଥିତ ମଣି ଗଣାଇବ । ଏକଦା Bengal School ଏ ସମସ୍ତଙ୍କ ପାଇଁ ନୂତନ ବର୍ଣ୍ଣମୟ ଦୃଷ୍ଟିର ଦିଗନ୍ତ ଉନ୍ମୋଚିତ କରିଥିଲା । ସେଇପରି ଏକକାଳୀନ ଏ ସମସ୍ତେ ପାଶ୍ଚାତ୍ୟ ଆଧୁନିକତାକୁ ବରଣ କରିଥିଲେ ନୂତନତାର ସ୍ୱାଦ ନିମନ୍ତେ । ଏହା ବ୍ୟତୀତ ସାହିତ୍ୟ, ସଂସ୍କୃତି ଓ କଳାର ଐତିହ୍ୟରେ ବିଶେଷତଃ ଏଇ ତିନି ପ୍ରଦେଶର ଜାତି ଏକ ପାରିବାରିକ ଚେତନାର । ଏଥିପାଇଁ ଆସାମର, ଆଲେଖନକଳାର ଅବସ୍ଥା ଆମ ଆଲେଖନକଳାର ସମରୂପ ଥିବା ସମ୍ଭବ ।

ପୂର୍ବୋକ୍ତ, ବିଲ୍‌କୁଲ୍ ଆଧୁନିକ ଆର୍ଟିଷ୍ଟ୍ ଭାବରେ ଯତୀନ୍ ଦାସ (ଯଷ୍ଠ) ପ୍ରତିଭାଶାଳୀ, ଏବଂ ଖ୍ୟାତିସମ୍ପନ୍ନ । ତାଙ୍କର ଆଲେଖନ ବ୍ୟତୀତ ସ୍କେଚ୍‌ଗୁଡ଼ିକ ବୈଶିଷ୍ଟ୍ୟପୂର୍ଣ୍ଣ— ଆପାତତଃ ଯେପରି ବିପର୍ଯ୍ୟସ୍ତ, ସେଇପରି ସଂହତ—ଏବଂ ଅର୍ଥଧ୍ୱନି ବହନ କରେ । ଦୀନନାଥ ପାଠୀ ଅନ୍ୟତମ ବିଶିଷ୍ଟ ଆର୍ଟିଷ୍ଟ । ଉଦୟ ନାରାୟଣ ଜେନା, ଶିବ ପାଣିଗ୍ରାହୀ, କୈଳାସ ଚନ୍ଦ୍ର ମହାନ୍ତି, ଚନ୍ଦ୍ର ଶେଖର ରାଓ, ସୁପ୍ରଭ ଦାସ ପ୍ରଭୃତି ତରୁଣ ଆର୍ଟିଷ୍ଟ୍‌ମାନଙ୍କଠାରୁ ବିଶେଷ ପ୍ରତିଶ୍ରୁତି ଆଶା କରାଯାଏ ।

କେବଳ ଓଡ଼ିଶାରେ, ଆସାମରେ କିମ୍ବା ବଙ୍ଗଳାରେ ନୁହେଁ—ସମଗ୍ର ଭାରତରେ ସାମ୍ପ୍ରତିକ ଆଲେଖନ କଳାରୁ ପ୍ରତିପନ୍ନ ହୁଏ—ଆମର ବହୁ ଆର୍ଟିଷ୍ଟ୍ ବ୍ୟକ୍ତିଗତ ପ୍ରତିଭାର ଅଧିକାରୀ ଥିବା ସତ୍ତ୍ୱେ କୌଣସି ନିର୍ଦ୍ଦିଷ୍ଟ ବାର୍ତ୍ତା, ଆଭିମୁଖ୍ୟ, ସମୟ-ନିକଷରେ ବ୍ୟକ୍ତିଗତ ବ୍ୟକ୍ତିତ୍ୱର ସ୍ୱର୍ଣ୍ଣରେଖା, ଜୀବନବିମ୍ବର ତଥା ସମୟର ଜ୍ୱାଳା ଜର୍ଜରିତ କୌଣସି ଗଭୀର ଅଭିବ୍ୟକ୍ତି—କେହି ସେପରିକି ଦେଇ ପାରୁନାହାନ୍ତି । ଏମାନେ ଅନେକେ ବିଦେଶର ଅନୁକରଣପୀଡ଼ିତ । ୧୯୫୦ ଠାରୁ ଏ ପର୍ଯ୍ୟନ୍ତ ମାର୍କିନ୍ ଆର୍ଟିଷ୍ଟ୍ ଜାକ୍‌ସନ୍ ପୋଲେକ୍ ପ୍ରବର୍ତ୍ତିତ ସ୍ୱତଃ-କ୍ରିୟ ଆଲେଖନ (action painting) କିମ୍ବା Pop Art, Op Art, Minimal Art ଭଳି ଯାହା ନୂଆ ହୋଇ ବିଦେଶରେ ଚଳିଲା, ତହିଁରେ ଆମର ବହୁ ଆର୍ଟିଷ୍ଟ୍ ମୁହ୍ୟମାନ ହୋଇ ଯାଉଛନ୍ତି । ତେଣୁ ଏମାନେ ଯାହା ଦେଉଛନ୍ତି ଦେଶ ବାହାରେ କାହାର ଗ୍ରାହ୍ୟ ହେଉ ନାହିଁ କହିଲେ ଚଳେ ; କାରଣ ଯାହା ଦିଆଯାଉଛି ତାହା ସେଇ ବିଦେଶୀୟ ନୂତନତାର ପ୍ରତିଛାୟା ମାତ୍ର । ଦୃଷ୍ଟାନ୍ତ ସ୍ୱରୂପ, ସୁଦନ ଶାହାଙ୍କ Tne cosmic World—An Imitation ଏହା ବ୍ରିଟେନ୍‌ର ଆର୍ଟିଷ୍ଟ୍ Lynn chadwick ଙ୍କର Two Winged Figures (1956)ର ପ୍ରତିବିମ୍ବ ବୋଲି ଜାଣିହେବ । ଅଥଚ ଦ୍ୱିତୀୟ ମହାଯୁଦ୍ଧ ପରେ ପୃଥିବୀର 'କଳା'—ତୀର୍ଥ ଆଉ ପ୍ୟାରିସ୍‌ରେ ନାହିଁ, ଏବେ ଅଛି ଆମେରିକାରେ, ପ୍ରାୟ ୩୦ ବର୍ଷ ହୋଇ ଗଲାଣି । କାରଣ ମାର୍କିନ୍ କଳାକାରମାନେ ପ୍ୟାରିସ୍‌ର ପ୍ରତିଚ୍ଛାୟାରୁ ନିଜକୁ ମୁକ୍ତ କଲେ । ତା' ସମ୍ଭବ ହେଲା ନିଜ ନିଜ ଦ୍ୱାରା, ନିଜ ନିଜ ବ୍ୟକ୍ତିତ୍ୱ ଓ ନିଜ ସମୟର ଅଭିବ୍ୟକ୍ତି ବଳରେ ।

ନହେଲେ, ଆଜି ମଧ୍ୟ ଆମ ଆଲେଖନ କଳାକ୍ଷେତ୍ରରେ 'ଆଧୁନିକତା'ର ବୁଝାମଣା ହୋଇପାରିନାହିଁ । ସେଇ ବିଶୃଙ୍ଖଳା, ବିଭ୍ରାନ୍ତି ଓ ବିଭ୍ରାଟ ତୁଟିଯାଇନାହିଁ । ୨୫।୨୬ ବର୍ଷ ତଳେ ଏ ସଂପର୍କରେ ନନ୍ଦଲାଲ ଯେଉଁ ମନ୍ତବ୍ୟ ଦେଇଥିଲେ—ତାହା ସତ୍ୟ ରହିଛି । କାରଣ ବହୁ ଆର୍ଟିଷ୍ଟ୍ ଯେଉଁ ଆଧୁନିକ ଆଲେଖ୍ୟମାନ ସୃଷ୍ଟିକରୁଛନ୍ତି ତାହା ନିର୍ଗୁଣତାର ବା (abstraction) ନହୋଇ (ଯାହା ହେଲେ ବୁଝିହୁଅନ୍ତା), କିମ୍ବା ଦୁର୍ବୋଧ୍ୟ ନହୋଇ ବରଂ ଅବୋଧ୍ୟ ହୋଇପଡ଼ୁଛି । ପ୍ରାୟ ୧୦।୧୧ ବର୍ଷତଳେ କଳାର ଆଲୋଚକ A. S. Raman କହିଥିଲେ—Art cannot be great if it is not significant on the planes of both creation and communication. Nothing can be more absurd than to suggest that an

artist is his own audience. (Ib.) ଆମ ଦେଶର ଦର୍ଶକ ତ ଆଧୁନିକ ଆଲେଖ୍ୟକୁ ବୁଝିନପାରିବା ସାଧାରଣ କଥା, —ଜଣେ ଆଧୁନିକ ଆର୍ଟିଷ୍ଟ ଅନ୍ୟ ଆଧୁନିକ ଆର୍ଟିଷ୍ଟକୁ ବି ବୁଝିପାରୁନାହିଁ । ଏମାନଙ୍କ ଭିତରେ ବିନିମୟ ( Communication) ର ବର୍ଣ୍ଣମୟ ନୀରବ ଭାଷା ବାବେଲ୍‌ର ଭାଷାରେ ମଧ୍ୟ ପରିଣତ ହୋଇ ରହିଛି ।

ପରିଶେଷରେ 'ଏଇଗଳି—ଆଧୁନିକ—ଆଲେଖନ—'କଳାର' ଏକଚ୍ଛତ୍ରବର୍ତ୍ତୀ ଆର୍ଟିଷ୍ଟ ପିକାସୋ 'କଳା'କୁ ବୁଝିବା-ପାଇଁ ଯେଉଁ ତଥ୍ୟ ବତାଇଛନ୍ତି, ତାହା ଉଦ୍ଧାର କରାଯାଉଛି—We all know that art is not truth. Art is a lie that makes us realise truth, at least the truth that is given us to understand. The artist must know the manner whereby to convince others of the truthfulness of his lies. (Art as Individual Idea)

ତା'ହେଲେ କଳା ସାଧନାରେ ମିଛର ଦରକାର ଆଛି । ବୁଝ : ବୁଝ, ଜୀବନରେ ଅନ୍ତର୍ଲୀନତା ଓ ବହିର୍ମୁଖିତାକୁ ; ପୁଣି ନିଜକୁ ବୁଝ—ପ୍ରେମୀ ଗ୍ରାହକକୁ ବୁଝ । ଆଧୁନିକତା ଅଦ୍ୱୈତମୁଖୀ ନହୋଇ ଦ୍ୱୈତ ହେଉ । ବିନିମୟ ସମ୍ଭବ ହେବ । ତା ନହେଲେ କଳା ଜୀବନ୍ତ ଓ ପ୍ରାଣପୂର୍ଣ୍ଣ ନ ହୋଇ ମ୍ରିୟମାଣ ହୋଇ ରହିଥିବ । ଜନକ କଳାକାର 'କଳା' ନାମିତା କନ୍ୟାକୁ କେବଳ ଜନ୍ମଦେଲେ ତ ହେଲନାହିଁ, ପ୍ରେମୀ ଗ୍ରାହକଠାରେ ସମର୍ପି ଦେଇ କନ୍ୟାର ଆନନ୍ଦ ଦେଖିବା ଉଚିତ ।

ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ରେଭେନ୍‌ସା କଲେଜ, କଟକ ।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ୧୯୭୯ ଫେବୃଆରୀ ୧୬ ତାରିଖ ଦିନ ରାଜ୍ୟ ସୂଚନା ଭବନଠାରେ ସାମ୍ବାଦିକ ତାଲିମ କର୍ମଶାଳାର ଉଦ୍‌ଯାପନ ଦିବସରେ ଉଦ୍‌ବୋଧନ ଦେଉଛନ୍ତି ।



# ପ୍ରାଚୀନ ମତରେ ଦୁଗ୍‌ଧ ଓ ଦୁଗ୍‌ଧଜାତ ପଦାର୍ଥ

ଡଃ ବଦ୍ଭୂତ ଭୂଷଣ ରଥ

ଖାଦ୍ୟ ମଣିଷ ମନରେ ଶୁଦ୍ଧ ବା ଅଶୁଦ୍ଧ ଭାବନା ସୃଷ୍ଟି କରେ—ପ୍ରାଚୀନ ଭାରତର ମନୀଷୀମାନେ ମଣିଷର ଦେହ ଓ ମନ ଉପରେ ଖାଦ୍ୟର ପ୍ରଭାବ ସଂପର୍କରେ ଅବହିତ ହୋଇ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ଭୂୟସୀ ପ୍ରଶଂସା କରିଥିଲେ— ବୈଜ୍ଞାନିକ ତଥା ଶାସ୍ତ୍ରୀୟ ଦୃଷ୍ଟିକୋଣରୁ ସେ ସବୁର ସମୀକ୍ଷା କରା ଯାଇଛି ଏଇ ନିବନ୍ଧରେ—

ବିଭିନ୍ନ ଖାଦ୍ୟମାନଙ୍କ ମଧ୍ୟରେ ଦୁଗ୍ଧ ବୋଧହୁଏ ମନୁଷ୍ୟକୁ ପ୍ରକୃତିର ସର୍ବଶ୍ରେଷ୍ଠ ଦାନ । କାରଣ ଜୀବ ସୃଷ୍ଟିର ଯେ କୌଣସି ସ୍ତନ୍ୟପାୟୀ ଶିଶୁ ଭୂମିଷ୍ଠ ହେବାମାତ୍ରେ ହିଁ ତା'ର ପ୍ରଥମ ଖାଦ୍ୟ ସମ୍ଭାର ଅନ୍ୟ କେଉଁଠାରେ ନୁହେଁ, ପ୍ରକୃତି ତାର ନିଜର ଜନ୍ମଦାତ୍ରୀଠାରେ ହିଁ ସଜାଡ଼ି ରଖିଥାଏ । ଏପରିକି କେବଳ ମନୁଷ୍ୟ କାହିଁକି ପ୍ରତ୍ୟେକ ଶିଶୁ, ମାତୃ ଗର୍ଭରେ ଯେପରି ବୃଦ୍ଧିଲାଭ କରୁଥାଏ ତା'ର ସେହି ଅମୃତ ଖାଦ୍ୟ ଉତ୍ପାଦନକାରୀ ଗ୍ରନ୍ଥି ମଧ୍ୟ ସେହିପରି ଉତ୍ପାଦନକ୍ଷମ ହେବାପାଇଁ ବୃଦ୍ଧି ପାଉଥାଏ । ଶିଶୁର ବୃଦ୍ଧି ପାଇଁ ଖାଦ୍ୟରେ ଯାହାଯାହା ଉପାଦାନ ଆବଶ୍ୟକ ତାହା ସମସ୍ତ ତାର ମାତୃ ସ୍ତନ୍ୟରେ ଥାଏ । ବିଭିନ୍ନ ଜୀବଜନ୍ତୁମାନଙ୍କ ଦୁଗ୍ଧ ମଧ୍ୟରେ ଉପାଦାନଗତ ପାର୍ଥକ୍ୟ ଏତେ କମ୍ ଯେ ପ୍ରତ୍ୟେକକୁ ଅନ୍ୟ ପରିବର୍ତ୍ତେ ମଧ୍ୟ ବ୍ୟବହାର କରାଯାଇ-ପାରେ । ସେଥିପାଇଁ ସାଧାରଣତଃ, ଅନ୍ତତଃ ସୁଲଭତା ଦୃଷ୍ଟିରୁ ଗାଈ ଦୁଧକୁ ଶିଶୁଠାରୁ ଆରମ୍ଭକରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କର ଶ୍ରେଷ୍ଠ ଖାଦ୍ୟ ସାମଗ୍ରୀରୂପେ ବ୍ୟବହାର କରାଯାଏ । ଦୁଧ ଓ ଦୁଧଜାତ ପଦାର୍ଥରେ ଶିଶୁମାନଙ୍କ ପାଇଁ ଶରୀର ବୃଦ୍ଧିକାରକ ଏବଂ କାର୍ଯ୍ୟକ୍ଷମ ଯୁବକମାନଙ୍କ ପାଇଁ ଶରୀରରେ ବଳ ଓ ଉତ୍ତାପ ପ୍ରଦାନକାରୀ ଶକ୍ତି ତଥା ବୃଦ୍ଧମାନଙ୍କ ପାଇଁ ରୋଗହୀନ, ସ୍ୱାସ୍ଥ୍ୟ ପ୍ରଦାନକାରୀ ସମସ୍ତ ଭେଷଜୀୟ ପଦାର୍ଥ ବିଦ୍ୟମାନ ।

ଆଧୁନିକ ବିଜ୍ଞାନ ଓ ରସାୟନ ଶାସ୍ତ୍ରାନୁମୋଦିତ ମାର୍ଗରେ ଗାଈ ଦୁଧ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଦୁଧ ଉପରେ, ଏମାନଙ୍କର ମନୁଷ୍ୟର ଖାଦ୍ୟ ହିସାବରେ ଉପାଦେୟତା ସଂପର୍କରେ ବହୁ ଗବେଷଣା ଚାଲିଛି । ମନୁଷ୍ୟର ଖାଦ୍ୟରେ ଆବଶ୍ୟକ ଶର୍କରା, ଛେନା ଓ ଲହୁଣୀ ଜାତୀୟ ଖାଦ୍ୟ, ବିଭିନ୍ନ ଭିଟାମିନ୍, ଧାତବ ଲବଣ ଛଡ଼ା କେତୋଟି ଜୀର୍ଣ୍ଣକାରୀ ରସ ବା ଏଞ୍ଜାଇମ୍, ଆବଶ୍ୟକୀୟ ଜୀବାଣୁ ବା ବ୍ୟାକ୍‌ଟେରିଆ, କେତୋଟି ରୋଗନିରୋଧିକା ଶକ୍ତି ବା ଆଣ୍ଟିବଡ଼ି ଗାଈ ଦୁଧରେ ରହିଛି । ଏହା ବ୍ୟତୀତ ସୂକ୍ଷ୍ମ ଗବେଷଣାରୁ ଦୁଧରେ ଅଧିକ କିଛି ଆବଶ୍ୟକ ପଦାର୍ଥ କ୍ରମଶଃ ବାହାରି ଚାଲିଛି । ତେବେ ପ୍ରାଚୀନକାଳରେ ତ ଏତେ ଗବେଷଣା ନ ଥିଲା, ବା ଥିଲେ ମଧ୍ୟ ଆମେ ପ୍ରମାଣ ପାଉନାହୁଁ । ମାତ୍ର ବହୁବର୍ଷର ଅଭିଜ୍ଞତାରୁ ଦୁଧର ଖାଦ୍ୟ-ଗୁଣ ସଂପର୍କରେ ଆମର ପ୍ରାଚୀନ ମନୀଷୀଗଣ ବହୁ ଉପାଦେୟ କଥା ଲେଖିଯାଇଛନ୍ତି । ବିଶେଷକରି ପ୍ରାଚୀନ ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ଦୁଧ ସଂପର୍କରେ ବିଶେଷ ଉଲ୍ଲେଖ ଅଛି ।

ଋକ୍‌ବେଦ ଅନ୍ତତଃ ଖ୍ରୀଷ୍ଟପୂର୍ବ ଅଢ଼େଇ ହଜାର ବର୍ଷ ପୂର୍ବର କୃତି । ସେ ଗ୍ରନ୍ଥରେ ଦୁଧ ଓ ଗାଈମାନଙ୍କ ସଂପର୍କରେ ବହୁ ସ୍ଥଳରେ ଉଲ୍ଲେଖ ଅଛି ।

"ଦାତା ବାଜସ୍ୟ ଗୋ ମା ତାଃ ।"

ଅର୍ଥାତ୍ ଗାଈ ଦୁଧରେ ଭରପୂର ବଳ ରହିଛି । ଗାଈହିଁ ସବୁ ଶକ୍ତିର ଆଧାର ! ଅନ୍ୟଥା,

"ପାତମ୍ ପୟସାଃ ଉଶ୍ରୀୟୟଃ ।"

ଅର୍ଥାତ ସମସ୍ତେ ଗାଈ ଦୁଧ ପିଅନ୍ତୁ । ଏହା ସବୁଠାରୁ ଉତ୍ତମ ଖାଦ୍ୟ ।

ସେହିପରି "ପିପିହିଶଃ ସୁଦୁଗ୍ଧମ୍..........ଧେନୁମ୍" ଅର୍ଥାତ୍ ଗାଈମାନେ ସୁସ୍ଥ ସବଳ ହୁଅନ୍ତୁ ଏବଂ ବେଶି ପରିମାଣରେ ଦୁଧ ଦିଅନ୍ତୁ । ସେହିପରି ଅଥର୍ବବେଦ ଓ ଉପନିଷଦମାନଙ୍କରେ ଦୁଧର ଭୂରିଭୂରି ପ୍ରଶଂସା କରାଯାଉଛି ଯଥା:—

ଓଁ ମଧୁବାତା ଋତାୟତେ,
ମଧୁ କ୍ଷରନ୍ତୁ ସିନ୍ଧବଃ

× × ×

ମାଧ୍ୱିର୍ଗାବଃ ଭବନ୍ତୁ ନଃ

ଅର୍ଥାତ ମଧୁର ପବନ ପ୍ରବାହିତ ହେଉ, ସମୁଦ୍ରମାନଙ୍କରୁ ମଧୁମିଶା ଜଳ ଆଣି ବାଦଲମାନେ ବର୍ଷା କରନ୍ତୁ ଓ ଶେଷରେ ଆମ ଗାଈମାନେ ମଧୁମିଶା ଦୁଧ ଦିଅନ୍ତୁ ।

କ୍ରମଶଃ ମହାଭାରତ ଯୁଗରେ ମଧ୍ୟ ଦୁଧ ଓ ଗାଈଙ୍କର ମହତ୍ୱ ପ୍ରତିପାଦିତ ହୋଇଛି । ପାଣ୍ଡବମାନଙ୍କ ମଧ୍ୟରୁ ନକୁଳ ତ ଗାଈମାନଙ୍କ ବିଷୟରେ ବିଶେଷଜ୍ଞ ଥିଲେ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି—

"ମାତରଃ ସର୍ବଭୂତାନାଂ ଗାବଃ ସର୍ବ ସୁଖ ପ୍ରଦାଃ

ଅର୍ଥାତ ଗାଈ ସବୁ ଜୀବମାନଙ୍କର ମା' ପରି ସୁଖ ପ୍ରଦାନକାରୀ । ସେଥିପାଇଁ ତ ସେ "ବନରେ ଚରାଇଲେ ଗାଈ, ଜନେ ମୋହିଲେ ବଂଶୀବାଇ" (ଗୋ-ମାହାତ୍ମ୍ୟ— ଗୋପବନ୍ଧୁ) । ପୁଣି ଭାଗବତକାର ଜଗନ୍ନାଥ ଦାସ ଲେଖିଛନ୍ତି—

"ଦଧି ଅନ୍ନହିଁ ଘରୁ ଆଣି,
ଜଳ ନିକଟେ ଚକ୍ରପାଣି ।
ଗୋପାଳମେଳେ ବେନିଭାଇ,
ଭୁଞ୍ଜନ୍ତି ଶିଳାପରେ ଥୋଇ" ।

ଓଡ଼ିଆ କବି ଭକ୍ତଚରଣ ଖାଦ୍ୟହିସାବରେ ଦୁଧ ଦହିର ଉପକାରିତା ସୁଝାଇ କହନ୍ତି:—

"ଦୁଃଖି ଲୋକଙ୍କର ସଂଖାଳି ସେତ ଦରିଦ୍ର ଧନ,
ଦଧ ଦହି ଖିଆ ଦେହ ଗୋ ତେଣୁ ବଡ଼ ଲବଣ୍ୟ ।
ଏର ଲବଣୀ ଗୋଟିକା ଯେ ଖାଇ ନନ୍ଦର କଷି
ସବୁ ଗୋପୀଙ୍କର ମନକୁ ବଂଶୀ ସ୍ୱନେ ମୋହୁଛି" ।

ବୈଷ୍ଣବୀୟ ତତ୍ତ୍ୱସାରରେ ଶ୍ରୀମଦ୍ଭାଗବତ୍ ଗୀତାକୁ ଦୁଧସହ, ଶ୍ରୀକୃଷ୍ଣକୁ ଗୋପାଳସହ ଓ ଉପନିଷଦମାନଙ୍କୁ ଗାଈ ସହ ତୁଳନା କରାଯାଇଛି । ଶ୍ରୀକୃଷ୍ଣ ସେ ଦୁଧକୁ ଅର୍ଜୁନ ପରି ବାଛୁରୀକୁ ପିଆଇ ଦେଇଛନ୍ତି ବୋଲି ଉଲ୍ଲେଖ ଅଛି ।

"ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ ପାର୍ଥୋ ବତ୍ସ ସୁଧୀର୍ଭୋକ୍ତା ଦୁଗ୍ଧମ୍ ଗୀତାମୃତଂମହତ୍" ।

ଚରକ, ସୁଶ୍ରୁତ, ବାଗଭଟ, ଭାବମିଶ୍ର ଇତ୍ୟାଦି ପ୍ରାଚୀନ ଆୟୁର୍ବେଦଗ୍ରନ୍ଥ ପ୍ରଣେତାମାନେ ଦୁଧ ଓ ଦହି, ଘିଅ ଆଦି ଯାବତୀୟ ଦୁଧଜାତ ପଦାର୍ଥମାନଙ୍କ ବିଷୟରେ ପ୍ରାଞ୍ଜଳ ଭାବରେ ଲେଖିଛନ୍ତି । ଗାଈ ଦୁଧରେ ଦଶଗୋଟି ଔଷଧଗୁଣ ଥିବାର ଚରକ କହନ୍ତି—

ସ୍ୱାଦୁ ଶୀତଂ ମୃଦୁ ସ୍ନିଗ୍ଧଂ ବହଳଂ ଶ୍ଲକ୍ଷ୍ଣପିଚ୍ଛିଳଂ
ଗୁରୁ ମନ୍ଦଂ ପ୍ରସନ୍ନଂ ଚ ଗବ୍ୟ ଦଶଗୁଣଂ ପୟଃ ।

ଅର୍ଥାତ୍ ଗାଈ ଦୁଧ ସ୍ୱାଦୁ, ଶୀତଳ, ନରମ, ଚିକ୍କଣ-ତାଯୁକ୍ତ । ବହଳ, ରସଯୁକ୍ତ, ମେଦବର୍ଦ୍ଧକ, ରୋଗନିରୋଧିକା ଶକ୍ତି ବିଶିଷ୍ଟ ଓ ସଦା ସତେଜ, ପ୍ରଫୁଲ୍ଲ ଓ ଆନନ୍ଦ ଦାନକାରୀ ଅଟେ। ସୁଶ୍ରୁତ ସଂହିତାରେ ଉଲ୍ଲେଖ ଅଛି:—

"ଗୋକ୍ଷୀର ମନ ଭିଷ୍ୟନ୍ଦି ସ୍ନିଗ୍ଧଂ ଗୁରୁ ରସାୟନମ୍
ରକ୍ତ ପିତ୍ତ ହରଂ ଶୀତଂ ମଧୁରଂ ରସ ପାକୟୋ" ।
ଜୀବନୀୟଂ ତଥା ବାତ ପିତ୍ତଘ୍ନଂ ପରମଂ ସ୍ମୃତମ୍ ।

ଅର୍ଥାତ୍ ଗାଈଦୁଧ ଶ୍ଲେଷ୍ମ କରାଏ ନାହିଁ, ଚିକ୍କଣଯୁକ୍ତ, ଓଜନ ବୃଦ୍ଧିକାରୀ, ଔଷଧ ଗୁଣ ସଂପନ୍ନ, ରକ୍ତ ପିତ୍ତ ଶାନ୍ତିକାରୀ, ଶୀତଳ, ସ୍ୱାଦୁ ଓ ମଧୁର, ଆୟୁବର୍ଦ୍ଧକ ଓ ବାତ ପିତ୍ତ ବିକାର ନଷ୍ଟକାରୀ ଅଟେ ।

ସେହିପରି ଶ୍ରୀମଦ୍‌ବାଗ୍‌ଭଟ୍ଟାଚାର୍ଯ୍ୟ ଅଷ୍ଟାଙ୍ଗ ହୃଦୟମ୍‌ରେ ଲେଖନ୍ତି—

ଅତ୍ର ଗବ୍ୟଂ ତୁ ଜୀବନୀୟମ୍ ରସାୟନମ୍
କ୍ଷତ କ୍ଷୀଣଂ ହିତଂ ମେଧ୍ୟଂ ବଲ୍ୟ ସ୍ତନ୍ୟକରଂ ରସମ୍
ଶ୍ରମ ଭ୍ରମ ସଦାଲକ୍ଷ୍ମୀ ଶ୍ୱାସ କାଶାତି ତୃଟ କ୍ଷୁଧଃ
ଜୀର୍ଣ୍ଣ ଜ୍ୱରଂ ମୂତ୍ରକୃଚ୍ଛ୍ରଂ ରକ୍ତ ପିତ୍ତଂ ଚ ନାଶୟେତ୍" ।

ଅର୍ଥାତ ଗାଈଦୁଧ ଜୀବନ ପାଇଁ ଉପଯୋଗୀ, ଧାତୁ ନିର୍ମଳକାରୀ, କ୍ଷତ କ୍ଷୀଣ ରୋଗୀଙ୍କ ପାଇଁ ହିତକାରୀ ମେଧାବର୍ଦ୍ଧକ, ଦୁଗ୍ଧ ବର୍ଦ୍ଧକ ଓ ମୃଦୁ ରେଚକ ଅଟେ । ଥକା, ମସ୍ତିଷ୍କ ଭ୍ରମ, ମଦ, ଅଲକ୍ଷ୍ମୀ, ଶ୍ୱାସ, କାଶ, ଶୋଷ, ଭୋକ, ଜୀର୍ଣ୍ଣ ଜ୍ୱର ମୂତ୍ର କୃଚ୍ଛ୍ର ଓ ରକ୍ତ ପିତ୍ତ ନଷ୍ଟକାରୀ ।

ଭାବ ପ୍ରକାଶ ଗ୍ରନ୍ଥରେ ସଜ ଦୁହାଁ ଦୁଧ, ଥଣ୍ଡା ଦୁଧ ଓ ଗରମ ଦୁଧ ଆଦିର ଗୁଣ ବର୍ଣ୍ଣିତ ହୋଇଛି:—

"ଧାରୋଷ୍ଣଂ ଗୋପୟୋ ବଲ୍ୟଂ ଲଘୁଶୀତଂ ସୁଧାସମମ୍
ଦୀପନଞ୍ଚ ତ୍ରି ଦୋଷଘ୍ନଂ ତଦ୍ଧାରା ଶିଶିରଂ ତ୍ୟଜେତ୍"
"ଧାରୋଷ୍ଣଂ ଶସ୍ୟତେ ଗବ୍ୟଂ ଧାରା ଶୀତନ୍ତୁ ମାହିଷମ୍
ଶୃତୋଷ୍ଣମାବିକଂ ପଥ୍ୟ ଶୃତ ଶୀତମଜାପୟଃ"

ଇତ୍ୟାଦି ।

ଅର୍ଥାତ ସଦ୍ୟ ଦୁହାଁ ହୋଇଥିବା ଗାଈର ଦୁଧ ବଳ-କାରକ, ଲଘୁପାକ, ଶୀତଳ ଓ ଅମୃତ ସମାନ ଅଟେ । ଏହା ଅଗ୍ନି ବର୍ଦ୍ଧକ ଓ ବାତପିତ୍ତ କଫ ତ୍ରିଦୋଷ ନାଶକ । ଥଣ୍ଡା ହୋଇଗଲେ ଏ ଗୁଣସବୁ ନ ଥାଏ । ଗାଈର ସଜଦୁହାଁ

ଉଷୁମ ଦୁଧ, ମଇଁଷିର ଦୁହଁା ହୋଇ ଥଣ୍ଡା ହୋଇଯାଇଥିବା ଦୁଧ, ମେଣ୍ଢାର ଗରମ କରା ହୋଇଥିବା ଉଷୁମ ଦୁଧ ଓ ଛେଳିର ଗରମ କରି ଥଣ୍ଡାହୋଇଥିବା ଦୁଧ ଖାଦ୍ୟୋପଯୋଗୀ । କଞ୍ଚା ଦୁଧ ଶ୍ଲେଷ୍ମକାରକ, ଗରିଷ୍ଠ ଓ ଆମବର୍ଦ୍ଧକକାରୀ ଅଟେ । ମଇଁଷିକୁ ଛାଡ଼ି ଅନ୍ୟ କୌଣସି ପଶୁର ଥଣ୍ଡାଦୁଧ ପିଇବା ଅନୁଚିତ । ଅନ୍ୟ ସବୁ ଦୁଧ ଗରମ କରି ଓ ଉଷୁମ ଅବସ୍ଥାରେ ପିଇଲେ ତାହା ବାତ, କଫ ନାଶକରେ ଓ ଗରମ କରି ଥଣ୍ଡା କରି ପିଇଲେ ତାହା ପିତ୍ତନାଶକ ହୁଏ । ଦୁଧରେ ଅଧେ ପାଣି ମିଶାଇ ପିଇଲେ ତାହା କଞ୍ଚା ଦୁଧଠାରୁ ଲଘୁତର ହୁଏ । ଦୁଧରେ ମୋଟେ ପାଣି ନ ମିଶାଇ ତାକୁ ଯେତେ ସିଝାଇବ ତାହା ସେତେ ଗରିଷ୍ଠ, ଲହୁଣୀଯୁକ୍ତ ଓ ବଳକାରକ ହୁଏ ।

ଦୁଧର ଦୁହିଁବା ସମୟ ଭେଦରେ ମଧ୍ୟ ଭାବପ୍ରକାଶ ଦୁଧର ଖାଦ୍ୟଗୁଣ ନିର୍ଣ୍ଣୟ କରିଛନ୍ତି:—

"ରାତ୍ରୌ ଚନ୍ଦ୍ରଗୁଣାଧିକ୍ୟାତ୍ ବ୍ୟାୟାମାକରଣାତ୍ ତଥା
ପ୍ରାଭାତିକଂ ପୟଃ ପ୍ରାୟଃ ପ୍ରାଦୋଷାତ୍ ଗୁରୁ ଶୀତଳମ୍,
ଦିବାକର କରାଘାତାତ୍ ବ୍ୟାୟାମାନିଳ ସେବନାତ୍
ପ୍ରାଭାତିକାତ୍ ପ୍ରାଦୋଷଂ ଲଘୁ ବାତ କଫାପହମ୍ ।"

ଅର୍ଥାତ୍ ରାତିରେ ଚନ୍ଦ୍ର କିରଣ ଥିବାରୁ, ବ୍ୟାୟାମ ନ କରୁଥିବାରୁ, ସକାଳେ ଦୁହଁା ଯାଇଥିବା ଦୁଧ ସନ୍ଧ୍ୟାବେଳେ ଦୁହଁା ଯାଇଥିବା ଦୁଧଠାରୁ ଗରିଷ୍ଠ ଓ ଶୀତଳ ଅଟେ । ଦିନରେ ସୂର୍ଯ୍ୟ କିରଣ ପାଉଥିବାରୁ, ବ୍ୟାୟାମ କରୁଥିବାରୁ ଓ ପବନ ପାଉଥିବାରୁ ସଂଧ୍ୟାବେଳେ ଦୁହଁାଯାଉଥିବା ଦୁଧ ସକାଳ ଦୁଧଠାରୁ ଲଘୁପାକ ଓ ବାତ କଫହାରୀ ।

ସେହି ଭବପ୍ରକାଶରେ ଦିନର ବିଭିନ୍ନ ସମୟରେ ଦୁଧ ପିଇଲେ କି କି ଉପକାର ମିଳେ ତାହା ମଧ୍ୟ ବର୍ଣ୍ଣିତ ହୋଇଛି ।

ଦୁଗ୍ଧଂ ବୃଂହଣମଗ୍ନି ଦୀପନକରଂ ପୂର୍ବାହ୍ନକାଳେ ପୟୋ
ମଧ୍ୟାହ୍ନେ ତୁ ବଳାବହଂ କଫଂ ହରଂ ପିତ୍ତାପହଂ ଦୀପନମ୍"
ବାଳେ ବୃଦ୍ଧି କରଂ କ୍ଷୟେକ୍ଷୟକରଂ ବୃଦ୍ଧେତ୍ ରେତୋବହଂ
ରାତ୍ରୌ ପଥ୍ୟମନେକ ଦୋଷ ଶମନଂ ସେହିତଂ ସଂସ୍କୃତଂ"

ଅର୍ଥାତ୍ ଦିପହର ଆଗରୁ ଦୁଧ ବୀର୍ଯ୍ୟ ବର୍ଦ୍ଧକ ଓ ଅଗ୍ନି ଉଦ୍ଦୀପକ, ଦ୍ୱିପହରବେଳେ ବଳକାରକ, କଫଂ ଓ ପିତ୍ତନାଶକ ତଥା ମାନ୍ଦାଗ୍ନି ନଷ୍ଟକାରୀ । ସକାଳେ ଦୁଧ ବଳବୃଦ୍ଧିକାରକ ଓ ବୃଦ୍ଧାଙ୍କୁ କ୍ଷୟ ନାଶକ ତଥା ବୀର୍ଯ୍ୟ ବର୍ଦ୍ଧକ । ରାତିରେ ଦୁଧ ପିଇଲେ ବହୁ ଦୋଷ ନାଶଯାଏ ।

ଭାବନାଦ ଗାଇଦୁଧ ସହ ଅନ୍ୟ ଜୀବଜନ୍ତୁମାନଙ୍କର ଦୁଧକୁ ତୁଳନା କରିଛନ୍ତି ।

ଗବ୍ୟଂ ସ୍ନେହୋରମଂ କ୍ଷୀରଂ ଗବ୍ୟଞ୍ଚ ପୟସଃ ପୟମ୍
ଯଥୋରଂ ସ୍ନେହହୀନଂ ମୌରଭ୍ରଞ୍ଚାଗ ମାହିଷମ୍ "
ଛାଗଲାନ୍ତର ଶୈ ଲେଷ୍ଟ୍ ଚରଣାନାଂ ଯଥୋରମମ୍
ପୟୋ ଗୁରୁତରଂ ସ୍ନେହୋ ଯଥାଽହାରଂ ପ୍ରବର୍ତ୍ତତେ "
ଗୁରୁ ଶୀତତରଂ ଗବ୍ୟାନାହିଷଂ ସ୍ୱପ୍ନକ୍ରଂ ପୟଃ
ଚତୁର୍ଥ ଭାଗ ସ୍ନେହାନାଂ ପିତ୍ତଘ୍ନଂ ଚବି ଶେଷତଃ ॥

ଅର୍ଥାତ ଘିଅର ଗୁଣ ଦୃଷ୍ଟିରୁ ଗାଈଦୁଧ ଉତ୍କୃଷ୍ଟ । ମାତ୍ର ମଇଁଷି ଦୁଧ ଘିଅର ପରିମାଣ ଦୃଷ୍ଟିରୁ ଭଲ । ମୋଟାମୋଟି ଗୁଣ ଦୃଷ୍ଟିରୁ ଗାଈ ଦୁଧ ତଳକୁ ଛେଳି ଦୁଧ ଓ ତା'ପରେ ମଇଁଷି ଦୁଧର ସ୍ଥାନ । ବୁଦି ବୁଦିକିଆ ଜଙ୍ଗଲ, ଖାଲ ଓ ପାହାଡ଼ ପର୍ବତରେ ଚରୁଥିବାରୁ ଛେଳିଦୁଧ ଛେଳିର ଖାଦ୍ୟ ଅନୁସାରେ ଲଘୁ ଓ ଗୁରୁ ହୋଇଥାଏ । ଗାଈ ଦୁଧଠାରୁ ମଇଁଷି ଦୁଧ ଗରିଷ୍ଠ, ଥଣ୍ଡା ଓ ନିଦ୍ରାକାରୀ ଏବଂ ଗାଈ ଦୁଧର ସ୍ୱରିଗୁଣ ଲହୁଣୀ ବିଶିଷ୍ଟ ଅଟେ ।

ଶ୍ରୀମଦ୍ ବାଗ୍‌ଭଟ୍ଟ ଛେଳି ଦୁଧର ଗୁଣ ନିର୍ଣ୍ଣୟ କରିଛନ୍ତି——

ଅଳ୍ପାମ୍ବୁପାନ ବ୍ୟାୟାମାତ୍ କଟୁ ତିକ୍ତ ଶନୈର୍ଲଘୁ
ଆଜଂ ଶୋଷ ଜ୍ୱର ଶ୍ୱାସ ରକ୍ତ ପିତ୍ତାଦି ସାରଜିତ୍ ।

ଅର୍ଥାତ୍ ଅଳ୍ପ ପାଣି ପିଉଥିବାରୁ, ବ୍ୟାୟାମ କରୁଥିବାରୁ, କଟୁ ତିକ୍ତ ଭୋଜନ କରୁଥିବାରୁ ଛେଳି ଦୁଧ ଲଘୁ ପାକ ଅଟେ । ଏହା ଶୋଷ, ଜ୍ୱର, ଶ୍ୱାସ, ରକ୍ତପିତ୍ତ ଓ ଅତିସାର ନାଶକ ।

ଗାଈର ଦହି ସବୁ ଦହିମାନଙ୍କ ମଧ୍ୟରେ ଉତ୍କୃଷ୍ଟ ବୋଲି ଭାବପ୍ରକାଶରେ ଉଲ୍ଲେଖ ଅଛି—

ଉକ୍ତଂ ଦଧ୍ନାମଶେଷାଣାଂ ମଧ୍ୟେ ଗବ୍ୟଂ ଗୁଣାଧିକମ୍ ।

ସୁଶ୍ରୁତ କହନ୍ତି—

ସ୍ନିଗ୍ଧ ବିପାକେ ମଧୁରଂ ଦୀପନଂ ବଳ ବର୍ଦ୍ଧନଂ
ବାତା ପହଂ ପବିତ୍ରଞ୍ଚ ଦଧି ଗବ୍ୟଂ ରୁଚିପ୍ରଦଂ ।

ଅର୍ଥାତ୍ ଦହି ସ୍ନେହସାରଯୁକ୍ତ, ପାକଶରେ ମଧୁର, ଜଠରାଗ୍ନି ତୀବ୍ରକାରୀ, ବଳବର୍ଦ୍ଧକ, ବାତନାଶକ, ପବିତ୍ର ଓ ରୁଚିକର । ମାତ୍ର ସେ ଗ୍ରୀଷ୍ମ, ଶରତ ଓ ବସନ୍ତ ଋତୁରେ ଦହି ନ ଖାଇବାକୁ ଓ ବର୍ଷା, ଶିଶିର ଓ ହେମନ୍ତ ଋତୁରେ ଦହିଖାଇବାକୁ ପରାମର୍ଶ ଦେଇଛନ୍ତି—

ଶରତ ଗ୍ରୀଷ୍ମ ବସନ୍ତେଷୁ ପ୍ରାୟଶୋ ଦଧି ଗର୍ହିତମ୍
ହେମନ୍ତେ ଶିଶିରେ ଚୈବ ବର୍ଷାସୁ ଦଧି ଶସ୍ୟତେ ।

ବାଗଭଟ୍ଟ ମଧ୍ୟ କହନ୍ତି—

ନୈବାଦ୍ୟାନ୍ନିଶି ନୈବୋଷ୍ଣଂ ବସନ୍ତୋଷ୍ଣ ଶରତ୍ ସୁନା
ନା ମଗ୍ଧ ସୂପଂ ନୋକ୍ଷୌଦ୍ରଂ ତନ୍ନାଘୃତ ସିତୋପଳମ୍ ।
ନ ଘନାମଳକଂ ନାପି ନିତ୍ୟଂ ଯେ ମନ୍ଦମନ୍ୟଥା
ଜ୍ୱରା ସୃକ୍ ପିତ୍ତ ବୀସର୍ପ କୁଷ୍ଠ ପାଣ୍ଡୁ ଭ୍ରମପହମ୍ ।

ଅର୍ଥାତ ରାତିରେ ଦହି ଖାଇବା ଅନୁଚିତ । ଗ୍ରୀଷ୍ମ, ବସନ୍ତ ଓ ଶରତ ଋତୁରେ ମଧ୍ୟ ଦହି ଖାଇବା ଅନୁଚିତ । ପ୍ରତିଦିନ ମଧ୍ୟ ଦହି ଖାଇବା ଠିକ୍ ନୁହେଁ । କମି ନଥିବା ଦହି ମଧ୍ୟ ଅହିତକର । ଏପରି ଦହି ଖାଇଲେ ଜ୍ୱର, ରକ୍ତ, ପିତ୍ତ, ବୀସର୍ପ, ଚର୍ମରୋଗ ପାଣ୍ଡୁ ଓ ଭ୍ରମ ଉତ୍ପନ୍ନ ହୋଇପାରେ ।

ଦହିର ଭେଷଜୀୟ ଗୁଣ ସମ୍ପର୍କରେ ବାଗ୍‌ଭଟ୍ଟ ଲେଖିଛନ୍ତି—

ଅମ୍ଳପାକ ରସଗ୍ରାହୀ ଗୁରୁଷ୍ଣଂ ଦଧି ବାତଜିତ୍
ମେଦଃ ଶୁକ୍ରବଳ ଶ୍ଳେଷ୍ମ ପିତ୍ତ ରକ୍ତାଗ୍ନି ଶୋଫଂକୃତ୍ ।
ରୋଚିଷ୍ଣ ଶସ୍ତମରୁଚୌ ଶୀତକେ ବିଷମ ଜ୍ୱରେ
ପୀନସେ ମୂତ୍ରକୃଚ୍ଛ୍ରେଚ ରକ୍ଷତୁ ଗ୍ରହଣି ଗଦେ ।

ଅର୍ଥାତ୍ ଦହି ଅମ୍ଳ, ଉଷ୍ଣ ଓ ବାତ ନାଶକ, ରୁଚି ଦାୟକ, ମେଦ ଶୁକ୍ର ବଳ, କଫ, ପିତ୍ତ, ରକ୍ତ, ଅଗ୍ନି ଓ ଶୋଫ ବର୍ଦ୍ଧକ । ଶୀତ ଜ୍ୱର, ବିଷଜ୍ୱର, ପୀନସ ଓ ମୂତ୍ର କୃଚ୍ଛ୍ରରେ ଉତ୍ତମ ଅଟେ । ଗ୍ରହଣୀ ରୋଗରେ ଲହୁଣୀ କଢ଼ାଯାଇଥିବା ଦହି ଉତ୍ତମ ଅଟେ

ଗାଈ ଘିଅର ଔଷଧ ଗୁଣ ସଂପର୍କରେ ବାଗ୍‌ଭଟ୍ଟ ପ୍ରଶଂସାରେ ଶତମୁଖ —

ବିପାକେ ମଧୁରଂ ଶୀତଂ ବାତପିତ୍ତ ବିଷପହମ୍
ଚକ୍ଷୁଷ୍ୟ ମଗ୍ର୍ୟଂ ବଲ୍ୟଞ୍ଚ ଗବ୍ୟ ସର୍ପି ଗୁଣୋତ୍ତମମ୍ ।

ଅର୍ଥାତ୍ ଗାଈ ଘିଅ ଗୁଣରେ ସର୍ବଶ୍ରେଷ୍ଠ । ତାହା ଜୀର୍ଣ୍ଣ ପରେ ବଳଦାୟକ, ଶୀତଳ ବାତପିତ୍ତ ଓ ବିଷ ନାଶକ । ଚକ୍ଷୁର ଜ୍ୟୋତି ଓ ଶରୀରର ସାମର୍ଥ୍ୟବର୍ଦ୍ଧକ ।

ପୁନଶ୍ଚ —

ଶସ୍ତଂଧୀ ସ୍ମୃତି ମେଧାଗ୍ନି ବଳାୟୁଃ ଶୁକ୍ରଚକ୍ଷୁଷାମ୍
ବାଳବୃଦ୍ଧ ପ୍ରଜାକାନ୍ତି ସୌକୁମାର୍ଯ୍ୟ ସ୍ୱରାର୍ଥିନାମ୍"

ଅଧ୍ୟାପକ,
ଓଡ଼ିଶା ଭେଟରୀନାରୀ କଲେଜ,
ଭୁବନେଶ୍ୱର

କ୍ଷତ କ୍ଷୀଣ ପରୀସର୍ପ ଶସ୍ତାଗ୍ନି ଶ୍ରୁପିତାତ୍ମନାମ୍
ବାତ ପୀତ ବିଷୋନ୍ମାଦ ଶୋଷାଲକ୍ଷ୍ମୀ ଜ୍ୱରାପହମ୍
ସ୍ନେହାନାମୁତ୍ତମଂ ଶୀତଂ ବୟସଃ ସ୍ଥାପକଂ ପରମ୍
ସହସ୍ର ବୀର୍ଯ୍ୟ ବିଧିଭିଃ ଘୃତଂ କର୍ମ ସହସ୍ର କୃତ୍ ।।

ଅର୍ଥାତ ସ୍ମୃତି, ମେଧା, ଅଗ୍ନି, ବଳ, ଆୟୁ, ଶୁକ୍ର ଓ ଚକ୍ଷୁ ପାଇଁ ଘିଅ ଉପକାରୀ । ବାଳବୃଦ୍ଧ ସମସ୍ତଙ୍କ ପାଇଁ ଘିଅ ଉତ୍ତମ । କାନ୍ତି, କୌମାର୍ଯ୍ୟ ଓ ସ୍ୱରାଭିଳାଷୀଙ୍କ ପାଇଁ ଘିଅ ପ୍ରଶସ୍ତ । କ୍ଷତ କ୍ଷୀଣ ରୋଗୀଙ୍କ ପାଇଁ ଘିଅ ଉପକାରୀ । ଏହା ବାତ, ପିତ୍ତ, ବିଷ, ଉନ୍ମାଦ, ଶୋଷ, ଅଲକ୍ଷ୍ମୀ ଓ ଜ୍ୱର ନାଶକ । ଘିଅ ସମସ୍ତ ତୈଳଜାତୀୟ ପଦାର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଅତିଶୟ ଶକ୍ତିବର୍ଦ୍ଧକ । ଯୋଗ ସଂସ୍କାର, ପାନ, ଅଭ୍ୟଙ୍ଗ ଓ ଅନୁବାସନ ଆଦି ବିଧିମାନଙ୍କ ଦ୍ୱାରା ବିଧିପୂର୍ବକ ଦେଲେ ଏହା ହଜାର ହଜାର କାମରେ ଆସେ ।

ଦୁଧ, ଦହି ଓ ଘିଅର ଏପରି ଗୁଣମାନ ଯୋଗୁଁ ପଞ୍ଚାମୃତରେ ଏ ତିନିଗୋଟି ସ୍ଥାନ ପାଇଛନ୍ତି । ଏ ସବୁର ଏପରି ଗୁଣଯୋଗୁଁ ଗାଈକୁ ସାତଗୋଟି ମା'ମାନଙ୍କ ମଧ୍ୟରେ ଭାରତୀୟମାନେ ପୂଜା କରୁଥିଲେ ।

ଆଦୌ ମାତା ଗୁରୋ ପତ୍ନୀ ବ୍ରାହ୍ମଣୀ ରାଜପତ୍ନିକା
ଧେନୁର୍ଧାତ୍ରୀ ତଥା ପୃଥ୍ୱୀ ସପ୍ତୈତା ମାତରଃ ସ୍ମୃତା ।

ଅର୍ଥାତ ଜନ୍ମକଲା ମା, ଗୁରୁପତ୍ନୀ, ବ୍ରହ୍ମବିତ୍‌ଙ୍କ ସ୍ତ୍ରୀ, ରାଣୀ, ଧେନୁ, ଧାଈମା ଓ ଧରିତ୍ରୀ ଏ ସାତଗୋଟି ମା ଅଟନ୍ତି । ସେ ଗୋମାତାଙ୍କର ଉନ୍ନତି କରିବା ପାଇଁ ଆଉଥରେ ମନପ୍ରାଣ ଉତ୍ସର୍ଗୀକୃତ ହେଉ ।



ଶକ୍ତି, ପ୍ରଗତି ଓ ସମୃଦ୍ଧିର ପ୍ରତୀକ

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼

ନୂତନ ଉତ୍ସାହର ସହିତ ଓଡ଼ିଶାବାସୀଙ୍କ ସେବାରେ ଆଗେଇ ଚାଲିଛି
ଏକ ଉନ୍ନତ ତଥା ଉଜ୍ଜ୍ୱଳତର ଭବିଷ୍ୟତ ପଥରେ

- ସମ୍ପ୍ରତି ଏହାର ଜଳଜ-ତାପଜ ଶକ୍ତି ସଂଯୋଗରେ ପ୍ରତିଷ୍ଠିତ ଉତ୍ପାଦନକ୍ଷମ ୯୧୪ ମେଗାୱାଟ ବିଦ୍ୟୁତ୍ ଶକ୍ତି ସମୁଦାୟ ରାଜ୍ୟର ଚାହିଦା ମେଣ୍ଟାଇବା ନିମନ୍ତେ ଯଥେଷ୍ଟ । ଏହା ବ୍ୟତୀତ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ପଡ଼ୋଶୀ ବିହାର, ଦାମୋଦର ଉପତ୍ୟକା କର୍ପୋରେସନର ବିଦ୍ୟୁତ ଚାହିଦା ପୂରଣ କରିବା ନିମନ୍ତେ ହାରାହାରି ୧୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଉଛି ।

- ସବୁ ଶ୍ରେଣୀର ବିଦ୍ୟୁତ୍ ବ୍ୟବହାରକାରୀଙ୍କୁ ଉପଯୁକ୍ତ ଭୋଲଟେଜ୍ ଓ ଯଥା ସମୟରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟବ୍ୟାପୀ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ସହ ବିଦ୍ୟୁତ୍ ସରବରାହ ସମ୍ପ୍ରସାରଣ କରାଯାଇଛି ।

- କେତେକ ପ୍ରଧାନ ବୈଶିଷ୍ଟ୍ୟ—

  * ମୋଟ ୫୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନକ୍ଷମ ନୂତନ ବିଦ୍ୟୁତ୍ କେନ୍ଦ୍ର-ଗୁଡ଼ିକର ନିର୍ମାଣ ଚାଲିଛି ।

  ** ୧୯୭୭-୭୮ ମଧ୍ୟରେ ୨,୭୪୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ବିକ୍ରୟ କରାଯାଇଛି ।

  *** ୧୯୭୮ ମାର୍ଚ୍ଚ ସୁଦ୍ଧା ୧,୭୯୯ଟି ହରିଜନ ବସ୍ତି ସମେତ ୧୫,୯୬୦ଟି ଗ୍ରାମକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି । ଏହା ଫଳରେ ମୋଟ ଗ୍ରାମଗୁଡ଼ିକର ଶତକଡ଼ା ୩୦ ଭାଗ ଗ୍ରାମକୁ ତଥା ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୫୧ ଭାଗ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।

  **** ଅଗ୍ରଗାମୀ କୃଷି ଉଦ୍ୟୋଗୀଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବ୍-ଷ୍ଟେସନଠାରୁ ଏକ କିଲୋମିଟର ମଧ୍ୟରେ ଅବସ୍ଥିତ ସମସ୍ତ ବେସରକାରୀ ବ୍ୟକ୍ତିଗତ ଉଠାଜଳସେଚନ ପମ୍ପସେଟଗୁଡ଼ିକ ପର୍ଯ୍ୟନ୍ତ ବିଦ୍ୟୁତ୍ ବୋର୍ଡ ତରଫରୁ ମାଗଣାରେ ଏଲ୍. ଟି. ଲାଇନ୍ ନିର୍ମାଣ କରାଯାଇଥାଏ ।

ବିଦ୍ୟୁତ୍ ହିଁ ସମୃଦ୍ଧିର ଚାବିକାଠି
ବୈଦ୍ୟୁତିକ ଯନ୍ତ୍ରପାତିଗୁଡ଼ିକର ସୁରକ୍ଷା କରନ୍ତୁ
ଏବଂ
ସଦାସର୍ବଦା ଆପଣମାନଙ୍କ ସେବା କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ ।

**ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼**
**ଭୁବନେଶ୍ୱର**

# 'ଆପଣଙ୍କ ଯାତ୍ରା ଶୁଭ ହେଉ'

ଶ୍ରୀ ଜଗଦୀଶ ପଟ୍ଟନାୟକ

ଶୁଭାଶୁଭ ବିଷୟ ଭୁଲିଯାଇ ମଣିଷ କେବେ କାମନାଶୂନ୍ୟ ମନ ନେଇ କାର୍ଯ୍ୟ କରେନାହିଁ—ସେ କୌଣସି କାର୍ଯ୍ୟ ହାତକୁ ନେବା ସମୟରେ ସେ ସେଥିରେ ସାଫଲ୍ୟ ଲାଭ ପାଇଁ ନିଭୃତ ଅଭିଳାଷ ପୋଷଣ କରିଥାଏ—"ଯଦ୍ ଭାବଂ ତଦ୍ ଭବତି"—ଯଦି ସଫଳ ହେବା ପାଇଁ ସେ ଦୃଢ଼ ମନୋଭାବ ପୋଷଣ କରେ ତେବେ ସଫଳତା ତା'ଠାରୁ ଦୂରେଇ ଯାଏ ନାହିଁ—ଯଦିବା ବ୍ୟର୍ଥତା ଆସେ ସେ ସବୁ ହୁଏ ସଫଳତାର ମଜଭୁତ ଶକ୍ତ—ତେଣୁ କର୍ମ ପଥରେ ଶୁଭ କାମନା ବ୍ୟକ୍ତି ମନରେ ନୂତନ ଉତ୍ସାହ ସୃଷ୍ଟି କରେ ।

ଆପଣ ମନେକରନ୍ତୁ କୌଣସି ପରୀକ୍ଷା ଦେବାକୁ, କୌଣସି ଇଣ୍ଟରଭ୍ୟୁ ଦେବାକୁ କିମ୍ବା କୌଣସି ବିବାହ ପ୍ରସ୍ତାବ ବା ନିର୍ବନ୍ଧ ନେଇ ବାହାରିଛନ୍ତି । ହଠାତ୍ କେହି ଛିଙ୍କି ଦେଲେ ଆପଣଙ୍କ ମନଟା ଟିକିଏ ଫିକା ପଡ଼ିଯାଏ । ନାନା ଆଶଙ୍କା ସୃଷ୍ଟି ହୁଏ । ନାନା ଅଶୁଭ ସମ୍ଭାବନା ଆପଣଙ୍କ ମନରେ ଉଙ୍କିମାରେ । ଆପଣ ବସ୍ କିମ୍ବା ଟ୍ୟାକ୍‌ସିରେ କୌଣସି ସ୍ଥାନକୁ ଯାଉଛନ୍ତି ଅପତ୍ୟା ଗୋଟିଏ ବିଲେଇ ସାମନାରେ ରାସ୍ତାକାଟି ଗ୍ଲିଯାଉଛି । ଡ୍ରାଇଭର ସଙ୍ଗେ ସଙ୍ଗେ ଗାଡ଼ି ବନ୍ଦ କରିଦିଏ ବା ଟିକିଏ ପଛକୁ ଫେରାଇ ପୁଣି ଗ୍ଲେ । ବିଲେଇ ରାସ୍ତା କାଟିଲେ ଯାତ୍ରା ଅଶୁଭ ହୁଏ ବୋଲି ଆମର ଧାରଣା । ଆପଣ କୌଣସି ଶୁଭ କାମରେ ଘରୁ ଗୋଡ଼ କାଢ଼ିଲାବେଳେ ନାକର ଦକ୍ଷିଣ ପୁଡ଼ାରେ ଶ୍ୱାସ ପ୍ରବାହିତ ହେଉଥିଲେ ତାହା ଶୁଭକର ବୋଲି ଧାରଣା ହୁଏ । ଯଦି ଦକ୍ଷିଣ ପୁଡ଼ାରେ ଶ୍ୱାସ ପ୍ରବାହିତ ହେଉ ନଥାଏ ତେବେ ବାହାରିବା ବେଳେ ବାମ ପୁଡ଼ା ବନ୍ଦ କରି ଆପଣ ବାହାରିଥାନ୍ତି । ସ୍ୱରୋଦୟ ଶାସ୍ତ୍ରରେ ଶୁଭାଶୁଭ, ଯାତ୍ରା ଫଳ ଇତ୍ୟାଦି ସଂପର୍କୀୟ ବହୁତ ଆଲୋଚନା କରା-କରାଯାଇ ଯାତ୍ରା ବା କାର୍ଯ୍ୟ ଶୁଭ ଅନୁକୂଳରେ ଆରମ୍ଭ କରିବା ପାଇଁ ନାନା ବିଧି ବିଧାନ ରହିଛି । ଏଥିପାଇଁ ଶ୍ୱାସ ପ୍ରଶ୍ୱାସ ଗତିବିଧିକୁ ବୈଜ୍ଞାନିକ ପଦ୍ଧତିରେ ଲିପିବଦ୍ଧ କରି ଇଚ୍ଛା ଅନୁସାରେ ତାହାର ଗତି ନିୟନ୍ତ୍ରଣ କରିବା ପାଇଁ ଅଭ୍ୟାସ ଓ ସାଧନାର ମଧ୍ୟ ପନ୍ଥା ନିର୍ଦ୍ଦେଶ କରାଯାଇଛି । ଏହି ସାଧନାରେ ସିଦ୍ଧିଲାଭ କଲେ କେତେକ ରୋଗ ଶ୍ୱାସ ପ୍ରଶ୍ୱାସ ଗତି ନିୟନ୍ତ୍ରଣ ଦ୍ୱାରା ନିରାକରଣ କରାଯାଇ ପାରିବ ବୋଲି ଉଲ୍ଲେଖ ଅଛି ।

ତେବେ ସ୍ୱରୋଦୟ ଶାସ୍ତ୍ର ଭଳି ଯାତ୍ରା କାଳରେ କେହି ଛିଙ୍କିବା ଏବଂ ବିଲେଇ ରାସ୍ତା କାଟିବା ପ୍ରଭୃତି ଅପଶକୁନ ଗୁଡ଼ିକର ଯେକୌଣସି ବୈଜ୍ଞାନିକ କାରଣ ରହିଛି ଏକଥା ଆଜି ପର୍ଯ୍ୟନ୍ତ ବିଶ୍ୱାସ କରାଯାଇ ନାହିଁ । ତାର କୌଣସି ଯଥାର୍ଥ କାରଣ ମଧ୍ୟ ନାହିଁ ବା ହୃଦବୋଧ ହେଲଭଳି କୌଣସି ତର୍କ ନାହିଁ । ଅନୁଭୂତିରୁ କେହି ଜଣେ ଦୁଇଜଣ ବିଲେଇ ଦେଖି ହୁଏତ କୌଣସି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ତା ପରେ ବିଲେଇ ଦେଖି ଯାତ୍ରା କଲେ ଅଶୁଭ ଫଳ ମିଳେ ବୋଲି ଧାରଣା ଆମ ମନରେ ରହି ଯାଇଥିବ ।

ତେବେ କୌଣସି ଜଡ଼ ବୈଜ୍ଞାନିକ କାରଣ ବର୍ତ୍ତମାନ ସୁଦ୍ଧା ମିଳି ନଥିଲେ ମଧ୍ୟ ଏହା ପଛରେ ଏକ ମନୋ—ବୈଜ୍ଞାନିକ ପ୍ରକ୍ରିୟା ଯେ କାମ କରୁଛି, ଏକଥା ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଶିଷ୍ଟ ଇଂରାଜୀ ଲେଖକ ଜନସନ୍‌ଙ୍କ ଜୀବନୀରୁ ଜଣାଯାଏ ସେ କେତେଗୁଡ଼ିଏ ଅଭ୍ୟାସର ବଶବର୍ତ୍ତୀ ଥିଲେ । ଅର୍ଥାତ୍ କୌଣସି ସ୍ଥାନକୁ ବାହାରିବା ବେଳେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ନୀତି ନିୟମ ପାଳନ କରି ବାହାରୁଥିଲେ । ଏଥିରେ ବ୍ୟତିକ୍ରମ ହେଲେ ସେ ଅଶାନ୍ତି ବୋଧ କରୁଥିଲେ ଏବଂ ଯାତ୍ରା ଅଶୁଭ ହେବ ବୋଲି ତାଙ୍କର ଧାରଣା ହେଉଥିଲା । କଥିତ ଅଛି, ସେ କୌଣସି ସଭାରେ ଭାଷଣ ଦେବା ସମୟରେ ଅନବରତ ନିଜ କୋଟ ବୋତାମଟିକୁ ଗୋଟିଏ ହାତରେ ଅଣ୍ଡାଳୁଥାନ୍ତି । ଥରେ ଲଣ୍ଡ୍ରିରୁ କୋଟ ଆଣିବା ସମୟରେ କୋଟରୁ ଛାତି ପାଖ ବୋତାମଟି ଛିଣ୍ଡି ଯାଇଥାଏ । ଜନସନ୍ ଏ ବିଷୟ ଜାଣିନଥାନ୍ତି । ସଭାକୁ ଯିବା ପାଇଁ ତରବରରେ

ସେ ସେଇ କୋଟଟି ପିନ୍ଧି ସ୍କୁଲିଗଲେ ଏବଂ ଯେତେବେଳେ ଭାଷଣ ଦେବାକୁ ଉଠିଲେ ତାଙ୍କର ଅଭ୍ୟାସ ବଶତଃ ହାତଟି କୋଟ ବୋତାମ ପାଖକୁ ଗ୍ଲିଗଲା ; କିନ୍ତୁ ବୋତାମଟିକୁ ଯଥା ସ୍ଥାନରେ ନପାଇ ଜନ୍‌ସନ୍ ଏତେ ବ୍ୟତିବ୍ୟସ୍ତ ହୋଇ ଉଠିଲେ ଯେ ତାଙ୍କ ଭଳି ଜଣେ ସୁବକ୍ତା ହଠାତ୍ କିଛି କହି ନପାରି ମଞ୍ଚ ଉପରେ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ବସି ପଡ଼ିବା ଦେଖି ଅଗଣିତ ଶ୍ରୋତାବର୍ଗ ଆଶ୍ଚର୍ଯ୍ୟ ହୋଇଗଲେ ।

ହୁଏତ ଏହି କାରଣରୁ ହିଁ ୨୧ ଦିନରେ ଆମେ ଜାକ-ଜମକରେ ତାର ଏକୋଇଶା ପାଳନ କରିଥାଉଁ । ମନେକରନ୍ତୁ କୌଣସି ପରିବାରରେ କୌଣସି ଅଭାଗା ଶିଶୁ ଏହି ଏକୋଇଶା ଦିନ କୌଣସି ଦୁର୍ଘଟଣା ବଶତଃ ଅକାଳମୃତ୍ୟୁ ବରଣ କଲା, ତେବେ ଦେଖାଯାଏ ସେଇ ପରିବାରରେ ଏକୋଇଶା ଶୁଭଙ୍କର ନୁହେଁ ବୋଲି ଧାରଣା ସୃଷ୍ଟି ହୁଏ ଓ ଭବିଷ୍ୟତରେ ଉକ୍ତ ପରିବାରରେ ଆଉ କୌଣସି ଶିଶୁର ଏକୋଇଶା ପାଳନ କରିବାକୁ ବାପ ମା' କୁଣ୍ଠା ବୋଧ କରନ୍ତି । ବିଗତ ଅଶୁଭ ସୃଷ୍ଟି ତାଙ୍କ କୋମଳ ମନ ଭିତରେ ନାନା ଆଶଙ୍କାର ବୀଜ ବପନ କରେ । ଫଳରେ ସେମାନେ ଏକୋଇଶା ପାଳନରୁ ନିବୃତ୍ତ ହୁଅନ୍ତି ।

ବୋଧହୁଏ ମୁଖ୍ୟତଃ ଏଇ କାରଣରୁ ଆମେ ଆମର ନିକଟତମ ବ୍ୟକ୍ତିଙ୍କ ଯାତ୍ରା କାଳରେ ଉପସ୍ଥିତ ରହି କିମ୍ବା ପ୍ରକାଶ୍ୟ ଭାବେ ଶୁଭ କାମନା କରି ତାଙ୍କର ମନୋବଳ ଦୃଢ଼ କରିଥାଉଁ । ପାଶ୍ଚାତ୍ୟ ଜଗତରେ କରମର୍ଦ୍ଦନ କରି ବା Wish you good luck କହି ଶୁଭ କାମନା କରିଥାନ୍ତି । ଇଷ୍ଟ ଦେବା ଦେବୀଙ୍କୁ ସ୍ମରଣ କରି କିମ୍ବା ନମସ୍କାର କରି ମଧ୍ୟ ଯାତ୍ରା ଆରମ୍ଭ କରିଥାଉଁ । ଅଭିଷ୍ଟ ଗୁରୁ ବା ଗୁରୁଜନଙ୍କ ଆଶୀର୍ବାଦ ଭିକ୍ଷା କରି ମଧ୍ୟ ମନୋବଳ ବା ନୈତିକ ଶକ୍ତି ସୁଦୃଢ଼ କରି ଯାତ୍ରା କରିଥାନ୍ତି । ମହାଭାରତ ଯୁଦ୍ଧର ପ୍ରାକ୍‌କାଳରେ ଦୁର୍ଯ୍ୟୋଧନ ଯୁଦ୍ଧ ଯାତ୍ରା ପୂର୍ବରୁ ମା' ଗାନ୍ଧାରୀଙ୍କ ଆଶୀର୍ବାଦ ଭିକ୍ଷା କଲା ; କିନ୍ତୁ ଯେତେବେଳେ ଶୁଣିଲା ଗାନ୍ଧାରୀ ତାକୁ ଆଶୀର୍ବାଦ ଦେବା ସ୍ଥଳରେ କହିଛନ୍ତି, "ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ" ତା ମନ ଶଙ୍କାକୁଳ ହୋଇ ଉଠିଲା । ମନୋବଳ ଦୁର୍ବଳ ହୋଇ ପଡ଼ିଲା ।

ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଯାତ୍ରା ସଂପର୍କରେ ମଧ୍ୟ ଏକ ମନୋଜ୍ଞ କାହାଣୀ ରହିଛି । ପ୍ରଥମ ଥର ଯୁଦ୍ଧ ଯାତ୍ରା କରି ପୁରୁଷୋତ୍ତମ ଦେବ କାଞ୍ଚି ରାଜାଙ୍କ ଦ୍ୱାରା ପରାସ୍ତ ହେଲେ । ତା ପରେ ସେ ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ଜଗନ୍ନାଥ ବଳଭଦ୍ର ଯୁଦ୍ଧରେ ତାଙ୍କୁ ସାହାଯ୍ୟ କରିବେ ବୋଲି ଯେତେବେଳେ ସେ ଆଶୀର୍ବାଦ ଲାଭ କଲେ ତାଙ୍କ ମନୋବଳ ବଢ଼ିଯାଇ ରହିଲା । ସେ ପୁଣି ଯୁଦ୍ଧ ଯାତ୍ରା କରିବେ ବୋଲି ସ୍ଥିର କଲେ । ଯୁଦ୍ଧ ଯାତ୍ରା ସମୟରେ ମାଣିକ ଗଉଡୁଣୀ ଠାରୁ ଶୁଣିଲେ ଯେ କଳାଘୋଡ଼ା ଓ ଧଳାଘୋଡ଼ାରେ ଦୁଇଜଣ କାଞ୍ଚି ଆଡ଼କୁ ଯାଉଛନ୍ତି । ଗଉଡୁଣୀ ଠାରୁ ଦହିଖାଇ ନିଜ ମୁଦିଟି ବି ଦେଇ ଯାଇଛନ୍ତି ରାଜାଙ୍କୁ ଦେଖାଇ ଦହିର ଦାମ ନେଇଯିବା ପାଇଁ । ମୁଦିଟିରୁ ରାଜା ଜଗନ୍ନାଥ ଓ ବଳଭଦ୍ରଙ୍କ କାଞ୍ଚି ଯାତ୍ରା ସମ୍ବାଦ ପାଇ ତାଙ୍କ ମନୋବଳ ଯଥେଷ୍ଟ ପରିମାଣରେ ବଢ଼ି ଯାଇଥିଲା । ଏହି ଯୁଦ୍ଧରେ ସେ ବିଜୟୀ ହେଲେ ।

ସ୍ୱାମୀ ବିବେକାନନ୍ଦଙ୍କ ଜୀବନରୁ ଜଣାଯାଏ, ସେ ଚିକାଗୋ ଧର୍ମ ସଭାକୁ ଯିବେ ବୋଲି ଇଚ୍ଛା କରି କିଛି ଅର୍ଥ ସଂଗ୍ରହ କଲେ ; କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ସେ ମନୋବଳ ଭାଙ୍ଗିଗଲା । ଫଳରେ ସେ ସଂଗୃହୀତ ଅର୍ଥ ଅନ୍ୟମାନଙ୍କୁ ବିତରଣ କରିଦେଲେ ଏବଂ ଚିକାଗୋ ଧର୍ମ ସଭାକୁ ଯିବାରୁ ନିଜେ କ୍ଷାନ୍ତ ରହିଲେ । ପରେ କନ୍ୟା-କୁମାରୀ ନିକଟସ୍ଥ ସମୁଦ୍ର ଭିତରେ ଏକ ଶୀଳା ଉପରେ ବସି ଧ୍ୟାନମଗ୍ନ ଥିବା ସମୟରେ ସେ ଚିକାଗୋ ଧର୍ମ ସଭାକୁ ଯିବା ପାଇଁ ପୁଣି ପ୍ରେରଣା ଲାଭ କଲେ । ଏଥର ବିନା ଅର୍ଥରେ ମଧ୍ୟ ସେ ଚିକାଗୋ ଯାତ୍ରା କଲେ ଏବଂ ଧର୍ମ ସଭାରେ ଭାରତୀୟ ଧର୍ମ ସଂସ୍କୃତିର ମହାନ ନୀତି ବୟାନକରି ଭୂୟସୀ ପ୍ରଶଂସା ଲାଭକଲେ ।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଓଡ଼ିଆ ଘରଣୀ ପ୍ରତ୍ୟୁଷରୁ କଦଳୀ ପଟୁଆର ଡଙ୍ଗା ଭସାଇ ଉଚ୍ଚାରଣ କରେ, ଆ କା ମା ବୈ............. । ତାହା ଯାତ୍ରାକାଳୀନ ଏକ ଶୁଭ କାମନାର ସ୍ମାରକୀ । ସାଧବ ପୁଅମାନେ ବଣିଜ କରିବାକୁ ଯେତେବେଳେ ଗ୍ଲିଯାନ୍ତି ସାଧବ ବୋହୂମାନେ ସେମାନଙ୍କ ଯାତ୍ରାର ଶୁଭ ମନାସନ୍ତି । ଫଳରେ ସାଧବ ପୁଅମାନେ "ମା ବୈ"ର ଉତ୍ସାହରେ ଆଗେଇ ଯାଆନ୍ତି ଦୂର ବିଦେଶକୁ ବଣିଜ କରିବାକୁ ।

ଛତ୍ରପତି ଶିବାଜୀଙ୍କ ଜୀବନୀରୁ ଜଣାଯାଏ ସେ ଯେତେବେଳେ ଯୁଦ୍ଧ ଯାତ୍ରା କରୁଥିଲେ ତାଙ୍କ ଇଷ୍ଟ ଦେବୀ ମା ଭବାନୀଙ୍କ ଆଶୀର୍ବାଦ ଭିକ୍ଷାକରି ପୂଜା କରୁଥିଲେ ଓ ସେହିଠାରେ ନିଜ ଖଣ୍ଡା ପୂଜା କରି ଯାତ୍ରା ଆରମ୍ଭ କରୁଥିଲେ ।

ଏସବୁ ଉଦାହରଣ ଦେଖିଲେ ଜଣାଯାଏ ଯାତ୍ରା ସମୟରେ ଗୋଟିଏ ସୁସ୍ଥ ଏବଂ ଉତ୍ସାହୀ ମନ ନେଇ ଯାତ୍ରା ଆରମ୍ଭ କଲେ ଯାତ୍ରାକର୍ତ୍ତା ଯାତ୍ରାକାଳୀନ ବିଭିନ୍ନ ସମସ୍ୟା ସହଜରେ ମୁକାବିଲା କରିପାରେ ବା ସେଥିପାଇଁ ତାର ମନୋବଳ ଅତୁଟ ରହେ । ଅନେକ ସମୟରେ ଫଳ ମଧ୍ୟ ଅନୁରୂପ ମିଳେ । ସେଇଥିପାଇଁ ହୁଏତ ଯାତ୍ରା କାଳରେ ସୁସ୍ଥ ବା ଦୃଢ଼ ମନୋବଳ ଦେବାକୁ ଆମେ କହିଥାଉ "ଆପଣଙ୍କ ଯାତ୍ରା ଶୁଭ ହେଉ" ।

ଯାତ୍ରା ସମୟରେ ଶୁଭ କମନା ବା ଶୁଭ ଲକ୍ଷଣ ଦେଖିଲେ ଯେପରି ମନ ଭିତରେ ଗୋଟିଏ ଉତ୍ସାହ ବା ପ୍ରେରଣା ସୃଷ୍ଟି ହୁଏ, ସେହିପରି ଅପଶକୁନ ବା ଅଶୁଭ କାମନା ମନୋବଳକୁ ଭାଙ୍ଗି ଦେଇଥାଏ । ବୋଧହୁଏ ଏହି କାରଣରୁ କେତେଗୁଡ଼ିଏ ଅନୁଭୂତିକୁ ଭିତ୍ତିକରି ଆମେ ଯାତ୍ରାର ଶୁଭା-ଶୁଭ ବିଗ୍ଲର କରୁ । ଝିଟିପଟନ ଫଳାଫଳ, ଖନାବଚନ ପ୍ରଭୃତି ଶୁଭାଶୁଭ ବିଗ୍ଲର ଏକ ସ୍ୱତନ୍ତ୍ର ଶାସ୍ତ୍ର ରୂପେ ବହୁ କାଳ ଧରି ରହି ଆସିଛି ।

ବିଶିଷ୍ଟ ବୈଜ୍ଞାନିକ ଗାଲିଲିଓ ମଧ୍ୟ ଯାତ୍ରା ସମୟର ବିଭିନ୍ନ ଲକ୍ଷଣ ଦେଖି ଶୁଭାଶୁଭ ସଂପର୍କରେ ଭବିଷ୍ୟତ ବାଣୀ କହି ପାରୁଥିଲେ ବୋଲି ଉଲ୍ଲେଖ ଅଛି । ତତ୍‌କାଳୀନ ଶାସନକର୍ତ୍ତା ଏଥିପାଇଁ ତାଙ୍କୁ ଦଣ୍ଡ ମଧ୍ୟ ଦେଇଛନ୍ତି । ସେ କୁଆଡ଼େ ଜଣେ ବ୍ୟକ୍ତିଙ୍କୁ ଯାତ୍ରାର ଅବ୍ୟବହିତ ପୂର୍ବରୁ ଜଣାଇ ଦେଇଥିଲେ ଯେ ସେ ବିଫଳ ହେବେ ଏବଂ ବସ୍ତୁତଃ ତାହାହିଁ ଘଟିବାରୁ ଶାସନକର୍ତ୍ତା ବିରକ୍ତି ପ୍ରକାଶ କରିଥିଲେ ।

ଶିଳ୍ପଉନ୍ନୟନ କରପୋରେସନ
ଭୁବନେଶ୍ୱର

କେତେ ସଂଖ୍ୟା ବିଷୟରେ ଆମ ମନରେ ଶୁଭାଶୁଭ ଧାରଣା କାଳକ୍ରମେ ଦୃଢ଼ୀଭୂତ ହୋଇ ରହିଛି । ପାଶ୍ଚାତ୍ୟ ଜଗତରେ ୧୩ ସଂଖ୍ୟାଟିକୁ ଅଶୁଭ ମନେ କରାଯାଏ । ତେଣୁ ଏପୋଲୋ-୧୩ ଅନ୍ତରୀକ୍ଷ ଯାତ୍ରା କଲା ସମୟରେ କେତେକ ମହଲ ସଂଦିଗ୍ଧ ହୋଇ ଉଠିଥିଲେ ; ବସ୍ତୁତଃ ସେହି ଅନ୍ତରୀକ୍ଷ ଯାନରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହେଲା ଏବଂ ଯାତ୍ରା ବିଫଳ ହେବାରୁ ତାହା ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କଲା ।



## ଓଡ଼ିଶାର ଜେଲ୍‌ଗୁଡ଼ିକରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା

ରାଜ୍ୟରେ ଥିବା ଜେଲଗୁଡ଼ିକରେ କ୍ଷୁଦ୍ରଶିଳ୍ପ ସ୍ଥାପନ କରି କଏଦୀମାନଙ୍କୁ ଉପଯୁକ୍ତ ତାଲିମ ଦେବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ଥିବା ୬୩ଟି ଜେଲ୍ ଓ ସବ୍‌ଜେଲ୍‌ରେ ବିଭିନ୍ନ କ୍ଷୁଦ୍ର ଶିଳ୍ପ ଯଥା:—ଫୁଲଝାଡ଼ୁ, ହଳଦୀ ଗୁଣ୍ଡ, ଚମଡ଼ା ଶିଳ୍ପ, ବେତ ତିଆରି ଉପକରଣ, ଗୋପାଳନ, କୁକୁଡ଼ା ପାଳନ, ମସିଣା ତିଆରି, ସାବୁନ ତିଆରି, କାଠ ଶିଳ୍ପ, ପାଂପଡ଼ ଓ ବଡ଼ି ତିଆରି ପ୍ରଭୃତି କ୍ଷୁଦ୍ର ଶିଳ୍ପ ସ୍ଥାପନ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଏହିସବୁ କ୍ଷୁଦ୍ର ଶିଳ୍ପ ସ୍ଥାନୀୟ କଞ୍ଚା ମାଲକୁ ବିନିଯୋଗ କରି ସ୍ୱଳ୍ପ ମୂଳଧନରେ ଆରମ୍ଭ କରାଯିବ । କଏଦୀମାନେ ଏହି କ୍ଷୁଦ୍ର ଶିଳ୍ପ ଗୁଡ଼ିକରେ ଉପଯୁକ୍ତ ତାଲିମପ୍ରାପ୍ତ ହୋଇ ଜେଲ୍‌ରୁ ମୁକ୍ତ ହେଲାପରେ ଏ ସମ୍ବନ୍ଧୀୟ କ୍ଷୁଦ୍ର ଶିଳ୍ପ ସହାୟତାରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ରାଜ୍ୟ ସରକାର ଏହି ଯୋଜନା କାର୍ଯ୍ୟକାରୀ କରୁଛନ୍ତି

ରାଜ୍ୟରେ ଥିବା ପ୍ରତ୍ୟେକ ଜେଲ୍‌ରେ କଏଦୀମାନଙ୍କୁ ବୟନ ଶିଳ୍ପ, ବଢ଼େଇ, କମାର ଓ କଣ୍ଢେଇ କାମ ସଂପର୍କରେ ତାଲିମ ଦିଆଯାଉଛି । ଏହା ବ୍ୟତୀତ, ବ୍ରହ୍ମପୁର, ସମ୍ବଲପୁର ଓ ଢେଙ୍କାନାଳ ଜେଲ୍‌ରେ ମୁଦ୍ରଣ ଓ ବହି ବନ୍ଧାଇ ପ୍ରଭୃତି ଶିକ୍ଷା ଦିଆଯାଉଛି । ଭୁବନେଶ୍ୱର ଜେଲ୍‌ରେ କାଗଜ ତିଆରି ନିମନ୍ତେ କାର୍ଯ୍ୟଶାଳା ନିର୍ମାଣ କରାଯାଉଛି । ଏହିସବୁ ଶିଳ୍ପ ଆରମ୍ଭ କରିବା ପୂର୍ବରୁ ଯୋଜନା ପ୍ରସ୍ତୁତ କରିବା ପାଇଁ ଶିଳ୍ପ ବିଭାଗ ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଛି ।

PHONE—52120 & 52070
TELEX—0675-243
GRAM—INDEVCO

# THE INDUSTRIAL DEVELOPMENT CORPORATION OF ORISSA LTD.

(A GOVERNMENT OF ORISSA UNDERTAKING)

POST BOX No. 78

**BHUBANESWAR-1**

**UNITS IN OPERATION**

1. M/s. Hira Cement Works, Bargarh, Dist : Sambalpur.
2. M/s. Kalinga Iron Works, P. O. Matkambeda, Dist : Keonjhar.
3. M/s. Ferrochrome Plant, Jajpur Road, Dist : Cuttack.
4. M/s. Hira Cable Works, P. O. Hirakud, Dist : Sambalpur.
5. M/s. Hirakud Industrial Works, P. O. Hirakud, Dist : Sambalpur.
6. M/s. Tile Factory, Choudwar, Dist : Cuttack.

M/s. Konarak Jute Ltd., 50-A, Kharvel Nagar, Bhubaneswar.

M/s. Orichem Ltd., Jhunjhunwala Garden, Bhubaneswar.

M/s. Hira Steel and Alloys Ltd., 53-A, Kharvel Nagar, Bhubaneswar.

East Coast Breweries and Distilleries Ltd., 12, Cantonment Road, Cuttack.

East Coast Salt and Chemical Industries Ltd., Sumandi, Dist : Ganjam.

# ସମୃଦ୍ଧ ଭାରତ ଗଢ଼ିବା ପାଇଁ
# ନିଶା ନିବାରଣ ଅତ୍ୟନ୍ତ ଜରୁରୀ

ଶ୍ରୀ ଚଣ୍ଡୀ ଚରଣ ରାଉତରାୟ

ଯେଉଁ ଦେଶରେ 'ଭା' ଅଥବା ଭଗବାନଙ୍କ ପ୍ରତି ଦେଶବାସୀଙ୍କର ରତି ଅର୍ଥାତ୍ ଆସକ୍ତି ରହିଛି ସେଇ ଦେଶକୁ ଭାରତ କୁହାଯାଏ । ବେଦ, ଉପନିଷଦ, ରାମାୟଣ, ମହାଭାରତ ପ୍ରଭୃତିରେ ସଂଯମ, ଶୃଙ୍ଖଳା ଓ ସାଧନା ମାଧ୍ୟମରେ ଅନିତ୍ୟ ଜଗତର ମାୟା ପରିହାର କରି ନିତ୍ୟ ସୁଖରେ ପ୍ରବୃତ୍ତ ହେବାପାଇଁ ଆହ୍ୱାନ ଦିଆଯାଇଛି । ସଂପ୍ରତି ଏଇ ଭାରତର ପୁଣ୍ୟ ମାଟିରେ ଦେହର କ୍ଳାନ୍ତି ବା ମନର ଅଶାନ୍ତି ଭୁଲିବା ଆଳରେ ପ୍ରକାଶ୍ୟରେ ବା ପ୍ରଚ୍ଛନ୍ନରେ ଅସଂଖ୍ୟ ବ୍ୟକ୍ତି ନିଶା ପାନ କରୁଛନ୍ତି । କହିବା ବାହୁଲ୍ୟ ଯେ ନିଜ ଦେଶ ଓ ଜୀବନର ମହତ୍ତ୍ୱ ସଂପର୍କରେ ଉପଯୁକ୍ତ ଶ୍ରଦ୍ଧାର ଅଭାବ ଯୋଗୁଁ ମଣିଷ ସ୍ନେହ ଶୂନ୍ୟ ହୋଇ ଉଦ୍‌ଭ୍ରାନ୍ତ ଜୀବନ ଯାପନ କରୁଛି । ଗିରୀଶଚନ୍ଦ୍ରଙ୍କ ସ୍ନେହ ଶୂନ୍ୟ ହୃଦୟରେ ଦିନେ ରାମକୃଷ୍ଣ ପରମହଂସ ପ୍ଲାବିତ କରିଥିଲେ ପରମାର୍ଥର ମନ୍ଦାକିନୀ । ସମୃଦ୍ଧ ଭାରତ ଗଢିବା ପାଇଁ ଆଜି ପ୍ରେମ କାଙ୍ଗାଳ ମଣିଷକୁ ପ୍ରେମ ଦେବାକୁ ହେବ । ଦିନେ ଏହା ଥିଲା ଗାନ୍ଧୀଜୀଙ୍କର ଆଦର୍ଶ । ଆଜି ପ୍ରତ୍ୟେକ ଭାରତୀୟ ଏହି ଆଦର୍ଶ ଅନୁସରଣ କରିବା ଉଚିତ ।

ନିଶାବାରଣର ଆବଶ୍ୟକତା ଉପଲବ୍‌ଧି କରି ଆମ ଦେଶର ଅନେକ ଚିନ୍ତାଶୀଳ ବ୍ୟକ୍ତି ଏହାକୁ ଆଇନ ସମ୍ମତ କରିବା ସଂପର୍କରେ ଅନୁକୂଳ ଯୁକ୍ତି ବାଢୁଛନ୍ତି ସତ କିନ୍ତୁ ନିଶା ନିବାରଣ ନହେବାରୁ ନିଶା ରାକ୍ଷସୀ କାଳକ୍ରମେ କୋଟି କୋଟି ଲୋକଙ୍କୁ ଗ୍ରାସ କରୁଛି । ତେଣୁ ଏହାର ଆଶୁ ପ୍ରତିକାର ଆବଶ୍ୟକ ।

ଭାରତରେ ନିଶା ନିବାରଣ ପାଇଁ ଅନେକ ଦିନରୁ ଯୋଜନା ଚାଲିଛି । କିନ୍ତୁ ତାହା ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ ହେଉନାହିଁ । ଏବେ ବିଭିନ୍ନ ରାଜ୍ୟର ମୁଖ୍ୟ ମନ୍ତ୍ରୀମାନେ ଭାରତର ବରେଣ୍ୟ ପ୍ରଧାନ ମନ୍ତ୍ରୀଙ୍କ ସହ ନିଶା ନିବାରଣ ସଂପର୍କରେ ଆଲୋଚନା କରି ଦୃଢ଼ ପଦକ୍ଷେପ ନେବାକୁ ଆଶା ପୋଷଣ କରିଛନ୍ତି । ନିଶାର ଆକର୍ଷଣ ଏବଂ ମଦର କୁପ୍ରଭାବ ଯୋଗୁଁ ଦେଶର ଆର୍ଥିକ ଅବସ୍ଥା ବିପନ୍ନ ହେଉଛି ବୋଲି ସମସ୍ତେ ଉପଲବ୍‌ଧି କଲେଣି । ୧୯୨୦-୧୯୨୧ ମସିହାରୁ ଭାରତୀୟ ଜାତୀୟ କଂଗ୍ରେସର ମୁଖ୍ୟ କାର୍ଯ୍ୟକ୍ରମରେ ନିଶା ନିବାରଣକୁ ଅଗ୍ରାଧିକାର ଦିଆ ଯାଇଥିଲା ଏବଂ କଂଗ୍ରେସର ଏହି ନିଶା ନିବାରଣ ନୀତି ମଧ୍ୟ ଗୃହୀତ ହୋଇଥିଲା । ଜାତିର ଜନକ ମହାତ୍ମା ଗାନ୍ଧୀ ନିଶା ନିବାରଣ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇଥିବାର ପ୍ରମାଣ ମିଳେ । ନିଶା ନିବାରଣ ହେଲେ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ହେବ କି ନାହିଁ ଏଥିପାଇଁ ସର୍ଭେ କରାଯାଇ ତଥ୍ୟ ସଂଗ୍ରହ କରାଯାଉଥିଲେ ମଧ୍ୟ ତାହା ମନ୍ଥର ଗତିରେ ଚାଲିଛି । ଆମେ ଧର୍ମ ଶାସ୍ତ୍ର ଏବଂ ଇତିହାସ ପାଠ କଲାବେଳେ ଦେଖିବାକୁ ପାଉଁ ଯେ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମଧ୍ୟ ନିଶା ପାନକୁ ନିଷେଧ କରାଯିବାର ବ୍ୟବସ୍ଥା ହେଉଥିଲା । ସେତେବେଳର କୌଟିଲ୍ୟଙ୍କ ଅର୍ଥ ଶାସ୍ତ୍ରର ପ୍ରଭାବ ଦେଶବାସୀଙ୍କ ଉପରେ ପଡ଼ିଥିଲା । ୧୮୭୪-୧୮୮୪ ମସିହା ପରେ ଆମେରିକାରେ ନିଶା ନିବାରଣକୁ ଆଇନ ସମ୍ମତ କରିବାକୁ ଦୃଢ଼ ପଦକ୍ଷେପ ନିଆଯାଇଥିଲା କିନ୍ତୁ ଆମେରିକାର ମିସ୍ ଉଇଲର୍ଡ ନାମକ ଜଣେ ମହିଳା ପ୍ରଚାରିକା ଆମେରିକା ସରକାରଙ୍କୁ ସତର୍କ-ବାଣୀ ଶୁଣାଇ କହିଥିଲେ ଯେ "ଏହି ମଦ କାରବାରରୁ ଯେଉଁ ରାଜସ୍ୱ ଆମ ଦେଶକୁ ଆସୁଛି ତାହା ଦ୍ୱାରା ଆମ ରାଜକୋଷ କଳଙ୍କିତ ହେଉଛି । ଏହି କଳଙ୍କିତ ରାଜସ୍ୱରେ ଆମ ଦେହର ରକ୍ତ ମଧ୍ୟ କଳଙ୍କିତ ହୋଇଯାଉଛି ।" ତାଙ୍କର ଏହି କଟୂକ୍ତି ଏବଂ ଅପ୍ରିୟ ସତ୍ୟ ମନ୍ତବ୍ୟ ଆମେରିକାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

୧୯୭୭ ମସିହାରେ ଶ୍ରୀ ପି: ସି: ଦେବ ପଞ୍ଜାବର ଗୋଟିଏ ଗ୍ରାମରୁ ତଥ୍ୟ ସଂଗ୍ରହ କରି ଗୋଟିଏ ପୁସ୍ତକ ଲେଖିଛନ୍ତି । ତାହାର ନାମ "ସବୁଜ ବିପ୍ଳବ ପରିପ୍ରେକ୍ଷୀରେ ମଦର

ଜ୍ଞାନ ।" ସେହି ପୁସ୍ତକରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ତିନୋଟି ବିଭାଗ କରିଛନ୍ତି । ପ୍ରଥମଟି ହେଲା ସାମୟିକ, ଦ୍ୱିତୀୟଟି ମଧ୍ୟମ ପନ୍ଥା ଏବଂ ତୃତୀୟଟି ସଦା ସର୍ବଦା ନିଶାପାନକାରୀ । ସେହି ପୁସ୍ତକରେ ମଦ୍ୟପାନର କ୍ଷୟକ୍ଷତି ସଂପର୍କରେ ସବିଶେଷ ବର୍ଣ୍ଣନା କରାଯାଇଛି ।

ମଦ ବିଷ ସହିତ ସମାନ- ଏହା ବିଜ୍ଞାନ ମଧ୍ୟ ପ୍ରମାଣ କରିଛି । ମଦ୍ୟପାନ ଯୋଗ ମନୁଷ୍ୟ ଅପରାଧ ପ୍ରବଣ ହେଲା ସଙ୍ଗେ ସଙ୍ଗେ ତାହାର ପ୍ରଭାବ ପାରିବାରିକ ଜୀବନକୁ ଜର୍ଜରିତ କରୁଛି । ଏହି ମଦ୍ୟପାନ ଯୋଗୁଁ ବର୍ଷକୁ ହାରାହାରି ୨୦୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ କିନ୍ତୁ ସମାଜରେ ଦୈନନ୍ଦିନ ଅପରାଧ, ଦୁର୍ଘଟଣା ସଂଖ୍ୟା ବଢୁଛି ଏବଂ ଦରିଦ୍ର, ଦୁର୍ବଳ ଶ୍ରେଣୀର ଲୋକମାନେ ସାମାଜିକ ଏବଂ ପାରିବାରିକ କ୍ଷେତ୍ରରେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି । ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ରାଧାକୃଷ୍ଣନ କହିଥିଲେ "ଯେଉଁମାନେ ସୁରାପାନ କରିବାରେ ଅଭ୍ୟସ୍ତ ସେମାନଙ୍କ ପକ୍ଷରେ କର୍ମ ଏକ ଅଭିଶାପ ।"

ମଦର ଜନ୍ମ ମଣିଷ ଜନ୍ମର ଠିକ୍ ପରେ ପରେ । ଆଦିମ କାଳରୁ ଏହାର ଦୋଷଗୁଣ ଅଛି । ମଦର ଜନ୍ମ ହୁଏ:--ଦ୍ରାକ୍ଷା, ବାର୍ଲି, ଶାଗୁ, ଗୁଡ଼, ଗହମ, ଭାତ, ସଳପ, ସେଓ ଏବଂ ମହୁଲରୁ । ମହର୍ଷି ମନୁ ଏହି ସୁରାପାନ ବିଷୟରେ କହିଥିଲେ, "ସୁରା ଅମର ମଳ ଅଟେ । ମଳକୁ ପାପ କହନ୍ତି, ତେଣୁ ପାପଠାରୁ ଦୂରରେ ରହିବାକୁ ସେ ମଧ୍ୟ ପରାମର୍ଶ ଦେଇଛନ୍ତି ।

ନିଶା ଏକ ମହା ବ୍ୟାଧି । ଆମେ ନିଶା ପାନ କରୁନା, ନିଶା ଆମକୁ ପାନ କରେ । ସୁରା ରାକ୍ଷସୀ ପ୍ରଭାବରେ ମଣିଷର ବିଚାର ଏବଂ ବିବେକ ସ୍ଥିର ରହେନାହିଁ । ଜଣେ ମନୀଷୀ ଅଧ୍ୟାପକ କହିଛନ୍ତି "ନିଶା ସେବନ ଦ୍ୱାରା ଜ୍ଞାନେନ୍ଦ୍ରିୟଗୁଡ଼ିକ ଦୁର୍ବଳ ହୋଇପଡ଼ନ୍ତି । ମନୁଷ୍ୟ ଦୁଃଖ, ଶୋକ ଓ କଷ୍ଟକୁ ମଦ ବୋତଲରେ ବୁଡ଼ାଇ ନେବାକୁ ଯତ୍ନ କରେ କିନ୍ତୁ ନିଜେ ସେଥିରେ ବୁଡ଼ିମରେ । ନିଶା ଛାଡ଼ିବା ପରେ ତାହାର ଆୟୁ କ୍ଷୟ ହୁଏ । ସୁରା ପାନର ବିଭୀଷିକା ସଂପର୍କରେ ଶୁଣିଲେ କାନ ବଧିରା ହୁଏ । ଆଖି ଖୋସି ହୋଇଯାଏ । ସୃଷ୍ଟିର ଆରମ୍ଭରୁ ଶିଷ୍ଟ ସମାଜ ଘୃଣା ଚକ୍ଷୁରେ ଦେଖିଲେ ମଧ୍ୟ ନିଶା ସମାଜରେ ତାର ପରିବାର ବଢ଼େଇ ଚାଲିଛି । କୋରାନ୍‌ରେ ମଦ୍ୟପାନ ନିନ୍ଦନୀୟ ବୋଲି ଲେଖାଅଛି ଏବଂ ଆରବ ଦେଶରେ ସରକାର ନିଶା ନିବାରଣ ଦିଗରେ କଠୋର ପଦକ୍ଷେପ ନେଇଛନ୍ତି । ଇଂଲଣ୍ଡର ନେତା ଲର୍ଡ ଜର୍ଜ କହିଥିଲେ "ଜର୍ମାନୀର ବୁଡ଼ା ଜାହାଜ ଆକ୍ରମଣଠାରୁ ଆମର ଯେତିକି କ୍ଷତି ହେଉଛି ତା'ଠାରୁ ଅଧିକ କ୍ଷତି ହେଉଛି ମଦ୍ୟପାନରୁ" ।

କେଉଟ ସାହି,
କଟକ-୮

ଗାନ୍ଧୀଜୀ ଥରେ କହିଥିଲେ "ଭାରତର ଏବେ ଦୁଇଟି ଶତ୍ରୁ, ତାହା ହେଉଛି ଅସ୍ପୃଶ୍ୟତା ଓ ନିଶା । ଏ ଦୁଇଟି ରାକ୍ଷସୀଙ୍କୁ ପ୍ରଥମେ ନିପାତ କରିବାକୁ ହେବ ।"

ଦେଶୀ ହେଉ ବା ବିଦେଶୀ ହେଉ, ସବୁ ମଦ ସମାନ ଭାବରେ ସ୍ୱାସ୍ଥ୍ୟ ପକ୍ଷରେ ଖରାପ ଏବଂ ଅନିଷ୍ଟକାରକ । ମଦ ଏକ ଉତ୍କଟ ବିଷ, ଔଷଧ ରୂପରେ ସୁରାପାନ ମଧ୍ୟ କ୍ଷତିକାରକ । ସୁରାପାନ କଲେ ଗରମ ଥଣ୍ଡା ଅନୁଭବ କରୁଥିବା ଜ୍ଞାନ ଶକ୍ତି ଆସ୍ତେ ଆସ୍ତେ କ୍ଷୀଣ ହୋଇଯାଏ । ସେଥିରେ ଥିବା "ଆଲ୍‌କୋହଲ୍" ଦ୍ୱାରା ଦେହରେ ଯେଉଁ ଉତ୍ତାପ ସୃଷ୍ଟି ହୁଏ ତଦ୍ୱାରା ଉଦର ଏବଂ ଚର୍ମରେ ଥିବା ସୂକ୍ଷ୍ମ ତନ୍ତୁଗୁଡ଼ିକ ଫୁଲିଯାଏ । ରକ୍ତ ଚର୍ମ ଆଡ଼କୁ ଗତି କରିବା ଦ୍ୱାରା ମନୁଷ୍ୟ ଗରମ ଅନୁଭବ କରେ । ତେଣୁ ଦେହର ଉତ୍ତାପ ବହୁ ପରିମାଣରେ ବାହାରକୁ ଚାଲିଯାଏ । ଏହା ଦ୍ୱାରା ଫୁସ୍‌ଫୁସ୍‌ର ଥଣ୍ଡା ସହିବାର ଶକ୍ତି କମିଯାଏ । ସୁରାପାନ କରୁଥିବା ଲୋକ ନିଜର ସ୍ୱାସ୍ଥ୍ୟ ଓ ଚରିତ୍ର ଧ୍ୱଂସ କରେ ।

ଭଗବାନଙ୍କ ସୃଷ୍ଟିରେ ମଣିଷ ନିଜେ ତାର ଶରୀରକୁ ନଷ୍ଟ କରିବ ଏ ଅଧିକାର ତାର ନାହିଁ । ମନୁଷ୍ୟର ଜୀବନ ହେଉଛି କରୁଣାମୟଙ୍କ ଶ୍ରେଷ୍ଠ ଦାନ । ମନୁଷ୍ୟ ନିଜେ ଜାଣିଶୁଣି ଭୁଲ୍ କରୁଛି, ମଦ ସେବନ କରୁଛି, ଶେଷରେ ସେ ନିଜେ ଦୁର୍ବଳ, ଅପବିତ୍ର ଓ ଶ୍ରୀହୀନ ହୋଇପଡ଼ୁଛି । ଡାକ୍ତର ଏରନୋଷ୍ଟ ବିଣ୍ଡରଙ୍କ ମତରେ "ଯେଉଁ ଲୋକ ଦିନରେ ୧୬ ଟି ସିଗାରେଟ୍ ବା ଛଅ ଆଉନ୍‌ସ ମଦଠାରୁ ଅଧିକ ନିଶା ସେବନ କରେ ସେ ଗଳା କର୍କଟ ରୋଗରେ ପୀଡ଼ିତ ହୁଏ" । ଡାକ୍ତର କାର୍ଲମେନିଂଜର କହନ୍ତି "ସୁରା କର୍କଟ ରୋଗଠାରୁ ଆହୁରି ମାରାତ୍ମକ, ଏହା ମନୁଷ୍ୟ ଜାତିକୁ ନଷ୍ଟ ଭ୍ରଷ୍ଟ କରିଦିଏ" । ବୁଦ୍ଧଦେବ ମଧ୍ୟ ତାଙ୍କର ଶିଷ୍ୟମାନଙ୍କୁ କହିଛନ୍ତି "ମଦିରା ହେଉଛି ପାପ ଓ ଭ୍ରଷ୍ଟାଚାର, ଏହି ଉଭୟର ଜନ୍ମଦାତ୍ରୀ ।" ଗାନ୍ଧୀଜୀ କହିଛନ୍ତି, ଲୋକେ କହନ୍ତି କଷ୍ଟ କାମ କଲେ ଲୋକମାନେ ମଦ ପିଅନ୍ତି- କିନ୍ତୁ କିଛି ଗୁଡ଼ ଓ ପିଆଜ ଖାଇଲେ ଶରୀର ମଧ୍ୟ ଗରମ ହୋଇଯାଏ ।

ଦୀନ ଦରିଦ୍ର ଲୋକଙ୍କୁ ରକ୍ଷା କରିବା ପାଇଁ ନିଶା ନିବାରଣ ନିତାନ୍ତ ଆବଶ୍ୟକ । ସୁରା ରାକ୍ଷସୀ ଏବଂ ବେଶ୍ୟା ରାକ୍ଷସୀ ବିରୁଦ୍ଧରେ ସମସ୍ତେ ସ୍ୱର ଉତ୍ତୋଳନ କରିବା ଦରକାର । ୪ବର୍ଷ ଭିତରେ ନିଶା ନିବାରଣ ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ସ୍ୱୀକାର କରିଛନ୍ତି । ଏବେ ବିହାର ଏବଂ ଓଡ଼ିଶାର ଅବକାରୀ ମନ୍ତ୍ରୀମାନେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି । ଦଳମତ ନିର୍ବିଶେଷରେ ନିଶାର ଅପକାରିତା ବିଷୟରେ ପ୍ରଚାର ହେଲେ ଭାରତରେ ନିଶା ନିବାରଣ ଉଦ୍ୟମ ସଫଳ ହେବ ।

# ଦାନବୀର-ନା-ଜିଦ୍‌ଖୋର

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର

ସୁବିମଳ ପ୍ରଭାତ । ସୂର୍ଯ୍ୟଦେବ ପ୍ରାଚୀଗଗନରେ ଅରୁଣ ରଙ୍ଗରେ ଆବିର୍ଭୂତ ହୋଇ ସାରା ବିଶ୍ୱକୁ କନକ କିରଣରେ ଉଦ୍ଭାସିତ କରୁଅଛନ୍ତି । ଦାନବୀର କର୍ଣ୍ଣ ମୁଦ୍ରିତ ନୟନରେ ଯୋଡ଼ ହସ୍ତରେ କରୁଛନ୍ତି ସୂର୍ଯ୍ୟ ଉପାସନା । ମୁଖରୁ ନିଃସୃତ ହେଉଛି ।

ଓଁ ନମଃ ସବିତ୍ରେ ଜଗଦେକ ଚକ୍ଷୁଷେ
ଜଗତ୍ ପ୍ରସୁତି ସ୍ଥିତି ଯଶ ହେ ତବେ ।

ତ୍ରିୟିମୟାୟୀ ତ୍ରିଗୁଣାତ୍ମଧାରିଣେ
ବିରଞ୍ଚି ନାରାୟଣ ଶଙ୍କରାତ୍ମନେ ନମଃ ।।

ତା'ପରେ ଶ୍ଳୋକ ବନ୍ଦହେଲା । ଗମ୍ଭୀର ମୁଖ କ୍ରମଶଃ ପରମାନନ୍ଦରେ ପରିପ୍ଳୁତ ହେଲା । କହି ଉଠିଲେ ଦାନବୀର କର୍ଣ୍ଣ—

ହେ ଦେବ ସବିତା !
ପ୍ରତିଦିନ ପ୍ରତ୍ୟୁଷରେ
ଯେତେବେଳେ କରେ ମୁଁ ଦର୍ଶନ
ଭରିଉଠେ ପ୍ରାଣ ମମ ଅପୂର୍ବ ପୁଲକେ ।
ଏହି ଭାବ ମନେ ମୋର ହୁଅଇ ଜାଗ୍ରତ
ନୁହେଁ ମୁହିଁ ଭକ୍ତ ତବ, ନୁହଁ ତୁମେ ଆରାଧ୍ୟ ମୋହର
ଆମ ଦୁହିଁଙ୍କ ସମ୍ପର୍କ ସତେ ଥିବା ଜନ୍ମ ଜନ୍ମାନ୍ତର ।।
ସତେ କଅଣ ପିତା ସଙ୍ଗେ ପୁତ୍ରର ସମ୍ପର୍କ ।
ପାରେ ନାହିଁ ବୁଝି,
କାହିଁ ପାଇଁ ଉଠେ ଜାଗି
ଏ ବିଚିତ୍ର ଭାବ ? ବେଳେ ବେଳେ ଦେଖେ ମୁଁ ସପନ
ଉଭା ହୋଇ ଦ୍ୱିଜରୂପେ ଶଯ୍ୟା ପାଶେ ମୋର
ଦେଉଅଛ କେତେ ଉପଦେଶ
କରୁଅଛ କେତେ ସୁଆଶୀଷ ।
ଏ କରୁଣା ଲାଗି ପ୍ରଭୁ ଏହି ଅକିଞ୍ଚନ
ଜନ୍ମେ ଜନ୍ମେ ରଣେ ବନ୍ଧା ତବ ଚରଣାବ୍ଜେ ।।

କ୍ଷଣେ ରହି ପୁଣି ଚିନ୍ତାକଲେ । ଚକ୍ଷୁ ମୁଦ୍ରିତ ପୁଣି କହିଉଠିଲେ ।

ଗତ ରଜନୀରେ ପ୍ରଭୁ ଦେଖିଲି ସ୍ୱପନ ।
ଦ୍ୱିଜେକରି ଅଧମର ପାଶେ,
ଦେଇଥିଲ ଉପଦେଶ କେତେ
ଯେବେ ବଜ୍ରଧର ଆସି କରିବେ ଯାଚଜ୍ଞା,
କିଛି ହେଲେ ନଦେବାକୁ ତାଙ୍କୁ ।
ବିଜ୍ଞ ପିତା ପରି ଥିଲା ତବ ଉପଦେଶ ।
ଅବୁଝା ପୁତ୍ରର ସମ କହିଥିଲି ମୁହିଁ ନାସ୍ତିବାଣୀ ।
ମହା ଦାନବୀର ବୋଲି ମୋହର କୀରତି !

ନ ଦେଲେ ମୁଁ ଦାନ,
କୀର୍ତ୍ତିରେ ମୋ ଲାଗିବ କଳଙ୍କ ।
ଯୁଗେ ଯୁଗେ ହେବ ଅପନିନ୍ଦା,
ସତେ କଅଣ ଏହାଇଛା ତବ ?
ଅପନିନ୍ଦାରେ ନିନ୍ଦିତ ହେବ ବୋଲି କର୍ଣ୍ଣ ?

ପୁଣି ଆଖିବୁଜି ଚିନ୍ତାକଲେ ।। ମନେ ହେଲା ସତେ ଯେମିତି କିଛି ଇଙ୍ଗିତ ପାଇଲେ ।। ଆଉଥରେ ପ୍ରଣାମ କରି ଉଠିଲେ ।।

-୨-

ଭିକ୍ଷା ମାଗେ ଭିକ୍ଷାର୍ଥି ବ୍ରାହ୍ମଣ ।
ଦାନବୀର ଆସି ଶୀଘ୍ରେ
କର ପୂର୍ଣ୍ଣ ଇଚ୍ଛା ।।

ଚମକି ଉଠିଲେ ଦାନବୀର ।। ଦେଖିଲେ ଦ୍ୱାର ଦେଶରେ ଜଣେ ଦୀର୍ଘିମାନ ବ୍ରାହ୍ମଣ । ମୁଖରେ ଅନର୍ଗଳ ବେଦୋଚ୍ଚାରଣ ।। ପ୍ରଣାମ କରି ପଚାରିଲେ କର୍ଣ୍ଣ :—

ହେ ବ୍ରାହ୍ମଣ !
ତବ ପାଦ ସ୍ପର୍ଶେ ଆଜି ପବିତ୍ରିତ ହେଲା ମୋର ଗୃହ ।
ପ୍ରକାଶନ୍ତୁ ଯାହା ତବ ଇଚ୍ଛା ।।
ଦେବାକୁ ପ୍ରସ୍ତୁତ ମୁହିଁ ସମଗ୍ର ପୃଥିବୀ
ସପ୍ତ ସପ୍ତ ଭାର ସ୍ୱର୍ଣ୍ଣ
ଲକ୍ଷ ଲକ୍ଷ ଦୁଗ୍ଧବତୀ ଧେନୁ ।।
ନେଇଦାନ ପ୍ରଜାଙ୍କୁ ମୋ କରନ୍ତୁ ଆଶିଷ ।।

ଏହା ଶୁଣି କହିଲେ ବ୍ରାହ୍ମଣ !

ଜାଣିବା ଲୋକ ପରି କହ ଏବି କଥା ?
ନକରି ସଂକଳ୍ପ କି ବିଶ୍ୱାସ ଦେବ ବୋଲି ଦାନ ?
ଏଣୁ ପ୍ରଥମରେ ଶଂଖେରରି କୁଶ ଓ ଉଦକ
ବାକ୍ୟ ଉଚ୍ଚାରଣ କରି କରିଲେ ସଂକଳ୍ପ
ମାଗିବି ମୁଁ ଯାହା ମୋର ଇଚ୍ଛା ।।

ଏପରି କଥା ଶୁଣି କର୍ଣ୍ଣ ଆଶ୍ଚର୍ଯ୍ୟ ହେଲେ ।। ମନେ ମନେ ଭାବିଲେ କାହିଁପାଇଁ ସଂକଳ୍ପ କରିବାପାଇଁ ବାଧ୍ୟ କରୁ ଅଛନ୍ତି ।। ସତେ କଣ କିଛି ଅଦେୟ ବସ୍ତୁ ମାଗିବେ କି ।। ଦେଖାଯାଉ ।। ଏହା କହି ଅତି ନମ୍ର ଅଥଚ ଗମ୍ଭୀର ସ୍ୱରରେ କହିଲେ ।

ହେ ବ୍ରାହ୍ମଣ !
ଜାଣ ତୁମେ କର୍ଣ୍ଣର ପ୍ରତିଜ୍ଞା ।
ମହାଦାନୀ ବୋଲି ତାର ଜଗତରେ ଖ୍ୟାତି
ହୋଇ ତାରେ ତୁଷ୍ଟ
ନିତି ଲକ୍ଷେ ଭାର ସ୍ୱର୍ଣ୍ଣ ଦିଅଇ ପୃଥିବୀ !
ଏଣୁ କରୁଛି ଶପଥ,
ଶତେବାର କହୁଅଛି ସତ୍ୟ
ଯାହା ତୁମର ଇପ୍‌ସିତ କରିବି ପ୍ରଦାନ
ଜୀବନ ଦାନ ପର୍ଯ୍ୟନ୍ତ ନାହିଁ ମୋ ବିକଳ୍ପ ।।
ସାଧୁ ସାଧୁ ମହାସାଧୁ କର୍ଣ୍ଣ ।
ଜାଣିକରି ମୁହିଁ ତବ ଦାନର ମାହାତ୍ମ୍ୟ
ଆସିଅଛି ମାଗିବାକୁ ଭିକ୍ଷା ।
ତେବେ କଲଣି ଯଦ୍ୟପି ସତ୍ୟ
ବୋଲୁଅଛୁ ଆସେ
ଦିଅ ତୁମ କବଚ କୁଣ୍ଡଳ ।।

କବଚ କୁଣ୍ଡଳ କଥା ଶୁଣି କର୍ଣ୍ଣ ବିଶେଷ ଭୟଭୀତ ହେଲେ ।। ଗତରାତ୍ରିର ସୂର୍ଯ୍ୟଙ୍କର ସତର୍କବାଣୀ ମନେ ପଡ଼ିଲା, କିନ୍ତୁ କରିବେ କଅଣ ।। ତଥାପି ଅନୁନୟ ସ୍ୱରରେ କହିଲେ ।

ହେ ବିପ୍ର ବ୍ରାହ୍ମଣ ।
ଜାଣିଅଛ ନିଶ୍ଚେ ତୁମେ
କବଚ ଓ କୁଣ୍ଡଳର କଥା—
ସହଜାତ ଆଭରଣ ମୋର ।

ଚର୍ମପରି ପରିବୃତ କରିଛି ମୋ ଅଙ୍ଗ,
ଅଚ୍ଛେଦ୍ୟ ଶରୀରୁ ମୋର ॥
କେଉଁପରି କରିଭିନ୍ନ ପାରିବି ତା' ଦେଇ ॥
ଏଣୁ କରେ ଅନୁରୋଧ,
କବଚ କୁଣ୍ଡଳ ଛିନ୍ନେ—
ଆଉ ଯାହା ମାଗିବ ହେ ବିପ୍ର
ନିବେ ମୁହିଁ ଅକାତରେ କରିବି ପ୍ରଦାନ ॥

କର୍ଣ୍ଣଙ୍କର କଥାଶୁଣି ବ୍ରାହ୍ମଣ ବିରକ୍ତ ହେଲେ । ଅତିଶୟ କ୍ରୁଦ୍ଧ ହେଲେ । କହିଲେ ॥

ତୁମେ ପରା ବୋଲାଉଛ
ମହାଦାନୀ ବୋଲି ।
ଆଚରି ଶପଥ, ନଦେଲେ ସେ ଦାନ,
ଦାନୀ ବୋଲି କେଉଁ ପରି
ଦେବ ପରିଚୟ ॥
ବୁଝୁଛି ମୁଁ କଥାରୁ ତୁମର
ଯାହା ତୁମକୁ ସୁବିଧା
ଦେଇ ସେହି ଦାନ
ମହାଦାନୀ ବୋଲି ବିଶ୍ୱେ
ପିଟାଉଛ ଡ଼ଙ୍କା ॥
ହେଲାଣି ହୃଦ ବୋଧ ମୋର
ଦେବନାହିଁ ମୋ ମାଗିବା ଦାନ ॥
ଏଣୁ ଯାଉଅଛି ଫେରି
ମୋହର ଶାପରେ ଭସ୍ମ ହେବ ତୁମ ରାଜ୍ୟ ।
ମରଣାନ୍ତେ ନର୍କ ଭୋଗ ହୋଇବ ତୁମର ॥

ଯିବାକୁ ଉଦ୍ୟତ ହୁଅନ୍ତେ, ପୁଣି ଅନୁନୟ କଲେ କର୍ଣ୍ଣ ମହାଦାନୀ ॥

ଅବଧାନ ହେଉ ଦେବ ମୋହରି ଗୁହାରି ।
ମନା କରିନାହିଁ କେବେ
ଦେବା ପାଇଁ କବଚ କୁଣ୍ଡଳ ॥
ଖାଲି ଅସୁବିଧା କଥାସିନା
କହୁଥିଲି ଜଣା
ତେବେ ଯାଉ ପଛେ ଜୀବ
ଦେବି ମୁହିଁ କବଚ କୁଣ୍ଡଳ ॥
ସତ୍ୟ ଭଙ୍ଗ କେବେଁ ହୋଇ ନ ପାରିବି ମୁହିଁ ।
ପଶ୍ଚିମାଚଳେ ତପନ ହୋଇ ପାରେ ଉଦେ,
ଫୁଟିପାରେ କମଳିନୀ ଶିଖରୀ ଶିଖରେ
ଅଚଳ ମନ୍ଦର ମେରୁ ହେବେବା ସଚଳ
ଅଟଳ ଅଟଇ ପ୍ରଭୋ କର୍ଣ୍ଣର ପ୍ରତିଜ୍ଞା ॥
ଏଣୁ କାଟି ମୋର ଶରୀରରୁ କରିବି ପ୍ରଦାନ
ତୁମର ଯାଚଞ୍ଚା ସେହି କବଚ କୁଣ୍ଡଳ ॥
ଅଣାଉଛି ସୁତୀକ୍ଷ୍ଣ ଛୁରୀକା ।

ଏହାଶୁଣି ବ୍ରାହ୍ମଣ ହୃଷ୍ଟହେଲେ କହିଲେ କର୍ଣ୍ଣଙ୍କୁ--

ଆସ ମୋର ନିକଟକୁ
ଧୀର, ଦାନବୀର
କର ସଞ୍ଚାଳନ କରି ତୁମର ଶରୀରେ
କରିବି ଅପନୋଦନ ସବୁତକ ଶ୍ରମ ॥
ଛେଦନ କରିବା ବେଳ ଶରୀରୁ କବଚ
ବିନ୍ଦୁ ମାତ୍ର ରକ୍ତସ୍ରାବ ନହେବ ଶରୀରୁ
କିଞ୍ଚିତରେ ହେଲେ କଷ୍ଟ ନହେବ ତୁମର ।

ତା'ପରେ କର୍ଣ୍ଣ କବଚ କାଟିଦେଲେ । ତାପରେ ମକର କୁଣ୍ଡଳ ମଧ୍ୟ କାନରୁ ଛିଣ୍ଡାଇ ପ୍ରଦାନ କଲେ ବ୍ରାହ୍ମଣ ସେହି ଦୁଇଟି ପଦାର୍ଥ ଗ୍ରହଣ କରି ଆଶୀର୍ବାଦ କରିବା ବେଳେ କର୍ଣ୍ଣଙ୍କର ପିତରାତିର କଥା ସ୍ମରଣ ହେଲା–ସୂର୍ଯ୍ୟ ଦେବତାଙ୍କର ସତର୍କ ବାଣୀ ମଧ୍ୟ ସ୍ମରଣ ହେଲା । ଏଣୁ ବ୍ରାହ୍ମଣ ସ୍ୱୟଂ ଇନ୍ଦ୍ର ବୋଲି ହୃଦବୋଧ ହେଲା । କହିଲେ :–

ପ୍ରଭୁ ଦେବରାଜ !
ହୋଇ ମଧ୍ୟ ଅମର ଅଧିପ
ଏଡ଼ିକି କପଟୀ ତୁମେ ହେଲ କେଉଁପରି ?
ଆସି ତୁମେ ଛଦ୍ମ ଦ୍ୱିଜ ବେଶେ
ମାଗିନେଲ ସହଜାତ କବଚ କୁଣ୍ଡଳ ॥
ଦେବରାଜ ହୋଇ ମଧ୍ୟ ଏଡ଼େ ହୀନବୁଦ୍ଧି ?
ନିଜପୁତ୍ର ଅର୍ଜୁନର ହିତ ସାଧନାର୍ଥେ
ହତଶିରୀ କରିଲ ଦର୍ଶକୁ ॥
ନଥିଲାତ କର୍ଣ୍ଣ କେବେ–ବଇରି ତୁମର
ହେବେସେହି ଦେବରାଜ ଏଡ଼େ ସ୍ୱାର୍ଥପର ।
ଆଦର୍ଶ ବିସ୍ତର ଆଉ ସମ୍ଭବ କେଉଠି ?
ତେବେ, ନେଇତ ସର୍ବସ୍ୱ ମୋର
ପ୍ରତିଦାନେ ଦେଇଯାଅ କିଛି ॥

ଦେବରାଜ ଭାବିଲେ ପ୍ରକୃତରେ କିଛି ଦେବା କଥା କିନ୍ତୁ ଦେବେ କଅଣ "ଏହି ସମୟରେ କହିଲେ କର୍ଣ୍ଣ ଦେଇଯାଅ ବଜ୍ରଶକ୍ତି ତବ ।

ପ୍ରହାର କରି ସେ ଶକ୍ତି
ଯେତେବଡ଼ ଶତ୍ରୁ ହେଉ
କରିବି ସଂହାର ॥

ଇନ୍ଦ୍ର ଇତସ୍ତତ ହେଲେ କିଛି ଉପାୟ ନ ପାଇ ଶେଷରେ ପ୍ରଦାନ କଲେ ବଜ୍ରଶକ୍ତି ଆଉ କହିଲେ :–

ଜୀବନର ଭୟ ଯେବେ ହେବ ଉପନୀତ
ଥରେ ମାତ୍ର ଏହି ଶକ୍ତି କରିବ ପ୍ରୟୋଗ ॥
କରିବା ପରେ ପ୍ରୟୋଗ–
ସାଙ୍ଗିକାର୍ଯ୍ୟ
ଫେରିଦିବ ମୋହ ପାଶେ ଏହା ।
ଯଶବାନ ହୋଇ ସଦା ରହ ଦାନବୀର ॥

ଏହା କହି ଇନ୍ଦ୍ର ପ୍ରସ୍ଥାନ କଲେ । କର୍ଣ୍ଣ ମନକୁ ମନ ଭାବିଲେ ଏ କଅଣ ହେଲା । ସୂର୍ଯ୍ୟଦେବ ମତେ ଅନେକ ଥର ଏହିକଥା ଚେତେଇ ଦେଇଥିଲେ । ତଥାପ ତାଙ୍କ ହିତବାଣୀ ଶୁଣିଲି ନାହିଁ । ମନରେ ମୋର ଅହମିକା ଦାନବୀର ମୁଁ, ଯାଉପଛେ ଜୀବ, ସତ୍ୟଭଙ୍ଗ ହୋଇକରି ବଞ୍ଚିବା ଅସମ୍ଭବ । ଏହା ମୋର ଜୀବନର ବ୍ରତ । ଏହି ସମୟରେ କର୍ଣ୍ଣ ଶୁଣିବାକୁ ପାଇଲେ ଯେପରି କାହା ବାଡ଼ ଚତୁର୍ଦ୍ଦିଗ ନିନାଦିତ ହୋଇ ଉଠିଛି । ସମସ୍ତେ କହୁଛନ୍ତି ଏ କଅଣ କଲ କର୍ଣ୍ଣ ? ଏଇ କି କର୍ତ୍ତବ୍ୟ, ଏହା କଅଣ ଦାନବୀର ପଣ ନା ଜିଦ୍‌ଖୋର ଗୁଣ । ସୂର୍ଯ୍ୟଦେବ ବାରମ୍ବାର ମନା କରିବା ସତ୍ତ୍ୱେ ତାଙ୍କ କଥା ନଶୁଣି ନିଜର ସର୍ବନାଶ କଲ । ଏ ବଜ୍ର ଶକ୍ତିରୁ କଅଣ ପାଇବ ? ଥରେ ପ୍ରୟୋଗ କଲେତ ତା'ର କାର୍ଯ୍ୟମତି ଶେଷ ହେବ । ମନେ ମନେ ଭାବିଲେ କର୍ଣ୍ଣ–ସତରେ, ମୋର କଅଣ କିଛି ଭୁଲ ରହିଗଲା । ଠିକ୍ କଥା, ସବୁକଥାର ସୀମା ଅଛି 'ସର୍ବମତ୍ୟନ୍ତ ଗର୍ହିତ' । ଦାନଦେଲା ଠିକ୍‌କଥା କିନ୍ତୁ ହିତାକାଂକ୍ଷୀଙ୍କ କଥା ନମାନି ଅଦେୟ ଜିନିଷ ମଧ୍ୟ ଦେଇଦେବା କଅଣ ପ୍ରକୃତ ଦାନ ? ଏହା ଯେ କରେ ସେ ଦାନବୀର–ନା–ଜିଦ୍‌ଖୋର ?

ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

# ଗାନ୍ଧୀଜୀ ଓ ଶିଶୁ

ଅନନ୍ୟା ଦାସ

ଗାନ୍ଧୀ ମିଶନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଶିଶୁବର୍ଷ ଉପଲକ୍ଷେ ଶହୀଦ ଦିବସରେ ହୋଇଥିବା ଆଲୋଚନା ଚକ୍ରରେ ରାଜଧାନୀ ବାଳିକା ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ କୁମାରୀ ଅନନ୍ୟା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ । "ଉତ୍କଳ ପ୍ରସଙ୍ଗ"ର ପାଠକପାଠିକାଙ୍କ ପାଇଁ ତାଙ୍କ ଆଲୋଚନାର ସାରାଂଶ ଏଠାରେ ପ୍ରଦତ୍ତ ହେଲା ।

ବାଇବେଲ୍‌ର ଗୋଟିଏ ସ୍ମରଣୀୟ ଉକ୍ତି ମନେ ପଡୁଛି ; "ଶିଶୁ ଶାଶ୍ୱତ, ତାକୁ ଭଲ ପାଇ ଶିଖ, ସେ ଈଶ୍ୱରଙ୍କର ଅଭିନବ ସୃଷ୍ଟି, ତା'ର ଯତ୍ନ କରି ଶିଖ । ସେ ତୁମର ଜୀବନ ପାତ୍ରରେ ଅମୃତ ଭରି ଦେବ ଅର୍ଥାତ୍ ସେହି ଶିଶୁ ପ୍ରେମହିଁ ରୂପାନ୍ତରିତ ହେବ ଭଗବତ୍ ପ୍ରେମରେ ଏବଂ ତଦ୍ୱାରା ତୁମେ ଭଗବାନଙ୍କର ଆଶୀର୍ବାଦ ଲାଭ କରି ପାରିବ" । ଏ ତ ଗୋଟିଏ ପବିତ୍ର ଧର୍ମ ଗ୍ରନ୍ଥର ମହାନ୍ ବାଣୀ । ସୁଦୂର ଅତୀତର କଥା । ବର୍ତ୍ତମାନ ଯୁଗକୁ ଫେରିଆସି ଆମରି ଦ୍ୱାରା ସୃଷ୍ଟ ସାମାଜିକ ପରିବେଷ୍ଟନୀ ମଧ୍ୟରେ ଥାଇ ଆମେ ଯଦି ପଚାରିବା ଆମର ଏହି ଶିଶୁମାନଙ୍କ ବିଷୟ, ତେବେ ହୁଏତ ଉତ୍ତର ପାଇବା—ଆଜିର ଶିଶୁ କାଲିର ନାଗରିକ । ସେ ଦେଶର ଭବିଷ୍ୟତ । ତେଣୁ ଶିଶୁକୁ ମାର୍ଜିତ, ଶୃଂଖଳିତ ଓ ସମାଜ-ହିତୈଷୀ କରି ଗଢିବା ଆମର କର୍ତ୍ତବ୍ୟ । ନଚେତ୍ ଆମ ରାଷ୍ଟ୍ର ହୁଏତ ବିଶ୍ୱ ଦରବାରରେ ସମ୍ମାନର ସହିତ ପ୍ରତିଷ୍ଠିତ ହୋଇ ପାରିବ ନାହିଁ ।

ଯଦି ଆମେ ମହାତ୍ମା ଗାନ୍ଧୀ ଓ ଶିଶୁମାନଙ୍କ ପ୍ରସଙ୍ଗରେ ଅନୁଧ୍ୟାନ କରିବା ତେବେ ଜାଣି ପାରିବା ଯେ ଉଭୟଙ୍କ ମଧ୍ୟରେ ସଂପର୍କ ଥିଲା ପରିପୂରକ । ସେମାନେ ଗୋଟିଏ ସରଳ ରେଖାର ଦୁଇଟି ଅଂଶ । ବ୍ୟକ୍ତି ବିନା ସମାଜକୁ ରୂପରେଖ ଦେବା ଯେପରି ଅସଂଭବ, ଶିଶୁ ପ୍ରତି ଗାନ୍ଧୀଙ୍କର ସୁଚିନ୍ତିତ କଳ୍ପନା ବ୍ୟତୀତ ତାଙ୍କ ଭାବ-ଧାରାକୁ ରୂପଦେବା ସେହି ପରି କଷ୍ଟକର । କାରଣ ଗାନ୍ଧୀ ବୁଝିଥିଲେ "The children are the future citizens of the country". ଏଣୁ ଦେଶ ପ୍ରଗତିର ମେରୁଦଣ୍ଡ ଏହି ଶିଶୁ ଯଦି ସୁରକ୍ଷିତରୂପେ ଗଢି ନ ଉଠେ ତେବେ ଭବିଷ୍ୟତରେ ଏ ଦେଶର ସମୃଦ୍ଧି ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପାରିବ ନାହିଁ—ଏଇ ଚିନ୍ତାରେ ଗାନ୍ଧୀଜୀ ସର୍ବଦା ବିବ୍ରତ ହେଉଥିଲେ । ସେ କହୁଥିଲେ—"ଆମେ ଯଦି ଶିଶୁକୁ ପ୍ରାଣ ଦେଇ ଭଲ ପାଇବା ଓ ତା'ର ସମସ୍ତ ପ୍ରକାର ଯତ୍ନ ନେବା, ତେବେ ସେ ଦିନେ ନା ଦିନେ ଆମ ହୃଦୟର ଭାଷା ବୁଝି ପାରିବ ଏବଂ ତା ସଙ୍ଗେ ସଙ୍ଗେ ଆମ ସମସ୍ୟାସବୁର ଆଶୁ ସମାଧାନ ନିମିତ୍ତ ମନଯୋଗୀ ହେବ" । "ଶିଶୁର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ଯେତିକି ଆବଶ୍ୟକ ତାକୁ ଆଦର୍ଶ ନାଗରିକ ରୂପେ ଗଢିବା ସେତିକି ଆବଶ୍ୟକ" । ଶିଶୁକୁ ଆଦର୍ଶ ଭାବରେ ଗଢିବା ପାଇଁ ଶିଶୁର ଶିକ୍ଷା ସଂପର୍କରେ ସେ ବିଶେଷ ସଚେତନ ରହିବାକୁ କହୁଥିଲେ । ସୁସ୍ୱାସ୍ଥ୍ୟ ମାନବ ବିକାଶର ଭିତ୍ତି ହୋଇଥିବାରୁ ଦେଶର ଭବିଷ୍ୟତ ସୁଦୃଢ଼ କରିବା ପାଇଁ ଶିଶୁର ଦୈହିକ ବିକାଶ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଦୃଢ଼ ଭାବରେ ତିଷ୍ଠି ରହି ନିଜର କାର୍ଯ୍ୟ ଦକ୍ଷତା ଦ୍ୱାରା ଜନ ସାଧାରଣଙ୍କର ସେବା କରିବା ପାଇଁ ଉପଯୁକ୍ତ ହେବା ନିମନ୍ତେ ଶିଶୁ ସ୍ୱାସ୍ଥ୍ୟବାନ ହୋଇ ଗଢି ଉଠିବା ଆବଶ୍ୟକ । ଯେଉଁ ପରିମାଣରେ ଆମେ ଗଛରେ ସାର ଦେଉ, ସେହି ପରିମାଣରେ ଫଳ ଉତ୍ପାଦନ କରୁ, ପୁନଶ୍ଚ ଯେଉଁ ପରିମାଣରେ ଆମେ ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ପାଇଁ ପରିଶ୍ରମ କରିଥାଉ, ପରୀକ୍ଷାରେ ତଦନୁରୂପ ଫଳ ପାଇଥାଉ । ତେଣୁ ଗାନ୍ଧୀଜୀ କହୁଥିଲେ "ଆମେ ଯଦି ଶିଶୁର ଉପଯୁକ୍ତ ଯତ୍ନ ନେବା, ସେ ନିଶ୍ଚିତ ଭାବରେ ଭବିଷ୍ୟତରେ ଆମର ତଥା ଦେଶର ଯତ୍ନ ନେଇ ଶିଖିବ" ।

ଶିଶୁର ଶିକ୍ଷା ସମ୍ପର୍କରେ ଗାନ୍ଧୀଜୀ କହୁଥିଲେ "ସମସ୍ତ ଶିକ୍ଷା ଶିଶୁର ଇଚ୍ଛା ବିରୁଦ୍ଧରେ ବା ସ୍ୱୀକୃତି ଦ୍ୱାରା ପରୋକ୍ଷ ଭାବରେ ବା ପ୍ରତ୍ୟକ୍ଷ ଭାବରେ ଦିଆଯିବା ଉଚିତ ।" କାରଣ ଶିକ୍ଷିତ ନହେଲେ କୌଣସି ନୂତନତ୍ୱର ଆବିର୍ଭାବ ଯେ ଅସମ୍ଭବ । ଯଥାର୍ଥରେ କୁହା ଯାଇଛି "Education makes man perfect" । ଏଣୁ ଶିକ୍ଷାର ସହାୟତାରେ ଶିଶୁର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ଆମର ଧର୍ମ । ଶିଶୁର ମନ ଓ ଶରୀର ଉଭୟର ବିକାଶ ଏକ ସଙ୍ଗରେ ହେବା ଉଚିତ । ସେଥିନିମନ୍ତେ ଆଧ୍ୟାତ୍ମିକ ଶକ୍ତିର ଜାଗରଣ ଏକାନ୍ତ ଆବଶ୍ୟକ । ଏହି ଶକ୍ତି ସେ ମୁଖ୍ୟତଃ ଆଧ୍ୟାତ୍ମିକ ଶିକ୍ଷାରୁ ଲାଭ କରିଥାଏ । ଏହି ଶିକ୍ଷା ଦ୍ୱାରା ସେ ନିଜର ତଥା ଅନ୍ୟର ଅନ୍ତରର ଭାଷାକୁ ହୃଦୟଙ୍ଗମ କରିବା ଭଳି ଦକ୍ଷତା ଲାଭ କରିଥାଏ । ତେଣୁ ଅବସର ସମୟରେ ବିଭିନ୍ନ ଧର୍ମ ସଂବନ୍ଧୀୟ ଗଳ୍ପକୁ, ଶିଶୁମାନଙ୍କ ସମ୍ମୁଖରେ ବିଭିନ୍ନ ଉଦାହରଣ ଦ୍ୱାରା ବ୍ୟକ୍ତ କରି, ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ଘଟାଇବା ନିମନ୍ତେ ଗାନ୍ଧୀଜୀ ପରାମର୍ଶ ଦେଉଥିଲେ ।

ଏହାଛଡ଼ା ଆମର ସାଧାରଣ ଶିକ୍ଷାର ମଧ୍ୟ କିଛି ପ୍ରଭାବ ଶିଶୁ ଉପରେ ପଡ଼ିବା ଉଚିତ । ବାପୁଜୀ କହୁଥିଲେ—"ଆମେ ଭାବୁ ଯେ ପିଲାଟି ପଢି ନ ଶିଖିବା ଯାଏ କୌଣସି ଜ୍ଞାନ ତାକୁ ଦିଆଯାଇ ପାରିବ ନାହିଁ ।" ଏହି ପରି ମୋହ ଆମକୁ ଗ୍ରାସ କରିଛି, ବାସ୍ତବ କ୍ଷେତ୍ରରେ ତା'ର କୌଣସି ସତ୍ୟତା ନାହିଁ । ଶିକ୍ଷା କ୍ଷେତ୍ରରେ ଏହାଠାରୁ ବଳି ଭ୍ରାନ୍ତ ଧାରଣା ନାହିଁ ବୋଧ ହୁଏ । ଏ ସମ୍ବନ୍ଧରେ ସେ ନିଶ୍ଚିତ ଥିଲେ ଯେ ଏହା ଦ୍ୱାରା ଶିଶୁର ବିକାଶ ବାଧା ପାଏ । ଶିଶୁ ପଢ଼ି ଶିଖିବା ପୂର୍ବରୁ ତା'ର ମାନସିକ ବିକାଶ ହୋଇଥାଏ । ମାତ୍ର ଏହି ଲେଖା ପଢ଼ା ତାକୁ କେତେକାଂଶରେ ବ୍ୟାହତ କରେ । ତେଣୁ ସେ ଶିକ୍ଷକମାନଙ୍କୁ କହୁଥିଲେ—ମୌଳିକ ଆଲୋଚନା ଦ୍ୱାରା ଶିଶୁମାନଙ୍କୁ ବିଭିନ୍ନ ଗଳ୍ପ ତଥା କ୍ରୀଡ଼ା ମାଧ୍ୟମରେ ଇତିହାସ, ଭୂଗୋଳ ଓ ବିଜ୍ଞାନ ଶିକ୍ଷା ଦେବା ଉଚିତ । ରାମାୟଣ ତଥା ମହାଭାରତ ଇତ୍ୟାଦିର ଛୋଟ ଛୋଟ ଗଳ୍ପ ମାଧ୍ୟମରେ ଶିଶୁମାନଙ୍କୁ ଧର୍ମ ପ୍ରତି ଆକୃଷ୍ଟ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଶିକ୍ଷା ଦିଆଯାଇପାରେ ବୋଲି ସେ ମତ ପୋଷଣ କରୁଥିଲେ ।

ମହାତ୍ମା ଗାନ୍ଧୀଙ୍କ ଶିଶୁ ପ୍ରେମର ଜ୍ୱଳନ୍ତ ଉଦାହରଣ ଆମେ ଦେଖିବାକୁ ପାଇବା ଇତିହାସ ପୃଷ୍ଠାରେ । ସ୍ୱାଧୀନତା ସଂଗ୍ରାମ ସମୟରେ ଛୋଟ-ଛୋଟ ବାଳକ ବାଳିକା ବ୍ରିଟିଶ–ବିରୋଧୀ ଆନ୍ଦୋଳନରେ ଯୋଗ ଦେବାର ମୂଳ କାରଣ ଥିଲା—ଗାନ୍ଧୀଜୀଙ୍କ ସହିତ ସେମାନଙ୍କର ନିବିଡ଼ ସ୍ନେହ ସଂପର୍କ । ଶିଶୁମାନଙ୍କୁ ବାପୁ କିପରି ଦୃଷ୍ଟିରେ ଦେଖୁଥିଲେ ତା'ର ପ୍ରମାଣ ଦେଇଥିଲେ ଏକ ଶିଶୁ ସମ୍ମିଳନୀରେ । ସେହି ସମ୍ମିଳନୀ ଉଦ୍‌ଘାଟନ ସମୟରେ ନିଜ ଭାଷଣରେ ସେ ଶିଶୁମାନଙ୍କୁ 'ବାଳ-ଗୋପାଳ' ଆଖ୍ୟା ଦେଇଥିଲେ । ସେ କହୁଥିଲେ, "ଶିଶୁମାନେ ବାସ୍ତବରେ ଦେବତା ସଦୃଶ । ଦେବତାର ଆରାଧନାରେ ତ୍ରୁଟି ରହିଲେ ଆଶୀର୍ବାଦ ଲାଭ କରିବା ଅସମ୍ଭବ । ସେହିପରି ଶିଶୁ ସେବାରେ ଅବହେଳା କଲେ, ଆମର ଭବିଷ୍ୟତ ଯେ ସୁସମୃଦ୍ଧ ହେବା ଅସମ୍ଭବ, ଏଥିରେ କୌଣସି ଭୁଲ ନାହିଁ ।

ରାଜଧାନୀ ବାଳିକା ବିଦ୍ୟାଳୟ,
ଭୁବନେଶ୍ୱର

## ୧୮ ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ

ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ବିଭିନ୍ନ କୃଷି ଜିଲ୍ଲାରେ ୧୮ ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ ହେବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିରୁ ୮ ଲକ୍ଷ ୮୪ ହଜାର ଟନ୍ ବିଭିନ୍ନ କିସମ ଡାଲି ଜାତୀୟ ଶସ୍ୟ ଉତ୍ପାଦିତ ହେବ ବୋଲି ଆଶା କରାଯାଉଛି ।

ଏହା ବ୍ୟତୀତ, ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳମାନଙ୍କରେ ସୋରିଷ, ଚିନାବାଦାମ, ଜଡ଼ା ଓ ରାଶି ପ୍ରଭୃତି ଚାଷ କରି ତହିଁରୁ ୭ ଲକ୍ଷ ୯୨ ହଜାର ଟନ୍ ତୈଳବୀଜ ଉତ୍ପାଦନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏକର ପିଛା ଉଭୟ ଡାଲି ଓ ତୈଳବୀଜ ଜାତୀୟ ଫସଲର ଉତ୍ପାଦନ ହାର ବଢ଼ାଇବା ନିମନ୍ତେ ଯଥେଷ୍ଟ ପରିମାଣ ସାର ଓ କୀଟନାଶକ ଔଷଧ ବ୍ୟବହାର କରିବାକୁ ଚାଷୀମାନଙ୍କୁ ତାଲିମ ଦିଆଯାଉଛି । ବିଶେଷତଃ କ୍ଷୁଦ୍ର, ନାମମାତ୍ର ଓ ଆଦିବାସୀ ଚାଷୀମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ନିମନ୍ତେ ରିହାତି ମୂଲ୍ୟରେ ଉନ୍ନତ କିସମ ବିହନ ଓ ସାର ଯୋଗାଇ ଦିଆଯାଉଛି ଏବଂ ସେମାନଙ୍କ କ୍ଷେତରେ ଉନ୍ନତ ଚାଷ ସଂପର୍କରେ କ୍ଷେତ୍ର ପ୍ରଦର୍ଶନ କରାଯାଉଛି ।

# "ନିରନ୍ତର ଅଭ୍ୟୁଦୟ"

## ଏକ ଅନ୍ତର୍ଦୃଷ୍ଟି

**ଶ୍ରୀ ଚଣ୍ଡି ପ୍ରସାଦ ମହାନ୍ତି**

ଦେଶରେ ପ୍ରଚଳିତ ଯୋଜନାଗୁଡ଼ିକର ସୁଫଳକୁ ଅଧିକ ବାସ୍ତବାୟିତ କରିବା ଉଦ୍ଦେଶ୍ୟରେ ସମ୍ପ୍ରତି ନିରନ୍ତର ଅଭ୍ୟୁଦୟ କାର୍ଯ୍ୟକ୍ରମକୁ ଦେଶର ବିଭିନ୍ନ ପ୍ରଦେଶରେ କାର୍ଯ୍ୟକାରୀ କରାଯାଉଛି । ସମାଜରେ ଧନୀ ଓ ଦରିଦ୍ର ଶ୍ରେଣୀ ମଧ୍ୟରେ ଯେଉଁ ତାରତମ୍ୟ ରହିଛି ତାହା ଦୂର କରିବା ହେଉଛି ଏହାର ମୌଳିକ ଲକ୍ଷ୍ୟ । ଏହା ଫଳରେ ସମାଜର ଦୁଃସ୍ଥ ଜନତାଙ୍କ ମଧ୍ୟରେ ସସମ୍ମାନେ ବଞ୍ଚିବା ନିମନ୍ତେ ଏକ ଆତ୍ମପ୍ରତ୍ୟୟର ଉନ୍ମେଷ ଘଟିବା ସହଜସାଧ୍ୟ ହେବ । ଏହି କାର୍ଯ୍ୟକ୍ରମ ସର୍ବପ୍ରଥମେ ରାଜସ୍ଥାନରେ ପ୍ରବର୍ତ୍ତନ କରାଯାଇଥିଲା ଓ ପରବର୍ତ୍ତୀ କାଳରେ ଉତ୍ତର-ପ୍ରଦେଶ, ହରିୟାନା ଓ ବିହାର ପ୍ରଦେଶ ଗୁଡ଼ିକରେ କାର୍ଯ୍ୟକାରୀ କରାଗଲା । ଓଡ଼ିଶାସରକାର ସମ୍ପ୍ରତି ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରିଛନ୍ତି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ସମାଜରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକମାନଙ୍କୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଅର୍ଥନୈତିକ ଅବସ୍ଥାର କିପରି ବିଶେଷ ଉନ୍ନତି ସାଧନ କରାଯାଇ-ପାରିବ, ସେଥିନିମନ୍ତେ ଉପଯୁକ୍ତ ପରିକଳ୍ପନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଏଥିନିମନ୍ତେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ଉପରେ ବିଶେଷ ଦାୟିତ୍ୱ ଅର୍ପଣ କରାଯାଉଛି ଓ ସମ୍ପୃକ୍ତ ଗ୍ରାମପଞ୍ଚାୟତଙ୍କ ପରାମର୍ଶ ତଥା ଅନୁମୋଦନ କ୍ରମେ ପ୍ରତ୍ୟେକ ଗ୍ରାମସ୍ଥ ଗରିବ ଲୋକମାନଙ୍କୁ ଚିହ୍ନଟ କରାଯିବ । ସେମାନଙ୍କୁ ଗୋ-ପାଳନ, କୁକୁଡ଼ା ପାଳନ, ମେଣ୍ଢା ପାଳନ ତଥା ଗ୍ରାମ୍ୟ କୁଟୀର ଶିଳ୍ପ କରିଆରେ ଆବଶ୍ୟକ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇ ଆତ୍ମନିଯୁକ୍ତି ଦିଆଯିବ । ଏହା ଫଳରେ ସେମାନେ ସମୟାନୁକ୍ରମେ ଆତ୍ମନିର୍ଭରଶୀଳ ହୋଇପାରିବେ ।

ଯେଉଁ ପରିବାରଙ୍କର ଜମି ଓ ଗୋମହିଷାଦି ତଥା ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତି ନଥିବ ଓ ଯେଉଁ ପରିବାରର ୧୫ ବର୍ଷରୁ ୬୪ ବର୍ଷ ମଧ୍ୟରେ କୌଣସି ବ୍ୟକ୍ତି ଉପାର୍ଜନ-କ୍ଷମ ନଥିବେ ଅଥବା ରୁଗ୍ଣ, ଶାରୀରିକ ଅସାମର୍ଥ୍ୟ ଓ ବାର୍ଦ୍ଧକ୍ୟ ଯୋଗୁ ପରିବାରର କୌଣସି ବ୍ୟକ୍ତି ଉପାର୍ଜନ ଲାଗି ଅକ୍ଷମ ଥିବେ, ସେ କ୍ଷେତ୍ରରେ ଉକ୍ତ ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।

ଯେଉଁ ପରିବାରଗୁଡ଼ିକର ସ୍ଥାବର ଅସ୍ଥାବର ସମ୍ପତ୍ତି ନଥିବ ମାତ୍ର ଉକ୍ତ ପରିବାରର ୧ରୁ ଅଧିକ ବ୍ୟକ୍ତି ଉପାର୍ଜନକ୍ଷମ ଥିବେ ଓ ଯାହାର ମାସିକ ଆୟ ୧୦୦ ଟଙ୍କାରୁ ମାସକୁ ଅଧିକ ହୋଇନଥିବ, ବର୍ଷକୁ ୧୨୦୦ ଟଙ୍କାରୁ ଅଧିକ ହୋଇନଥିବ, ସେ କ୍ଷେତ୍ରରେ ସମ୍ପୃକ୍ତ ପରିବାର ଗୁଡ଼ିକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ପରିସର ଭୁକ୍ତ କରାଯିବ । ଉକ୍ତ ପରିବାର ମଧ୍ୟରେ ଭୂମି-ହୀନ ଶ୍ରମିକ ଓ କ୍ଷୁଦ୍ର କାରିଗର ପରିବାରଗୁଡ଼ିକ ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ ଉକ୍ତ ପରିବାରରେ ପାଞ୍ଚଜଣ ସଦସ୍ୟ ଥିବା ବାଞ୍ଛନୀୟ । ସେହିଭଳି ପାଞ୍ଚଜଣିଆ ସଦସ୍ୟବିଶିଷ୍ଟ ଭୂମିହୀନ ଶ୍ରମିକ ତଥା କ୍ଷୁଦ୍ର କାରିଗର ପରିବାର ଯାହାର ବାର୍ଷିକ ଆୟ ୧୨୦୦ ଟଙ୍କାରୁ ୧୮୦୦ ଟଙ୍କା ମଧ୍ୟରେ ସୀମାବଦ୍ଧ ସେଭଳି, କ୍ଷେତ୍ରରେ ଉକ୍ତ ପରିବାରଗୁଡ଼ିକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମରେ ତାଲିକାଭୁକ୍ତ କରାଯିବ । ପୁନଶ୍ଚ ଯେଉଁ ପରିବାରମାନଙ୍କର ସାମାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତି ଥିବ ମାତ୍ର ମାସିକ ମୁଣ୍ଡପିଛା ଆୟ ୫୫ ଟଙ୍କା ହୋଇଥିବ ସେଭଳି କ୍ଷେତ୍ରରେ ମଧ୍ୟ ଉକ୍ତ ପରିବାରଗୁଡ଼ିକୁ ସମ୍ପୃକ୍ତ କାର୍ଯ୍ୟ-କ୍ରମର ପରିସରଭୁକ୍ତ କରାଯିବ । ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଛି ଯେ କ୍ଷୁଦ୍ର ଚାଷୀ, ନାମ ମାତ୍ର ଚାଷୀ, କୃଷି ତଥା ଅଣ କୃଷି ଶ୍ରମିକ, ଭାଗଚାଷୀ, କ୍ଷୁଦ୍ର କାରିଗର ଓ ପରିବାରଗୁଡ଼ିକ ଯାହାର ଆୟ ସେମାନଙ୍କର ଚଳାଚଳ ନିମନ୍ତେ ଯଥେଷ୍ଟ ନୁହେଁ, ସେମାନେ ଉକ୍ତ କାର୍ଯ୍ୟକ୍ରମର ପରିସରଭୁକ୍ତ ହୋଇ-ପାରିବେ । କାରଣ, ରୁଗ୍ଣ, ଶାରୀରିକ ଅସାମର୍ଥ୍ୟ ଓ ବାର୍ଦ୍ଧକ୍ୟ ଯୋଗୁ ଉକ୍ତ ପରିବାରର ବ୍ୟକ୍ତିମାନେ ସେମାନଙ୍କର ଚାହିଦା ମୁତାବକ ଅର୍ଥ ଉପାର୍ଜନ କରିବା ଦିଗରେ ବିଶେଷ ସମର୍ଥ ହୋଇ ପାରୁନାହିଁ ।

ଯେଉଁ ଗ୍ରାମାଞ୍ଚଳରେ ଏସ. ଏଫ. ଡ଼ିଏ, ସିଏ. ଡ଼ିଏ. ଡ଼ିପି. ଏପି. କିମ୍ବା ଏଚି. ଡ଼ିପି ପ୍ରଭୃତି ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି କିମ୍ବା ଯେଉଁ ଅଞ୍ଚଳରେ ଆଇ. ଆର. ଡ଼ି. କାର୍ଯ୍ୟକ୍ରମ କରିବା ନିମନ୍ତେ ସ୍ଥିର କରାଯାଇଛି, ସେହି ଅଞ୍ଚଳଗୁଡ଼ିକରେ ପ୍ରଥମେ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯିବ ।

ରାଜ୍ୟରେ ଥିବା ୩୧୪ ଗୋଟି ବ୍ଲକ ମଧ୍ୟରୁ ଅଦ୍ୟାବଧି ୨୨୯ ଗୋଟି ବ୍ଲକରେ ଉକ୍ତ ସ୍ୱତନ୍ତ୍ର ଉନ୍ନୟନମୂଳକ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି । ଏତଦ୍‌ବ୍ୟତୀତ ପରବର୍ତ୍ତୀ ଅବସ୍ଥାରେ ଯେଉଁ ବ୍ଲକଗୁଡ଼ିକ ଆଇ. ଆର. ଡ଼ି. କାର୍ଯ୍ୟକ୍ରମର ପରିସରଭୁକ୍ତ ହେବ, ସେଗୁଡ଼ିକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ । ଉକ୍ତ ବ୍ଲକଗୁଡ଼ିକ ମଧ୍ୟରୁ ଶତକଡ଼ା ୨୦ ଭାଗ ବ୍ଲକରେ ଏହି କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯିବା ଲାଗି ସ୍ଥିର କରାଯାଇଛି । ପରବର୍ତ୍ତୀ ବର୍ଷଗୁଡ଼ିକରେ ପୂର୍ବପରି ଶତକଡ଼ା ୨୦ ଭାଗ ବ୍ଲକକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯିବ । ଏହା ଫଳରେ ଷଷ୍ଠ ଯୋଜନା କାଳ ମଧ୍ୟରେ ରାଜ୍ୟରେ ଥିବା ସମସ୍ତ ବ୍ଲକ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ପରିସରଭୁକ୍ତ ହୋଇପାରିବ ବୋଲି ଅନୁମାନ କରାଯାଏ । ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାଲାଗି ବଡ଼ ବଡ଼ ଗ୍ରାମଗୁଡ଼ିକୁ ସୁବିଧା-ସୁଯୋଗ ଦିଆଯିବା ସକାଶେ ସ୍ଥିର କରା-ଯାଇଛି । ମାତ୍ର ଯେଉଁ ଅଞ୍ଚଳରେ ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି ସେ ଅଞ୍ଚଳକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯିବ । ମନୋନୀତ ଗ୍ରାମଗୁଡ଼ିକରେ ଅନ୍ୟୁନ ପାଞ୍ଚଗୋଟି ପରିବାରକୁ ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ସୁବିଧାସୁଯୋଗ ଦିଆଯିବାଲାଗି ସ୍ଥିର କରାଯାଇଛି । ଉକ୍ତ ପରିକଳ୍ପନା ଅନୁଯାୟୀ ୧୦ରୁ ଅଧିକ ପରିବାରକୁ ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

କେଉଁ କେଉଁ ବ୍ଲକ ତଥା ଗ୍ରାମଗୁଡ଼ିକୁ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯିବ ତାହା ପରୀକ୍ଷା ନିରୀକ୍ଷା କରି ଦେଖିବା ଲାଗି ଗ୍ରାମ୍ୟ କୃଷି କର୍ମଚାରୀ ତଥା ଗ୍ରାମସେବକମାନଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଯାଇଛି । ସେମାନେ ଏଥିନିମନ୍ତେ ଗ୍ରାମ ବିଦ୍ୟାଳୟର ଶିକ୍ଷକ ତଥା ରାଜସ୍ୱ ବିଭାଗ କର୍ମଚାରୀଙ୍କର ସାହାଯ୍ୟ ନେଇ ପାରିବେ । ଯେଉଁ ପରିବାରଗୁଡ଼ିକର ଅର୍ଥନୈତିକ ଅବସ୍ଥା ସେତେଟା ସୁଦୃଢ଼ ନୁହେଁ ସେଗୁଡ଼ିକୁ ଉକ୍ତ ପରିକଳ୍ପନା ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ଆବଶ୍ୟକ ସାହାଯ୍ୟ ଯୋଗାଇ ଦିଆଯିବ । ଏହି ପ୍ରାଥମିକ ତାଲିକା ପ୍ରସ୍ତୁତ କରାଯିବା ପରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ଅନୁମୋଦନକ୍ରମେ ଉକ୍ତ ତାଲିକା ଚୂଡ଼ାନ୍ତ କରାଯିବ । ଏହି ଉଦ୍ଦେଶ୍ୟରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ଏକ ସଭା ଆହ୍ୱାନ କରିବେ । ସେଥିରେ ବ୍ଲକ୍ ଉନ୍ନୟନ ଅଧିକାରୀ କିମ୍ବା ତାଙ୍କର କେହି ସମ୍ପ୍ରସାରଣ ଅଧିକାରୀ ତହସିଲଦାର କିମ୍ବା ରାଜସ୍ୱ ସୁପରଭାଇଜର ଅଥବା ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ଗ୍ରାମସେବକ, ସ୍ଥାନୀୟ ବିଧାନସଭା ସଦସ୍ୟ ଓ ସର୍ବଶେଷରେ ପଞ୍ଚାୟତ ସମିତିର ସଦସ୍ୟମାନେ ଯୋଗଦେବେ । ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ପରିସରଭୁକ୍ତ ହେବାଲାଗି ଯୋଗ୍ୟ ବିବେଚିତ ହୋଇଥିବା ପରିବାରଗୁଡ଼ିକର ତାଲିକା ପ୍ରସ୍ତୁତ କରି ସେସବୁକୁ ଜିଲ୍ଲାପାଳ, ପ୍ରୋଜେକ୍ଟ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବେ ।

ସମ୍ପୃକ୍ତ ଗ୍ରାମପଞ୍ଚାୟତଗୁଡ଼ିକ ଉକ୍ତ ପରିବାରଗୁଡ଼ିକୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସାହାଯ୍ୟ କରିବା ଲାଗି ବିଭିନ୍ନ ବ୍ୟବସ୍ଥାମାନ ଗ୍ରହଣ କରିବା ସକାଶେ ପରାମର୍ଶ ଦେବେ । ଗ୍ରାମପଞ୍ଚାୟତ ତଥା ସମ୍ପୃକ୍ତ ପରିବାରଗୁଡ଼ିକର ମତାମତ ଅନୁଯାୟୀ ବ୍ଲକ ଉନ୍ନୟନ ଅଧିକାରୀ ଉକ୍ତ ପରିବାରଗୁଡ଼ିକର ସାମାଜିକ ତଥା ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ କରିବେ । ଉକ୍ତ ଚିଠାରେ ସମ୍ପୃକ୍ତ ପରିବାରର ସ୍ଥାବର ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ଠିକିନିଖି ବିବରଣୀ ଉଲ୍ଲେଖ ରହିବ । ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ଚିହ୍ନୋଟ କରାଯାଇଥିବା ପରିବାରଗୁଡ଼ିକୁ ଚିହ୍ନଟ ପତ୍ର ଦିଆଯିବ । ଏହା ଫଳରେ ସେମାନେ ଆବଶ୍ୟକ ସାହାଯ୍ୟ ସହଯୋଗ ପାଇ ପାରିବେ ।

ସେମାନଙ୍କର ଅର୍ଥନୈତିକ ବିକାଶଲାଗି ଏସ. ଏଫ. ଡି.ଏ., ସି.ଏ.ଡି.ଏ., ଆଇ.ଟି.ଡି.ପି., ଡି.ପି.ଏ.ପି., ଟି.ଡି.ଏ., ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ପରିକଳ୍ପନାମାନ ପ୍ରସ୍ତୁତ କରାଯାଇଛି । ଏତଦ୍‌ବ୍ୟତୀତ ଖଦୀ ଓ ଗ୍ରାମ୍ୟ ଶିଳ୍ପ କମିଶନଙ୍କ ଅନୁମୋଦନ କ୍ରମେ ଆଇ. ଆର. ଡି ଅଧୀନରେ ପ୍ରସ୍ତୁତ କରାଯାଇଥିବା ପରିକଳ୍ପନା ଗୁଡ଼ିକୁ କାର୍ଯ୍ୟକାରୀ କରାଯିବ । ଏହାଛଡ଼ା ଜମି ବଣ୍ଟନ ତଥା ବାର୍ଦ୍ଧକ୍ୟ ଭତ୍ତା ଭଳି କଲ୍ୟାଣମୁଖୀ କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ସ୍ଥିର କରାଯାଇଛି । ବାର୍ଦ୍ଧକ୍ୟ ଭତ୍ତା ପରିକଳ୍ପନା ଅନୁଯାୟୀ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବ୍ୟକ୍ତିଙ୍କୁ ମାସିକ ୨୫ ଟଙ୍କା ହାରରେ ବାର୍ଦ୍ଧକ୍ୟ ଭତ୍ତା ଦିଆଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଯେଉଁମାନେ ଅଦ୍ୟାବଧି ବାର୍ଦ୍ଧକ୍ୟ ଭତ୍ତା ପାଇନାହାନ୍ତି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ଭତ୍ତା ଦିଆଯିବା ଲାଗି ସ୍ଥିର କରାଯାଇଛି ।

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଗଲେ ଗାଁ ଗହଳରେ ଅର୍ଥନୈତିକ ବିକାଶ ସାଧିତ ହେବା ସଙ୍ଗେ ସଙ୍ଗେ ସମାଜର ଗରିବ ଶ୍ରେଣୀର ଲୋକମାନେ ଯୋଜନାର ସୁଫଳ ଉପଭୋଗ କରିପାରିବେ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର



# ଜିଲ୍ଲା ପରିକ୍ରମା

## ପଶୁସମ୍ପଦ ଉନ୍ନୟନ ପଥେ ମୟୂରଭଞ୍ଜ ଜିଲ୍ଲା

୧୯୭୨ ମସିହା ପଶୁ ସୁମାରୀ ଅନୁସାରେ ମୟୂରଭଞ୍ଜ ଜିଲ୍ଲର ପଶୁ ସମ୍ପଦ ସଂଖ୍ୟା ହେଲ—ଗୋରୁ ୬·୭୪ ଲକ୍ଷ, ମହିଷି ୦·୪୬ ଲକ୍ଷ, ମେଣ୍ଢା ୧·୧୯ ଲକ୍ଷ, ଛେଳି ୨·୭୨ ଲକ୍ଷ, ଘୁଷୁରି ୦·୪୫ ଲକ୍ଷ, କୁକୁଡ଼ା ୧୧·୮୦ ଲକ୍ଷ ଏବଂ ବତକ ୦·୪୯ ଲକ୍ଷ ।

**ଗୋ ଉନ୍ନୟନ**—ଏହି ଜିଲ୍ଲରେ ଥିବା ୬·୭୪ ଲକ୍ଷ ଗୋରୁଗାଈଙ୍କ ମଧ୍ୟରୁ ୧.୬୭ ଲକ୍ଷ ପ୍ରଜନନକ୍ଷମ ଓ ଦୁଧିଆଳୀ ଗାଈ ଅଛନ୍ତି । ଏହି ପ୍ରଜନନକ୍ଷମ ଗାଈଙ୍କ ସକାଶେ ଉନ୍ନତ ପ୍ରଜନନର ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଜିଲ୍ଲରେ ୮୩ ଗୋଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ବେତନଟି ଓ ବଡ଼ସାହିଠାରେ ଦୁଇଟି ମୁଖ୍ୟ ଗ୍ରାମ୍ୟ ଉନ୍ନୟନ କେନ୍ଦ୍ର ଖୋଲା ଯାଇଛି । ଏହି ମୁଖ୍ୟ ଗ୍ରାମ୍ୟ ଉନ୍ନୟନ କେନ୍ଦ୍ର ଅଧୀନରେ ୨୦ ଗୋଟି ଉପକେନ୍ଦ୍ର କାର୍ଯ୍ୟ କରୁଛି । ଏହାଫଳରେ ଉକ୍ତ ଜିଲ୍ଲାରେ ୦.୮୩ ଲକ୍ଷ ଗାଈଙ୍କୁ କୃତ୍ରିମ ପ୍ରଜନନର ସୁବିଧା ଯୋଗାଇ ଦିଆଯାଇଛି । ଏହାଛଡ଼ା ଜିଲ୍ଲର ଅଗମ୍ୟ ଅଞ୍ଚଳକୁ ଉତ୍କଳ ଗୋମଙ୍ଗଳ ସମିତି ତରଫରୁ ୧୭ ଗୋଟି ଷଣ୍ଢ, ପ୍ରଜନନ ଉଦ୍ଦେଶ୍ୟରେ ଯୋଗାଇ ଦିଆଯାଇଛି । ଏହା ଦ୍ୱାରା ସେ ଅଞ୍ଚଳର ସର୍ବମୋଟ ୦.୯୦ ଲକ୍ଷ ଉତ୍ପାଦନ ଓ ପ୍ରଜନନକ୍ଷମ ଗାଈ ଉପକୃତ ହେଉଅଛନ୍ତି । ଷଷ୍ଠ ଯୋଜନାକାଳରେ ଅଧିକ କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ମୁଖ୍ୟ ଗ୍ରାମ୍ୟ ଉନ୍ନୟନ କେନ୍ଦ୍ର ଖୋଲିଯିବାର ବ୍ୟବସ୍ଥା କରାଯାଇଛି । ତେଣୁ ଷଷ୍ଠ ଯୋଜନା ଶେଷ ସୁଦ୍ଧା, ଏହି ଜିଲ୍ଲାର ଶତକଡ଼ା ୭୫ ଭାଗ ଗାଈ କୃତ୍ରିମ ପ୍ରଜନନର ସୁବିଧା ପାଇପାରିବେ ।

ଜିଲ୍ଲର ବିଭିନ୍ନ ପ୍ରଜନନ କେନ୍ଦ୍ରକୁ ଉନ୍ନତ ଓ ସଙ୍କର ଗୋ-ଶୁକ୍ର ଯୋଗାଇବା ଉଦ୍ଦେଶ୍ୟରେ ବାରିପଦାଠାରେ ଗୋଟିଏ ଗୋ-ଶୁକ୍ର ସଂଗ୍ରହ କେନ୍ଦ୍ର ଖୋଲାଯାଇଛି । ସେଠାରୁ ସମସ୍ତ କୃତ୍ରିମ ପ୍ରଜନନ ଉପକେନ୍ଦ୍ରକୁ ନିୟମିତ ଭବରେ ଗୋ-ଶୁକ୍ର ଯୋଗାଇ ଦିଆଯାଉଛି । ଷଷ୍ଠ ଯୋଜନା କାଳରେ ଏହି ଜିଲ୍ଲକୁ ହିମୀକୃତ ଶୁକ୍ର ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏହିପାଇଁ କେନ୍ଦୁଝରଠାରେ ଗୋଟିଏ ହିମୀକୃତ ଶୁକ୍ରଭଣ୍ଡାର ପ୍ରତିଷ୍ଠା କରାଯିବ ।

ଏହି ଜିଲ୍ଲାର କାଠପାଳଠାରେ ଗୋଟିଏ ପଶୁସମ୍ପଦ ପ୍ରଜନନ ଫାର୍ମ ପ୍ରତିଷ୍ଠା କରଯାଇ ସେଠାରେ ସଙ୍କର ଗୋ-ପ୍ରଜନନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ଏହାବ୍ୟତୀତ ଘାସ ବୃଷର ଉନ୍ନୟନ ତଥା କୃଷୀମାନଙ୍କୁ ଉନ୍ନତ ଘାସ ମଞ୍ଜି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ଜିଲ୍ଲରେ ଦୁଇଗୋଟି ଘାସ ବୃଷ ଫାର୍ମ ପ୍ରତିଷ୍ଠା କରଯାଇଛି । ଷଷ୍ଠ ଯୋଜନାରେ ମିନିକିଟ୍ କାର୍ଯ୍ୟକ୍ରମ ମଧ୍ୟ ଚାଲୁ କରଯିବାର ବ୍ୟବସ୍ଥା ରହିଛି ।

ଉତ୍ପାଦିତ ଦୁଗ୍ଧର କ୍ରୟବିକ୍ରୟ ସକାଶେ ଜିଲ୍ଲରେ ପାଞ୍ଚ ଗୋଟି ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଠନ କରାଯାଇଛି ଏବଂ ଷଷ୍ଠ ଯୋଜନାକାଳରେ ଆହୁରି ଅନେକଗୁଡ଼ିଏ ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଗଢ଼ାଯିବା ସଙ୍ଗେ ସଙ୍ଗେ ଜିଲ୍ଲ ଦୁଗ୍ଧ ସମବାୟ ସଂଘ ମଧ୍ୟ ଗଠନ କରାଯିବାର ଯୋଜନା ରହିଛି । ଏହି ଜିଲ୍ଲ ଦୁଗ୍ଧ ସମବାୟ ସଂଘକୁ ଆର୍ଥିକ ସାହାଯ୍ୟ ଦିଆଯିବାର ମଧ୍ୟ ବ୍ୟବସ୍ଥା କରାଯାଇଛି ।

**ଛାଗ ଓ ମେଷ ଉନ୍ନୟନ**—ଏହି ଜିଲ୍ଲାରେ ଥିବା ୧.୧୯ ଲକ୍ଷ ମେଣ୍ଢା ଓ ୨.୭୨ ଲକ୍ଷ ଛେଳିଙ୍କ କ୍ରମ-ଉନ୍ନତି ପାଇଁ ଏପର୍ଯ୍ୟନ୍ତ କୌଣସି ବିଶେଷ ବ୍ୟବସ୍ଥା କରାଯାଇନାହିଁ । କିନ୍ତୁ ଷଷ୍ଠ ଯୋଜନା କାଳରେ ଛେଳି ଓ ମେଣ୍ଢା ଉନ୍ନୟନ କ୍ଷେତ୍ରରେ କେତେକ ବିଶେଷ ପଦକ୍ଷେପ ନିଆଯିବାର ବ୍ୟବସ୍ଥା ରହିଛି । ବାରିପଦା ସବ୍‌ଡ଼ିଭିଜନରେ ୫,୦୦୦, କାପ୍ତିପଦା ସବ୍‌ଡିଭିଜନରେ ୨,୦୦୦, କରଞ୍ଜିଆ ସବ୍‌ଡିଭିଜନରେ ୨,୫୦୦,

ଓ ରାଇରଙ୍ଗପୁର ସବ୍‌ଡିଭିଜନରେ ୩,୫୦୦ ଛେଳି ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବ । ସେହିପରି ଉଲ୍ଲିଖିତ ସବ୍‌ଡିଭିଜନଗୁଡ଼ିକରେ ଏକହଜାର ଲେଖାଏଁ ମେଣ୍ଢା ୟୁନିଟ୍ ଖୋଲାଯିବ । ସଘନ ଆଦିବାସୀ ଉନ୍ନୟନ ଯୋଜନା ଅନୁସାରେ ବାରିପଦା, କପ୍ତିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଅଞ୍ଚଳକୁ ୧,୧୧୪ ବୋଦା, ୧୩୩ ସଙ୍କର ଗାରଡ଼ ଓ ୧୪୮ ଉନ୍ନତ ଗାରଡ଼ ଯୋଗାଇ ଦିଆଯିବ । ଏହାଛଡ଼ା ସ୍କୁଲଗୁଡ଼ିକରେ ଆଦର୍ଶ ଛେଳି ପାଳନ କେନ୍ଦ୍ରମାନ ମଧ୍ୟ ପ୍ରତିଷ୍ଠା କରାଯିବ । କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ପରିଚାଳିତ ଯୋଜନା ଅନୁସାରେ ଉକ୍ତ ଜିଲ୍ଲାର ଆଦିବାସୀ ଅଞ୍ଚଳରେ ୪ ହଜାର ମେଣ୍ଢା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ।

ମେଣ୍ଢା ଲୋମ ସଂଗ୍ରହ ପାଇଁ ଏକ ଯୋଜନା ଏହି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ ଓ ପଶମ ସଂଗ୍ରହ କରାଯାଇ ବିକ୍ରୟର ବ୍ୟବସ୍ଥା ମଧ୍ୟ କରାଯିବ ।

## ଘୁଷୁରୀ ପାଳନ ଯୋଜନା :

ଉକ୍ତ ଜିଲ୍ଲାରେ ଥିବା ୦·୪୫ ଲକ୍ଷ ଘୁଷୁରୀମାନଙ୍କର ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଷଷ୍ଠ ଯୋଜନା କାଳରେ ବାରିପଦା ଓ କପ୍ତିପଦା ସବ୍‌ଡିଭିଜନରେ ଏକ ହଜାର ଲେଖାଏଁ ଘୁଷୁରୀ ୟୁନିଟ୍ ଏବଂ କରଞ୍ଜିଆ ଓ ରାଇରଙ୍ଗପୁର ସବ୍‌ଡିଭିଜନରେ ୧,୨୮୭ଟି ଘୁଷୁରୀ ୟୁନିଟ୍ ପ୍ରତିଷ୍ଠା କରାଯିବ । ଏହାଛଡ଼ା ସଘନ ଆଦିବାସୀ ଉନ୍ନୟନ ଯୋଜନାନୁସାରେ ଏହି ଜିଲ୍ଲାକୁ ୫ ଶହ ଗୋଟି ସଙ୍କର ଅଣ୍ଡିରା ଘୁଷୁରୀ ଯୋଗାଇ ଦିଆଯିବ । ଆହୁରି ମଧ୍ୟ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଅନୁସାରେ ଏହି ଜିଲ୍ଲାରେ ୫୦୦ ଗୋଟି ଘୁଷୁରୀ ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

## କୁକୁଡ଼ା ଓ ବତକ ଉନ୍ନୟନ :

କୁକୁଡ଼ା ପାଳନର ବହୁଳ ପ୍ରସାର ସକାଶେ ଏହି ଜିଲ୍ଲାରେ ଗୋଟିଏ ଏ. ଏନ୍. ପି. କୁକୁଡ଼ା ୟୁନିଟ୍, ଗୋଟିଏ ଏ. ଆଇ. ପି. ଡ଼ି. କୁକୁଡ଼ା ୟୁନିଟ୍ ଏବଂ ଗୋଟିଏ ବିଭାଗୀୟ ୟୁନିଟ୍ ପ୍ରତିଷ୍ଠା କରାଯାଇଅଛି ।

ଷଷ୍ଠ ଯୋଜନାକାଳରେ ସଘନ ଆଦିବାସୀ ଉନ୍ନୟନ ଯୋଜନା ଅନୁସାରେ ବାରିପଦା, କପ୍ତିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଅଞ୍ଚଳରେ ୨୦୦ ବତକ ପାଳନ କେନ୍ଦ୍ର ଓ ୫୬୦ଟି କ୍ଷୁଦ୍ର କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

ଅଣ୍ଡା ଓ ମାଂସ ବିକ୍ରୟ ସକାଶେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାଥମିକ କୁକୁଡ଼ା ସମବାୟ ସମିତିମାନ ଗଠନ କରାଯିବ ଓ ଏହି ସମବାୟ ସମିତିଗୁଡ଼ିକୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ ।

## ରୋଗ ନିରାକରଣ :

ଜିଲ୍ଲାରେ ଆଶୁ ପଶୁ ଚିକିତ୍ସା ବ୍ୟବସ୍ଥା, ପ୍ରତିଷେଧକ ବ୍ୟବସ୍ଥା ତଥା ପଶୁ ସମ୍ପଦର ଉନ୍ନୟନ ସକାଶେ ୩୨ଟି ପଶୁ ଚିକିତ୍ସାଳୟ ଓ ୮୭ଟି ପଶୁ ଚିକିତ୍ସା ସହାୟକ କେନ୍ଦ୍ର ଖୋଲାଯାଇଛି । ଷଷ୍ଠ ଯୋଜନା କାଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଜିଲ୍ଲାରେ ପ୍ରତି ୨୦ ହଜାର ଗୋରୁଙ୍କ ପାଇଁ ଗୋଟିଏ ପଶୁ ଚିକିତ୍ସାଳୟ ଓ ପ୍ରତି ୧୦ ହଜାର ଗୋରୁଙ୍କ ପାଇଁ ଗୋଟିଏ ପଶୁ ଚିକିତ୍ସା ସହାୟକ କେନ୍ଦ୍ର ଖୋଲାଯିବା ସଙ୍ଗେ ସଙ୍ଗେ ଭ୍ରାମ୍ୟମାଣ ପଶୁରୋଗ ନିର୍ଣ୍ଣୟାଗାର, ସଙ୍କର ବାଛୁରୀ ପାଳନ କେନ୍ଦ୍ର, ପଶୁଟୀକା ଗଚ୍ଛିତ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯିବ । ଏହାଛଡ଼ା ପଶୁ ଚିକିତ୍ସାଳୟ ଓ ସହାୟକ କେନ୍ଦ୍ରଗୁଡ଼ିକର ସମ୍ପ୍ରସାରଣ କରାଯିବ । ପଶୁପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନ ଯୋଗାଇ ଦେବା ପାଇଁ ଏହି ଜିଲ୍ଲାର ୧,୧୧୨ ଜଣ ଆଦିବାସୀ ଶ୍ରେଣୀର କୃଷକଙ୍କୁ ଓ ୩୩ ଜଣ ଆଦିବାସୀ ଯୁବକଙ୍କୁ ତାଲିମ ଦିଆଯିବ ।

ଏହିପରି ଯୁଗାନ୍ତକାରୀ ଯୋଜନାଗୁଡ଼ିକ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା, ପଶୁ ସମ୍ପଦ ଉନ୍ନୟନ କ୍ଷେତ୍ରରେ ତଥା ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଯେ ଆଗୁସାର ହୋଇ ପାରିବ, ଏଥିରେ ସନ୍ଦେହ ନାହିଁ ।

(ସମ୍ବାଦ ସରବରାହ ସଂସ୍ଥା,
ପଶୁପାଳନ ବିଭାଗ, ଓଡ଼ିଶା ସୌଜନ୍ୟରୁ)

# ସୁନ୍ଦରଗଡ଼ ଜିଲ୍ଲାରେ କୃଷିର ଅଗ୍ରଗତି

ଶ୍ରୀ ଆନନ୍ଦ ଚନ୍ଦ୍ର ପରିଡ଼ା

ସୁନ୍ଦରଗଡ଼ଜିଲ୍ଲା ଓଡ଼ିଶାର ଉତ୍ତର-ପଶ୍ଚିମ ସୀମାନ୍ତରେ ଅବସ୍ଥିତ । ଏହା ବିସ୍ତୃତ ଛୋଟନାଗପୁର ମାଳଭୂମିର ଏକ ଅଂଶ । ବର୍ଷା ଋତୁରେ ଏହି ଜିଲ୍ଲାରେ ପ୍ରାୟ ୫୦ ଇଞ୍ଚ ବର୍ଷା ହୁଏ । ବର୍ଷାଦିନେ ଜମିର ଉପର-ମାଟି କ୍ରମାଗତଭାବେ କ୍ଷୟ ହୋଇ ରହେ କେବଳ ଅନୁର୍ବର ଟିକିଟା ଖଣିମାଟି । ଗୋଟିଏ ଏକରରୁ ହାରାହାରି ଆୟ ବହୁତ କମ୍ । ତେଣୁ ସମତଳ ଉର୍ବର ମୃତ୍ତିକାସ୍ଥ କୃଷି ଦ୍ୱାରା ଆୟ ପାଇବାକୁ ହେଲେ ଏ ଜିଲ୍ଲାର ଚାଷୀକୁ ଅଧିକ ଖର୍ଚ୍ଚ କରିବାକୁ ପଡ଼େ । ଗରିବ ଆଦିବାସୀ ଚାଷୀ କିନ୍ତୁ ସମ୍ବଳହୀନ । ତାହାଗିଆ ସାହାଯ୍ୟ ସମୁଦ୍ରକୁ ଶଂଖେ ପାଣି ଭଳି । ତେଣୁ ଚାଷୀ ଓ ଚାଷ ଉଭୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ ହେଲେ ମଧ୍ୟ କୃଷି ପ୍ରଗତିରେ ଆତ୍ମସନ୍ତୋଷ ଆସିନାହିଁ ।

ଜିଲ୍ଲାର ମୋଟ ଚାଷ ଜମି ୨,୮୦,୦୦୦ ହେକ୍ଟର । ଏଥିରୁ ବିଭିନ୍ନ ଜଳସେଚନ ଯୋଜନା ମାଧ୍ୟମରେ ୫,୪୦୦ ହେକ୍ଟର ଶୀତଦିନେ ସେଚିତ ହେଉଅଛି । ଚାଷୀମାନେ ନିଜ ଉପାୟରେ ବନ୍ଧ, କୂପ ଏବଂ ଛୋଟ ଛୋଟ ନାଳକୁ ବାନ୍ଧି ପ୍ରାୟ ୭,୬୦୦ ହେକ୍ଟର ଜମିରେ ଜଳସେଚନ କରନ୍ତି । ମୋଟାମୋଟି ଚାଷ ଜମିର ଶତକଡ଼ା ୫ଭାଗ ରବି ଋତୁରେ ସେଚିତହୁଏ ।

ଚଳିତ ବର୍ଷ ୧୩,୦୨୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଗହମ, ବିଲାତି ଆଳୁ, ପନିପରିବା ଓ ଚିନାବାଦାମ ଚାଷ, ଅଣଜଳ-ସେଚିତ ୩୮,୦୦୦ ହେକ୍ଟର ଜମିରେ ଡ଼ାଲି ଜାତୀୟ ଓ ୧୭,୦୦୦ ହେକ୍ଟର ଜମିରେ ତୈଳବୀଜ ଫସଲ ଚାଷ ହୋଇଥିବାର ଲକ୍ଷ୍ୟ ରଖାଯାଇଥିଲା ।

ଚାଷୀମାନଙ୍କ ଚାହିଦା ଅନୁସାରେ ୫,୦୦୦ କୁଇଣ୍ଟାଲ ଆଳୁ ବିହନ, ୩୨୦ କୁଇଣ୍ଟାଲ ଅଧିକ ଅମଳକ୍ଷମ ଗହମ, ୯୦ କୁଇଣ୍ଟାଲ ଏମ୍-୨୭ ସୋରିଷ, ୩୫ କୁଇଣ୍ଟାଲ ମୁଗ ବିହନ ଯୋଗାଇ ଦିଆଯାଇଛି ।

ଉନ୍ନତ ଚାଷ ପ୍ରଣାଳୀ ଅବଲମ୍ବନ କରି ଏକର ପିଚ୍ଛା ସାଧାରଣ ଆୟର ପରିମାଣ ଶତକଡ଼ା ୫୦ ଭାଗ ବଢ଼ାଇବାପାଇଁ ବିହନ ବିଶୋଧନ, ଧାଡ଼ିବୁଣା, ସାର ପ୍ରୟୋଗ, ରୋଗ ଓ ପୋକ ଦାଉରୁ ଫସଲକୁ ରକ୍ଷା କରିବାର ଉପାୟ ସମ୍ପ୍ରସାରଣ କୃଷି କର୍ମଚାରୀଙ୍କ ଜରିଆରେ ଚାଷୀକୁ ତାଲିମ ଦେବାର ବ୍ୟବସ୍ଥା ଓ ଏଥିପାଇଁ କୃଷି ପ୍ରଦର୍ଶନ ପ୍ରଭୃତି ପଦକ୍ଷେପମାନ ଗ୍ରହଣ କରାଯାଉଛି । ମେଟ୍ରିକ ଟନ ହିସାବରେ ୨୦୧ ଯବକ୍ଷାର, ୧୧୭ ଫସ୍‌ଫରିକ ଓ ୮୩ ପଟାସ ସାର ଓ କୀଟ ନାଶକ ଔଷଧ ସମବାୟ ସମିତି ଜରିଆରେ ଋଣ ଓ ବିକ୍ରି ସୂତ୍ରରେ ଯୋଗାଇବା ବ୍ୟବସ୍ଥା କରାଯାଉଛି । ଅଣଜଳସେଚିତ ମାଳ ଜମିରେ ଛୋଟ କିସମର ଅଧିକ ଅମଳକ୍ଷମ ଧାନ ପରେ ଏମ୍-୨୭ ସୋରିଷ ଚାଷ ଓ ବେଣ୍ଟା, ବାହାଲ ଜମିରେ ମୁଗ ଚାଷ ସଫଳତାର ସହିତ କରାଯାଇ ପାରିବ ବୋଲି ସୁନ୍ଦରଗଡ଼ ଚାଷୀ ବୁଝିଲେଣି ।

ସୁନ୍ଦରଗଡ଼ ଜିଲ୍ଲାର ଜଳସେଚିତ ଅଞ୍ଚଳରେ ଆଳୁ ଚାଷର ପ୍ରଭାବ ଉଲ୍ଲେଖନୀୟ । ପନିପରିବା ଓ ପୋଟଳ ଚାଷର ପ୍ରସାର ମଧ୍ୟ କରାଯାଉଛି ।

ଆଦିବାସୀ ବହୁଳ ଏ ଜିଲ୍ଲାରେ ଆମ୍ବ, ପଣସ, ଲିଚୁ, କଦଳୀ, ପୋଟଳ ଓ ଅଧିକ ଅମଳକ୍ଷମ ଧାନ ଚାଷ ଆଦିବାସୀମାନଙ୍କ ମନରେ ଆଣି ଦେଇଛି ନୂତନ ଉତ୍ସାହ ଉନ୍ମାଦନା ।


ବର୍ତ୍ତମାନ ସୁଦ୍ଧା ୧୨,୦୦୦ ହେକ୍ଟର ଜମିରେ ଜଳସେଚନ ଓ ୫୦,୦୦୦ ହେକ୍ଟର ଜମିରେ ଡ଼ାଲି ଓ ତୈଳବୀଜ ଜାତୀୟ ଫସଲ ହୋଇସାରିଛି । ଅଧିକ ଅମଳକ୍ଷମ ଧାନ ଆଉ ଏକହଜାର ହେକଟର ଜମିରେ ଲୁଆଯିବ ।

ବର୍ଷର ୬ମାସ ଗାଁ ଗହଳରେ ଜଳସେଚନ ଅଭାବରୁ ଚାଷ ହୁଏ-ନାହିଁ । ତେଣୁ ବେକାରୀ ସମସ୍ୟା ବଢ଼ିଯାଏ । ଏହି ସମୟ ମଧ୍ୟରେ ବାହାଲ ବା ଖାଲ ଜମିରେ ସେଚ କୂପ ଖୋଳାଯାଇ ଅଧିକ ଜମି ଦୋଫସଲି କରାଗଲେ ଲୋକଙ୍କୁ କାମ ଯୋଗାଇ ଦିଆଯାଇ ପାରନ୍ତା ଓ କୃଷି ଉତ୍ପାଦନ ବୃଦ୍ଧି ହୁଅନ୍ତା । ପୌଷ ପୂର୍ଣ୍ଣିମାରେ ଗୋରୁ ଜଗୁଆଳି ଛାଡ଼ି ନକରି ଫଗୁଣମାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଜଗୁଆଳି ରଖିବାର ବ୍ୟବସ୍ଥା ଗ୍ରାମବାସୀମାନେ ଗ୍ରହଣ କଲେ ଅଧିକ ଜମିରେ ଅଣ ଜଳ-ସେଚିତ ସୋରିଷ ଓ ଡ଼ାଲିଜାତୀୟ ଫସଲ କରାଯାଇ ପାରନ୍ତା ।

କୃଷି ଉପନିର୍ଦ୍ଦେଶକ,
ସୁନ୍ଦରଗଡ଼

# ଖୋର୍ଦ୍ଧାଠାରେ ହାତବନ୍ଧା ଘଣ୍ଟା ତିଆରି କାରଖାନା

ରାଜ୍ୟ ଶିଳ୍ପ ଉନ୍ନୟନ ଓ ବିନିଯୋଗ କର୍ପୋରେସନ୍ ଏବଂ ମେସର୍ସ ହିନ୍ଦୁସ୍ଥାନ ଟୁଲ୍ସ କଂପାନୀର ମିଳିତ ଉଦ୍ୟୋଗରେ ପୁରୀ ଜିଲ୍ଲା ଖୋର୍ଦ୍ଧାଠାରେ ଏକ ହାତବନ୍ଧା ଘଣ୍ଟା ତିଆରି କାରଖାନା ପ୍ରତିଷ୍ଠା କରାଯାଇଛି । ରାଜ୍ୟ ଶିଳ୍ପମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଗତ ଫେବୃଆରୀ ୭ ତାରିଖ ଦିନ ଏହି କାରଖାନାର ଭିତ୍ତି ସ୍ଥାପନ କରିଥିଲେ ଏବଂ ଏହି ଉତ୍ସବରେ ବିଧାନସଭା ବାଚସ୍ପତି ଶ୍ରୀ ସତ୍ୟପ୍ରିୟ ମହାନ୍ତି ପୌରୋହିତ୍ୟ କରିଥିଲେ ।



ଏହି କାରଖାନା ନିର୍ମାଣ ପାଇଁ ୩୪ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ହିସାବ କରାଯାଇଛି । ନିମ୍ନ ମଧ୍ୟବିତ୍ତ ଆୟକାରୀ ଶ୍ରେଣୀ ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ଏହି କାରଖାନାରୁ ବାର୍ଷିକ ୨·୫ଲକ୍ଷ ସାଧାରଣ ବ୍ୟବହୃତ ହାତବନ୍ଧା ଘଣ୍ଟା ବାହାରିବ । କୋଣାର୍କ ୱାଚ୍ କଂପାନୀ ନାମରେ ଗୋଟିଏ କଂପାନୀ ରେଜିଷ୍ଟ୍ରିଭୁକ୍ତ କରାଯାଇଛି ଓ ହାତବନ୍ଧା ଘଡ଼ିଗୁଡ଼ିକର ଉତ୍ପାଦନ କାର୍ଯ୍ୟ ସଂପାଦନର କାର୍ଯ୍ୟଭାର ଏହି କଂପାନୀ ଉପରେ ନ୍ୟସ୍ତ କରାଯାଇଛି । ଏହି କାରଖାନାରୁ ଆସନ୍ତା ଅଗଷ୍ଟ ଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି । ଏଥିପାଇଁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟମାନ ତତ୍ପରତାର ସହ ସଂପନ୍ନ କରିବା ନିମନ୍ତେ ଇତିମଧ୍ୟରେ ଇପିକଲ୍ ପକ୍ଷରୁ ଦ୍ରୁତ ପଦକ୍ଷେପ ଗ୍ରହଣ କରାଯାଇଛି ।

# ବେଲ୍‌ଘର ଚିଠି

ଶ୍ରୀ ହରେକୃଷ୍ଣ ହୋତା

ବାଇଶି ବର୍ଷର ଶିକ୍ଷକତା ପରେ ବେଲଘର ପାଳି ପଡ଼ିଛି, କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ପଦାଧିକାରୀ ହିସାବରେ । କାର୍ଯ୍ୟରେ ଯୋଗ ଦେବାର ପ୍ରଥମ ଦିନ ଜଣେ ପଦସ୍ଥ ଅଫିସର ବେଲଘର ରାଜସ୍ୱ ବଙ୍ଗଳା ପଛପଟ କାନ୍ଥରେ କେହି ଜଣେ ଲିପିବଦ୍ଧ କରିଥିବା କେତେକ ପଂକ୍ତି ଉଦ୍ଧାର କରି କେଉଁମାନେ ବେଲଘରରେ ଅବସ୍ଥାପିତ ହୁଅନ୍ତି ତାହା ବୟାନ କରିଥିଲେ । ଠିକ୍ ଏହା ପରେ ପରେ ବେଲଘର ଆସିବାର ପାଳି ପଡ଼ିଲା, ଆବଶ୍ୟକତାର ତାଡ଼ନାରେ । ପହଞ୍ଚିବା ପରେ ପରେ ପ୍ରଥମେ ମନ ଡାକିଲା ଡାକ ବଙ୍ଗଳା ପଛପଟ କାନ୍ଥରେ ଲେଖାଥିବା ପଂକ୍ତି ଠାବ କରିବାକୁ । ଲେଖା ଥିଲା—

"କେହି ଅବା କରେ ନୂଆ ନଉକରି
କେବା ପଦୋନ୍ନତି ବଳେ,
ଅଥବା ରାଗିଲେ ଉପର ହାକିମ
ବେଲଘର ପାଳିପଡ଼େ" ।

ମନେ ମନେ ଚିନ୍ତା କଲି, ଏଥିରୁ କେଉଁଟି ମୋ ପାଇଁ ପ୍ରଯୋଜ୍ୟ ନଉକରି ମୋ ପାଇଁ ନୂଆ ନୁହେଁ । ପଦୋନ୍ନତିରେ ମୁଁ ଆସିନାହିଁ ଅଥବା ଉପର ହାକିମ ମୋ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ କେବେ ମୋ ଉପରେ ରାଗି ନାହାନ୍ତି । ତେବେ ବେଲଘର ଆସିଲି କାହିଁକି ? କବିଙ୍କ ଉକ୍ତିରୁ କତିପୟ ପଂକ୍ତି ମନେପଡ଼ିଲା—

"ଜୀବନତ ଖାଲି ନିରାଶାର ବାଲି
ମରୁ ମରିଚିକା ସେନେହ ପ୍ରୀତି
କହକି ଆଶାରେ ତଥାପି ସଂସାରେ
ପର ଲାଗି ନର ମରୁଛି ନିତି ?"

ଆଖି ଆଗରେ ଆସି ନାଚକଲେ ଜର୍ମାନ ଡାକ୍ତର ଆଲ୍‌ବର୍ଟ ସ୍ୱାଏତସାର, ଚନ୍ଦ୍ରପୁଟ ଜଙ୍ଗଲର ଜର୍ମାନ ଯୁବତୀ ସିଷ୍ଟର ଉର୍ସୁଲା, ପ୍ରଖ୍ୟାତ ଲେଖକ ଓ ଆଦିବାସୀ ହିତାକାଂକ୍ଷୀ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି ଓ ଆହୁରି ଅନେକ ଯେଉଁମାନେ ପରପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇଛନ୍ତି । ମନରେ ଦନ୍ଦ ଆସିଲା, ଅନ୍ତତଃ ଏହି କଥା ଚିନ୍ତା କରି ଯେ, ଲୋକମାନେ ହାତରୁ ପଇସା ଖର୍ଚ୍ଚ କରି ପରପାଇଁ ଆତ୍ମବଳି ଦେଇଛନ୍ତି । ମୁଁ ଆସିଛି ସରକାରୀ ଖର୍ଚ୍ଚରେ ଅବହେଳିତ କୁଟିଆ ଭାଇ ଭଉଣୀଙ୍କ ସେବା କରିବା ପାଇଁ ।

ଓଡ଼ିଶାର ଆଦିମ ଗିରିଜନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ Micro ଯୋଜନାର କଳ୍ପନା ନୂଆ ନୁହେଁ ; ଚଳିତ ଆର୍ଥିକ ବର୍ଷରେ ୫ ଗୋଟି ଏତାଦୃଶ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ସଫଳ ରୂପାୟନର ପରୀକ୍ଷା ନିରୀକ୍ଷା ସମ୍ଭବତଃ ପୂର୍ବତନ ଦୁଇ ଗୋଟି କ୍ଷୁଦ୍ର ପ୍ରକଳ୍ପରୁ ହୋଇ ସାରିଛି । ସେ ଦୁଇଟି ହେଲା କୋରାପୁଟର ବଣ୍ଡା ଉନ୍ନୟନ କ୍ଷୁଦ୍ର ଯୋଜନା ଓ ଗଞ୍ଜାମ ଜିଲ୍ଲାର ଚନ୍ଦ୍ରଗିରିର ସଉରା ଉନ୍ନୟନ ଯୋଜନା । ଚନ୍ଦ୍ରଗିରିର ଯୋଜନା ପାରଳାଖେମୁଣ୍ଡି ଆଦିବାସୀ ଉନ୍ନୟନ ଯୋଜନା (TDA)ର ପରିପୋଷକ, ଯେପରି ଫୁଲବାଣୀର ବେଲଘର ପାଇଁ ଉଦ୍ଦିଷ୍ଟ କୁଟିଆ କନ୍ଧ ଉନ୍ନୟନ ଯୋଜନା ବାଲିଗୁଡ଼ାର ଆଦିବାସୀ ଉନ୍ନୟନ ସଂସ୍ଥାର ପରିପୂରକ । ମନରେ ପ୍ରଶ୍ନ ଉଠେ ଏକ ଯୋଜନା ବଳରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଆଦିବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଏତେ ଅର୍ଥ ବ୍ୟୟ କରାଯାଉଥିଲାବେଳେ ଏହାର କାର୍ଯ୍ୟକାରୀ ପରିସର ମଧ୍ୟରେ MICRO PROJECT ପରି ନୂତନ ପ୍ରକଳ୍ପର କି ଆବଶ୍ୟକତା ଅଛି ? ମୋତେ ଏ ପ୍ରଶ୍ନ ଅନେକ ସମୟ ପଗ୍ରିଛନ୍ତି । ତେଣୁ ଏହାର ସ୍ପଷ୍ଟୀକରଣ ଦରକାର ।

ଟି. ଡି. ଏ. ସବ୍‌ଡିଭିଜନ୍ ପରି ଏକ ବୃହତ୍ ଅଞ୍ଚଳକୁ ନେଇ କାର୍ଯ୍ୟକରେ । ଏହି ଅଞ୍ଚଳରେ ବିଭିନ୍ନ ଆର୍ଥନୀତିକମାନର ବିଭିନ୍ନ ଆଦିବାସୀ ସଂପ୍ରଦାୟ ବାସ କରନ୍ତି । ଉଦାହରଣ ସ୍ୱରୂପ ବାଲିଗୁଡ଼ା T.D.A. ଅଞ୍ଚଳରେ ଏକ ପକ୍ଷରେ ବେଲଘର ଅଞ୍ଚଳର କୁଟିଆ କନ୍ଧଙ୍କ ପରି ଅତି ଅନୁନ୍ନତ ଆଦିବାସୀ ଅଛନ୍ତି ତ, ପକ୍ଷାନ୍ତରେ ଉଦୟଗିରି ଅଞ୍ଚଳର ପାଠ ପଢ଼ୁଆ ନବ୍ୟ ସଭ୍ୟତାର ବାହକ ଅପେକ୍ଷାକୃତ ସ୍ୱଚ୍ଛଳ କନ୍ଧ ସଂପ୍ରଦାୟର ଆଦିବାସୀ ଅଛନ୍ତି । ଏତେ

କନ୍ଧ ଅଞ୍ଚଳରେ ଓ ଅନେକ ଅର୍ଥନୈତିକ ବିଭିନ୍ନତା ମଧ୍ୟରେ ଏତେ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଅତି ନିମ୍ନ ସ୍ତରରେ ଥିବା କୌଣସି ଏକ ପୁରାତନ ଆଦିବାସୀ ସଂପ୍ରଦାୟର ଉନ୍ନତି ବିଧାନ ସକାଶେ କିଛି କରାଯିବା ସମ୍ଭବପର ନୁହେଁ । ତେଣୁ ଏ MICRO PROJECT ର ପରିକଳ୍ପନା ।"

ଚଳିତ ଆର୍ଥିକ ବର୍ଷରେ ନିମ୍ନୋକ୍ତ ୫ ଗୋଟି ଆଦିବାସୀ MICRO PROJECT କାର୍ଯ୍ୟକାରୀ ହୋଇଛି ।

୧ । କୁଟିଆ କନ୍ଧ ଉନ୍ନୟନ ଯୋଜନା, ବେଲଘର, ଫୁଲବାଣୀ ।

୨ । ଡଙ୍ଗରିଆ କନ୍ଧ ଯୋଜନା, ମୁନିଗୁଡ଼ା, କୋରାପୁଟ ।

୩ । ଜୁଆଙ୍ଗ ଉନ୍ନୟନ ଯୋଜନା, ଗୋନାସିକା, କେନ୍ଦୁଝର ।

୪ । ପାଉଡ଼ି ଭୂୟାଁ ଉନ୍ନୟନ ଯୋଜନା, ପାଲଲହଡ଼ା, ଢେଙ୍କାନାଳ ।

୫ । ଥୁମା ଉନ୍ନୟନ ଯୋଜନା, ଜରଡ଼ା, ଗଞ୍ଜାମ ।

ବେଲଘରକୁ ଚିଠି ଲେଖୁ ଲେଖୁ ଅସି କେଉଁଠି ପହଞ୍ଚିଲିଣି ତିଳିଶାଳକୁ ଢେଙ୍କାନାଳ ।

ବେଲଘର—ସରକାରୀ କର୍ମଚାରୀଙ୍କ ମନରେ ବଦଳିର ଭୀତି ଜନ୍ମାଇଥିବା ବେଲଘର, ନୃତତ୍ତ୍ୱର ଗବେଷକ—ଛାତ୍ର ଶ୍ୱେତାଙ୍ଗ ୟୁରୋପୀୟ ଯୁବକ ଯୁବତୀଙ୍କୁ ପ୍ରତିବର୍ଷ ଆକର୍ଷଣ କରୁଥିବା ବେଲଘର, ଅର୍ଦ୍ଧନଗ୍ନ ଆଦିମ କୁଟିଆ ନରନାରୀ ଅଧ୍ୟୁଷିତ ବେଲଘର, ବନ୍ୟପଶୁ—ମାଂସ ଲୋଭୀ ଶିକାରୀ ମାନଙ୍କର ଅତିପ୍ରିୟ ବେଲଘର, ଆଦିମ ପ୍ରକୃତିର କ୍ରୀଡ଼ାସ୍ଥଳୀ ବେଲଘର ଭୌଗୋଳିକ ଅବସ୍ଥିତି ବିସ୍ତାରରେ ୧ ନମ୍ବର ରାଜ୍ୟ ଜନପଥ ପାର୍ଶ୍ୱସ୍ଥ ତୁମୁଡ଼ିବନ୍ଧ ବ୍ଲକର ଏକ ଗ୍ରାମ । ୧୯୭୧ ଜନଗଣନା ଅନୁଯାୟୀ ଲୋକସଂଖ୍ୟା—୫୩୮ । ତୁମୁଡ଼ିବନ୍ଧ (ବାଲିଗୁଡ଼ା ଠାରୁ ମୁନିଗୁଡ଼ା ଆଡ଼କୁ ୪୦ କି. ମି. ଦୂର) ଠାରୁ ଜଙ୍ଗଲି ସିଧା ବାଟଚଲା ରାସ୍ତାରେ ମାତ୍ର ୨୦ କି. ମି. ଦୂର । ଗ୍ରାମ ପଞ୍ଚାୟତ ଅଫିସ୍ ବ୍ୟତୀତ ଏଠାରେ ଅଛି—ଥାନା, ଫରେଷ୍ଟରେଞ୍ଜ ଅଫିସ୍, ଫରେଷ୍ଟ କର୍ପୋରେସନର ସବ୍‌ଡିଭିଜନାଲ ମ୍ୟାନେଜରଙ୍କ ଅଫିସ୍, ଏକ ଛଅ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ରାଞ୍ଚ ପୋଷ୍ଟ ଅଫିସ୍ । T.D.C.C.ର ଏକ କ୍ରୟ ବିକ୍ରୟ କେନ୍ଦ୍ର । LAMPCS ର ଏକ କ୍ରୟ ବିକ୍ରୟ କେନ୍ଦ୍ର । ଗ୍ରାମସେବକଙ୍କ କାର୍ଯ୍ୟାଳୟ, ପଶୁ ଚିକିତ୍ସା କେନ୍ଦ୍ର । ଗ୍ରାମମଙ୍ଗଳ ବିଭାଗ କର୍ତ୍ତୃକ ପରିଚାଳିତ ଏକ ଆବାସିକ ନିମ୍ନ ମାଧ୍ୟମିକ ସ୍କୁଲ ଓ ୧୯୭୯ ଜାନୁଆରୀରୁ ତୁମଡ଼ିବନ୍ଧରୁ ସ୍ଥାନାନ୍ତରିତ ହୋଇ ସ୍ଥାନୀୟ ରାଜସ୍ୱ ଡାକ ବଙ୍ଗଳାରେ ଖୋଲା ହୋଇଥିବା କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟ । ସ୍ଥାନୀୟ ରାଜସ୍ୱ ବଙ୍ଗଳା ବ୍ୟତୀତ ଏଠାରେ ଫରେଷ୍ଟ ଡିପାର୍ଟମେଣ୍ଟର ଏକ ବଙ୍ଗଳା (ଯୋହା କି କାଠ ବଙ୍ଗଳା ନାମରେ ଖ୍ୟାତ) ଅଛି ; ଯାହା ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀମାନଙ୍କୁ ଏଠାରେ ରାତ୍ର ଉଦ୍‌ଯାପନ କରି ବନ୍ୟ ପ୍ରକୃତିର ଆଦିମ ସ୍ୱରୂପ ଦେଖିବାରେ ସୁଯୋଗ ଯୋଗାଇ ଦେଇ ବିଭୋର କରିଥାଏ । ମାତ୍ର ଅଳ୍ପଦିନ ତଳେ ବେଲଘର ପାଇଁ ଏକ ପଶୁଡାକ୍ତରଖାନା ମଞ୍ଜୁର ହୋଇଛି । ଯାହା ନିକଟରେ କାର୍ଯ୍ୟ କରିବାର ଆଶା କରାଯାଏ । ଏହାଛଡ଼ା ବେଲଘର ପାଇଁ ଆହୁରି ଅନେକ କିଛି ଯଥା :—ଷ୍ଟେଟ୍ ବ୍ୟାଙ୍କର ଶାଖା, ସବ୍ ପୋଷ୍ଟ ଅଫିସ୍, ପବ୍ଲିକ୍ କଲ୍ ଅଫିସ୍, ବିଜୁଳି ଆଲୋକ ସରବରାହ ଇତ୍ୟାଦି ବ୍ୟବସ୍ଥାର କଳ୍ପନା ଅଛି ।

ମନରେ ପ୍ରଶ୍ନ ଉଠେ, ଏତେ ଗୁଡ଼ିଏ ସରକାରୀ ଅଫିସ୍ ଥାଉ ଥାଉ ବେଲଘରକୁ ବଦଳି ହୋଇ ଆସି ଏଠାରେ କାର୍ଯ୍ୟ କରିବାକୁ ସରକାରୀ କର୍ମଚାରୀଙ୍କର ଏତେ ଭୟ କାହିଁକି ? ଅତି ସଂକ୍ଷେପରେ ଏହାର ଉତ୍ତର ଦିଆ ଯାଇପାରେ । ଚାକିରିଆ ମାତ୍ରେ (ଅବଶ୍ୟ ସେମାନେ ଯଦି ବାସ୍ତବରେ ସେବାଧର୍ମୀ ହୋଇଥିବେ ତାହାହେଲେ ସେମାନଙ୍କ କଥା ସ୍ୱତନ୍ତ୍ର) ୨ଟି ମୌଳିକ ସୁବିଧା ସାଧାରଣତଃ ଚାହାନ୍ତି । ତାହା—ଗମନାଗମନର ସୁବିଧା ଓ ଡାକ୍ତରୀ ସୁବିଧା । ଏ ଦୁଇଟି ବେଲଘରରେ ଅଭାବ । ତେଣୁ ସମ୍ଭବତଃ ବେଲଘରକୁ ବଦଳି ହୋଇ ଆସିବାକୁ ସରକାରୀ କର୍ମଚାରୀ ମାନଙ୍କର ଏତେ ଡର ଓ ବିମୁଖତା । ସେ ଦିନ ଡିସେମ୍ବର ଶେଷ, ସପ୍ତାହରେ କେହି ଜଣେ ଉଚ୍ଚ ପଦସ୍ଥ ସରକାରୀ କର୍ମକର୍ତ୍ତା ବେଲଘରରେ ରାତିରେ ରହି ଗଲାବେଳେ କୁଆଡ଼େ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଆଗରେ କହିଦେଇ ଗଲେ, "ପୂର୍ବ ଜନ୍ମରେ ପାପ କରିଥିଲେ ବେଲଘରରେ ଡିସେମ୍ବର ମାସରେ ରାତ୍ରି ଯାପନ କରିବ," ଏକଥା ଶୁଣି ମନରେ ଭାବିଲି—ଆମେ ପୂର୍ବ ଜନ୍ମରେ କେତେ ପାପ କରିଥିଲୁ ଯେ ଆଜି ଆସି ମାସ ମାସ ଧରି ଏଠାରେ ରାତ୍ରି ଯାପନ କରୁଛୁ । ଲୋକେ ପାପପ୍ରକ୍ଷାଳନ କରିବାକୁ ଗଙ୍ଗାସ୍ନାନ କରନ୍ତି । ଗଙ୍ଗା କୂଳରେ ଯେ ଆଜନ୍ମ ବସବାସ କରି ପ୍ରତିଦିନ ଗଙ୍ଗା ସ୍ନାନ କରୁଛି ତାହାର ପୂର୍ବ ଜନ୍ମର ପାପର ମାତ୍ରା କିଏ କଳନା କରିବ ?

ବେଲଘରରେ ଡାକ୍ତରଖାନା ଅଛି, ମାତ୍ର ଅନେକ ଦିନ ଧରି ଡାକ୍ତର ନାହାନ୍ତି । ତୁମୁଡ଼ିବନ୍ଧଠାରୁ ବଣ ମଧ୍ୟରେ ୨୫ କି. ମି. ଦୀର୍ଘ ଏକ ପୂର୍ତ୍ତ ବିଭାଗ ରାସ୍ତା ଅଛି ମାତ୍ର ବର୍ଷକରୁ ପ୍ରାୟ ୬ ମାସ (ଜୁଲାଇରୁ ଡିସେମ୍ବର) ଏ ରାସ୍ତା ଦେଇ 4/w ଜିପ୍ ଯିବା ସମ୍ଭବପର ନୁହେଁ । ଅପର ୬ ମାସ ଅବଶ୍ୟ କଷ୍ଟେ ମଷ୍ଟେ ଜିପ୍ ଯାଏ । ମାତ୍ର ତାହା ନିରାପଦ ନୁହେଁ । ବସ୍ ଯିବା ତ ଏକ ସ୍ୱପ୍ନର ବସ୍ତୁ । ଏଥିରେ କେଉଁ ଡାକ୍ତର ରାଜି ହେବ ବେଲଘର ପରି ଏକ ଅନୁନ୍ନତ ଅଞ୍ଚଳରେ ପ୍ରାଇଭେଟ୍ ପ୍ରାକ୍ଟିସ୍‌ରୁ ବଞ୍ଚିତ ହୋଇ କାମ କରିବାକୁ ? କୋରାପୁଟର ଅମ୍ବାଦଳା ରେଳଷ୍ଟେସନ ଠାରୁ ବେଲଘରର ଦୂରତ୍ୱ ୩୪ କି. ମି. । ମାତ୍ର ଏ ରାସ୍ତାର ଅବସ୍ଥା ତଦ୍ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଫରେଷ୍ଟ କର୍ପୋରେସନ୍ ବେଲଘରଠାରୁ ଅମ୍ବାଦଳା ଟ୍ରକରେ କାଠ ବର୍ଷକରେ ୬ ମାସ (ଜାନୁଆରୀରୁ ଜୁନ୍) ନିଅନ୍ତି ବୋଲି ଏ ରାସ୍ତାରେ ଜିପ୍ ଓ ହାଲୁକା ଗାଡ଼ି ଆସିପାରେ । ନ ହେଲେ ଏ ରାସ୍ତାର ଅବସ୍ଥା ହୁଏତ ଅଚଳ ଅବସ୍ଥାରେ ଥା'ନ୍ତା ।

ବେଲଘର ଆସିବା ପାଇଁ ସବୁଠାରୁ ଉତ୍ତମ ବ୍ୟବସ୍ଥା ହେଲା ଚରଣ ଦାସ ସର୍ଭିସ୍‌ରେ ମାତ୍ର ୨୦ କି. ମି. ସ୍ୱାଧୀନ ଭାବରେ ତୁମୁଡ଼ିବନ୍ଧ ବ୍ଲକ ଅଫିସ୍ କଡ଼ ଦେଇ ଯେଉଁ ଜଙ୍ଗଲି ସିଧା ସଳଖ ରାସ୍ତା ଅଛି,ସେଥିରେ ଆସିବା । ସଙ୍ଗରେ ଜିନିଷ ପତ୍ର ଥିଲେ ଚିନ୍ତା ନାହିଁ । ତୁମୁଡ଼ିବନ୍ଧଠାରେ ପେଷାଦାର ଭାରୁଆ ରହି ବସିଛନ୍ତି । ସେଠା ରାଜସ୍ୱ ବଙ୍ଗଳା ଚୌକିଦାରକୁ ପଦେ କହିଦେଲେ ଆସି ହାଜର ହେବେ । ପ୍ରତି ୨୫/୩୦ କେ. ଜି. ଜିନିଷ ଧରି ଆସିବାକୁ ଜଣେ ଲୋକ ଦରକାର । ସେ ଛାଡ଼ିଦେଇ ସଙ୍ଗେ ସଙ୍ଗେ ଫେରିଯିବ । ବେଶି କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଜଣ ପିଛା ମାତ୍ର ଆଠ ଦଶ ଟଙ୍କା ଦେଲେ ସେ ଅସନ୍ତୁଷ୍ଟ ହେବ ନାହିଁ । ଏ ମହରଗ ଯୁଗରେ ଆଠ ଦଶ ଟଙ୍କାର ବା କି ମୂଲ୍ୟ ଅଛି ? ଶ୍ରମ ତୁଳନାରେ ଆଠ ଦଶ ଟଙ୍କା ସତେ କେତେ କମ୍ ! କିନ୍ତୁ ଏ ରାସ୍ତାରେ କି ଖରା କି ବର୍ଷା କି ଶୀତ ସବୁ ଋତୁରେ ସବୁଦିନ (କେବଳ ଡ଼ାକ ଛୁଟି ଦିନ ଛାଡ଼ି) ଡ଼ାକ ଧରି ରନର ତୁମୁଡ଼ିବନ୍ଧରୁ ତୁପି ଓ ଆଉଜଣେ ତୁପିରୁ ବେଲଘର ଆସେ ଜଙ୍ଗଲି ହାତୀ ଓ ମହାବଳ ବାଘକୁ ଖାତିର ନକରି । ତାର ବିଶ୍ୱାସ ସରକାରୀ ଲୋକଙ୍କର ହିଂସ୍ର ବନ୍ୟଜନ୍ତୁ କିଛି ଖରାପ କରିବେ ନାହିଁ । ବାସ୍ତବରେ ଏହା ଅକ୍ଷରେ ଅକ୍ଷରେ ସତ । କାହିଁ କେବେ କୌଣସି ରନର ନିକଟ ଅତୀତରେ କେବେ ହିଂସ୍ର ଜନ୍ତୁ କବଳରେ ପଡ଼ି ମୃତ୍ୟୁ ବରଣ କରିନାହିଁ । ଯଦିଓ ସାଧାରଣ ଲୋକେ ଅନେକ ବାର ଏ ଦୁର୍ଘଟଣାର ସମ୍ମୁଖୀନ ହୋଇ ମରଣ ମୁଖରେ ପଡ଼ିବାର ଦୃଷ୍ଟାନ୍ତ ବିରଳ ନୁହେଁ । ଡ଼ାକ ବିଭାଗର କି ଅନୁପମ ବ୍ୟବସ୍ଥା ।

କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ବାସ୍ତବରେ ଜନ୍ମ ଲାଭ କରେ ଜୁନ୍ ୧୬ ତାରିଖରେ ଯଦିଓ ଏହାର ୨/୩ ମାସ ଆଗରୁ ଏହି ସଂସ୍ଥା ସରକାରୀ ସ୍ୱୀକୃତି ପାଇଥିଲା । ପ୍ରଥମ କରି ଏହି ସଂସ୍ଥାରେ ଯୋଗ ଦେବାର ସୌଭାଗ୍ୟ ମୋତେ ମିଳିଛି । ପିଅନ ନାହିଁ, କିରାନୀ ନାହିଁ, ଘର ନାହିଁ, କିଛି ନାହିଁ । ସେଥିରେ ଦୁଇ ମାସ କାମ କରିବାକୁ ପଡ଼ିଛି । ଏହା ଏକ ବେସରକାରୀ ସଂସ୍ଥା । ଏହି ସମୟ ମଧ୍ୟରେ ଏହାକୁ ରେଜିଷ୍ଟ୍ରି କରାଇବାକୁ ପଡ଼ିଛି । ରେଜିଷ୍ଟ୍ରି ନମ୍ବର ହେଲା–13590/434 of 78-79 ଅଗଷ୍ଟ ୫ ତାରିଖରେ ବାଲିଗୁଡ଼ା T.D.A. ଅଫିସରେ ଏହାର ପ୍ରଥମ Governing Body meeting ଜିଲ୍ଲାପାଳଙ୍କ ସଭାପତିତ୍ୱରେ କରାଇବାକୁ ହୋଇଛି । ତା' ପରେ ଯୋଗ ଦେଇଛନ୍ତି ଜଣେ U. D. C.-*Cum*-Accountant, ଗୋଟିଏ ପିଅନ, ଜଣେ ଡ୍ରାଇଭର, ଜଣେ ଉନ୍ନୟନ ଅଫିସର, ଅମିନ, ଚେନ୍‌ମେନ୍ ଇତ୍ୟାଦି । ରାଜ୍ୟ ଗ୍ରାମମଙ୍ଗଳ ବିଭାଗ ଦେଇଥିବା ପ୍ରଥମ ଦଫା ସାହାଯ୍ୟ ବ୍ୟାଙ୍କରେ ରଖାଯାଇ ଏଥିରେ କିଣା ଯାଇଛି ଜିପ୍, ଟ୍ରେଲର, ଟାଇପ୍ ମେସିନ୍, ଡୁପ୍ଲିକେଟର, ଅଫିସ୍ ଆସବାବପତ୍ର ଇତ୍ୟାଦି ଅନେକ କିଛି । ରାସ୍ତା ଖୋଲିବା ପରେ ଅଫିସ୍ ୧୯୭୮ ଅଗଷ୍ଟ ୭ ତାରିଖରୁ ଡ଼ିସେମ୍ବର ୩୧ ତାରିଖ ଯାଏ, ତୁମୁଡ଼ିବନ୍ଧ ରାଜସ୍ୱ ବଙ୍ଗଳାରେ ରହିବା ପରେ ୧୯୭୯ ଜାନୁଆରୀ ପହିଲାରୁ ସ୍ଥାନାନ୍ତରିତ ହୋଇଛି ବେଲଘର ରାଜସ୍ୱ ବଙ୍ଗଳାକୁ ।୧୯୭୯ ଜାନୁଆରୀ ପହିଲା ଏହି ସଂସ୍ଥା ପକ୍ଷରେ ଏକ ସ୍ମରଣୀୟ ଦିବସ । ଯେହେତୁ ଏ ଦିନ ଆଣି ଦେଇଛି ଏ ସଂସ୍ଥା ପ୍ରତି ଏକ ନୂତନ ସନ୍ଦେଶ, ନୂତନ ଆଶା ଓ ଆକାଂକ୍ଷା, ନୂତନ ପ୍ରେରଣା ଓ ନୂତନ ଚିନ୍ତା । ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଏ ଦିନ ମୋ ଜୀବନରେ ଏକ ଅବିସ୍ମରଣୀୟ ଘଟଣା ହୋଇ ରହିବ । କେବଳ ମୋ ଜୀବନରେ ନୁହେଁ । ଏ ସଂସ୍ଥା ଅଧୀନରେ କାମ କରି ତୁମୁଡ଼ିବନ୍ଧରୁ ମୋ ସହ ସ୍ଥାନାନ୍ତରିତ ହୋଇ ଆସିଥିବା ପ୍ରତ୍ୟେକ ସହକର୍ମୀଙ୍କ ପାଇଁ–ଜାତି, ଧର୍ମ, ବର୍ଣ୍ଣ, ପଦବୀ, ବୟସ ନିର୍ବିଶେଷରେ ।

ଏଠାରେ ପହଞ୍ଚିବାର ମାତ୍ର ୪ ଦିନ ପରେ ରାଜସ୍ୱ ବଙ୍ଗଳାରେ ହୁଏ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ Governing Body ର ୨ୟ ମିଟିଂ, ଏଥିରେ ସଭ୍ୟ ଓ ଆମନ୍ତ୍ରିତ ବ୍ୟକ୍ତି ହିସାବରେ ଯୋଗ ଦିଅନ୍ତି ଅନ୍ୟୁନ ୧୬-୧୭ ଜଣ ସରକାରୀ ଓ ବେସରକାରୀ ବ୍ୟକ୍ତି । ଡ଼ାକବଙ୍ଗଳା ନୂତନ ଜନ୍ମଲାଭ କରେ, ଅଧ ଡ଼ଜନରୁ ଅଧିକ ସଂଖ୍ୟକ ସରକାରୀ ଜିପ୍‌ର ଗୁଞ୍ଜନରେ । ଏହି ସଭାରେ କୁଟିଆ କନ୍ଧମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଗ୍ରହଣ କରାଯାଏ ପ୍ରସ୍ତାବମାନ ଯାହା ମଧ୍ୟରେ ତୁମୁଡ଼ିବନ୍ଧ–ବେଲଘର ଓ ବେଲଘର ଅମ୍ବାଦଳା ସବୁଦିନିଆ ବସ୍ ଯିବା ଉପଯୋଗୀ ରାସ୍ତା ନିର୍ମାଣ ଅନ୍ୟତମ ଓ ସର୍ବ ପ୍ରଧାନ ।

ଜାନୁଆରୀ ପହିଲାର ବେଲଘରିଆ ଛାତିଥରା ଶୀତରେ ଅଫିସ୍ ଉଠି ଆସି ଅଥୟ କରିଛି ଏହାର ସମତଳ ବାସିନ୍ଦା କର୍ମଚାରୀମାନଙ୍କୁ । ସେମାନେ ବେଲଘର ଆସି ଅନୁତାପ ଦଗ୍ଧ ଉନ୍ନିଦ୍ର ରଜନୀ କଟାଇଛନ୍ତି । ପୂର୍ବସ୍ଥାନକୁ ଫେରି ଯିବାର ଆବଶ୍ୟକତା ଅନୁଭବ କରିଛନ୍ତି । ବେଲଘର ଆସି ଏକ ମସ୍ତବଡ଼ ଭୁଲ୍ କରିଛନ୍ତି ବୋଲି ପ୍ରକାଶ୍ୟରେ କହିଛନ୍ତି । ଶୀତର ପ୍ରକୋପ କମିବା ସଙ୍ଗେ ସଙ୍ଗେ ସେମାନଙ୍କ ମନରେ ଉଦ୍‌ବେଗ କମୁଛି । କେହି କେହି ଖରାଦିନର ମନୋରମ ରାକା ରଜନୀର କଳ୍ପନା କରିବାକୁ ଆରମ୍ଭ କଲେଣି, ଇଂରାଜୀ କବିଙ୍କ ଉକ୍ତିରୁ ପଦେ ମନେ ପଡ଼ୁଛି :—

"If winter comes can spring
be far behind?"

ଜୀବନରେ ଶୀତର ପ୍ରକୋପ ଆସିଛି, ବସନ୍ତ ଆସିବ । ମୃଦୁ ମଳୟର ପୁଲକ ବେଶି ଦୂର ନୁହେଁ । ବନ୍ଧୁଗଣ ! ଧୈର୍ଯ୍ୟଧର । ଯାହାଙ୍କ ପାଇଁ ଆସିଛ ସେମାନଙ୍କୁ ଭଲପାଅ । ଜୀବନ ସାର୍ଥକ ହେବ । ପୂର୍ବଜନ୍ମର ସୁକୃତ ନଥିଲେ ପର ପାଇଁ କିଛି କରିବାକୁ ସୁଯୋଗ ମିଳେନା, ଏ ଚିନ୍ତା ମନରେ ଜାଗି ଉଠୁ ।

ପ୍ରୋଜେକ୍ଟ ଅଫିସର,
ମାଇକ୍ରୋ ପ୍ରୋଜେକ୍ଟ, ବେଲଘର

ବୃଦ୍ଧି କରିବାରେ ଆମେ ସକ୍ଷମ ହୋଇ ପାରିଛୁ । ୧୯୭୯-୮୦ ରାଜ୍ୟ ବାର୍ଷିକ ଯୋଜନାରେ ୨୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ତନ୍ମଧ୍ୟରୁ ସରକାରୀ ଉଦ୍ୟୋଗ ସଂସ୍ଥାଗୁଡ଼ିକ ପାଇଁ ଉର୍ଦ୍ଦିଷ୍ଟ ୩୯ କୋଟି ୩୫ ଲକ୍ଷ ଟଙ୍କା ସମ୍ପର୍କିତ ପାଣ୍ଠି ହିସାବ ବହିର୍ଭୂତ ହୋଇଥିବାରୁ, ବଜେଟରେ ୧୬୦ କୋଟି ୬୫ ଲକ୍ଷ ଟଙ୍କାର ବ୍ୟୟ ମଂଜୁରୀ ଦର୍ଶା ଯାଇଛି । ଅର୍ଥ ବ୍ୟବସ୍ଥା ନିମ୍ନମତେ କରାଯାଇଛି :

| | ଟଙ୍କା (କୋଟି ହିସାବରେ ) | ମୋଟ ବ୍ୟୟ ଅଟକଳର ଶତାଂଶ |
|---|---|---|
| (କ) କୃଷି ଓ ଅନୁସଂଗିକ ସେବା ଏବଂ ସମବାୟ .. | ୪୫·୦୮ | ୨୨·୫୪ |
| (ଖ) ଜଳ ଏବଂ ବିଦ୍ୟୁତଶକ୍ତି ଉନ୍ନୟନ .. | ୧୧୦·୦୦ | ୫୫·୦୦ |
| (ଗ) ଶିଳ୍ପ ଓ ଖଣି .. | ୬·୯୦ | ୩·୪୫ |
| (ଘ) ପରିବହନ ଓ ଯୋଗାଯୋଗ .. | ୧୧·୧୪ | ୫·୫୭ |
| (ଙ) ସମାଜ ସେବା .. | ୨୫·୦୩ | ୧୨·୫୨ |
| (ଚ) ଆର୍ଥିକ ଏବଂ ବିବିଧ ସେବା .. | ୧·୮୫ | ୦·୯୨ |
| | ୨୦୦·୦୦ | ୧୦୦·୦୦ |

ଯୋଜନା ବ୍ୟୟ ଅଟକଳ ସହିତ "କାମ ପାଇଁ ଶସ୍ୟ" କାର୍ଯ୍ୟକ୍ରମରେ ୨୦ କୋଟି ୩୪ ଲକ୍ଷ ଟଙ୍କା ମୂଲ୍ୟର ଗହମ ମିଳିବା ସଂଗେ ସଂଗେ ଆଦିବାସୀ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ବାବଦରେ ମଧ୍ୟ ୯ କୋଟି ୬୦ ଲକ୍ଷ ଟଙ୍କା ମିଳିବ । ତେଣୁ ରାଜ୍ୟର ବାର୍ଷିକ ଯୋଜନାର ମୋଟ ବ୍ୟୟ ଅଟକଳ ୨୩୦ କୋଟି ଟଙ୍କାରୁ ଅଧିକ ହେବ ।

୧୦—ବଜେଟରେ କେନ୍ଦ୍ର ସ୍ୱୀକୃତିପ୍ରାପ୍ତ ଓ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକ୍ରମ ପାଇଁ ଅଧିକ ୫୩ କୋଟି ୬୭ ଲକ୍ଷ ଟଙ୍କା ମିଳିବ ବୋଲି ରଖାଯାଇଛି । ସେହି ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଅଧିକାଂଶ ବ୍ୟୟ କେନ୍ଦ୍ର ସରକାର ବହନ କରୁଥିବାରୁ ଆମ ବଜେଟ ଉପରେ ସେଗୁଡ଼ିକର ଆର୍ଥିକଭାର ଖୁବ୍ କମ୍ ।

୧୧—ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ କେତେକ ବିଶେଷ ଉନ୍ନୟନ କାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ଆଭାସ ଦେବି ।

୧୨—କୃଷି ଆମ ରାଜ୍ୟର ସର୍ବାଧିକ ଲୋକଙ୍କ ଜୀବନଧାରଣର ପ୍ରଧାନ ଅବଲମ୍ବନ । ତେଣୁ କୃଷି ବିକାଶ ଯୋଜନା ପ୍ରତି ସବୁବେଳେ ଆମ୍ଭେମାନେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସିଛୁ । ମାନ୍ୟବର ସଭ୍ୟମାନେ ବୋଧହୁଏ ଜାଣିଥିବେ ଯେ ଆଧୁନିକ ବିଜ୍ଞାନର ଆଶ୍ଚର୍ଯ୍ୟଜନକ ଅଗ୍ରଗତି ଉଦ୍ଭିଦ ଓ ପ୍ରାଣୀମାନଙ୍କ ବିକାଶ ଦିଗରେ ଆମ ରାଜ୍ୟର ଯଥେଷ୍ଟ ପରିମାଣରେ ପ୍ରୟୋଗ ନ ହୋଇ ପାରିଥିବାରୁ ଅର୍ଥନୈତିକ ପ୍ରଗତିରେ ବିଶେଷ ସହାୟକ ହୋଇନାହିଁ । କୃଷି ସଂପ୍ରସାରଣ, ତାଲିମ ଏବଂ ପ୍ରଦର୍ଶନ ମାଧ୍ୟମରେ ଆଧୁନିକ ବୈଜ୍ଞାନିକ ପଦ୍ଧତି କୃଷକମାନଙ୍କ ନିକଟରେ ପହଞ୍ଚାଇବା ଆମର ମୁଖ୍ୟ କାର୍ଯ୍ୟ । କୃଷି-ବିକାଶକୁ ସହାୟକ ହେଉଥିବା ଫଳଚାଷ, ଗୋପାଳନ, ମତ୍ସ୍ୟଚାଷ ଏବଂ ଗ୍ରାମ୍ୟ ଜଙ୍ଗଲର ବିକାଶରେ ଗୁରୁତ୍ୱ ଆରୋପ କରାଯାଇଅଛି । ସମବାୟ ସଂସ୍ଥାଗୁଡ଼ିକ ମଧ୍ୟ ବ୍ୟାପକ ଋଣ ବ୍ୟବସ୍ଥା ଏବଂ ଅଧିକ ପରିମାଣରେ ସାର ଓ ଅନ୍ୟାନ୍ୟ କୃଷି ଉପକରଣ ବଣ୍ଟନ କରି କୃଷି-ଉନ୍ନତିରେ ସହାୟକ ହେବେ । ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ମଧ୍ୟ ସଂପ୍ରସାରିତ ହେବ । ବନ୍ଦୋବସ୍ତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇ ଚକବନ୍ଦୀ ଯୋଜନା ଆଗେଇ ନେବାକୁ ହେବ । ବଜେଟରେ କୃଷି, ଅନୁସଂଗିକ ସେବାସମବାୟ ଓ କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ ୪୫ କୋଟି ୮ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି ।

୧୩—କୃଷିର ଉନ୍ନତି ପାଇଁ ଜଳସେଚନର ସଂପ୍ରସାରଣରେ ଅର୍ଥ ବିନିଯୋଗ ଅତୀବ ଆବଶ୍ୟକ । କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ବିସ୍ତୃତ ଜଳ ସଂପଦର ପୂର୍ଣ୍ଣ ବିନିଯୋଗ ଆମର ଲକ୍ଷ୍ୟ । ବଜେଟରେ ଜଳସେଚନ ପାଇଁ ୫୪ କୋଟି ୫୦ ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି । ରାଜ୍ୟର ଜଳସେଚନ ଉନ୍ନୟନରେ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱତନ୍ତ୍ରଭାବେ ବ୍ୟୟ ଅଟକଳର ଶତକଡ଼ା ୫୩.୫ ଭାଗ ଖର୍ଚ୍ଚ କରାଯିବ । ବଜେଟରେ ଜଳସେଚନ ପାଇଁ ରଖା ଯାଇଥିବା ବ୍ୟୟ ଅଟକଳ ସହିତ କୃଷି ପୁନଃ ଅର୍ଥ ଲଗାଣ ଓ ଉନ୍ନୟନ କର୍ପୋରେସନଠାରୁ ମଧ୍ୟ ଅର୍ଥ ସାହାଯ୍ୟ ମିଳିବ । ବିଶ୍ୱବ୍ୟାଙ୍କ ଅଧୀନସ୍ଥ ଆନ୍ତର୍ଜାତିକ ଉନ୍ନୟନ ସଂଘଠାରୁ କେତେକ ଯୋଜନା ପାଇଁ ଅର୍ଥ ସାହାଯ୍ୟ ପାଇବା ପ୍ରସ୍ତାବ ମଧ୍ୟ ଅଛି । ୧୯୭୯-୮୦ ବର୍ଷରେ ୭ଟି ମଧ୍ୟମ ଜଳସେଚନ ଯୋଜନା, ଯଥା ପୁରୀ ଜିଲ୍ଲାର ଦାହୁକା, ଗଞ୍ଜାମ ଜିଲ୍ଲାର ରାମନଦୀ, କଳାହାଣ୍ଡି ଜିଲ୍ଲାର ସୁନ୍ଦର ଓ ସାଇପଲା, ମୟୂରଭଞ୍ଜ ଜିଲ୍ଲାର ନେସା ଓ ଖଡ଼କେଇ ଏବଂ ଢେଙ୍କାନାଳ ଜିଲ୍ଲାର ଦାଦରଘାଟୀ ଯୋଜନାମାନ ସଂପୂର୍ଣ୍ଣ କରାଯିବ । ମହାନଦୀ ଓ ବିରୂପା ନଦୀର ନୂତନ ବ୍ୟାରେଜ କାର୍ଯ୍ୟ ହାତକୁ ନିଆଯିବ । ଆସନ୍ତା ବର୍ଷ ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ ଯୋଜନାଗୁଡ଼ିକ ଦ୍ୱାରା ରାଜ୍ୟରେ ଅଧିକ ୧,୨୩, ୩୯୭ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥାର ଲକ୍ଷ୍ୟ ରଖାଯାଇଛି ।

୧୪—ବିଦ୍ୟୁତ୍‌ଶକ୍ତିର ଚାହିଦା ବୃଦ୍ଧି ପାଉଥିବାରୁ ତାର ବିକାଶ ପାଇଁ ବିଶେଷ ଅଗ୍ରାଧିକାର ଦିଆଯାଇଛି । ଏଥିପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ ବିନିଯୋଗ କରୁଥିବା ୩୭ କୋଟି ୫୭ ଲକ୍ଷ ଟଙ୍କା ସମେତ ମୋଟ ୭୦ କୋଟି ଟଙ୍କା ଆସନ୍ତା ବର୍ଷ ବିନିଯୋଗ କରାଯିବ । ୧୯୭୭-୭୮ ଶେଷବେଳକୁ ଆମ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ଉତ୍ପାଦନ ସାମର୍ଥ୍ୟ ଥିଲା କେବଳ ୯୧୪ ମେଗାୱାଟ୍ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ସଂପ୍ରସାରଣ ପ୍ରକଳ୍ପର ପ୍ରଥମ ୟୁନିଟ୍ ୧୯୭୯ରେ ଓ ଦ୍ୱିତୀୟ ୟୁନିଟ୍ ୧୯୮୦ରେ ଚାଲୁ କରାଯିବା ଫଳରେ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ସାମର୍ଥ୍ୟ ୧୧୩୪ ମେଗାୱାଟକୁ ବୃଦ୍ଧି ପାଇବ । ୧୯୭୯-୮୦ରେ ୨,୦୪୮ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆ ଯାଇ ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରାଯିବ । ଏହି କାର୍ଯ୍ୟ ସଂପାଦନ ନିମନ୍ତେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ, କୃଷି ପୁନଃ ଅର୍ଥ ଲଗାଣ ଓ ବିକାଶ ନିଗମ ଏବଂ ବ୍ୟବସାୟୀ ବ୍ୟାଙ୍କମାନଙ୍କଠାରୁ ଆନୁଷ୍ଠାନିକ ଅର୍ଥ ମିଳିବ ।

୧୫—କର୍ମସଂସ୍ଥାନ ସୁଯୋଗ ସର୍ବାଧିକ ପରିମାଣରେ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗାଁଗହଳ ଓ ଛୋଟ ସହରମାନଙ୍କରେ ବ୍ୟାପକଭାବରେ କୁଟୀର ତଥା କ୍ଷୁଦ୍ରଶିଳ୍ପର ବିକାଶ ସାଧନ ପାଇଁ ଶିଳ୍ପ କ୍ଷେତ୍ରରେ ଖଦୀ, ହସ୍ତଶିଳ୍ପ, ନଡ଼ିଆକତା, ଲୁଣ ଓ ହସ୍ତତନ୍ତ ଶିଳ୍ପର ବିକାଶ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ଚମଡ଼ା ଶିଳ୍ପ ଓ ରେଶମ ଚାଷର ବିକାଶ ମଧ୍ୟ କରାଯାଉଛି । ଓଡ଼ିଶା ରାଜ୍ୟ ଅର୍ଥ ନିଗମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକର ବିକାଶ ଦିଗରେ ବିଶେଷ ସହାୟକ ହୋଇ ପାରିଛି ଏବଂ ଋଣଦାନ କାର୍ଯ୍ୟକ୍ରମରେ ଏହା ଆହୁରି ଅଧିକ ଅର୍ଥ ଲଗାଣ କରିବ । ଦ୍ରୁତ ଗତିରେ ଶିଳ୍ପ ବିକାଶ ଘଟାଇବା ପାଇଁ ସବୁ ଜିଲ୍ଲାରେ ଜିଲ୍ଲା ଶିଳ୍ପ କେନ୍ଦ୍ରମାନ ସ୍ଥାପିତ ହୋଇଛି । କ୍ଷୁଦ୍ର ଓ କୁଟୀର ଶିଳ୍ପର ବିକାଶ ପାଇଁ ୩ କୋଟି ୫୨ ଲକ୍ଷ ଟଙ୍କା ଓ ବୃହତ୍ ଓ ମଧ୍ୟମ ଶିଳ୍ପର ବିକାଶ ପାଇଁ ୩ କୋଟି ୩୫ ଲକ୍ଷ ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଛି ।

୧୬—ରାସ୍ତାଘାଟର ବିକାଶ କାର୍ଯ୍ୟକ୍ରମରେ ରକ୍ଷଣାବେକ୍ଷଣର ଉନ୍ନତି ତଥା ନୂତନ ରାସ୍ତା ନିର୍ମାଣ ଉପରେ ଜୋର ଦିଆଯାଇଛି । ପ୍ରଧାନ ରାସ୍ତାମାନଙ୍କ ସହ ନୂଆ ରାସ୍ତା ଯୋଗ କରାଯିବା ସଙ୍ଗେ ସଙ୍ଗେ ଶାଖା ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ଗ୍ରାମାଞ୍ଚଳର ଅର୍ଥନୈତିକ ଉନ୍ନତି ନିମନ୍ତେ ଏହି ମୌଳିକ ବ୍ୟବସ୍ଥା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଇ ବଜେଟରେ ସଡ଼କ ଉନ୍ନୟନ ବାବଦରେ ୮ କୋଟି ୮୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

୧୭—ଆସନ୍ତାବର୍ଷ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ପରିକଳ୍ପନାଗୁଡ଼ିକରେ ୪ କୋଟି ୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପାଇଁ ବ୍ୟବସ୍ଥା ରଖା ଯାଇଛି । ପ୍ରତି ଗ୍ରାମକୁ ପାନୀୟ ଜଳର ସୁବିଧା ଯୋଗାଇ ଦେବାର ଉଦ୍ୟମ ସ୍ୱରୂପ କୂପ ନିର୍ମାଣ ଓ ନଳକୂପ ସ୍ଥାପନ ସକାଶେ ଅଭିପ୍ରେତ କାର୍ଯ୍ୟକ୍ରମକୁ ସଂପ୍ରସାରିତ କରାଯାଇଛି । ସମସ୍ୟାସଙ୍କୁଳ ଗ୍ରାମ ଓ ଜଳାଭାବଗ୍ରସ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଛି । ନଳକୂପଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଭ୍ରାମ୍ୟମାଣ ୟୁନିଟମାନ ରଖାଯାଇଛି ।

୧୮—ଗ୍ରାମାଞ୍ଚଳରେ ଚିକିତ୍ସା ସଂପ୍ରସାରଣ, ରୋଗ ପ୍ରତିଷେଧ ଓ ନିୟନ୍ତ୍ରଣ, ପରିବାର ତଥା ଶିଶୁ କଲ୍ୟାଣ ବ୍ୟବସ୍ଥାଗୁଡ଼ିକ ଆମ ସାଧାରଣ ସ୍ୱାସ୍ଥ୍ୟ ନୀତିର ପ୍ରଧାନ ଅଂଶ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଜରିଆରେ ଉଭୟ ପ୍ରତିଷେଧକ ଓ ଚିକିତ୍ସାମୂଳକ ସେବା ଯତ୍ନ ବ୍ୟବସ୍ଥା କରାଯାଇଥାଏ । ଉକ୍ତ କେନ୍ଦ୍ରଗୁଡ଼ିକୁ ୧୯୭୮-୭୯ ମସିହାରେ ୧ କୋଟି ୭୦ ଲକ୍ଷ

ଟଙ୍କାଯୋଗାଇ ଦିଆଯାଇଥିବା ସ୍ଥଳେ ଆଗାମୀ ବର୍ଷ ୨ କୋଟି ୨୦ ଲକ୍ଷ ଟଙ୍କାର ବର୍ଦ୍ଧିତ ଅର୍ଥ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ୪ଟି ଜିଲ୍ଲାରେ ଗ୍ରାମ୍ୟ ସ୍ୱାସ୍ଥ୍ୟକର୍ମୀ ପରିକଳ୍ପନା କାର୍ଯ୍ୟକାରୀ ହେଉଅଛି । ଆସନ୍ତାବର୍ଷ ଆଉ ୪ଟି ଜିଲ୍ଲାକୁ ଏହି ପରିକଳ୍ପନା ସଂପ୍ରସାରିତ ହେବ । ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ପ୍ରଚଳିତ ସୁବିଧାସୁଯୋଗରେ ବୃଦ୍ଧି କରାଯାଇ ଓ କ୍ଷୁଦ୍ର ସ୍ୱାସ୍ଥ୍ୟ କେନ୍ଦ୍ରମାନ ସ୍ଥାପନ କରାଯାଇ ସ୍ୱାସ୍ଥ୍ୟ ସେବା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସା ଉତ୍ସାହିତ କରାଯିବ ଏବଂ ସେ ସବୁ ପଦ୍ଧତିରୁ ଉପଲବ୍ଧ ହେଉଥିବା ସୁବିଧାଗୁଡ଼ିକୁ ବୃଦ୍ଧି କରାଯିବ । ସଂକ୍ରାମକ ରୋଗଗୁଡ଼ିକର ବିଲୋପ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକୁ ପୂର୍ବପରି ବଳବତ୍ତର ରଖାଯିବ । ବଜେଟରେ ସ୍ୱାସ୍ଥ୍ୟ ଓ ଚିକିତ୍ସାମୂଳକ ବ୍ୟବସ୍ଥା ପାଇଁ ବର୍ଦ୍ଧିତ ପରିମାଣରେ ୩ କୋଟି ୯୫ ଲକ୍ଷ ଟଙ୍କା ରଖାଯାଇଛି ।

୧୯—ଆମ ଶିକ୍ଷାନୀତିରେ ମାଧ୍ୟମିକ ଓ ଉଚ୍ଚଶିକ୍ଷାର ସଂପ୍ରସାରଣ ସଙ୍ଗେ ସଙ୍ଗେ ପ୍ରାଥମିକ ଓ ପ୍ରୌଢ଼ ଶିକ୍ଷାର ଉନ୍ନତି ବିଧାନ ଉପରେ ପ୍ରଧାନତଃ ଗୁରୁତ୍ୱ ଦିଆଯାଇଛି । ୧୯୭୯-୮୦ରେ ନୂଆ ନୂଆ ପ୍ରାଥମିକ ବିଦ୍ୟାଳୟ ଖୋଲିବା ଛଡ଼ା ଅନେକ ବିଦ୍ୟାଳୟକୁ ଉନ୍ନୀତ କରାଯିବ । ଅନଗ୍ରସର ଅଞ୍ଚଳମାନଙ୍କରେ ଛାତ୍ର ସଂଗ୍ରହ ପାଇଁ ଅଭିଯାନ ଚାଲୁ ରହିବ । ପ୍ରୌଢ଼ ଶିକ୍ଷା ନିମନ୍ତେ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମକୁ ଜୋରସୋରରେ କାର୍ଯ୍ୟକାରୀ କରାଯିବ । ମାଧ୍ୟମିକ ଓ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ସାଧନ ଉପରେ ଜୋର ଦିଆଯିବ । ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଂପାଦନ କରିବା ନିମନ୍ତେ ଅଣଯୋଜନା ବଜେଟରେ ବ୍ୟବସ୍ଥା କରାଯାଇଥିବା ୮୪ କୋଟି ୧ ଲକ୍ଷ ଟଙ୍କା ଛଡ଼ା ଯୋଜନା ବଜେଟରେ ମଧ୍ୟ ୮ କୋଟି ଟଙ୍କାର ବ୍ୟବସ୍ଥା ରହିଛି ।

୨୦—ଗ୍ରାମାଞ୍ଚଳରେ ଘରଡ଼ିହ ନ ଥିବା ଲୋକମାନଙ୍କୁ ଘରତିଆରି ପାଇଁ ସ୍ଥାନ ଯୋଗାଇ ଦେବା ଦିଗରେ ଆମ ଉଦ୍ୟମ ଚାଲୁ ରହିବ । ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଓ ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟଗୁଡ଼ିକର କାର୍ଯ୍ୟକଳାପକୁ ସଂପ୍ରସାରିତ କରାଯିବ । ଗୃହ ନିର୍ମାଣ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ସାଧାରଣ ବୀମା ନିଗମଠାରୁ ମିଳିଥିବା ଋଣରୁ ଚଳିତ ଆର୍ଥିକ ବର୍ଷରେ ୧ କୋଟି ଟଙ୍କା ଯୋଗାଇ ଦିଆ ଯାଇଛି । ପୁଣି ଆସନ୍ତାବର୍ଷ ପାଇଁ ବଜେଟରେ ୧ କୋଟି ୬୦ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି ।

୨୧—ଅର୍ଥନୀତିର ସମନ୍ୱିତ ବିକାଶ ଦିଗରେ ଶ୍ରମୀ ମୂଲିଆ ଶ୍ରେଣୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସବୁ କ୍ଷେତ୍ରରେ ସେମାନଙ୍କର ନ୍ୟାଯ୍ୟ ସ୍ୱାର୍ଥ ସଂରକ୍ଷଣ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । କର୍ମ ପରିସ୍ଥିତିର ଉନ୍ନତି ସହିତ ବିଶୃଙ୍ଖଳାର ବିଲୋପ ହେବା ଆମର ଆଶା । ବେକାରୀ ତଥା ଅର୍ଦ୍ଧ ବେକାରୀ ଆମ ଅର୍ଥନୀତିପାଇଁ ସବୁଠାରୁ ଅଧିକ ଜଟିଳ ସମସ୍ୟା ହୋଇଛି । ବେକାର ଥିବା ଜନ ସଂଖ୍ୟା ସହିତ ବାର୍ଷିକ ୧ ଲକ୍ଷ ୯୦ ହଜାର ଲୋକ ଶ୍ରମିକଗୋଷ୍ଠୀ ଅନ୍ତର୍ଭୁକ୍ତ ହେଉଛନ୍ତି । ଏ ସମସ୍ୟା ଏତେ ଜଟିଳ ଯେ କେବଳ ଶିଳ୍ପ ବା ସରକାରଙ୍କ ଅଧୀନସ୍ଥ କର୍ମ ସଂସ୍ଥାନ ଜରିଆରେ ତାହାର ସମାଧାନ କରାଯାଇ ପାରିବ ନାହିଁ ବୋଲି ମୁଁ ଗତବର୍ଷ ସୂଚନା ଦେଇଥିଲି । ତେଣୁ ଆତ୍ମ ନିଯୁକ୍ତି, କୃଷିର ଦ୍ରୁତ ବିକାଶ, ଶ୍ରମ ଭିତ୍ତିକ କୁଟୀର ତଥା କ୍ଷୁଦ୍ର ଶିଳ୍ପର ବିକାଶ ସାଧନ ଓ "କାମ ପାଇଁ ଶସ୍ୟ" କାର୍ଯ୍ୟକ୍ରମ ଅନୁଯାୟୀ ମିଳୁଥିବା ସାହାଯ୍ୟର ଯଥୋଚିତ ଉପଯୋଗ ଉପରେ ଆମେ ଗୁରୁତ୍ୱ ଦେଉଛୁ ।

୨୨—ଆଦିବାସୀ ଓ ହରିଜନ ଗୋଷ୍ଠୀଙ୍କ ପ୍ରତି ସଦା ସର୍ବଦା ଆମେ ବିଶେଷ ଧ୍ୟାନଦେଇଆସିଛୁ । ସେମାନଙ୍କର ଆର୍ଥିକ, ଶିକ୍ଷାଗତ ତଥା ପାରିପାର୍ଶ୍ୱିକ ବିକାଶ ଲାଗି ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ତୀକ୍ଷ୍ଣ ଦୃଷ୍ଟି ରହିବ । ଆଦିବାସୀ ଉନ୍ନୟନ କର୍ପୋରେସନର କାର୍ଯ୍ୟ ସଂପ୍ରସାରିତ କରିବା ସଙ୍ଗେ ସଙ୍ଗେ ଆର୍ଥିକ ଦୃଷ୍ଟିରୁ ଲାଭଜନକ ପରିକଳ୍ପନା ପାଇଁ ଆନୁଷ୍ଠାନିକ ଋଣ ବିନିଯୋଗରେ ହରିଜନମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ନିମନ୍ତେ ଏକ ନୂତନ କର୍ପୋରେସନ ପ୍ରତିଷ୍ଠା କରାଯିବ । ଏହାଦ୍ୱାରା ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ । ଭାରତ ସରକାରଙ୍କ ଠାରୁ ସ୍ୱତନ୍ତ୍ର ଆର୍ଥିକ ସାହାଯ୍ୟ ଆକାରରେ ମିଳିଥିବା ୯ କୋଟି ୭୦ ଲକ୍ଷ ଟଙ୍କା ସମେତ ଏହି ବଜେଟରେ ଆଦିବାସୀ ଉପ-ଯୋଜନାରେ ମୋଟ ୮୦ କୋଟି ୮୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୨୩—ସପ୍ତମ ଅର୍ଥ କମିଶନଙ୍କ ସୁପାରିଶ ମତେ ମିଳିଥିବା ସମ୍ବଳ ତଥା ଅନ୍ୟାନ୍ୟ ଅନୁଦାନ, ରାଜ୍ୟର ଟିକସ ଓ ଅଣ ଟିକସ ସମ୍ବଳ, ଋଣ ଓ ପୁଞ୍ଜି ଆକାଉଣ୍ଟରେ ବଳକା ଅର୍ଥରୁ ଅଣଯୋଜନା ବ୍ୟୟ ବ୍ୟବସ୍ଥା କରିବା ପରେ ୨୦୦ କୋଟି ଟଙ୍କାର ବାର୍ଷିକ ଯୋଜନା ପାଇଁ ପ୍ରଚଳିତ ହାରରେ ରାଜ୍ୟର ନିଜ ସମ୍ବଳ ୫୫ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ୧୯୭୯-୮୦ ମଧ୍ୟରେ ରାଜ୍ୟ ସରକାର ୧୭ କୋଟି ଟଙ୍କା ଅତିରିକ୍ତ ସମ୍ବଳ ବ୍ୟବସ୍ଥା କଲେ କେନ୍ଦ୍ରୀୟ ସାହାଯ୍ୟ ୧୧୯ କୋଟି ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ମିଳିଛି । ମାନ୍ୟବର ସଦସ୍ୟମାନେ ଅବଗତ ଯେ ବିଦ୍ୟୁତ୍ କାରଖାନା ଓ ଜଳସେଚନ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ତଥା ରକ୍ଷଣାବେକ୍ଷଣ ବାବଦ ଖର୍ଚ୍ଚ ଉପକୃତ ହେଉଥିବା ବ୍ୟକ୍ତିମାନଙ୍କଠାରୁ ମିଳୁଥିବା ରାଜସ୍ୱ ତୁଳନାରେ ବହୁ ଅଧିକ । ଏହି ବ୍ୟବସ୍ଥାମାନଙ୍କ ଦ୍ୱାରା ଉପକୃତ

ହେଉଥିବା ଲୋକମାନଙ୍କ ଅବସ୍ଥା ରାଜ୍ୟର ଅନ୍ୟାନ୍ୟ ଦରିଦ୍ର ଲୋକଙ୍କ ଅପେକ୍ଷା ବେଶ୍ ଭଲ । ଫଳରେ, ଅପେକ୍ଷାକୃତ ଧନୀକ ବ୍ୟକ୍ତିମାନେ ହିଁ ସାଧାରଣ କରଦାତାଙ୍କ ଦ୍ୱାରା ଉପକୃତ ହେଉଛନ୍ତି । ଏହା ଅବାଞ୍ଛନୀୟ ତେଣୁ ଏହି ପରିକଳ୍ପନାଗୁଡ଼ିକୁ ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ କରିବା ଲାଗି ଆମେ ଜଳସେଚନ କର ଓ ବିଦ୍ୟୁତ୍କର କ୍ଷେତ୍ରରେ ସଂଶୋଧନ କରିବା ଲାଗି ପ୍ରସ୍ତାବ ରଖିଛୁ । ଏତଦ୍ବ୍ୟତୀତ ଅଧିକ ସମ୍ବଳ ଉଠାଇବା ପାଇଁ ଅନ୍ୟ ପ୍ରସ୍ତାବ ମଧ୍ୟ ଅଛି । ୧୯୭୯-୮୦ରେ ପ୍ରସ୍ତାବିତ ବ୍ୟବସ୍ଥାମାନ ଏବଂ ତହିଁରୁ ପ୍ରାପ୍ୟ ଆୟ ନିମ୍ନମତେ ହେବ—

(ଟଙ୍କା କୋଟି ହିସାବରେ)

| | | |
|---|---|---|
| ବିଦ୍ୟୁତ୍ ଶୁଳ୍କ | .. | ୬·୫୫ |
| ବିକ୍ରି ଟିକସ | .. | ୨·୫୦ |
| ଜଙ୍ଗଲ ଶୁଳ୍କ | .. | ୨·୩୫ |
| ଭୂରାଜସ୍ୱ ଉପରେ ସେସ୍ | .. | ୨·୧୫ |
| ଜଳକର | .. | ୧·୧୫ |
| ଜଳପଥ ଓ ରାସ୍ତାରେ ନିଆଯାଉଥିବା ମାଲପତ୍ର ଉପରେ ଟିକସ | | ୧·୦୦ |
| ଆମୋଦ କର | .. | ୦·୭୦ |
| ମଟର ଗାଡ଼ି ଟିକସ | .. | ୦·୩୫ |
| କୋଇଲା ଓ କ୍ରୋମାଇଟ ଉପରେ ରୟାଲ୍ଟି ଇତ୍ୟାଦି.. | | ୦·୩୭ |
| ମୋଟ | | ୧୭·୧୨ |

ମାନ୍ୟବର ସଦସ୍ୟମାନେ ଲକ୍ଷ୍ୟ କରିବେ ଯେ ଏ ସବୁ ବ୍ୟବସ୍ଥାରୁ ଆଦାୟ ହେବା ରାଜସ୍ୱଭାର ଅପେକ୍ଷାକୃତ ଧନୀ ଓ ସ୍ୱଚ୍ଛଳ ଲୋକଙ୍କ ଉପରେ ପଡ଼ିବ । ବୃହତ୍ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ଅର୍ଥ ବିନିଯୋଗ ଲାଗି ଅର୍ଥ ଆବଶ୍ୟକ ପଡୁଥିବା ଦୃଷ୍ଟିରୁ ଏହି ଟିକସ ଭାର ଗୁରୁତର ବୋଲି ବିଚାର କରାଯାଇ ନ ପାରେ । ଉପସ୍ଥାପିତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ମାନ୍ୟବର ସଦସ୍ୟମାନଙ୍କ ସାହାଯ୍ୟ ଓ ସହଯୋଗ କାମନା କରୁଛି ।

୨୪—ସତର କୋଟି ଟଙ୍କାର ପ୍ରସ୍ତାବିତ ଅତିରିକ୍ତ ସମ୍ବଳ ବ୍ୟବସ୍ଥା କରାଯାଇ ମଧ୍ୟ, କେନ୍ଦ୍ରୀୟ ସାହାଯ୍ୟ ବାବଦ ୧୧୯ କୋଟି ଟଙ୍କା ତଥା ଦୃଷ୍ଟିରେ ଥିବା ଅନ୍ୟାନ୍ୟ ଆୟ ମିଶି ଆମ ଯୋଜନା ପାଇଁ ସର୍ବମୋଟ ୧୯୧ କୋଟି ଟଙ୍କା ସମ୍ବଳ ସଂଗୃହୀତ ହୋଇପାରୁଛି । କିନ୍ତୁ ଯୋଜନା ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି । ତେଣୁ ବଜେଟରେ ୯ କୋଟି ଟଙ୍କା ନିଅଣ୍ଟ ହେବ ।

୨୫—ମୁଁ ଆନନ୍ଦର ସହିତ ଗୃହର ସଦସ୍ୟମାନଙ୍କୁ ଜଣାଇ ଦେବାକୁ ଚାହେଁ ଯେ, ଜାତୀୟ ଉନ୍ନୟନ ପରିଷଦର ପରବର୍ତ୍ତୀ ବିଚାର ଆଲୋଚନା ଅନୁଯାୟୀ ଆଗାମୀ ୪ ବର୍ଷ ମଧ୍ୟରେ ରାଜ୍ୟ ଯୋଜନା ବାବଦକୁ ୯୫ କୋଟି ଟଙ୍କା ଅଧିକ କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଜଣାଯାଏ । ଏଣୁ ଏ ବାବଦରେ ବର୍ଷକୁ ପ୍ରାୟ ଅଧିକା ୨୪ କୋଟି ଟଙ୍କା ମିଳିବ । ଏହା ଫଳରେ ୧୯୭୯-୮୦ ବଜେଟ୍ରେ ଯେଉଁ ୯ କୋଟି ଟଙ୍କା ନିଅଣ୍ଟିଆ ହେଉଛି ତାହାକୁ ଭରଣା କରିବା ସଙ୍ଗେ ସଙ୍ଗେ ଉକ୍ତ ବର୍ଷ ମଧ୍ୟରେ ଅତିରିକ୍ତ ଗ୍ରାଣ୍ଟ ଜରିଆରେ ରାଜ୍ୟ ଯୋଜନାର ବ୍ୟୟ ଅଟକଳ ୨୧୫ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ଆମ ହାତରେ ୧୫ କୋଟି ଟଙ୍କା ବଳକା ରହିବ । ଆଗରୁ ମୁଁ ଉଲ୍ଲେଖ କରିଥିବା "କାମ ପାଇଁ ଶସ୍ୟ" କାର୍ଯ୍ୟକ୍ରମ ବାବଦ ୨୦ କୋଟି ୩୪ ଲକ୍ଷ ଟଙ୍କା ଏବଂ ଆଦିବାସୀ ଉନ୍ନୟନ ଲାଗି ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ବାବଦ ୯ କୋଟି ୭୦ ଲକ୍ଷ ଟଙ୍କାକୁ ମିଶାଇ ବାର୍ଷିକ ଯୋଜନା ବ୍ୟୟ ଅଟକଳ ୨୪୫ କୋଟି ଟଙ୍କାରୁ ଅଧିକ ହୋଇପାରେ ।

୨୬—ମୁଁ ଏହି ଅବସରରେ ଗୃହର ମାନ୍ୟବର ସଦସ୍ୟମାନଙ୍କୁ ଜଣାଇ ଦେବାକୁ ଚାହେଁ ଯେ ଅର୍ଥନୈତିକ ଉନ୍ନୟନ ତଥା ସାମାଜିକ ବିକାଶ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସବୁକୁ ବିଚାରକୁ ନେଇ ବଜେଟରେ ପ୍ରସ୍ତାବିତ ସମନ୍ବୟ ସହାୟକ ହେବାଭଳି ଏହି ସୁରକ୍ଷିତ ଋଣ ଲଗାଣର ପରିମାଣ ବୃଦ୍ଧି ନିମନ୍ତେ ସରକାର ବିଶେଷ ଧ୍ୟାନ ଦେଉଛନ୍ତି । ଋଣ ପ୍ରଦାନ କ୍ଷେତ୍ରରେ ଆମ ରାଜ୍ୟର ମୁଣ୍ଡପିଛା ବ୍ୟାଙ୍କ ଋଣ ହାର ଦେଶମଧ୍ୟରେ ଅତିନ୍ୟୂନ । ଏଣୁ ବ୍ୟବସାୟିକ ବ୍ୟାଙ୍କ ତଥା ସର୍ବଭାରତୀୟ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ଆହୁରି ଯଥେଷ୍ଟ ପରିମାଣରେ ଅର୍ଥ ବିନିଯୋଗ କରିବା ଆବଶ୍ୟକ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ବ୍ୟାଙ୍କମାନଙ୍କର ଶାଖା ସଂପ୍ରସାରଣ କରାଯାଉଛି । ରାଜ୍ୟରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକର ଶାଖା ସଂଖ୍ୟା ୧୯୭୭ ମସିହା ଜୁନ୍ ମାସରେ ୫୨୯ ଥିବା ସ୍ଥଳେ ୧୯୭୮ ଜୁନ୍‌ରେ ଏହା ୬୬୦କୁ ଏବଂ ତହିଁ ପରେ ଏହା ୬୮୦କୁ ବୃଦ୍ଧି ପାଇଛି । ଆସନ୍ତାବର୍ଷ ଆଉ ଅଧିକ ଶାଖା ବ୍ୟାଙ୍କ ଖୋଲିବାର ପ୍ରସ୍ତାବ ରହିଛି ।

୨୭—ଯୋଜନା ନିମନ୍ତେ ଆମର ସମ୍ବଳ ସଂଗ୍ରହଣଜନିତ ଉଦ୍‌ବେଗ ସତ୍ତ୍ୱେ ଆମେ ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍ ଭୋଗୀମାନଙ୍କୁ ଅଧିକ ସୁବିଧା ଯୋଗାଇ ଦେଉଛୁ । ଏ ବାବଦରେ ସେମାନଙ୍କୁ ଅତିରିକ୍ତ ମହଙ୍ଗା ଭତ୍ତା ଦିଆଯାଉଛି ଏବଂ ପେନ୍‌ସନ୍‌ହାର ବୃଦ୍ଧି କରାଯାଉଛି । ମୁଁ ଆନନ୍ଦର ସହିତ ଗୃହକୁ ଜଣାଇ ଦେବାକୁ ଚାହେଁ ଯେ ବର୍ତ୍ତମାନ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କୁ ଯେପରି "ତ୍ରିବିଧ ସୁବିଧା ପରିକଳ୍ପନା" ପରିସରଭୁକ୍ତ କରାଯାଇଛି, ସେହିପରି ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର କର୍ମଚାରୀମାନଙ୍କୁ ଉକ୍ତ ସୁବିଧା ଦେବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି ।

୨୮—ମହାଶୟ, ମୁଁ ବର୍ତ୍ତମାନ ମୋ ବକ୍ତବ୍ୟ ଶେଷ କରିବାକୁ ଯାଉଛି । ବର୍ତ୍ତମାନର ଅର୍ଥନୈତିକ ଅବସ୍ଥା ଏବଂ ଆଗାମୀ ବର୍ଷଗୁଡ଼ିକରେ ଆମକୁ ଯେଉଁ କର୍ତ୍ତବ୍ୟର ଆହ୍ୱାନକୁ ମୁକାବିଲା କରିବାକୁ ପଡ଼ିବ, ମାନ୍ୟବର ସଦସ୍ୟମାନେ ତାହା ଉପଲବ୍ଧି କରିଛନ୍ତି ବୋଲି ମୋର ଆଶା । ଗୋଟିଏ ବଜେଟର କାର୍ଯ୍ୟକାଳ ଏକ ବର୍ଷ ହୋଇଥିବା ସ୍ଥଳେ ଅର୍ଥନୈତିକ ବିକାଶସାଧନ ହେଉଛି ଏକ ଦୀର୍ଘ ମିଆଦୀ ପ୍ରକ୍ରିୟା । ମୁଁ ଗୃହକୁ ଏହି ପ୍ରତିଶ୍ରୁତି ଦେଇପାରେ ଯେ ସହଯୋଗ ଓ ସଦିଚ୍ଛା ମିଳିଲେ ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିବ ।

୨୯—ମହାଶୟ, ଆପଣଙ୍କ ଅନୁମତିକ୍ରମେ ବର୍ତ୍ତମାନ ମୁଁ ଏ ଗୃହର ବିଚାର ଓ ଅନୁମୋଦନ ପାଇଁ ୧୯୭୯-୮୦ର ବଜେଟ ଉପସ୍ଥାପନ କରୁଛି ।

ଜୟହିନ୍ଦ



OGP—MP-VI (I. & P. R.) 91—10,000—27-3-1979

## STATEMENT ABOUT OWNERSHIP AND OTHER PARTICULARS ABOUT THE "UTKAL PRASANGA"

FORM-IV

( *See* Rule 8 )

| | | |
|---|---|---|
| 1. Place of publication | .. | Bhubaneswar |
| 2. Periodicity of its publication | .. | Monthly |
| 3. Printer's name | .. | Sri S. P. Mishra, on behalf of Government of Orissa. |
| Nationality | ... | Indian |
| Address | .. | Director of Printing, Stationery and Publication, Orissa Government Press, Cuttack-10. |
| 4. Publisher's name | .. | Sri K. C. Mishra, I. A. S. for and on behalf of Government of Orissa. |
| Nationality | .. | Indian |
| Address | .. | Director of Information and Public Relations and Joint Secretary to Government, Information and Public Relations Department, Bhubaneswar-751001. |
| 5. Editor's name (Chief Editor) | .. | Sri K. C. Mishra, I. A. S. |
| Nationality | .. | Indian |
| Address | .. | Director of Information and Public Relations and Joint Secretary to Government, Information and Public Relations Department, Bhubaneswar-751001. |
| 6. Name and address of the individuals who own newspaper and partners or shareholders holding more than one per cent of the total capital. | | Government of Orissa |

I, Sri K. C. Mishra, I. A. S., Director of Information and Public Relations and Joint Secretary to Government, Information and Public Relations Department hereby declare that the particulars given above are true to the best of my knowledge and belief.

K. C. MISHRA

Signature of the Publisher

Vol. XXXV No. 8 UTKAL PRASANGA Regd. No. O.
Licence No. C. R. N. P. 5—Licensed to post without Pre-Payment



ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି. ଡ଼ି. ଶର୍ମା ୧୯୭୯ ଜାନୁଆରୀ ୨୧ ତାରିଖ ଦିନ କଟକ ବାରବାଟି ଷ୍ଟେଡ଼ିୟମଠାରେ ଅନୁଷ୍ଠିତ ନିଖିଳ ଭାରତ ପୋଷ୍ଟ ଆଣ୍ଡ୍ ଟେଲିଗ୍ରାଫ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଜେତା କର୍ଣ୍ଣାଟକ ଟିମକୁ ଟ୍ରଫି ପ୍ରଦାନ କରୁଛନ୍ତି ।



କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସମରେନ୍ଦ୍ର କୁଣ୍ଡୁ ୧୯୭୯ ଫେବୃଆରୀ ୧୭ ତାରିଖ ଦିନ ଭୁବନେଶ୍ୱରଠାରେ ପାସପୋର୍ଟ ଅଫିସ ଉଦ୍‌ଘାଟନ କରି ଭାଷଣ ଦେଉଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ ।

PRINTED AT ORISSA GOVT. PRESS, CUTTACK-10